# ନିତିଦିନ
NITIDIN

RNI REG. NO. ODIODI/2015/62237 • POSTAL REGD. NO.BN/258/18-20 | 8+16 PAGES • ₹ 6/-

www.nitidin.com
twitter.com/nitidintoday
facebook.com/nitidintoday

୧୬ ପୃଷ୍ଠାର ରବିବାର ମ୍ୟାଗାଜିନ୍ 'ନଜର୍' ସହ

SUNDAY
19 APRIL 2026
ରବିବାର
୧୯ ଏପ୍ରିଲ୍ ୨୦୨୬

NEW AGE MEDIA & PUBLICATIONS PVT. LTD. PRINTED AT BHUBANESWAR VOLUME 11 • ISSUE 331 BHUBANESWAR I BERHAMPUR I SAMBALPUR I BALASORE I JAJPUR ବର୍ଷ ୧୧ • ସଂଖ୍ୟା ୩୩୧ ଭୁବନେଶ୍ୱର । ବ୍ରହ୍ମପୁର । ସମ୍ବଲପୁର । ବାଲେଶ୍ୱର । ଯାଜପୁର





ଆତଙ୍କୀ ଲିଙ୍କ୍

# ଓଡ଼ିଆ ଯୁବକ ଦିଲ୍ଲୀରେ ଗିରଫ

**ଭୁବନେଶ୍ୱର,୧୮।୪/ଏନ୍ଏନ୍ଏସ୍:** ଆତଙ୍କୀ ଲିଙ୍କ୍‌ରେ ଭୁବନେଶ୍ୱରରୁ ଉଠାଇ ନେଇଥିବା ଓଡ଼ିଆ ଯୁବକ ଶେଖ୍ ଇମ୍ରାନଙ୍କୁ ଗିରଫ କରାଯାଇଥିବା ନେଇ ଶନିବାର ଦର୍ଶାଇଛି ଦିଲ୍ଲୀ ପୁଲିସ। ଶେଖ୍ ଇମ୍ରାନ ସମେତ ୪ ଜଣଙ୍କୁ ଗିରଫ ଦର୍ଶାଇଛି ଦିଲ୍ଲୀ ପୁଲିସ। ଅନ୍ୟ ତିନି ଜଣଙ୍କ ମଧ୍ୟରୁ ୨ ଜଣ ମହାରାଷ୍ଟ୍ରର ହୋଇଥିବା ବେଳେ ଜଣେ ବିହାରର। ଶେଖ ଇମ୍ରାନ ଓରଫ ଏସ୍.କେ ଇମ୍ରାନଙ୍କୁ ୨୨ ବର୍ଷ ହୋଇଛି। ତାଙ୍କ ଘର ଭୁବନେଶ୍ୱରର ଗଙ୍ଗନଗର ଅଞ୍ଚଳରେ। ଗିରଫ ହୋଇଥିବା ଅନ୍ୟ ଅଭିଯୁକ୍ତମାନେ ହେଉଛନ୍ତି ବିହାରର କଟିହାରର ମହମ୍ମଦ ସୋହେଲ, ମହାରାଷ୍ଟ୍ରର ଥାଣେର ମୁଜୀବ ଅହମଦ ଓରଫ ସୋନୁ ଓରଫ କଲାମ ଓ ମୁମ୍ବାଇର ମହମ୍ମଦ ହମ୍ମାଦ। ସୂଚନା ଅନୁଯାୟୀ, ଅଭିଯୁକ୍ତମାନେ ସୋଶାଲ ମିଡିଆ ଗ୍ରୁପ୍ ଜରିଆରେ ଅନ୍ୟ ଯୁବକଙ୍କୁ ସକ୍ରିୟ କରାଉଥିଲେ। ଆତଙ୍କୀ ଆକ୍ରମଣ ପାଇଁ ଆଇଇଡି ପ୍ରସ୍ତୁତ କରୁଥିଲେ। ଜିହାଦୀ କାର୍ଯ୍ୟ ପାଇଁ କ୍ୟୁଆର କୋଡ୍/ବ୍ୟାଙ୍କ ଜରିଆରେ ଅର୍ଥ ସଂଗ୍ରହ କରୁଥିଲେ। ଏମିତିକି ଜିହାଦୀ କାର୍ଯ୍ୟ ପାଇଁ ଯୁବକମାନଙ୍କୁ ତାଲିମ୍ ଦେବାକୁ ପ୍ରତିଶ୍ରୁତି ଦେଉଥିଲେ। ଦିଲ୍ଲୀ ପୁଲିସର ସ୍ପେଶାଲ ସେଲ୍ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, ଗିରଫ ଅଭିଯୁକ୍ତମାନଙ୍କ ମଧ୍ୟରୁ ଦୁଇ ଜଣ ଆଇଇଡି ତିଆରି କରିବା ପାଇଁ ସ୍ଥାନୀୟ ଅଞ୍ଚଳରେ ଉପଲବ୍ଧ ସାମଗ୍ରୀ ସଂଗ୍ରହ କରିବାରେ ସଂପୃକ୍ତ ଥିଲେ। ସେହିପରି ଜଣେ ନିଯୁକ୍ତି, ପ୍ରଶିକ୍ଷଣ ଯୋଜନା ଓ ସେମାନଙ୍କ ବିଚାରଧାରର ପ୍ରଚାର ଓ ପ୍ରସାର କରିବାରେ ଜଡ଼ିତ ଥିଲେ। ଏମିତି କି ଜଣେ ଅଭିଯୁକ୍ତ ଦିଲ୍ଲୀର କିଛି ସମ୍ବେଦନଶୀଳ ସ୍ଥାନରେ ରେକି କରିଥିଲେ। ୨୦୨୫ ଡିସେମ୍ବର ମାସରେ ସେ ଦିଲ୍ଲୀର ଲାଲକିଲ୍ଲା ଓ ଇଣ୍ଡିଆ ଗେଟ୍ ଅଞ୍ଚଳରେ ମଧ୍ୟ ରେକି କରିଥିଲେ। କମିଶନରେଟ୍ ପୁଲିସ୍ ସହାୟତାରେ ଏପ୍ରିଲ ୧୦ ତାରିଖରେ ଦିଲ୍ଲୀ ପୁଲିସ୍ ଶେଖ ଇମ୍ରାନଙ୍କୁ ଧରିଥିଲା। କମିଶନରେଟ୍ ପୁଲିସ୍ ପକ୍ଷରୁ ଜାରି କରାଯାଇଥିବା ପ୍ରେସ୍ ରିଲିଜ୍‌ରେ କୁହାଯାଇଥିଲା ଯେ ପଚରାଉଚରା ବେଳେ ଜଣାପଡ଼ିଥିଲା ଯେ ଶେଖ ଇମ୍ରାନ ଏକ ମୌଳବାଦୀ ଗୋଷ୍ଠୀର ଜଣେ ସକ୍ରିୟ ସଦସ୍ୟ ଭାବେ କାର୍ଯ୍ୟ କରୁଛନ୍ତି। ହ୍ୱାଟ୍‌ସ ଆପ୍ ଓ ସିଗ୍‌ନାଲ୍ ଆପ୍ଲିକେସନ୍‌ସ ମାଧ୍ୟମରେ ସେ ଏହି ଗୋଷ୍ଠୀର ସଂପର୍କରେ ଆସିଥିଲେ ଯାହା ଧର୍ମ ଆଧାରରେ ଯେଉଁ ସବୁ କଥା ପ୍ରଚାର କରୁଛି, ତାହା ଜାତୀୟ ନିରାପତ୍ତା ପାଇଁ କ୍ଷତିକାରକ। ଅନ୍ୟପକ୍ଷରେ ଏହି ମାମଲାରେ ଗଣମାଧ୍ୟମରେ ପ୍ରତିକ୍ରିୟା ଦେଇଥିଲେ ଇମ୍ରାନଙ୍କ ବାପା। ସେ କହିଥିଲେ ଯେ ତାଙ୍କ ପୁଅ ନିର୍ଦ୍ଦୋଷ। ସେ କିଛି ଜାଣିନାହାନ୍ତି। ୮/୧୦ ଦିନ ତଳେ ଦିଲ୍ଲୀ ପୁଲିସ ତାଙ୍କ ସହ ଆଲୋଚନା କରିଥିଲା। ପୁଅକୁ ନେଇକି ଯିବେ ବୋଲି କହିଥିଲେ। ତଦନ୍ତ ପରେ ଛାଡ଼ିଦେବେ ବୋଲି କହିଥିଲେ।

# ପ୍ରବଳ ଖରାରେ ସିଝୁଛି ଓଡ଼ିଶା

୪୦ ଡିଗ୍ରୀ ଉପରେ ୧୫ ସହର



**ଭୁବନେଶ୍ୱର,୧୮।୪/ଏନ୍ଏନ୍ଏସ୍:** ପ୍ରବଳ ଖରାରେ ସିଝୁଛି ଓଡ଼ିଶା। ରାଜ୍ୟରେ ଧୀରେ ଧୀରେ ବଢୁଛି ତାପମାତ୍ରା। ତାପମାତ୍ରା ବୃଦ୍ଧି ଜନଜୀବନକୁ ପ୍ରଭାବିତ କରୁଛି। ତାତି ବଢ଼ିବା ସହ ଦିନ ୧୧ଟା ପରେ ଘରୁ ବାହାରକୁ ବାହାରିବା ଅସମ୍ଭବ ହୋଇପଡୁଛି। ଟାଇଁ ଟାଇଁ ଖରା ସାଙ୍ଗକୁ ଝାଞ୍ଜି ପବନ ଅସ୍ତବ୍ୟସ୍ତ କରୁଛି।

ଆଜି ରାଜ୍ୟର ୧୫ଟି ସହରର ସର୍ବୋଚ୍ଚ ତାପମାତ୍ରା ୪୦ ଡିଗ୍ରୀ ବା ତା'ଠାରୁ ଅଧିକ ରେକର୍ଡ ହୋଇଛି। ଟିଟିଲାଗଡ଼ରେ ସବୁଠୁ ଅଧିକ ଖରା ହୋଇଛି। ଏଠାରେ ଦିନର ସର୍ବୋଚ୍ଚ ତାପମାତ୍ରା ସର୍ବାଧିକ ୪୨.୭ ଡିଗ୍ରୀ ରେକର୍ଡ କରାଯାଇଛି। ଟିଟିଲାଗଡ଼ ତଳକୁ ରହିଥିଲା ଝାରସୁଗୁଡ଼ା। ଏଠାରେ ଆଜି ଦିନର ସର୍ବୋଚ୍ଚ ତାପମାତ୍ରା ୪୨.୬ ଡିଗ୍ରୀ ରହିଥିଲା। ଭବାନୀପାଟଣାର ତାପମାତ୍ରା ୪୨ ଡିଗ୍ରୀ ରହିଥିବା ବେଳେ ସମ୍ବଲପୁର ଓ ନୂଆପଡ଼ାରେ ୪୧.୬, ହୀରାକୁଦରେ ୪୧.୪, ତାଳଚେର ଓ ବଲାଙ୍ଗିରରେ ୪୧, ରାଉରକେଲାରେ ୪୦.୯, ବୌଦ୍ଧରେ ୪୦.୮, ସୋନପୁରରେ ୪୦.୬, ସୁନ୍ଦରଗଡ଼ରେ ୪୦.୨, ଅନୁଗୋଳରେ ୪୦.୧, ମାଲକାନଗିରି ଓ କେନ୍ଦୁଝରଗଡ଼ରେ ଦିନର ସର୍ବୋଚ୍ଚ ତାପମାତ୍ରା ୪୦ ଡିଗ୍ରୀ ରେକର୍ଡ କରାଯାଇଛି। ରାଜଧାନୀ ଭୁବନେଶ୍ୱରରେ ଆଜି ଦିନର ସର୍ବୋଚ୍ଚ ତାପମାତ୍ରା ୩୬.୭ ଡିଗ୍ରୀ ରେକର୍ଡ କରାଯାଇଥିବା ବେଳେ କଟକରେ ୩୬.୮ ଡିଗ୍ରୀ ରେକର୍ଡ କରାଯାଇଥିଲା।

ଆସନ୍ତାକାଲି ଅର୍ଥାତ ରବିବାର ବଲାଙ୍ଗିର ଜିଲ୍ଲା ଟିଟିଲାଗଡ଼ରେ ଦିନର ସର୍ବୋଚ୍ଚ ତାପମାତ୍ରା ୪୬ ଡିଗ୍ରୀ ରହିପାରେ ବୋଲି ପାଣିପାଗ ବିଭାଗ ପକ୍ଷରୁ ଆକଳନ କରାଯାଇଛି। ସେହିପରି ଆସନ୍ତାକାଲି ବଲାଙ୍ଗିର, ସମ୍ବଲପୁର, ଝାରସୁଗୁଡ଼ା, ସୁନ୍ଦରଗଡ଼ ଓ ରାଉରକେଲାରେ ଦିନର ସର୍ବୋଚ୍ଚ ତାପମାତ୍ରା ୪୫ ଡିଗ୍ରୀ ରହିପାରେ ବୋଲି ଏକ୍ସ ଜରିଆରେ ସୂଚନା ଦେଇଛି ଭୁବନେଶ୍ୱର ସ୍ଥିତ ଆଞ୍ଚଳିକ ପାଣିପାଗ କେନ୍ଦ୍ର। ଭବାନୀପାଟଣାରେ ୪୪ ଡିଗ୍ରୀ, ବରଗଡ଼, ସୁବର୍ଣ୍ଣପୁର, ବୌଦ୍ଧ ଓ ନୂଆପଡ଼ାରେ ଦିନର ସର୍ବୋଚ୍ଚ ତାପମାତ୍ରା ୪୩ ଡିଗ୍ରୀ ରହିପାରେ। ନବରଙ୍ଗପୁରର ତାପମାତ୍ରା ଆସନ୍ତାକାଲି ୪୧ ଡିଗ୍ରୀ ଛୁଇଁପାରେ। ୨୦ ତାରିଖରେ ମଧ୍ୟ ଏହିଭଳି ସ୍ଥିତି ରହିବ। ଟିଟିଲାଗଡ଼ରେ ଦିନର ସର୍ବୋଚ୍ଚ ତାପମାତ୍ରା ୪୬ ଡିଗ୍ରୀ ରହିପାରେ ବୋଲି ପାଣିପାଗ ବିଭାଗ ପକ୍ଷରୁ ଆକଳନ କରାଯାଇଥିବା ବେଳେ ବଲାଙ୍ଗିର, ସମ୍ବଲପୁର, ଝାରସୁଗୁଡ଼ା, ସୁନ୍ଦରଗଡ଼ ଓ ରାଉରକେଲାରେ ୪୫ ଡିଗ୍ରୀ ରହିପାରେ। ସେହିପରି ଭବାନୀପାଟଣା ଓ ନୂଆପଡ଼ାରେ ୪୪ ଡିଗ୍ରୀ, ବରଗଡ଼, ସୁବର୍ଣ୍ଣପୁର, ବୌଦ୍ଧ ଓ ଅନୁଗୋଳରେ ଦିନର ସର୍ବୋଚ୍ଚ ତାପମାତ୍ରା ୪୩ ଡିଗ୍ରୀ ରହିପାରେ। ନବରଙ୍ଗପୁରର ଦିନର ସର୍ବୋଚ୍ଚ ତାପମାତ୍ରା ୪୨ ଡିଗ୍ରୀ, ଢେଙ୍କାନାଳ ଓ କେନ୍ଦୁଝରଗଡ଼ରେ ୪୧ ଡିଗ୍ରୀ ଛୁଇଁପାରେ।

ଓ୍ୱେ-ଟ୍ରାକ୍ ଇଣ୍ଡିଆର ନୂତନ ମାନୁଫାକ୍ଚରିଂ ୟୁନିଟ୍ ଉଦ୍‌ଘାଟିତ

# ଓଡ଼ିଶାରେ ଆରମ୍ଭ ହୋଇଛି ଦ୍ୱିତୀୟ ଶିଳ୍ପ ବିପ୍ଳବ: ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର,୧୮।୪/ଏନ୍ଏନ୍ଏସ୍:** ଆମ ସରକାର ଆସିବା ପରେ ଓଡ଼ିଶାରେ ଦ୍ୱିତୀୟ ଶିଳ୍ପ ବିପ୍ଳବ ଆରମ୍ଭ ହୋଇଛି। ପୂର୍ବରୁ କେବଳ ଖଣି ଭିତ୍ତିକ ଶିଳ୍ପ ଉପରେ ଗୁରୁତ୍ୱ ଦିଆଯାଉଥିବାବେଳେ ଆମ ସରକାର ଏଆଇ, ସେମିକଣ୍ଡକ୍ଟର, ଟେକ୍ସଟାଇଲ ଓ ଫାର୍ମାସ୍ୟୁଟିକାଲ ଭଳି 'ନ୍ୟୁ ଇକୋନୋମୀ' କ୍ଷେତ୍ରରେ ପୁଞ୍ଜି ନିବେଶ କରିବାରେ ସକ୍ଷମ ହୋଇଛି। ଏହି ସମୟ ମଧ୍ୟରେ ପ୍ରାୟ ୨.୮୦ ଲକ୍ଷ କୋଟି ଟଙ୍କାର ପ୍ରକଳ୍ପ ଗ୍ରାଉଣ୍ଡିଂ ହୋଇଛି, ଯାହା ଆଗାମୀ ଦିନରେ ଦୁଇ ଲକ୍ଷରୁ ଅଧିକ ନିଯୁକ୍ତି ସୁଯୋଗ ସୃଷ୍ଟି କରିବ। ଆମର ଲକ୍ଷ୍ୟ ହେଉଛି ୨୦୩୬ ସୁଦ୍ଧା ଓଡ଼ିଶାକୁ ୫୦୦ ବିଲିଅନ ଡଲାର ଏବଂ ୨୦୪୭ ସୁଦ୍ଧା ୧୫୦୦ ବିଲିଅନ ଡଲାର ଅର୍ଥନୀତିରେ ପରିଣତ କରିବା ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ଶନିବାର ଖୋର୍ଦ୍ଧାଠାରେ ଇନଫୋଭେଲି-୨ସ୍ଥ 'ଓ୍ୱେ-ଟ୍ରାକ୍ ଇଣ୍ଡିଆ ପ୍ରାଇଭେଟ୍ ଲିମିଟେଡ୍'ର ଅତ୍ୟାଧୁନିକ ମାନୁଫାକ୍ଚରିଂ ୟୁନିଟ୍‌ର ଶୁଭ ଉଦ୍‌ଘାଟନ କରି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଏହା କହିଛନ୍ତି।

ଏହାଛଡ଼ା ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଓଡ଼ିଶା ମାଟିରୁ ଓଡ଼ିଆ ଉଦ୍ୟୋଗୀଙ୍କ ଦ୍ୱାରା ଆରମ୍ଭ ହୋଇଥିବା 'ଓ୍ୱେ-ଟ୍ରାକ୍ ଇଣ୍ଡିଆ ପ୍ରାଇଭେଟ୍ ଲିମିଟେଡ୍' ବ୍ରାଣ୍ଡ୍ ଆଜି ସ୍ମାର୍ଟ ଇନଫ୍ରାଷ୍ଟ୍ରକଚର୍ ଓ ଏଆଇ କ୍ଷେତ୍ରରେ ଦେଶର ଏକ ପ୍ରମୁଖ ସଂସ୍ଥା ଭାବେ ଉଭା ହୋଇଛି। ଓ୍ୱେ-ଟ୍ରାକ୍ ଇଣ୍ଡିଆ ଆଜି ଭାରତର ଚତୁର୍ଥ ସର୍ବବୃହତ୍ ଓ୍ୱେ-ବ୍ରିଜ୍ ଉତ୍ପାଦକ ଭାବେ ପରିଚୟ ସୃଷ୍ଟି କରିବା ଆମ ରାଜ୍ୟ ପାଇଁ ଗର୍ବର ବିଷୟ। ଓଡ଼ିଶାର ଏହି ବିକାଶ ଯାତ୍ରାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ 'ପୂର୍ବୋଦୟ' ପରିକଳ୍ପନା ଏକ ମୁଖ୍ୟ ଭୂମିକା ଗ୍ରହଣ କରିଛି ବୋଲି ପ୍ରକାଶ କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଶିଳ୍ପ ପ୍ରତିଷ୍ଠା ପାଇଁ ଆମ ସରକାର 'ପ୍ଲଗ୍ ଆଣ୍ଡ ପ୍ଲେ' ସୁବିଧା ଯୋଗାଇ ଦେଉଛନ୍ତି ଏବଂ ଜିଲ୍ଲାପାଳମାନଙ୍କୁ ଶିଳ୍ପ ସମ୍ବନ୍ଧୀୟ ନିଷ୍ପତ୍ତି ନେବା ପାଇଁ ଅଧିକ କ୍ଷମତା ପ୍ରଦାନ କରାଯାଉଛି।

**୨୦୩୬ ସୁଦ୍ଧା ଓଡ଼ିଶା ହେବ ୫୦୦ ବିଲିଅନ୍ ଡଲାର୍ ଅର୍ଥନୀତିର ରାଜ୍ୟ**



ମୁଖ୍ୟମନ୍ତ୍ରୀ ମହିଳାମାନଙ୍କ ରାଜନୈତିକ ସଶକ୍ତିକରଣ ଉପରେ ଗୁରୁତ୍ୱାରୋପ କରି କହିଛନ୍ତି ଯେ, ସଂସଦ ଓ ବିଧାନସଭାରେ ମହିଳାଙ୍କୁ ଏକ ତୃତୀୟାଂଶ ସଂରକ୍ଷଣ ଦେବା ପାଇଁ ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ଅଣାଯାଇଥିବା 'ନାରୀ ଶକ୍ତି ବନ୍ଦନ ଅଧିନିୟମ'କୁ କଂଗ୍ରେସ ଓ ସହଯୋଗୀ ଦଳମାନେ ଲୋକସଭାରେ ପାରିତ କରାଇ ନଦେବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ। ଏହା ନାରୀ ସମାଜ ପ୍ରତି ଏକ ଅପରାଧ ଏବଂ ଏଥିପାଇଁ ଓଡ଼ିଶାର ନାରୀଶକ୍ତି ସେମାନଙ୍କୁ କେବେ କ୍ଷମା ଦେବେ ନାହିଁ।

ଅନ୍ୟତମ ଅତିଥି ଭାବେ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ କହିଥିଲେ ଯେ ଏମ୍ଏସ୍ଏମ୍ଇ ହେଉଛି ଭାରତୀୟ ଅର୍ଥନୀତିର ମେରୁଦଣ୍ଡ। ରାଜ୍ୟ ସରକାର ସହଜରେ ଏମଏସଏମଇ ଇଣ୍ଡଷ୍ଟ୍ରି ନିମନ୍ତେ ଜମି ଓ ଲୋନ୍ ପ୍ରଦାନ କରୁଥିବାରୁ ମୁଖ୍ୟମନ୍ତ୍ରୀଙ୍କୁ ସେ କୃତଜ୍ଞତା ଜଣାଇଥିଲେ।

କାର୍ଯ୍ୟକ୍ରମରେ ସମବାୟ ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତ ଏମଏସଏମଇ ଇଣ୍ଡଷ୍ଟ୍ରି ବସେଇବାରେ ଓଡ଼ିଶା ଏକ ଅଗ୍ରଣୀ ରାଜ୍ୟ ଭାବେ ପରିଚୟ ସୃଷ୍ଟି କରିଛି ବୋଲି କହିଥିଲେ। ଉକ୍ତ ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଓ୍ୱେ-ଟ୍ରାକ୍‌ର ପରିଚାଳନା ନିର୍ଦ୍ଦେଶକ ପ୍ରଦୀପ କୁମାର ନାୟକ, ବରିଷ୍ଠ ସଙ୍ଘ ଚାଳକ ସମୀର ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

# ପରମ୍ପରାକୁ ଭାଙ୍ଗି ଇସ୍କନ୍‌ର ଅଦିନିଆ ରଥଯାତ୍ରା

**ଭୁବନେଶ୍ୱର,୧୮।୪/ଏନ୍ଏନ୍ଏସ୍:** ଶ୍ରୀମନ୍ଦିର ପ୍ରଶାସନର ତାଗିଦ, ଗଜପତିଙ୍କ ବାରଣ, ସରକାରଙ୍କ ଆଇନଗତ କାର୍ଯ୍ୟାନୁଷ୍ଠାନର ଚେତାବନୀକୁ ଫୁ କରି ଉଡ଼ାଇ ଦେଇଛି ଇସ୍କନ। ପୁଣି ଥରେ ପରମ୍ପରାକୁ ଭାଙ୍ଗି ଅଷ୍ଟ୍ରେଲିଆର ବ୍ରିସବେନ୍ ଆୟୋଜନ କରିଛି ଅଦିନିଆ ରଥଯାତ୍ରା। ଅଷ୍ଟ୍ରେଲିଆର ବ୍ରିସବେନ୍‌ରେ ଫେଷ୍ଟିଭାଲ ଅଫ୍ ଚାରିୟଟ୍ ନାଁରେ ଆୟୋଜନ କରିଛନ୍ତି ରଥଯାତ୍ରା। ଆମେରିକାର ଟେକ୍ସାସ ସହରସ୍ଥିତ ଡଲାସରେ 'ଫେଷ୍ଟିଭାଲ୍ ଅଫ୍ ଜଏ' ନାଁରେ ପାଳନ କରିଛନ୍ତି ଇସ୍କନ୍ କର୍ତ୍ତୃପକ୍ଷ। ଏଭଳି ଅଦିନିଆ ରଥଯାତ୍ରା ଆୟୋଜନକୁ ନେଇ ଓଡ଼ିଶାରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଇସ୍କନର ଏଭଳି କାର୍ଯ୍ୟକୁ ଶ୍ରଦ୍ଧାଳୁ, ସେବାୟତ ଓ ସଂସ୍କୃତି ଗବେଷକ ନିନ୍ଦା କରିଛନ୍ତି।

ଇସ୍କନ ବାରମ୍ବାର ଏଭଳି ଭୁଲ୍ କରୁଛି। ଏନେଇ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଚିଠି ଲେଖି ଉଦବେଗ ପ୍ରକାଶ କରିବା ପରେ ଉତ୍ତର ରଖିଥିଲେ ଇସ୍କନ କର୍ତ୍ତୃପକ୍ଷ। ଅକ୍ଟୋବର ୨୦୨୫ରେ ଇସ୍କନ୍ ଲେଖିଥିବା ଚିଠି ଅନୁସାରେ ଭାରତରେ ସବୁ ସ୍ଥାନରେ ତିଥିରେ ହିଁ ହେଉଛି ସ୍ନାନଯାତ୍ରା ଓ ରଥଯାତ୍ରା। ଗତବର୍ଷ ବିଦେଶରେ ଇସ୍କନ୍ ପକ୍ଷରୁ ୮୦ରୁ ଅଧିକ ଥର ଅଦିନିଆ ରଥଯାତ୍ରା କରାଯାଇଛି। ୧୦ରୁ ଅଧିକ ସ୍ଥାନରେ ଅତିଥିରେ ସ୍ନାନଯାତ୍ରା ହୋଇଛି। ହେଲେ ବିଦେଶରେ ଅଦିନରେ ରଥଯାତ୍ରା ଓ ସ୍ନାନଯାତ୍ରା କରାଯାଉଥିବା ମାନିଥିଲେ। ଗତ ଐକ୍ୟ ମଣ୍ଡଳୀ ବୈଠକରେ ଗଜପତି ଏନେଇ ଇସ୍କନ ଉପରେ ବର୍ଷିଥିଲେ। କିନ୍ତୁ ଅମାନିଆ ଇସ୍କନକୁ କିଛି ଫରକ୍ ପଡ଼ିନି। ଏଭଳି ଅଦିନିଆ ରଥଯାତ୍ରା ବିରୁଦ୍ଧରେ ଦିନିକିଆ ଗଣ ଉପବାସ କରି ପ୍ରତିବାଦ ପାଇଁ ଆହ୍ୱାନ ଦେଇଛନ୍ତି ଓଡ଼ିଆ ଅସ୍ମିତା ପରିଷଦ ଆବାହକ।

# ଜେଲ୍‌ରୁ ସୁନା ଗାୟବ ଘଟଣାରେ ଓ୍ୱାର୍ଡର୍ ଗିରଫ

**କଟକ,୧୮।୪/ଏନ୍ଏନ୍ଏସ୍:** ଜେଲରୁ ସୁନା ଅଳଙ୍କାର ଗାୟବ ଘଟଣାରେ ଜେଲ ଓ୍ୱାର୍ଡର ମନୋଜ ମଣ୍ଡଳଙ୍କୁ ଚୌଦ୍ୱାର ଥାନା ପୁଲିସ ଗିରଫ କରିଛି। ଏନେଇ ପୂର୍ବରୁ ଜେଲ୍ ଅଧୀକ୍ଷକ ଓ ଜେଲରଙ୍କ ଭିତରେ ପରସ୍ପର ଉପରେ ଦୋଷ ଲଦିଲଦି ନେଇ ଥାନାରେ ଦୁଇଟି ଅଭିଯୋଗ ହୋଇଥିଲା। ତେବେ ଏହି ଘଟଣାରେ ପୁଲିସ ତଦନ୍ତ କରି ଓ୍ୱାର୍ଡର ମନୋଜ ମଣ୍ଡଳଙ୍କୁ ଗିରଫ କରିଛି। ସୂଚନା ଅନୁଯାୟୀ ମାହାଙ୍ଗା ଥାନା ଅଞ୍ଚଳର ଇତିଶ୍ରୀ ମହାନ୍ତି ନାମକ ଜଣେ ମହିଳା ବିଚାରଧୀନ କଏଦୀ ଭାବେ ଗତ ସେପ୍ଟେମ୍ବର ୨୩ ତାରିଖରେ ଚୌଦ୍ୱାର ଜେଲ ଆସିଥିଲେ। ସେ ପିନ୍ଧିଥିବା ସୁନା ମୁଦି, କାନର, ନାକଫୁଲ ଆଦି ଅଳଙ୍କାର ଜେଲରେ ଥିବା ସିସିଟିଭି ସାମ୍ନାରେ ତାଙ୍କ ଠାରୁ ଜେଲ କର୍ମଚାରୀ ନେଇଥିଲେ। ମାତ୍ର ସେ ତିନିମାସ ଜେଲରେ ରହି ଡିସେମ୍ବର ୨୩ରେ ଜେଲରୁ ଜାମିନରେ ବାହାରିଥିଲେ। ଜେଲ କର୍ତ୍ତୃପକ୍ଷ ରଖିଥିବା ଅଳଙ୍କାର ତାଙ୍କୁ ଫେରେଇଲେ ନାହିଁ। ଯାହାକୁ ନେଇ ସେ ଥାନାର ଦ୍ୱାରସ୍ଥ ହୋଇଥିଲେ। ପରେ ଜେଲ ଅଧୀକ୍ଷକ ତାଙ୍କୁ ସୁନା ଅଳଙ୍କାର ବାବଦରେ ୧ଲକ୍ଷ ୯୦ ହଜାର ଟଙ୍କା ଦେଇଥିଲେ। ଆଜି ଚୌଦ୍ୱାର ପୁଲିସ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି।

ଓ୍ୱାଟ୍‌କୋ ପ୍ରକଳ୍ପ ସମ୍ବନ୍ଧରେ ସମୀକ୍ଷା କଲେ ରାଜସ୍ୱ ମନ୍ତ୍ରୀ

# ଜଳଯୋଗାଣ ସମ୍ବନ୍ଧିତ ସମସ୍ତ ପ୍ରକଳ୍ପ ଶୀଘ୍ର ସାରିବାକୁ ନିର୍ଦ୍ଦେଶ

**ଭୁବନେଶ୍ୱର,ଝାରସୁଗୁଡା,୧୮।୪/ଏନ୍ଏନ୍ଏସ୍:** ବ୍ରଜରାଜନଗର ନିର୍ବାଚନମଣ୍ଡଳୀର ବିଭିନ୍ନ ଗ୍ରାମୀଣ ଜଳ ଯୋଗାଣ ଏବଂ ପରିମଳ ତଥା ଓ୍ୱାଟ୍‌କୋର ପ୍ରକଳ୍ପ ସମ୍ବନ୍ଧରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ମନ୍ତ୍ରୀ ସୁରେଶ ପୂଜାରୀ ସମୀକ୍ଷା କରିଛନ୍ତି। ଚଳିତ ଗ୍ରୀଷ୍ମଋତୁକୁ ଦୃଷ୍ଟିରେ ରଖି ପ୍ରତିଟି ଘର ପାଇଁ ଜଳଯୋଗାଣ ସୁନିଶ୍ଚିତ କରିବା ନିମନ୍ତେ ମାନ୍ୟବର ମନ୍ତ୍ରୀ ଶ୍ରୀ ପୂଜାରୀ ନିର୍ଦ୍ଦେଶ ଦେଇଛନ୍ତି। ପ୍ରତିଟି ଘରକୁ ଶତ ପ୍ରତିଶତ ଜଳଯୋଗାଣ ସୁନିଶ୍ଚିତ କାରିବାକୁ ମନ୍ତ୍ରୀ ସମ୍ପୃକ୍ତ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ବିଭିନ୍ନ ପ୍ରକଳ୍ପ ଦାୟିତ୍ୱରେ ଥିବା ଠିକାଦାର ଏବଂ ସଂସ୍ଥାମାନଙ୍କୁ ସଚ୍ଚୋଟତାର ସହ ଧାର୍ଯ୍ୟ ସମୟସୀମା ମଧ୍ୟରେ କାମ ସାରିବାକୁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ସାଧାରଣ ଲୋକଙ୍କ ପକ୍ଷରୁ କାମରେ ବିଳମ୍ବ, ଅବହେଳା କିମ୍ବା ଦୁର୍ନୀତିର ଅଭିଯୋଗ ଆସିଲେ ତୁରନ୍ତ ତଦନ୍ତ କରି ସମ୍ପୃକ୍ତ ସଂସ୍ଥା ଓ ବ୍ୟକ୍ତିଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ମନ୍ତ୍ରୀ ଚେତାବନୀ ଦେଇଛନ୍ତି।

ବ୍ରଜରାଜନଗର ଓ ବେଲପାହାଡ ପୌରାଞ୍ଚଳରେ ଚବିଶ ଘଣ୍ଟିଆ ଜଳଯୋଗାଣ ପ୍ରକଳ୍ପ ନିମନ୍ତେ ଉଦ୍ଦିଷ୍ଟ ଛଡାରମା ଠାରେ ୧୫୦୦ କିଲୋଭୋଲ୍ଟର ଜେନେରେଟର୍ ସଂସ୍ଥାପନ କାର୍ଯ୍ୟ ଚଳିତ ମାସ ଶେଷ ସୁଦ୍ଧା ସାରିବାପାଇଁ ନିର୍ଦ୍ଦେଶ ଦେବା ସହ ବ୍ରଜରାଜନଗର ଓ ବେଲପାହାଡ ସହରରେ ଯଥାକ୍ରମେ ୨୭କୋଟି ୭୮ ଲକ୍ଷ ଟଙ୍କା ଓ ୩୫ କୋଟି ୭୪ ଲକ୍ଷ ଟଙ୍କା ବ୍ୟୟରେ ଚାଲୁରହିଥିବା ଜଳବିଶୋଧନାଗାର ଓ ତତ୍ ସମ୍ବନ୍ଧୀୟ ସମସ୍ତ କାର୍ଯ୍ୟକୁ ତ୍ୱରାନ୍ୱିତ କରି ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ସାରିବା ପାଇଁ ମନ୍ତ୍ରୀ ସବିଶେଷ ଆଲୋଚନା କରିଥିଲେ। ସେହିପରି ଲଖନପୁର ବ୍ଲକରେ ୩୩ ଗୋଟି ପଞ୍ଚାୟତରେ ପ୍ରତ୍ୟେକ ଘରକୁ ନଳ ମାଧ୍ୟମରେ ଜଳ ଯୋଗାଇ ଦେବାକୁ ୨୧୮ କୋଟି ଟଙ୍କା ବ୍ୟୟରେ ଚାଲୁଥିବା ୨ଟି ପ୍ରକଳ୍ପ ମଧ୍ୟରୁ ଗୋଟିଏ ପ୍ରକଳ୍ପ ସମ୍ପୂର୍ଣ୍ଣ ହୋଇ ୧୬ଟି ପଞ୍ଚାୟତର ୭୯ଟି ଗ୍ରାମକୁ ଜଳ ଯୋଗାଣ ଠିକ୍ ଭାବରେ ଚାଲିଥିବା ବେଳେ ଅନ୍ୟ ପ୍ରକଳ୍ପଟି ଆଂଶିକ କାର୍ଯ୍ୟକ୍ଷମ ହୋଇ ୧୭ଟି ପଞ୍ଚାୟତମଧ୍ୟରୁ ୧୨ଟି ପଞ୍ଚାୟତର ୪୨ଟି ଗ୍ରାମକୁ ଜଳ ଯୋଗାଇ ଦିଆଯାଉଛି। ଅବଶିଷ୍ଟ ୫ଟି ପଞ୍ଚାୟତର ୨୩ଟି ଗ୍ରାମକୁ ଏହି ମାସ ଶେଷସୁଦ୍ଧା ପ୍ରକଳ୍ପ କାର୍ଯ୍ୟ ଶେଷକରି ଜଳ ଯୋଗାଇ ଦେବାପାଇଁ ମନ୍ତ୍ରୀ ଶ୍ରୀ ପୂଜାରୀ ନିର୍ଦ୍ଦେଶ ଦେଇଛନ୍ତି। ୨୦୨୫-୨୬ ବର୍ଷରେ ୬୧ଟି ଗଭୀର ନଳକୂପ ଖନନ କରି ଲୋକମାନଙ୍କ ବ୍ୟବହାର ନିମନ୍ତେ ଯୋଗାଇ ଦିଆଯାଇଥିବା ବେଳେ ଚଳିତ ବର୍ଷ ଆହୁରି ୬୫ଟି ନଳକୂପ କାର୍ଯ୍ୟ ତୁରନ୍ତ ଶେଷ କରିବା ପାଇଁ ମାନ୍ୟବର ମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି।

ସେହିପରି ଝାରସୁଗୁଡ଼ା ବ୍ଲକରେ ୫ଟି ପଞ୍ଚାୟତର ୩୪ଟି ଗ୍ରାମ ମଧ୍ୟରୁ ୨୬ଟି ଗ୍ରାମରେ ପ୍ରତ୍ୟେକ ଘରକୁ ନଳ ମାଧ୍ୟମରେ ଜଳ ଯୋଗାଣ ଠିକ୍ ଭାବରେ ଚାଲିଥିବା ବେଳେ ଅନ୍ୟ ୮ଟି ଗ୍ରାମକୁ ଚଳିତ ମାସ ଶେଷସୁଦ୍ଧା ପ୍ରକଳ୍ପ କାର୍ଯ୍ୟ ଶେଷକରି ଜଳ ଯୋଗାଇ ଦେବାପାଇଁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ୨୦୨୫-୨୬ ବର୍ଷରେ ଝାରସୁଗୁଡା ବ୍ଲକରେ ୫୩ଟି ଗଭୀର ନଳକୂପ ଖନନ କରି ଲୋକମାନଙ୍କ ବ୍ୟବହାର ନିମନ୍ତେ ଯୋଗାଇ ଦିଆଯାଇଥିବା ବେଳ ଚଳିତ ବର୍ଷ ଆଉ ୪୩ଟି ନଳକୂପ କାର୍ଯ୍ୟ ତୁରନ୍ତ ଶେଷ କରିବା ପାଇଁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ।

**ପ୍ରତିଟି ଘରକୁ ପାନୀୟ ଜଳଯୋଗାଣ ଉପରେ ଗୁରୁତ୍ୱାରୋପ**

**ଧାର୍ଯ୍ୟ ସମୟସୀମାରେ କାମ ନକଲେ ସମ୍ପୃକ୍ତ ସଂସ୍ଥା ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ**

**ଆବଶ୍ୟକ ସ୍ଥଳେ ସିନଟେକ୍ସ ଟାଙ୍କି, ପାଣି ଟ୍ୟାଙ୍କର୍ ବ୍ୟବସ୍ଥା କରିବାକୁ ନିର୍ଦ୍ଦେଶ**

ଏଥିସହିତ ବୈଠକରେ ସରକାରଙ୍କ ତରଫରୁ ଯୋଗାଇଦିଆଯାଇଥିବା ଅର୍ଥ, ଅର୍ଥ କମିଶନଙ୍କ ଦ୍ୱାରା ପ୍ରଦତ୍ତ ଅର୍ଥ, ପଶ୍ଚିମ ଓଡ଼ିଶା ବିକାଶ ପରିଷଦ, ଜିଲ୍ଲା ଖଣିଜ ପ୍ରତିଷ୍ଠାନର ପାଣ୍ଠି ଏବଂ ସିଏସଆର୍ ପାଣ୍ଠି ଅଧୀନରେ ଚାଲିଥିବା ପ୍ରକଳ୍ପ ସବୁର ସମୀକ୍ଷା କରାଯାଇଥିଲା। ୨୦୨୬-୨୭ ଆର୍ଥିକ ବର୍ଷ ନିମନ୍ତେ ପ୍ରସ୍ତାବିତ ପ୍ରକଳ୍ପ ସବୁକୁ ତ୍ୱରାନ୍ୱିତ କରିବା ସହ ସେଥିନିମନ୍ତେ ବ୍ୟୟ ହେବାକୁଥିବା ପାଣ୍ଠିର ଶତପ୍ରତିଶତ ସଦୁପଯୋଗ କରିବା ଉପରେ ମନ୍ତ୍ରୀ ଶ୍ରୀ ପୂଜାରୀ ଗୁରୁତ୍ୱାରୋପ କରିଥିଲେ। ଖରାଦିନେ ପାନୀୟ ଜଳ ପାଇଁ ସାଧାରଣ ଲୋକେ ଯେପରି ହଇରାଣ ନ ହୁଅନ୍ତି, ସେଥିପ୍ରତି ଯତ୍ନବାନ୍ ହେବାକୁ ମନ୍ତ୍ରୀ ପରାମର୍ଶ ଦେଇଥିଲେ। ଆବଶ୍ୟକ ଥିବା ସ୍ଥାନରେ ସିନଟେକ୍ସ ଟାଙ୍କି, ପାଣି ଟ୍ୟାଙ୍କର୍ ବ୍ୟବସ୍ଥା କରିବାକୁ ସେ ନିର୍ଦ୍ଦେଶ ଦେଇଥିଲେ।

ବୈଠକରେ ରାଜସ୍ୱ ମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ ପ୍ରଦୀପ କୁମାର ସାହୁ, ବ୍ରଜରାଜନଗର ଓ୍ୱାଟକୋ ଜିଏମ୍, ଆସିଷ୍ଟାଣ୍ଟ ମ୍ୟାନେଜର୍ ଉପସ୍ଥିତ ଥିବା ବେଳେ ଆଭାସୀ ମାଧ୍ୟମରେ ଝାରସୁଗୁଡ଼ା ଡିପିଏମୟୁ, ବ୍ରଜରାଜନଗର ଏବଂ ବେଲପାହାଡ଼ର କାର୍ଯ୍ୟନିର୍ବାହୀ ଅଧିକାରୀ, ଝାରସୁଗୁଡ଼ା ଏବଂ ଲଖନପୁରର ଗୋଷ୍ଠୀ ଉନ୍ନୟନ ଅଧିକାରୀ, ଆରଡବ୍ଲ୍ୟୁଏସ୍ଏସ୍‌ର ତତ୍ତ୍ୱାବଧାରକ ଯନ୍ତ୍ରୀ (ଏସଇ) ଏବଂ ଅନ୍ୟାନ୍ୟ ଜିଲ୍ଲାସ୍ତରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।

ଗ୍ରୀଷ୍ମପ୍ରବାହର ମୁକାବିଲା

# ଆନ୍ତଃରାଜ୍ୟ ପ୍ରଶାସନିକ ପ୍ରସ୍ତୁତିର ସମୀକ୍ଷା କଲେ ମନ୍ତ୍ରୀ

**ଝାରସୁଗୁଡ଼ା,୧୮।୪/ଏନ୍ଏନ୍ଏସ୍:** ଗ୍ରୀଷ୍ମପ୍ରବାହ ସମୟରେ ଜନସାଧାରଣ ବିଶେଷ କରି ଜାତୀୟ ରାଜପଥ-୪୯ ଦେଇ ଯାତାୟାତ କରୁଥିବା ଟ୍ରକ୍ ଚାଳକ ଏବଂ ହେଲପରମାନଙ୍କ ସୁରକ୍ଷା ପାଇଁ ଝାରସୁଗୁଡ଼ା ଜିଲ୍ଲା ପ୍ରଶାସନ ପକ୍ଷରୁ ଏକ ଗୁରୁତ୍ୱପୂର୍ଣ୍ଣ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ଆଭାସୀ ମାଧ୍ୟମରେ ଯୋଗ ଦେଇ ପରିସ୍ଥିତିର ସମୀକ୍ଷା କରିଥିଲେ। ମନ୍ତ୍ରୀ ଶ୍ରୀ ପୂଜାରୀ କହିଥିଲେ ଯେ, ଜାତୀୟ ରାଜପଥ -୪୯ ଏକ ଅତ୍ୟନ୍ତ ସମ୍ବେଦନଶୀଳ ଅଞ୍ଚଳ ହୋଇଥିବାରୁ ଏଠାରେ ଗ୍ରୀଷ୍ମ ପ୍ରବାହ ଯୋଗୁଁ ଯେପରି କୌଣସି ଜୀବନହାନି ନ ହୁଏ, ତାହା ନିଶ୍ଚିତ କରିବା ପୁଲିସ ଓ ପ୍ରଶାସନର ମୁଖ୍ୟ ଦାୟିତ୍ୱ। ବିଶେଷ କରି ସକାଳ ୧୧ଟା ପରେ ଏହି ମାର୍ଗରେ ସୁରକ୍ଷା ବ୍ୟବସ୍ଥା ଓ ଅସ୍ଥାୟୀ ଆଶ୍ରୟସ୍ଥଳୀ ନିର୍ମାଣ ପାଇଁ ସେ ଏକ ସ୍ୱତନ୍ତ୍ର ରୋଡମ୍ୟାପ୍ ପ୍ରସ୍ତୁତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଗୋବିନ୍ଦପୁର ଟୋଲ୍ ପ୍ଲାଜା ନିକଟରେ ସିନଟେକ୍ସ ଟାଙ୍କି ଏବଂ ପାନୀୟ ଜଳର ସୁବିଧା କରିବା ଉପରେ ସେ ବିଶେଷ ଗୁରୁତ୍ୱାରୋପ କରିଛନ୍ତି।

ବୈଠକରେ ଝାରସୁଗୁଡ଼ା ଜିଲ୍ଲାପାଳ କୁଣାଲ ମୋତିରାମ ଚହ୍ୱାଣ, ରାୟଗଡ଼ (ଛତିଶଗଡ଼) ଜିଲ୍ଲାପାଳ ମୟଙ୍କ ଚତୁର୍ବେଦୀ, ଏମସିଏଲର ସିଏମଡି ଉଦୟ ଏ. କାଓଲେ ଏବଂ ଉଭୟ ଜିଲ୍ଲାର ବରିଷ୍ଠ ଅଧିକାରୀମାନେ ଅଂଶଗ୍ରହଣ କରିଥିଲେ। ଝାରସୁଗୁଡ଼ା ଜିଲ୍ଲାପାଳ କହିଥିଲେ ଯେ, ପ୍ରଶାସନ ପକ୍ଷରୁ ସମସ୍ତ ସତର୍କତାମୂଳକ ପଦକ୍ଷେପ ନିଆଯାଉଛି ଏବଂ ଗ୍ରୀଷ୍ମ ପ୍ରବାହ ଅଞ୍ଚଳରେ ବିଶେଷ ନଜର ରଖାଯାଇଛି। ସେହିପରି ରାୟଗଡ଼ ଜିଲ୍ଲାପାଳ ଶ୍ରୀ ଚତୁର୍ବେଦୀ ଚାଳକମାନଙ୍କ ସଚେତନତା ଓ ସୁରକ୍ଷା କରିଡର ନିର୍ମାଣ ଉପରେ ଗୁରୁତ୍ୱ ଦେଇଥିଲେ। ଏନ୍ଏଚ୍ଏଆଇ ଓ ପିଡବ୍ଲ୍ୟୁଡି ବିଭାଗ ସହାୟତାରେ ବିଭିନ୍ନ ସ୍ଥାନରେ ସଚେତନତାମୂଳକ ସାଇନ ବୋର୍ଡ ଲଗାଯିବା ପାଇଁ ସେ ପ୍ରସ୍ତାବ ଦେଇଥିଲେ।

ଗ୍ରୀଷ୍ମପ୍ରବାହର ମୁକାବିଲା ଏବଂ ଚାଳକମାନଙ୍କ ସୁରକ୍ଷା ପାଇଁ ଏହି ସମନ୍ୱୟ ବୈଠକରେ ଅନେକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ଗ୍ରହଣ କରାଯାଇଛି। ପ୍ରବଳ ଖରାକୁ ଦୃଷ୍ଟିରେ ରଖି ଏପ୍ରିଲ ଏବଂ ମେ ମାସରେ ଦିନ ୧୧ଟାରୁ ଅପରାହ୍ଣ ୩ଟା ପର୍ଯ୍ୟନ୍ତ ନନ୍-ଏସି ପରିବହନ ଯାନ ଚଳାଚଳ ଉପରେ କଟକଣା ଲଗାଯିବା ସହ ଶ୍ରମିକମାନଙ୍କ ପାଇଁ ସକାଳ ୧୧ଟାରୁ ଅପରାହ୍ଣ ୩ଟା ପର୍ଯ୍ୟନ୍ତ ଖୋଲା ସ୍ଥାନରେ କାର୍ଯ୍ୟ କରିବାକୁ ନିଷେଧାଦେଶ ଜାରି କରାଯାଇଛି। ପରିବହନ ଯାନଗୁଡ଼ିକର କ୍ରୁ-କ୍ୟାବିନକୁ ଏସିରେ ପରିବର୍ତ୍ତନ କରିବା ପାଇଁ ପରାମର୍ଶ ଦିଆଯାଇଛି। ଜାତୀୟ ରାଜପଥ କଡ଼ରେ ଥିବା ସମସ୍ତ ପେଟ୍ରୋଲ ପମ୍ପ୍ ଏବଂ ଗୁରୁତ୍ୱପୂର୍ଣ୍ଣ ସ୍ଥାନରେ ଜଳଛତ୍ର ଓ ହାଇଡ୍ରେସନ କିଓସ୍କ ସୁନିଶ୍ଚିତ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ବିଶେଷ କରି ଗୋବିନ୍ଦପୁର ଟୋଲ୍ ପ୍ଲାଜା ନିକଟରେ ମୋବାଇଲ୍ ଓ୍ୱାଟର କିଓସ୍କ ବ୍ୟବସ୍ଥା କରାଯିବ। ଟ୍ରକ୍ ପାର୍କିଂ ଅଞ୍ଚଳରେ ପର୍ଯ୍ୟାପ୍ତ ଛାଇ, ପାନୀୟ ଜଳ, ବିଶ୍ରାମ କକ୍ଷ ଏବଂ ପ୍ରାଥମିକ ଚିକିତ୍ସା ସୁବିଧା ଯୋଗାଇ ଦେବାକୁ ଶିଳ୍ପ ଓ ପରିବହନ ସଂସ୍ଥାଗୁଡ଼ିକୁ କୁହାଯାଇଛି। ଏହା ବ୍ୟତୀତ ରାସ୍ତାରେ ଓ୍ୱାଟର ସ୍ପ୍ରିଙ୍କଲର୍ ବ୍ୟବହାର ଏବଂ ଜରୁରୀକାଳୀନ ସ୍ଥିତି ପାଇଁ ଜାତୀୟ ରାଜପଥ ୪୯ର ବିଭିନ୍ନ ସ୍ଥାନରେ ଆମ୍ବୁଲାନ୍ସ ମୁତୟନ କରିବାକୁ ନିଷ୍ପତ୍ତି ହୋଇଛି। ମଣିଷଙ୍କ ସହ ପଶୁପକ୍ଷୀଙ୍କ ପାଇଁ ବିଭିନ୍ନ ସ୍ଥାନରେ ଜଳକୁଣ୍ଡର ବ୍ୟବସ୍ଥା କରିବାକୁ ମଧ୍ୟ ବୈଠକରେ ଗୁରୁତ୍ୱ ଦିଆଯାଇଛି।

ବୈଠକରେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) କିଶୋର ଚନ୍ଦ୍ର ସ୍ୱାଇଁ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଉପଜିଲ୍ଲାପାଳ ସବ୍ୟସାଚୀ ପଣ୍ଡା, ଜରୁରୀକାଳୀନ ଅଧିକାରୀ ମୃତ୍ୟୁଞ୍ଜୟ ସବର ଏବଂ ଉଭୟ ଜିଲ୍ଲାର ଶ୍ରମ ଅଧିକାରୀ ଏବଂ ଆଞ୍ଚଳିକ ପରିବହନ ଅଧିକାରୀମାନେ ଉପସ୍ଥିତ ଥିଲେ। ଗ୍ରୀଷ୍ମ ପ୍ରବାହର ସଫଳ ମୁକାବିଲା ପାଇଁ ସମସ୍ତ ବିଭାଗ ମଧ୍ୟରେ ସମନ୍ୱୟ ରକ୍ଷା କରି ଗ୍ରୀଷ୍ମପ୍ରବାହର ସଫଳ ମୁକାବିଲା ପାଇଁ ଏହି ବୈଠକରେ ଆଲୋଚନା କରାଯାଇଥିଲା।

**ଝାରସୁଗୁଡ଼ା ଓ ଛତିଶଗଡ ରାୟଗଡ଼ ଜିଲ୍ଲାରେ 'ହିଟ୍ ଓ୍ୱେଭ୍' ମୁକାବିଲା ପାଇଁ ରୋଡମ୍ୟାପ୍ ପ୍ରସ୍ତୁତ**

**ଏନ୍ଏଚ୍-୪୯ରେ ଯାତ୍ରୀ ଓ ଚାଳକଙ୍କ ସୁରକ୍ଷା ପାଇଁ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି**

**ପରିବହନ ଯାନର କ୍ରୁ-କ୍ୟାବିନକୁ ଏସିରେ ପରିବର୍ତ୍ତନ ପାଇଁ ପରାମର୍ଶ**

ଜିଲ୍ଲା ମତ୍ସ୍ୟ ଅଧିକାରୀମାନଙ୍କ ସମୀକ୍ଷା ବୈଠକ

# ଓଡ଼ିଶାର ଆର୍ଥିକ ପ୍ରଗତିରେ ଆସିବ ନୂତନ ଜୁଆର:ମନ୍ତ୍ରୀ

**ଭୁବନେଶ୍ୱର,୧୮।୪/ଏନ୍ଏନ୍ଏସ୍:** ଜିଲ୍ଲା ମତ୍ସ୍ୟ ଅଧିକାରୀମାନଙ୍କର ଏକ ଗୁରୁତ୍ୱପୂର୍ଣ୍ଣ ସମୀକ୍ଷା ବୈଠକ ସ୍ଥାନୀୟ କୃଷିଭବନ ଅଡିଟୋରିଅମ ଠାରେ ଅନୁଷ୍ଠିତ ହୋଇଯାଇଛି। ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ଏବଂ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ଏଥିରେ ଅଧ୍ୟକ୍ଷତା କରିଥିଲେ। ମନ୍ତ୍ରୀ ଶ୍ରୀ ମଲ୍ଲିକ କହିଥିଲେ ଯେ, ମତ୍ସ୍ୟ ଉତ୍ପାଦନରେ ବ୍ୟାପକ ବୃଦ୍ଧି ଦ୍ୱାରା ଓଡ଼ିଶାର ଆର୍ଥିକ ପ୍ରଗତିରେ ନୂତନ ଜୁଆର ଆସିବ। ଗ୍ରାମାଞ୍ଚଳର ଚାଷୀଟିଏ ବିକଶିତ ହେଲେ ହିଁ ବିକଶିତ ଓଡ଼ିଶା ମାଧ୍ୟମରେ 'ବିକଶିତ ଭାରତ'ର ସ୍ୱପ୍ନ ସାକାର ହୋଇପାରିବ।

ଏହି ଅବସରରେ ରାଜ୍ୟରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଯୋଜନା ଯଥା- 'ମୁଖ୍ୟମନ୍ତ୍ରୀ ମତ୍ସ୍ୟଜୀବୀ କଲ୍ୟାଣ ଯୋଜନା', 'ପ୍ରଧାନମନ୍ତ୍ରୀ ମତ୍ସ୍ୟ ସମ୍ପଦ ଯୋଜନା' ଏବଂ 'ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନା'ର ପୁଙ୍ଖାନୁପୁଙ୍ଖ ସମୀକ୍ଷା କରାଯାଇଥିଲା। ଓଡ଼ିଶା ବର୍ତ୍ତମାନ ଦେଶରେ ମାଛ ଉତ୍ପାଦନ ଓ ସାମୁଦ୍ରିକ ଖାଦ୍ୟ ରପ୍ତାନି କ୍ଷେତ୍ରରେ ଏକ ଅଗ୍ରଣୀ ରାଜ୍ୟ ଭାବେ ପରିଚିତ ହୋଇଛି। ବର୍ତ୍ତମାନ ମାଛ ଉତ୍ପାଦନ ୧୧.୯୨ ଲକ୍ଷ ମେଟ୍ରିକ ଟନ ହୋଇଥିବାବେଳେ ଆଗାମୀ ବର୍ଷ ସୁଦ୍ଧା ଏହାକୁ ଦୁଇ ଗୁଣ କରିବାକୁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି।

ଏହା ଓଡ଼ିଶା ସରକାରଙ୍କ 'ଭିଜନ-୨୦୩୬' ଅନୁଯାୟୀ ରାଜ୍ୟକୁ ମତ୍ସ୍ୟ ଉତ୍ପାଦନରେ ଆତ୍ମନିର୍ଭରଶୀଳ କରିବା ସହ ଏକ ଅଗ୍ରଣୀ ଓ ସମୃଦ୍ଧ ଓଡ଼ିଶା ଗଠନର ସଂକଳ୍ପକୁ ସାକାର କରିବ। ଏହି ଅବସରରେ ମନ୍ତ୍ରୀ ଶ୍ରୀ ମଲ୍ଲିକ ଗ୍ରାମାଞ୍ଚଳର ମହିଳାମାନଙ୍କୁ ମାଛଚାଷ ମାଧ୍ୟମରେ ସଶକ୍ତ କରିବା ଏବଂ ଶିକ୍ଷିତ ଯୁବଗୋଷ୍ଠୀଙ୍କୁ ଆଧୁନିକ ଜ୍ଞାନକୌଶଳ ଯଥା ବାୟୋଫ୍ଲକ ଓ କେଜ କଲ୍ଚର ପ୍ରତି ଆକୃଷ୍ଟ କରିବା ପାଇଁ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

NITIDIN
ନିତିଦିନ

RNI REG. NO. ODIODI/2015/62237 • POSTAL REGD. NO.BN/258/18-20 8+16 PAGES • ₹ 6/-

www.nitidin.com
twitter.com/nitidintoday
facebook.com/nitidintoday
୧୬ ପୃଷ୍ଠାର ରବିବାର ମ୍ୟାଗାଜିନ୍ ‘ନଜର୍’ ସହ

SUNDAY
19 APRIL 2026
ରବିବାର
୧୯ ଏପ୍ରିଲ୍ ୨୦୨୬

NEW AGE MEDIA & PUBLICATIONS PVT. LTD. PRINTED AT BHUBANESWAR VOLUME 11 • ISSUE 331 BHUBANESWAR I BERHAMPUR I SAMBALPUR I BALASORE I JAJPUR ବର୍ଷ ୧୧ • ସଂଖ୍ୟା ୩୩୧ ଭୁବନେଶ୍ୱର I ବ୍ରହ୍ମପୁର I ସମ୍ବଲପୁର I ବାଲେଶ୍ୱର I ଯାଜପୁର

### ଦେଶବାସୀଙ୍କୁ ପ୍ରଧାନମନ୍ତ୍ରୀଙ୍କ ସମ୍ବୋଧନ

# ନାରୀ ଶକ୍ତିର ‘ଭ୍ରୂଣହତ୍ୟା’ କରିଛନ୍ତି ବିରୋଧୀ

**ନୂଆଦିଲ୍ଲୀ, ୧୮।୪/ଏଜେନ୍ସି:**



ଲୋକସଭାରେ ମହିଳା ସଂରକ୍ଷଣ ବିଲ୍ ଖାରଜ ହେବାର ଦିନକ ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଶନିବାର ଦେଶବାସୀଙ୍କୁ ସମ୍ବୋଧିତ କରିଛନ୍ତି। ମୋଦୀ ତାଙ୍କର ଏହି ସମ୍ବୋଧନୀ ଭାଷଣରେ ବିରୋଧୀ ଇଣ୍ଡି ମେଣ୍ଟ, ବିଶେଷକରି କଂଗ୍ରେସ, ଡିଏମ୍‌କେ ଏବଂ ଟିଏମ୍‌ସି ଆଦି ବିରୋଧୀ ଦଳକୁ ତୀବ୍ର ଆକ୍ରମଣ କରିଛନ୍ତି। ବିଲ୍ ପାରିତ ନହେବା ପାଇଁ ମୋଦୀ ବିରୋଧୀଙ୍କୁ ସିଧାସଳଖ ଦାୟୀ କରିଛନ୍ତି। ଏପରିକି ସଂସଦରେ ବିଲ୍‌କୁ ରୋକି କଂଗ୍ରେସ ସମେତ ଅନ୍ୟ ବିରୋଧୀ ଦଳ ନାରୀ ଶକ୍ତିର ‘ଭ୍ରୂଣହତ୍ୟା’ କରିଛନ୍ତି ବୋଲି ମୋଦୀ କହିଛନ୍ତି।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଶନିବାର ରାତି

**ନାରୀ ନିଜ ଅପମାନ କଦାପି ଭୁଲେନି, ପାପୀଙ୍କୁ କ୍ଷମା ଦେବନି**

**ଆମେ ହାରିନୁ, ସମୟକୁ ଅପେକ୍ଷା କରିଛୁ: ମୋଦୀ**

୮:୩୦ରେ ଦେଶବାସୀଙ୍କୁ ସମ୍ବୋଧିତ କରିଛନ୍ତି। ନିଜ ଭାଷଣରେ ସର୍ବପ୍ରଥମେ ପ୍ରଧାନମନ୍ତ୍ରୀ ମୋଦୀ ଦେଶର କୋଟି କୋଟି ମହିଳାମାନଙ୍କ ନିକଟରେ କ୍ଷମାପ୍ରାର୍ଥନା କରିଛନ୍ତି। ମୋଦୀଙ୍କ କହିବାନୁସାରେ, “ଲୋକସଭାରେ ‘ମହିଳା ସଂରକ୍ଷଣ ବିଲ୍’ ପାରିତ ହୋଇପାରିଲା ନାହିଁ, ଏଥିପାଇଁ ସମସ୍ତ ମା, ଭଉଣୀଙ୍କୁ କ୍ଷମା ମାଗୁଛି। ବିରୋଧୀ ଅଧା ଜନସଂଖ୍ୟାର ଅଧିକାର ଛଡ଼ାଇ ନେଇଛନ୍ତି, ସେମାନଙ୍କୁ ଏହି ପାପର ଦଣ୍ଡ ନିଶ୍ଚିତ ମିଳିବ।” ମୋଦୀ କହିଛନ୍ତି, ତାଙ୍କ ପାଇଁ ଦେଶହିତ ସର୍ବୋପରି। ଯେତେବେଳେ କିଛି ଲୋକଙ୍କ ପାଇଁ ଦଳୀୟ ସ୍ୱାର୍ଥ ଦେଶହିତ ଠାରୁ ବଡ଼ ହୋଇଯାଏ, ସେତେବେଳେ ନାରୀ ଶକ୍ତିକୁ ହିଁ ଏହାର ପରିଣାମ ଭୋଗିବାକୁ ପଡ଼ିଥାଏ। କଂଗ୍ରେସ, ▶▶ ୬

## କେନ୍ଦ୍ର କର୍ମଚାରୀଙ୍କ ବଢ଼ିଲା ଡିଏ

### ପେନ୍‌ସନ୍‌ଭୋଗୀଙ୍କ ଡିଆର୍ ବି ବୃଦ୍ଧି

**ନୂଆଦିଲ୍ଲୀ,୧୮।୪/ଏଜେନ୍ସି:**

କେନ୍ଦ୍ର କ୍ୟାବିନେଟ ଶନିବାର କେନ୍ଦ୍ର ସରକାରଙ୍କ କର୍ମଚାରୀଙ୍କ ମହଙ୍ଗା ଭତ୍ତା ବା ଡିଏ ୨% ବୃଦ୍ଧି କରିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କେନ୍ଦ୍ର କ୍ୟାବିନେଟ କେନ୍ଦ୍ର ସରକାରୀ କର୍ମଚାରୀମାନଙ୍କୁ ମହଙ୍ଗା ଭତ୍ତା ଏବଂ ପେନସନ୍‌ଭୋଗୀଙ୍କୁ ମହଙ୍ଗା ସହାୟତା (ଡିଆର୍)ର ଅତିରିକ୍ତ କିସ୍ତି ପ୍ରଦାନ କରିବା ପ୍ରସ୍ତାବକୁ ମଞ୍ଜୁର କରିଛି। ବର୍ଦ୍ଧିତ ଡିଏ ଓ ଡିଆର ଜାନୁଆରୀ ପହିଲା ୨୦୨୬ ଠାରୁ ପିଛିଲା ଭାବେ ଲାଗୁ ହେବ। ମୂଲ୍ୟବୃଦ୍ଧି ବିରୁଦ୍ଧରେ କ୍ଷତିପୂରଣ ଦେବା ପାଇଁ ମୂଳ ଦରମା/ପେନସନ ଉପରେ ବର୍ତ୍ତମାନର ୫୮% ହାର ଉପରେ ୨% ଅତିରିକ୍ତ ଡିଏ ଓ ଡିଆର କିସ୍ତି ପ୍ରଦାନ ▶▶ ୬

### ଯୋଜନା ଓ ସଂଯୋଜନ ବିଭାଗ ପକ୍ଷରୁ ସଂକଳ୍ପ ଜାରି

# ଯୋଜନା ବୋର୍ଡ ବଦଳରେ ସିଟି-ଓଡ଼ିଶା

**ଭୁବନେଶ୍ୱର,୧୮।୪/ଏନ୍ଏନ୍ଏସ୍:**

ଦୀର୍ଘ ଦଶନ୍ଧି ଧରି ରାଜ୍ୟର ‘ନିତି ଓ ବିକାଶ’ର ଥିଙ୍କଟ୍ୟାଙ୍କ ପାଲଟିଥିବା ‘ଯୋଜନା ବୋର୍ଡ’ ଏବେ ଇତିହାସ। କାରଣ ରାଜ୍ୟ ଯୋଜନା ବୋର୍ଡ ହେବ ଷ୍ଟେଟ୍ ଇନଷ୍ଟିଚ୍ୟୁଟ ଫର ଟ୍ରାନ୍ସଫର୍ମେଟିଭ ଇନିସିଏଟିଭ୍ସ (ସିଟି) ଓଡ଼ିଶା। ମୁଖ୍ୟମନ୍ତ୍ରୀ ମୋହନ ମାଝୀ ରହିବେ ଗଭର୍ଣ୍ଣିଂ କାଉନସିଲ୍‌ର ଅଧ୍ୟକ୍ଷ। ସିଟି-ଓଡ଼ିଶା ସରକାରଙ୍କ ଏକ ଥିଙ୍କ ଟ୍ୟାଙ୍କ ବା ଏକ ଶୀର୍ଷସ୍ତରୀୟ ରଣନୈତିକ ପରାମର୍ଶଦାତା ସଂସ୍ଥାଭାବେ କାର୍ଯ୍ୟ କରିବ। କେନ୍ଦ୍ର ସରକାରଙ୍କ ନିତି ଆୟୋଗ ଢ଼ାଞ୍ଚାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସରକାର ‘ସିଟି-ଓଡ଼ିଶା’ର ସ୍ଥାପନ କରିବାକୁ ଯାଉଛନ୍ତି। ୨୦୩୬ ମସିହା ସୁଦ୍ଧା ‘ସମୃଦ୍ଧ ଓଡ଼ିଶା’ ଓ ୨୦୪୭ ସୁଦ୍ଧା ‘ବିକଶିତ ଓଡ଼ିଶା’ର ଲକ୍ଷ୍ୟକୁ ହାସଲ କରିବା ନିମନ୍ତେ ମୋହନ ସରକାର ଏହି ‘ସିଟି-ଓଡ଼ିଶା’ ଗଠନ କରି ରାଜ୍ୟରେ ପ୍ରଶାସନିକ ରଣନୀତି, ପ୍ରମାଣଭିତ୍ତିକ ନୀତି-ଯୋଜନା ପ୍ରଣୟନ ଓ ଦୂରଦୃଷ୍ଟିସମ୍ପନ୍ନ ଚିନ୍ତାଧାରା ▶▶ ୬



**ସରକାରଙ୍କ ‘ଥିଙ୍କ୍ ଟ୍ୟାଙ୍କ୍’ ଭାବେ କରିବ କାର୍ଯ୍ୟ**

**ମୁଖ୍ୟମନ୍ତ୍ରୀ ରହିବେ ଗଭର୍ଣ୍ଣିଂ କାଉନସିଲ୍‌ର ଅଧ୍ୟକ୍ଷ**

**ଜଣେ ଉପାଧ୍ୟକ୍ଷ, ୪ ପୂର୍ଣ୍ଣକାଳୀନ ସଦସ୍ୟ, ୯ ପଦାଧିକାରୀ ଓ ୨ ସ୍ୱତନ୍ତ୍ର ନିମନ୍ତ୍ରିତ ସଦସ୍ୟ ରହିବେ**






# ପୂର୍ବତଟ ରେଳପଥ ଦ୍ୱାରା ପୂର୍ବଘାଟ ପର୍ବତମାଳାରେ ରେକର୍ଡ ସଂଖ୍ୟକ ଟନେଲ୍ ନିର୍ମାଣ




**ଭୁବନେଶ୍ୱର,୧୮।୪/ଏନ୍‌ଏନ୍‌ଏସ୍:** ରେଳ ଭିତ୍ତିଭୂମି ବିକାଶ କ୍ଷେତ୍ରରେ ପୂର୍ବତଟ ରେଳପଥ ଏକ ବଡ଼ ସଫଳତା ହାସଲ କରିଛି। ପୂର୍ବଘାଟ ପର୍ବତମାଳାର ଜଟିଳ ଭୌଗୋଳିକ ପରିସ୍ଥିତି ମଧ୍ୟରେ ୨୦୨୫-୨୬ ଆର୍ଥିକ ବର୍ଷରେ ୫ଟି ଟନେଲର ଖନନ କାର୍ଯ୍ୟ ସଫଳତାର ସହ ଶେଷ ହୋଇଛି, ଯାହା ଟନେଲ୍ ନିର୍ମାଣ ଇତିହାସରେ ଏହାକୁ ଏକ ଅତ୍ୟନ୍ତ ସଫଳ ବର୍ଷ ଭାବେ ପ୍ରତିପାଦିତ କରିଛି। ଏହି କ୍ରମରେ ଶେଷ ସଫଳତା ଭାବେ ଏପ୍ରିଲ ୧୪, ୨୦୨୬ରେ କୋରାପୁଟ-ସିଙ୍ଗାପୁର ରୋଡ ଦୋହରୀକରଣ ପ୍ରକଳ୍ପର ସିକରପାଇ-କେଉଟଗୁଡ଼ା ସେକ୍ସନରେ ଥିବା ୧,୦୪୩ ମିଟର ଦୈର୍ଘ୍ୟ ବିଶିଷ୍ଟ ଟନେଲ୍ ନମ୍ବର-୩୦ର ବ୍ରେକ୍‌ଥ୍ରୁ ହୋଇଛି। ଏକ ଚ୍ୟାଲେଞ୍ଜପୂର୍ଣ୍ଣ ୫ ଡିଗ୍ରୀ ବକ୍ରପଥ ଉପରେ ଏହି ଟନେଲ୍ ନିର୍ମାଣ କରାଯାଇଛି। ଉଭୟ ପାର୍ଶ୍ୱରୁ ଏକକାଳୀନ ଖନନ କରାଯାଇ ଶତପ୍ରତିଶତ ସଠିକତା ସହ ଏହାର ସଂଯୋଗ କରାଯାଇଛି, ଯାହାକି ଉନ୍ନତ ଇଞ୍ଜିନିୟରିଂ କୌଶଳ ଓ ସଠିକ ସର୍ବେକ୍ଷଣର ପ୍ରମାଣ ଦେଉଛି। ଏଥିସହିତ ଗୁରୁତ୍ୱପୂର୍ଣ୍ଣ ଖୋର୍ଦ୍ଧା ରୋଡ୍-ବଲାଙ୍ଗୀର ନୂଆ ରେଳ ଲାଇନ୍ ପ୍ରକଳ୍ପରେ ମଧ୍ୟ ଉଲ୍ଲେଖନୀୟ ଅଗ୍ରଗତି ହୋଇଛି। ଏହି ରୁଟ୍‌ର ସବୁଠାରୁ ଲମ୍ବା ଟନେଲ୍ ଟି-୪ (୪,୧୮୫ ମିଟର) ଏବଂ ଟନେଲ୍ ଟି-୨ (୧,୭୭୫ ମିଟର) ର ଖନନ କାର୍ଯ୍ୟ ସଫଳତାର ସହ ଶେଷ ହୋଇଛି। ଏହା ବ୍ୟତୀତ ଜୁଲାଇ ୨୦୨୫ରେ ଟି-୫ ଓ ଟି-୬ (ପ୍ରତ୍ୟେକ ୨୫୦ ମିଟର) ଏବଂ ନଭେମ୍ବର ୨୦୨୫ରେ ଟି-୭ (୧,୯୭୫ ମିଟର) ଟନେଲର ଖନନ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଛି। ବର୍ଷକ ମଧ୍ୟରେ ମୋଟ ୭,୦୫୧ ମିଟର ଟନେଲ୍ ଖନନ କରାଯାଇଛି ଏବଂ ୨,୪୭୫ ମିଟର ଲାଇନିଂ କାର୍ଯ୍ୟ ସହ ଅନ୍ୟାନ୍ୟ ସଲଗ୍ନ କାର୍ଯ୍ୟ ସମ୍ପୂର୍ଣ୍ଣ କରାଯାଇଛି। ଏହା ସହିତ କୋରାପୁଟ-ରାୟଗଡ଼ା ଏବଂ କୋରାପୁଟ-ସିଙ୍ଗାପୁର ରୋଡ କରିଡର୍ ସମେତ ପ୍ରମୁଖ ଦୋହରୀକରଣ ସେକ୍ସନରେ ଅତିରିକ୍ତ ସଫଳତା ମିଳିଛି। ଏହି ସଫଳତା ଦ୍ୱାରା ଉପକୂଳ ଓ ପଶ୍ଚିମ ଓଡ଼ିଶା ମଧ୍ୟରେ ଯୋଗାଯୋଗ ବୃଦ୍ଧି ପାଇବା ସହ ଦୁର୍ଗମ ତଥା ଆଦିବାସୀ ବହୁଳ ଅଞ୍ଚଳଗୁଡ଼ିକ ଅର୍ଥନୀତିର ମୁଖ୍ୟ ସ୍ରୋତରେ ସାମିଲ ହୋଇପାରିବେ। ପ୍ରାକୃତିକ ବାଧାବିଘ୍ନ ସତ୍ତ୍ୱେ ପୂର୍ବତଟ ରେଳପଥର ଏହି ନିରନ୍ତର ପ୍ରୟାସ ଆଧୁନିକ ରେଳ ସେବାକୁ ରାଜ୍ୟର କୋଣ ଅନୁକୋଣରେ ପହଞ୍ଚାଇବା ପାଇଁ ଲକ୍ଷ୍ୟ ରଖିଛି।

# ପ୍ରବାଦ ପୁରୁଷ ବିଜୁବାବୁଙ୍କ ପ୍ରତିମୂର୍ତ୍ତି ଉନ୍ମୋଚିତ

**ଭୁବନେଶ୍ୱର,୧୮।୪/ଏନ୍‌ଏନ୍‌ଏସ୍:** କଳିଙ୍ଗର ବରପୁତ୍ର ତଥା କଳିଙ୍ଗ ଫାଉଣ୍ଡେସନ ଟ୍ରଷ୍ଟର ପ୍ରତିଷ୍ଠାତା ମହାନ ଜନନାୟକ ସ୍ୱର୍ଗତ୍ ବିଜୁବାବୁଙ୍କର ୨୯ତମ ଶ୍ରାଦ୍ଧବାର୍ଷିକୀ ଓ ସ୍ମୃତିଚାରଣ ସଭା ନୟାପଲ୍ଲୀ ସ୍ଥିତ କଳିଙ୍ଗ ଫାଉଣ୍ଡେସନ ଟ୍ରଷ୍ଟ୍ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଟ୍ରଷ୍ଟ ପରିସରରେ ବିଜୁବାବୁଙ୍କର ଏକ ଆବକ୍ଷ ବ୍ରୋଞ୍ଜ ପ୍ରତିମୂର୍ତ୍ତି ଟ୍ରଷ୍ଟର ଅଧ୍ୟକ୍ଷ ତଥା ପୂର୍ବତନ ମନ୍ତ୍ରୀ ଡଃ ପ୍ରଫୁଲ୍ଲ ଚନ୍ଦ୍ର ଘଡ଼ାଇଙ୍କ କରକମଳରେ ଉନ୍ମୋଚିତ ହୋଇଥିଲା। ଏହି ଉତ୍ସବରେ କଳିଙ୍ଗ ଫାଉଣ୍ଡେସନ ଟ୍ରଷ୍ଟର ମ୍ୟାନେଜିଂ ଟ୍ରଷ୍ଟି ତଥା ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ, ସଚିବ ତଥା ପୂର୍ବତନ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ, ଟ୍ରଷ୍ଟି ତଥା ବିଶିଷ୍ଟ ଶିକ୍ଷାବିତ୍ ଓ ବୈଜ୍ଞାନିକ ଡଃ ଓଁକାର ନାଥ ମହାନ୍ତି, ଟ୍ରଷ୍ଟି ତଥା କବି, ଲେଖକ ଓ ଶିଳ୍ପପତି ଡଃ. ଶ୍ରୀକାନ୍ତ ମିଶ୍ର, ଟ୍ରଷ୍ଟି ତଥା ଆଡ଼ଭୋକେଟ ଅଶ୍ୱିନୀ ପଟ୍ଟନାୟକ, ଟ୍ରଷ୍ଟି ଅମର ନାଥ ମିଶ୍ର, ଟ୍ରଷ୍ଟି ତଥା ଶିକ୍ଷା ଉଦ୍ୟୋଗୀ ଧର୍ମେନ୍ଦୁ ପଟ୍ଟନାୟକ ପ୍ରମୁଖ ସଦସ୍ୟମାନେ ଉପସ୍ଥିତ ରହି ବିଜୁବାବୁଙ୍କର ସ୍ମୃତିଚାରଣ କରିଥିଲେ। ସ୍ମୃତିଚାରଣ ସଭାରେ ଟ୍ରଷ୍ଟର ଅଧ୍ୟକ୍ଷ ଡଃ ପ୍ରଫୁଲ୍ଲ ଚନ୍ଦ୍ର ଘଡ଼ାଇ ସଭାପତିତ୍ୱ କରି ନବ ଉତ୍କଳର ନିର୍ମାଣରେ ପ୍ରବାଦ ପୁରୁଷ ବିଜୁବାବୁଙ୍କର ଅଦ୍ୱିତୀୟ ଅବଦାନ ତଥା ଓଡ଼ିଶାକୁ ଏକ ଶିଳ୍ପ ସମୃଦ୍ଧ ରାଜ୍ୟଭାବେ ଗଢ଼ି ତୋଳିବାରେ ଏବଂ ମହିଳାମାନଙ୍କର



ଉତ୍‌ଥାନ ଦିଗରେ ତାଙ୍କର ଅସାଧାରଣ ଯୋଗଦାନ ତାଙ୍କୁ ଚିରକାଳ ଓଡ଼ିଆ ଜନମାନସରେ ମହାନ ଯୁଗପୁରୁଷ ଭାବେ ଉଜ୍ଜୀବିତ କରି ରଖିଥିବ ବୋଲି ଅବତାରଣା କରିଥିଲେ। ୧୯୫୦ ମସିହାରେ କଳିଙ୍ଗ ଫାଉଣ୍ଡେସନ ଟ୍ରଷ୍ଟର ପ୍ରତିଷ୍ଠା ମାଧ୍ୟମରେ ବିଜ୍ଞାନକୁ ଲୋକପ୍ରିୟ କରିବାରେ ବିଜୁବାବୁଙ୍କ ଅସାମାନ୍ୟ କୃତି ଓ କୀର୍ତ୍ତି ବିଶ୍ୱ ବିଜ୍ଞାନ ଇତିହାସରେ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇ କାଳକାଳକୁ ରହିଥିବ ବୋଲି ସେ ପ୍ରକାଶ କରିଥିଲେ। ୟୁନେସ୍କୋ, ପ୍ୟାରିସ ମାଧ୍ୟମରେ ୧୯୫୨ ମସିହାରୁ ବିଜ୍ଞାନକୁ ଲୋକପ୍ରିୟ କରିବା କ୍ଷେତ୍ରରେ ପ୍ରଦାନ କରାଯାଉଥିବା ବିଶ୍ୱର ସର୍ବଶ୍ରେଷ୍ଠ ପୁରସ୍କାର 'ଆନ୍ତର୍ଜାତିକ କଳିଙ୍ଗ ପୁରସ୍କାର'ର ପ୍ରତିଷ୍ଠା କରି ବିଜୁବାବୁ ବିଶ୍ୱ ବିଜ୍ଞାନ ଜଗତରେ ଚହଳ ସୃଷ୍ଟି କରିଥିଲେ ବୋଲି ସଭାପତି ନିଜ ଅଭିଭାଷଣରେ ବ୍ୟକ୍ତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା, ପୂର୍ବତନ ମନ୍ତ୍ରୀ ଦେବୀପ୍ରସାଦ ମିଶ୍ର, ଭୁବନେଶ୍ୱର ମଧ୍ୟ ବିଧାୟକ ଅନନ୍ତ ନାରାୟଣ ଜେନା, ଭୁବନେଶ୍ୱର ମହାନଗର ନିଗମର ମେୟର ସୁଲୋଚନା ଦାସ, ଭାଷାତତ୍ତ୍ୱବିତ୍ ପଦ୍ମଶ୍ରୀ ଡଃ ଦେବୀପ୍ରସନ୍ନ ପଟ୍ଟନାୟକ, ଗାନ୍ଧିବାଦୀ ପ୍ରହଲ୍ଲାଦ ସିଂ, ଇଂ. ପାର୍ଥସାରଥି ମୁଦୁଲି ପ୍ରମୁଖ ସ୍ମୃତିଚାରଣ କରି ବିଜୁବାବୁଙ୍କୁ ଜଣେ ରାଷ୍ଟ୍ର ନାୟକ ଏବଂ ପ୍ରବାଦ ପୁରୁଷ ଭାବରେ ବର୍ଣ୍ଣନା କରିଥିଲେ। ଶେଷରେ ଯୁଗ୍ମ ମ୍ୟାନେଜିଂ ଟ୍ରଷ୍ଟି ବୈଜ୍ଞାନିକ ଡକ୍ଟର ଚିତ୍ତରଞ୍ଜନ ମିଶ୍ର ଧନ୍ୟବାଦ ଅର୍ପଣ ସହିତ ତାଙ୍କ ଅଭିଭାଷଣରେ ସମଗ୍ର ବିଶ୍ୱରେ ବିଜ୍ଞାନକୁ ଲୋକପ୍ରିୟ କରିବା କ୍ଷେତ୍ରରେ ବିଜୁବାବୁଙ୍କ କାଳଜୟୀ ଅବଦାନ ଅବିସ୍ମରଣୀୟ ହୋଇ ରହିବ ବୋଲି ଉଲ୍ଲେଖ କରିଥିଲେ। ଏହି ସ୍ମୃତିଚାରଣ ସଭାରେ ଏମ୍ସର ପୂର୍ବତନ ନିର୍ଦ୍ଦେଶକ ଡାକ୍ତର ଅଶୋକ କୁମାର ମହାପାତ୍ର, ପଦାର୍ଥ ବିଜ୍ଞାନ ପ୍ରତିଷ୍ଠାନର ନିର୍ଦ୍ଦେଶକ ପ୍ରଫେସର କରୁଣାକର ନନ୍ଦ ପ୍ରମୁଖ ବହୁ ଗଣ୍ୟମାନ୍ୟ ବ୍ୟକ୍ତି, ସ୍କୁଲ କଲେଜର ଛାତ୍ରଛାତ୍ରୀ, ରାଜନେତା, ବରିଷ୍ଠ ନାଗରିକ, ଗଣମାଧ୍ୟମର ପ୍ରତିନିଧି ଓ ସର୍ବସାଧାରଣ ଜନତା ଉପସ୍ଥିତ ରହି ବିଜୁବାବୁଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପ ଅର୍ଘ୍ୟ ଅର୍ପଣ କରିଥିଲେ।

## ଟିପିଏନ୍‌ଓଡିଏଲ୍ ପକ୍ଷରୁ ବ୍ୟାପକ ପ୍ରସ୍ତୁତି

# ଗ୍ରୀଷ୍ମରେ ଅବ୍ୟାହତ ରହିବ ବିଦ୍ୟୁତ୍ ସେବା

**ଭୁବନେଶ୍ୱର,୧୮।୪/ଏନ୍‌ଏନ୍‌ଏସ୍:** ପ୍ରଚଣ୍ଡ ଗ୍ରୀଷ୍ମ ହେଉ ଅବା କାଳବୈଶାଖୀ, ପ୍ରତିକୂଳ ସ୍ଥିତିରେ ଉପଭୋକ୍ତାଙ୍କୁ ନିର୍ଭରଯୋଗ୍ୟ ବିଦ୍ୟୁତ ସେବା ଯୋଗାଣ ପାଇଁ ସର୍ବଦା ଗୁରୁତ୍ୱ ଦେଇ ଆସିଛି ଟିପି ନର୍ଦର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍ (ଟିପିଏନ୍‌ଓଡିଏଲ୍)। କମ୍ପାନୀ ପକ୍ଷରୁ ଗ୍ରୀଷ୍ମରେ ଉପଭୋକ୍ତାଙ୍କୁ ଗୁଣାତ୍ମକ ବିଦ୍ୟୁତ୍ ଯୋଗାଣ ଓ ଶିଖର ଚାହିଦାର ଦକ୍ଷ ପରିଚାଳନା ନିମନ୍ତେ ପ୍ରସ୍ତୁତି ତ୍ୱରାନ୍ୱିତ ହୋଇଛି। ବିଗତ ବର୍ଷଗୁଡ଼ିକର ଧାରାକୁ ଦୃଷ୍ଟିରେ ରଖି ବାଲେଶ୍ୱର, ଭଦ୍ରକ, ଯାଜପୁର, ମୟୂରଭଞ୍ଜ ଏବଂ କେନ୍ଦୁଝର ଜିଲ୍ଲାରେ ଚଳିତ ବର୍ଷ ବିଦ୍ୟୁତ ଶିଖର ଚାହିଦା ପ୍ରାୟତଃ ୧,୮୦୫ ମେଗାୱାଟ୍ ରହିବ ବୋଲି କମ୍ପାନୀ ପକ୍ଷରୁ ଆକଳନ କରାଯାଇଛି। ଉପଭୋକ୍ତାଙ୍କୁ ଖରାଦିନେ ଗୁଣାତ୍ମକ ଓ ନିର୍ଭରଯୋଗ୍ୟ ବିଦ୍ୟୁତ୍ ଯୋଗାଣ ନେଇ କମ୍ପାନୀ ପକ୍ଷରୁ ପ୍ରତିଷେଧମୂଳକ ରକ୍ଷଣାବେକ୍ଷଣ, ଅତ୍ୟାଧୁନିକ ପ୍ରଯୁକ୍ତି ବ୍ୟବହାର ଓ ବିଦ୍ୟୁତ ସୁରକ୍ଷା କ୍ଷେତ୍ରରେ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଇଛି। ବିଦ୍ୟୁତ୍ ବ୍ୟବସ୍ଥାକୁ ସୁଦୃଢ଼ କରିବା ଓ ତାହାର ସମୟୋଚିତ ସମାଧାନ କରିବା ପାଇଁ କମ୍ପାନି ପକ୍ଷରୁ ଇନ୍‌ଫ୍ରାରେଡ୍ କ୍ୟାମେରା, ଉପକରଣର ସ୍ୱାସ୍ଥ୍ୟ ସୂଚକାଙ୍କ ଯାଞ୍ଚ, ଡ୍ରୋନ୍ ଆଧାରିତ ଅଡିଟ୍, ଫଲ୍ଟ ପ୍ୟାସେଜ ଇଣ୍ଡିକେଟର ଓ ଅଲ୍‌ଟ୍ରାସାଉଣ୍ଡ ସ୍କାନିଂ ଭଳି ଅତ୍ୟାଧୁନିକ ପ୍ରଯୁକ୍ତିବିଦ୍ୟାର ବ୍ୟବହାର କରାଯାଉଛି। ନିରବଚ୍ଛିନ୍ନ ପରିଚାଳନା ଓ ସସମୟରେ ମରାମତିକୁ ନିଶ୍ଚିତ କରିବା ପାଇଁ ଟିପିଏନ୍‌ଓଡିଏଲ ଅଧିକାରୀଙ୍କ ସହ ୭୦୦୦ରୁ ଊର୍ଦ୍ଧ୍ୱ ସହକାରୀ ସଂସ୍ଥା କର୍ମଚାରୀ ବିଦ୍ୟୁତ ନେଟୱର୍କ ଓ ବିତରଣ ଭିତ୍ତିଭୂମିର ନିରୀକ୍ଷଣ ଜାରି ରଖିଥିବାବେଳେ ତ୍ୱରିତ କାର୍ଯ୍ୟାନ୍ୱୟନ ନେଇ ସଜାଗ ରହିଛନ୍ତି। ଏହା ସହିତ ବିଦ୍ୟୁତ୍ ବିଭ୍ରାଟ ହ୍ରାସ କରିବା ନେଇ ଟିପିଏନ୍‌ଓଡିଏଲ ଦ୍ୱାରା ବିଦ୍ୟୁତ୍ ନେଟ୍‌ୱର୍କରେ ବ୍ୟାପକ ରୂପାନ୍ତରଣ କାର୍ଯ୍ୟ ମଧ୍ୟ ଜାରି ରହିଛି। ଏ ଦିଗରେ ୯୧୩ଟି ୧୧ କେଭି ଓ ୧୧୩ଟି ୩୩ କେଭି ଫିଡରର ରକ୍ଷଣାବେକ୍ଷଣ, ଖୋଲା କଣ୍ଡକ୍ଟର୍‌ଗୁଡ଼ିକୁ ଏବି କେବୁଲରେ ପରିବର୍ତ୍ତନ, ୧୩ ହଜାରରୁ ଅଧିକ ୬୩କେଭିଏ ଏବଂ ତଦୁର୍ଦ୍ଧ୍ୱ ବିତରଣ ଟ୍ରାନ୍ସଫର୍ମର ଓ ୫୬୭ ପାୱାର ଟ୍ରାନ୍ସଫର୍ମରର ନିର୍ଦ୍ଧାରିତ ରକ୍ଷଣାବେକ୍ଷଣ ପ୍ରମୁଖ ଅନ୍ତର୍ଭୁକ୍ତ। ଜରୁରିକାଳୀନ ସ୍ଥିତି ପାଇଁ ଉପକରଣର ସ୍ୱତନ୍ତ୍ର ଭଣ୍ଡାର ପ୍ରତି ଡିଭିଜନ ସ୍ତରରେ ସ୍ଥାପନ କରାଯାଇଛି। ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ଜନସ୍ୱାସ୍ଥ୍ୟ କେନ୍ଦ୍ରକୁ ଅଗ୍ରାଧିକାର ଭିତ୍ତିରେ ବିଦ୍ୟୁତ୍ ଯୋଗାଣ ସ୍ୱାଭାବିକ କରିବା, ଜରୁରୀକାଳୀନ ସମୟରେ ଓଡିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷଙ୍କ ସହ ସମ୍ପର୍କ ସ୍ଥାପନର ବ୍ୟବସ୍ଥା ସାଙ୍ଗକୁ ସୁରକ୍ଷା କ୍ଷେତ୍ରରେ ମଧ୍ୟ ବ୍ୟାପକ ପ୍ରସ୍ତୁତି ହୋଇଛି। ଏନେଇ ଟିପିଏନଓଡ଼ିଏଲର ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ଗଜାନନ କାଲେ କହିଛନ୍ତି ଯେ ନିର୍ଭରଯୋଗ୍ୟ ବିଦ୍ୟୁତ୍ ଯୋଗାଣ ପାଇଁ ସଂସ୍ଥା ସର୍ବଦା ସକ୍ରିୟ ଆଭିମୁଖ୍ୟ ଗ୍ରହଣ କରିଆସିଛି। ଏ ଦିଗରେ ଟିପିଏନଓଡ଼ିଏଲର ପ୍ରତିବଦ୍ଧତା ଏବଂ କାର୍ଯ୍ୟାନ୍ୱୟନ ଏକ ପ୍ରତିକ୍ରିୟାଶୀଳ ପଦକ୍ଷେପ ନୁହେଁ ବରଂ ଏକ ନିରନ୍ତର, ବର୍ଷ-ତମାମ ଉତ୍କର୍ଷ ପ୍ରୟାସ। ସେ କହିଛନ୍ତି ଯେ ଆଧୁନିକ ପ୍ରଯୁକ୍ତିବିଦ୍ୟା, ସଶକ୍ତ ପରିଚାଳନା କାର୍ଯ୍ୟପନ୍ଥା ସହ ଆନୁଷଙ୍ଗିକ ଭିତ୍ତିଭୂମିର ବିକାଶ ଉତ୍ତର ଓଡ଼ିଶାରେ ଉପଭୋକ୍ତାଙ୍କୁ ଗୁଣାତ୍ମକ ବିଦ୍ୟୁତ ସେବା ଯୋଗାଇଦେବାରେ ସହାୟକ ହୋଇପାରିଛି। ଘରର ପ୍ରକୃତ ବିଜୁଳି ଚାହିଦା ତଥା ଆନୁଷଙ୍ଗିକ ବିଦ୍ୟୁତ ଉପକରଣକୁ ଭିତ୍ତି କରି ସଂଯୁକ୍ତ ବିଦ୍ୟୁତ୍ ଲୋଡ୍ ବୃଦ୍ଧି ସହ ବିଜୁଳିର ଅଯଥା ଅପଚୟକୁ ରୋକିବା ପାଇଁ ସଂସ୍ଥା ପକ୍ଷରୁ ଉପଭୋକ୍ତାଙ୍କୁ ଅନୁରୋଧ କରାଯାଇଛି। ଗ୍ରୀଷ୍ମଋତୁରେ ବିଦ୍ୟୁତ ଚୋରି ଅସାମୟିକ ବିଦ୍ୟୁତ ବିଭ୍ରାଟ ତଥା ଅସ୍ଥିର ଭୋଲ୍‌ଟେଜ୍‌ର ଏକ ପ୍ରମୁଖ କାରଣ ହୋଇଥିବାରୁ ଏଥିରୁ ନିବୃତ୍ତ ରହିବା ସହ ନିଜ ଅଞ୍ଚଳରେ ଏନେଇ ବିଶେଷ ଧ୍ୟାନ ଦେବା ପାଇଁ ମଧ୍ୟ ସଂସ୍ଥା ପକ୍ଷରୁ ଆଗ୍ରହ ପ୍ରକାଶ କରାଯାଇଛି। ଏହା ସହିତ କୌଣସି ସ୍ଥାନରେ ବିଦ୍ୟୁତ୍ ତାର ଛିଣ୍ଡିଥିଲେ ଅବା ଟ୍ରାନ୍ସଫର୍ମରରେ ତ୍ରୁଟି ପରିଲକ୍ଷିତ ହେଲେ ନିଜେ ଅଥବା ଅଣକୁଶଳୀ କାରିଗରଙ୍କ ଦ୍ୱାରା ମରାମତି ନକରି ଟିପିଏନଓଡିଏଲ୍ କାର୍ଯ୍ୟାଳୟ ଅଥବା ଗ୍ରାହକ ସେବା ନମ୍ବର ୧୮୦୦-୩୪୫୬-୭୧୮ରେ ଯୋଗାଯୋଗ କରିବା ପାଇଁ ଟିପିଏନ୍‌ଓଡିଏଲ୍ ପକ୍ଷରୁ ସମସ୍ତ ଉପଭୋକ୍ତାଙ୍କୁ ପରାମର୍ଶ ଦିଆଯାଇଛି।

# ଓଡ଼ିଶାରେ ରେଳ ଭବିଷ୍ୟତର ରୂପରେଖ: ୪ ପ୍ରମୁଖ ନୂତନ ଲାଇନ୍ ପ୍ରକଳ୍ପ ତ୍ୱରାନ୍ୱିତ

**ଭୁବନେଶ୍ୱର,୧୮।୪/ଏନ୍‌ଏନ୍‌ଏସ୍:** ପୂର୍ବତଟ ରେଳପଥ, ଓଡ଼ିଶା ସରକାରଙ୍କ ସହିତ ଘନିଷ୍ଠ ସମନ୍ୱୟରେ ଦକ୍ଷିଣ ଏବଂ ପଶ୍ଚିମ ଓଡ଼ିଶାରେ ଚାରୋଟି ପ୍ରମୁଖ ନୂତନ ରେଳ ଲାଇନ ପ୍ରକଳ୍ପରେ ତ୍ୱରାନ୍ୱିତ ଅଗ୍ରଗତି କରୁଛି। ମୋଟ ୬,୮୭୯ କୋଟିରୁ ଅଧିକ ଟଙ୍କାର ମିଳିତ ନିବେଶ ଏବଂ ୩୮୨ ରୁଟ୍ କିଲୋମିଟର ଲମ୍ବ ସହିତ ଏହି ପ୍ରକଳ୍ପଗୁଡ଼ିକ ରାଜ୍ୟର ଦୁର୍ଗମଓ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ସଂଯୋଗୀକରଣକୁ ଉଲ୍ଲେଖନୀୟ ଭାବରେ ଉନ୍ନତ କରିବା ଲକ୍ଷ୍ୟ ରଖିଛି।

ଏହି ପ୍ରକଳ୍ପଗୁଡ଼ିକୁ ଦ୍ରୁତ ଗତିରେ ପରିଚାଳନା କରିବା ଦିଗରେ ଏକ ପ୍ରମୁଖ ପଦକ୍ଷେପ ସ୍ୱରୂପ, ପୂର୍ବତଟ ରେଳପଥ ଏବଂ ଓଡ଼ିଶା ସରକାରଙ୍କ ମଧ୍ୟରେ ଏପ୍ରିଲ ୧୬, ୨୦୨୬ରେ ଏକ ବୁଝାମଣାପତ୍ର (ଏମଓୟୁ) ସ୍ୱାକ୍ଷରିତ ହୋଇଥିଲା। ଏହି ବୁଝାମଣାପତ୍ର ଜମି ଅଧିଗ୍ରହଣକୁ ତ୍ୱରାନ୍ୱିତ କରିବା, ସମୟସୀମା ମଧ୍ୟରେ ମଞ୍ଜୁରୀ ସୁନିଶ୍ଚିତ କରିବା ଏବଂ ମିଳିତ ତଦାରଖ ମାଧ୍ୟମରେ କ୍ଷେତ୍ରସ୍ତରୀୟ ସମସ୍ୟାର ସମାଧାନ କରିବା ପାଇଁ ଏକ ସଂରଚିତ ସମନ୍ୱୟ ବ୍ୟବସ୍ଥା ପ୍ରଦାନ କରେ। ଏହି ରାଜିନାମା ପ୍ରକଳ୍ପ କାର୍ଯ୍ୟକାରିତାରେ ଅଧିକ ଗତି, ଉତ୍ତରଦାୟିତ୍ୱ ଏବଂ ସମନ୍ୱୟ ଆଣିବାରେ ସହାୟକ ହେଉଛି। ଜମି ଅଧିଗ୍ରହଣ, ଜଙ୍ଗଲ ମଞ୍ଜୁରୀ, ଟେଣ୍ଡରିଂ ଏବଂ ନିର୍ମାଣ କାର୍ଯ୍ୟ ମିଶନ ମୋଡରେ ଅଗ୍ରଗତି କରୁଛି। 'ସ୍ୱତନ୍ତ୍ର ରେଳ ପ୍ରକଳ୍ପ' ମାନ୍ୟତା ପ୍ରଦାନ ଏକ ପ୍ରମୁଖ ତ୍ୱରାନ୍ୱିତକାରୀ କାର୍ଯ୍ୟ ହୋଇଛି, ଯାହା ପ୍ରାଥମିକତାପ୍ରାପ୍ତ ପ୍ରଶାସନିକ ସହାୟତା ମାଧ୍ୟମରେ ଭୂମି ଅଧିଗ୍ରହଣ ଏବଂ ବୈଧାନିକ ପ୍ରକ୍ରିୟାଗୁଡ଼ିକୁ ଉଲ୍ଲେଖନୀୟ ଭାବରେ ତ୍ୱରାନ୍ୱିତ କରୁଛି। ଜୟପୁର -ମାଲକାନଗିରି ନୂତନ ରେଳ ଲାଇନ ପ୍ରକଳ୍ପ (୧୨୬ କିଲୋମିଟର)ରେ ରେଳବାଇ ଦ୍ୱାରା ୭୫% ଏବଂ ଓଡ଼ିଶା ସରକାରଙ୍କ ଦ୍ୱାରା ୨୫% ପାଣ୍ଠି ସହିତ ୨,୩୪୩.୬୪ କୋଟି ଟଙ୍କାରେ ମଞ୍ଜୁର ହୋଇଥିବା ଏହି ପ୍ରକଳ୍ପଟି ଜମି ଅଧିଗ୍ରହଣ ଏବଂ ଜଙ୍ଗଲ ମଞ୍ଜୁରୀ କ୍ଷେତ୍ରରେ ପ୍ରମୁଖ ସଫଳତା ହାସଲ କରିଛି, ନିର୍ମାଣ କାର୍ଯ୍ୟ ପାଇଁ ଟେଣ୍ଡର ମଧ୍ୟ ଆହ୍ୱାନ ହୋଇସାରିଛି। ମାଲକାନଗିରିର ଆଦିବାସୀ ଜନସାଧାରଣ ପାଇଁ ଏହି ରେଳ ଲାଇନ ପରିବର୍ତ୍ତନକାରୀ ହେବ। ଏହା ଦ୍ୱାରା ବଜାର, ଶିକ୍ଷା ଏବଂ ଚିକିତ୍ସା ଭଳି ସେବା ଗୁଡିକ ସହଜରେ ପହଞ୍ଚିବ ଏବଂ ଦୀର୍ଘ ଏବଂ କଷ୍ଟକର ସଡ଼କ ଯାତ୍ରା ଉପରେ ନିର୍ଭରଶୀଳତା ହ୍ରାସ ପାଇବ। ଜୟପୁର-ନବରଙ୍ଗପୁର ନୂତନ ରେଳପଥ ପ୍ରକଳ୍ପ (୪୪.୧୪ କିଲୋମିଟର)ରେ ୭୪୭.୯୧ କୋଟି ମୂଲ୍ୟର ଏହି ପ୍ରକଳ୍ପରେ ଓଡ଼ିଶା ସରକାର ଜମି ଖର୍ଚ୍ଚ ସହିତ ନିର୍ମାଣ ଖର୍ଚ୍ଚର ୫୦% ବହନ କରୁଥିବା ବେଳେ ଅବଶିଷ୍ଟ ୫୦% ଖର୍ଚ୍ଚ ରେଳବାଇ ପକ୍ଷରୁ ଯୋଗାଣ କରାଯାଉଛି। ପ୍ରମୁଖ ସେତୁ କାର୍ଯ୍ୟ ସମେତ ମୁଖ୍ୟ ଅଂଶ ଗୁଡ଼ିକରେ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇସାରିଛି। ଏହା ନବରଙ୍ଗପୁରକୁ ପ୍ରଥମ ଥର ପାଇଁ ରେଳ ସଂଯୋଗ ପ୍ରଦାନ କରିବ, ଯାହା ଆର୍ଥିକ ସୁଯୋଗକୁ ବଢ଼ାଇବ ଏବଂ ଏହାର ଆଦିବାସୀ ବହୁଳ ଜନସଂଖ୍ୟା ପାଇଁ ଯାତାୟାତକୁ ସହଜ କରିବ। ବରଗଡ଼-ନୂଆପଡ଼ା ନୂତନ ରେଳପଥ ପ୍ରକଳ୍ପ (୧୩୮.୩୨ କିଲୋମିଟର)ରେ ୨,୩୪୩.୬୪ କୋଟି ମୂଲ୍ୟରେ ମଞ୍ଜୁର ହୋଇଥିବା ଏହି ପ୍ରକଳ୍ପରେ ୭୫% ପାଣ୍ଠି ରେଳବାଇ ଓ ୨୫% ଓଡ଼ିଶା ସରକାର ଯୋଗାଇଛନ୍ତି। ଏହି ପ୍ରକଳ୍ପଟି ଜମି ଅଧିଗ୍ରହଣ ଏବଂ ଜଙ୍ଗଲ ମଞ୍ଜୁରୀ କ୍ଷେତ୍ରରେ ପ୍ରମୁଖ ସଫଳତା ହାସଲ କରିଛି, ନିର୍ମାଣ କାର୍ଯ୍ୟ ପାଇଁ ଟେଣ୍ଡର ଆମନ୍ତ୍ରିତ ହୋଇସାରିଛି। ବରଗଡ଼ ଜିଲ୍ଲାରେ ଘରୋଇ ଜମି ଅଧିଗ୍ରହଣ ପାଇଁ ସମସ୍ତ ୭୯ଟି ଗ୍ରାମ ପାଇଁ ଜମି ଅଧିଗ୍ରହଣ ପ୍ରକ୍ରିୟା ଆରମ୍ଭ କରିବା ଲାଗି ୨୦ଏ ଗେଜେଟ୍ ବିଜ୍ଞପ୍ତି ପ୍ରକାଶ କରାଯାଇଥିଲା। ପରବର୍ତ୍ତୀ ସମୟରେ ୨୦ଇ ଗେଜେଟ୍ ବିଜ୍ଞପ୍ତି ଜାରି କରାଯାଇଛି, ଏବଂ ୬ଟି ଗ୍ରାମ ପାଇଁ ଜମି ଅଧିଗ୍ରହଣ ପ୍ରକ୍ରିୟା ନିର୍ଣ୍ଣାୟକ ପର୍ଯ୍ୟାୟରେ ପହଞ୍ଚିଛି। ସେହିପରି ନୂଆପଡ଼ା ଜିଲ୍ଲାରେ ସମସ୍ତ ୬ ଟି ଗ୍ରାମ ପାଇଁ ଜମି ଅଧିଗ୍ରହଣ ପ୍ରକ୍ରିୟା ଆରମ୍ଭ କରିବା ପାଇଁ ୨୦ଏ ଗେଜେଟ୍ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ଏହି ମାଇଲଖୁଣ୍ଟଗୁଡ଼ିକ ଜମି ସୁନିଶ୍ଚିତ କରିବାରେ ଉଲ୍ଲେଖନୀୟ ପ୍ରଗତିକୁ ପ୍ରଦର୍ଶନ କରୁଛି, ଯାହା ନିର୍ମାଣ କାର୍ଯ୍ୟକୁ ଦ୍ରୁତ ଭାବେ ଆଗେଇ ନେବାକୁ ସହାୟକ ହେବ। ସ୍ୱତନ୍ତ୍ର ରେଳ ପ୍ରକଳ୍ପର ମାନ୍ୟତା ଜମି ଅଧିଗ୍ରହଣକୁ ଆହୁରି ତ୍ୱରାନ୍ୱିତ କରୁଛି। ନୂଆପଡ଼ାର ଆଦିବାସୀ ସମ୍ପ୍ରଦାୟ ପାଇଁ ଏହି ଲାଇନ ନିଯୁକ୍ତି, ବଜାର ଏବଂ ଅତ୍ୟାବଶ୍ୟକ ସେବା ଉପଲବ୍ଧ କରାଇବ, ଯାହା ଓଡ଼ିଶାର ଅନ୍ୟତମ ଅନୁନ୍ନତ ଅଞ୍ଚଳରେ ସମାବେଶୀ ବିକାଶକୁ ପ୍ରୋତ୍ସାହିତ କରିବ। ଗୁଣୁପୁର-ଥେରୁଭାଲି ନୂତନ ଲାଇନ ପ୍ରକଳ୍ପ (୭୩.୬୨ କିଲୋମିଟର)ରେ ୧,୧୬୫.୮୯ କୋଟି ଟଙ୍କାର ଅନୁମୋଦିତ ମୂଲ୍ୟ ସହିତ ଏହି ପ୍ରକଳ୍ପରେ ଜମି ଅଧିଗ୍ରହଣ ଏବଂ ଟେଣ୍ଡର ପ୍ରକ୍ରିୟାରେ ଏକକାଳୀନ ପ୍ରଗତି ଦେଖାଯାଉଛି। ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସ୍ୱରୂପ ୨୦ଇ ଗେଜେଟ୍ ବିଜ୍ଞପ୍ତି ପ୍ରକାଶିତ ହୋଇଛି, ଯାହା ସମସ୍ତ ୫୧ଟି ଗ୍ରାମ ପାଇଁ ଜମି ଅଧିଗ୍ରହଣ ପ୍ରକ୍ରିୟା ନିର୍ଣ୍ଣାୟକ ପର୍ଯ୍ୟାୟରେ ପହଂଚିଛି , ଯାହାଦ୍ୱାରା ନିର୍ମାଣ ପାଇଁ ଜମିର ଉପଲବ୍ଧତା ଯଥେଷ୍ଟ ବୃଦ୍ଧି ପାଇଛି। ଏହି ଲାଇନ ରାୟଗଡା ଜିଲ୍ଲାରେ ସଂଯୋଗୀକରଣକୁ ବୃଦ୍ଧି କରିବ, ଆଦିବାସୀ ସମ୍ପ୍ରଦାୟକୁ ଉତ୍ତମ ସ୍ୱାସ୍ଥ୍ୟସେବା, ଶିକ୍ଷା ଏବଂ ଜୀବିକା ନିର୍ବାହର ସୁଯୋଗ ପାଇବାକୁ ସକ୍ଷମ କରିବ ଏହା ସହିତ ସ୍ଥାନୀୟ ନିଯୁକ୍ତିକୁ ମଧ୍ୟ ସମର୍ଥନ କରିବ।

ଏହି ଚାରୋଟି ପ୍ରକଳ୍ପ ମିଳିତ ଭାବେ ପୂର୍ବରୁ ରେଳ ସେବାରୁ ବଞ୍ଚିତ ଜିଲ୍ଲାଗୁଡ଼ିକୁ ସଂଯୋଗ କରିବ, ଯାହା ଦ୍ୱାରା ୩୦ ଲକ୍ଷରୁ ଅଧିକ ଲୋକ ଉପକୃତ ହେବେ, ସେମାନଙ୍କ ମଧ୍ୟରୁ ଅଧିକାଂଶ ଆଦିବାସୀ ଏବଂ ଅବହେଳିତ ସମ୍ପ୍ରଦାୟର। ଉନ୍ନତ ରେଳ ସଂଯୋଗୀକରଣ ଚାଷୀମାନଙ୍କୁ ବ୍ୟାପକ ବଜାର, ଛାତ୍ରଛାତ୍ରୀମାନଙ୍କୁ ଶିକ୍ଷାନୁଷ୍ଠାନ ଏବଂ ରୋଗୀମାନଙ୍କୁ ଉତ୍ତମ ସ୍ୱାସ୍ଥ୍ୟସେବା ପାଇଁ ଯାତ୍ରା କରିବାକୁ ସକ୍ଷମ କରିବ। ଏହାଦ୍ୱାରା ପୁଞ୍ଜି ନିବେଶ ଆକୃଷ୍ଟ ହେବ, ନିଯୁକ୍ତି ସୃଷ୍ଟି କରିବ ଏବଂ ଦୁର୍ଗମ ଅଞ୍ଚଳରେ ପ୍ରଶାସନିକ ପ୍ରସାରକୁ ସୁଦୃଢ଼ କରିବ। ବୁଝାମଣାପତ୍ର ଏବଂ 'ସ୍ୱତନ୍ତ୍ର ରେଳ ପ୍ରକଳ୍ପ' ବ୍ୟବସ୍ଥାର ସଂଯୋଗ ଏକ ଶକ୍ତିଶାଳୀ କାର୍ଯ୍ୟାନ୍ୱୟନ ମଡେଲ୍ ସୃଷ୍ଟି କରୁଛି ଯାହା ଭିତ୍ତିଭୂମି ଉନ୍ନୟନରେ ଦ୍ରୁତଗତି, ସମନ୍ୱୟ ଓ ଦାୟିତ୍ୱବୋଧକୁ ନିଶ୍ଚିତ କରୁଛି। ଏହି ପଦକ୍ଷେପଗୁଡ଼ିକ ପ୍ରକଳ୍ପ ସମାପ୍ତିକୁ ତ୍ୱରାନ୍ୱିତ କରିବାସହ ଓଡ଼ିଶାର ଆଦିବାସୀ ଅଧୀଷ୍ଠିତ ଅଞ୍ଚଳରେ ଦୀର୍ଘମିଆଦି ସାମାଜିକ ଆର୍ଥିକ ପରିବର୍ତ୍ତନ ପାଇଁ ଭିତ୍ତିଭୂମି ମଧ୍ୟ ସୃଷ୍ଟି କରୁଛି।

## ଶାସ୍ତ୍ରୀୟ ସଙ୍ଗୀତ ସନ୍ଧ୍ୟା

# ମୁରଲୀଧରଙ୍କୁ ବିଏମ୍‌ସି-ହରିହରଣ ପୁରସ୍କାର ପ୍ରଦାନ



**ଭୁବନେଶ୍ୱର,୧୮।୪/ଏନ୍‌ଏନ୍‌ଏସ୍:** ଭୁବନେଶ୍ୱର ମ୍ୟୁଜିକ ସର୍କଲ ପକ୍ଷରୁ ଜୟଦେବ ଭବନରେ ଏକ ସୁନ୍ଦର ଶାସ୍ତ୍ରୀୟ ସଙ୍ଗୀତ ସନ୍ଧ୍ୟା ସଫଳତାର ସହ ଆୟୋଜିତ ହୋଇଯାଇଛି। ଏହି ଅବସରରେ ପ୍ରସିଦ୍ଧ ଶିଳ୍ପୀମାନଙ୍କ ପ୍ରଦର୍ଶନ ସହ ଏକ ବିଶେଷ ପୁରସ୍କାର ପ୍ରଦାନ କାର୍ଯ୍ୟକ୍ରମ ମଧ୍ୟ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମର ପ୍ରଥମ ପର୍ଯ୍ୟାୟରେ ମୁରଲୀଧର ସ୍ୱାଇଁଙ୍କ ଦ୍ୱାରା ମର୍ଦ୍ଦଳ, ହାର୍ମୋନିୟମ ଓ କଣ୍ଠ ସଙ୍ଗୀତ ପ୍ରସ୍ତୁତ ହୋଇଥିବା ବେଳେ ସୌମ୍ୟକାନ୍ତ ମଲ୍ଲିକ ମର୍ଦ୍ଦଳରେ ଓ ଦେବାଶିଷ ରାଉତ ହାର୍ମୋନିୟମରେ ସହଯୋଗ କରିଥିଲେ। ଏହି ପ୍ରଦର୍ଶନୀ ଓଡ଼ିଶୀ ସଙ୍ଗୀତର ଲୟ ଓ ସୁରର ସୁନ୍ଦର ସମନ୍ୱୟକୁ ପ୍ରକାଶ କରିଥିଲା। କାର୍ଯ୍ୟକ୍ରମର ମୁଖ୍ୟ ଆକର୍ଷଣ ଥିଲା ମୁରଲୀଧର ସ୍ୱାଇଁଙ୍କୁ ବିଏମ୍‌ସି-ହରିହରଣ ପୁରସ୍କାର ପ୍ରଦାନ, ଯାହା ସେ ଶାସ୍ତ୍ରୀୟ ସଙ୍ଗୀତରେ ଉତ୍କର୍ଷତା ପାଇଁ ପ୍ରାପ୍ତ କରିଥିଲେ। ଏହି ପୁରସ୍କାର ଭୁବନେଶ୍ୱର ମ୍ୟୁଜିକ ସର୍କଲର ଲାଇଫ୍ ମେମ୍ବର ଏର୍ ବାଲକୃଷ୍ଣନ୍‌ଙ୍କ ଦ୍ୱାରା ତାଙ୍କ ପିତା ଜି. ହରିହରଣଙ୍କ ଶାସ୍ତ୍ରୀୟ ସଙ୍ଗୀତ ପ୍ରତି ଥିବା ଅତ୍ୟନ୍ତ ଭଲପାଇବା ସ୍ମୃତିରେ ପ୍ରତିଷ୍ଠା କରାଯାଇଛି। ପୁରସ୍କାରରେ ଏକ ସାର୍ଟିଫିକେଟ ସହିତ ୨୦,୦୦୦ ନଗଦ ରାଶି ପ୍ରଦାନ କରାଯାଇଛି। ମୁରଲୀଧର ସ୍ୱାଇଁ ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟରୁ ବି.ମ୍ୟୁଜ୍ ଏବଂ ଉତ୍କଳ ବିଶ୍ୱବିଦ୍ୟାଳୟ ଅଫ କଲଚରରୁ ଏମ୍.ମ୍ୟୁଜ୍ ଓ ଏମ୍.ଫିଲ ଡିଗ୍ରୀ ଅର୍ଜନ କରିଛନ୍ତି। ସେ ବ୍ୟାଚଲର ଓ ମାଷ୍ଟର୍ସ ଦୁଇଟିରେ ସ୍ୱର୍ଣ୍ଣପଦକ ଅର୍ଜନ କରିବା ସହ ୨୦୧୧ ମସିହାରେ ଭାରତ ସରକାରଙ୍କ ସଂସ୍କୃତି ମନ୍ତ୍ରଣାଳୟର ନ୍ୟାସନାଲ ସ୍କଲାରସିପ୍ ପାଇଥିଲେ। ସେ ମର୍ଦ୍ଦଳ, ହର୍ମୋନିୟମ ଓ ଓଡ଼ିଶୀ କଣ୍ଠ ସଙ୍ଗୀତରେ ପାରଙ୍ଗମ ଏବଂ ଅନେକ ପ୍ରସିଦ୍ଧ ଶିଳ୍ପୀଙ୍କୁ ସହଯୋଗ କରିଛନ୍ତି। କାର୍ଯ୍ୟକ୍ରମର ଶେଷ ପର୍ଯ୍ୟାୟରେ ଡା. ପୁଷ୍ପାଶ୍ରୀ ମିଶ୍ରଙ୍କ ଦ୍ୱାରା ହିନ୍ଦୁସ୍ତାନୀ କଣ୍ଠ ସଙ୍ଗୀତ ପ୍ରସ୍ତୁତ ହୋଇଥିଲା। ତାଙ୍କ ସହଯୋଗୀ ଭାବେ ଦିବ୍ୟାଂଶୁ କୁମାର ତବଲାରେ ଓ ସୁମନ୍ତ ମହାରଣା ହର୍ମୋନିୟମରେ ସଙ୍ଗୀତ ପରିବେଷଣ କରିଥିଲେ। ଡା. ପୁଷ୍ପଶ୍ରୀ ମିଶ୍ର କିରାଣା ଘରାଣାର ଏକ ପ୍ରସିଦ୍ଧ ଶାସ୍ତ୍ରୀୟ କଣ୍ଠଶିଳ୍ପୀ, ଯାହାଙ୍କ ଗାୟନଶୈଳୀ ଶ୍ରୋତାମାନଙ୍କୁ ମୋହିତ କରିଥିଲା। ସେ ୫ ବର୍ଷ ବୟସରୁ ଗୁରୁ ରଙ୍କନିଧି ମହାପାତ୍ରଙ୍କ ନିକଟରୁ ଶିକ୍ଷା ଆରମ୍ଭ କରି ପରେ ଗୁରୁ ଗୋପାଳ ଚନ୍ଦ୍ର ପଣ୍ଡା, ପଣ୍ଡିତ ମଣି ପ୍ରସାଦ ଓ ପଣ୍ଡିତ ଲଳିତ ପ୍ରସାଦଙ୍କ ନିକଟରେ ଉଚ୍ଚ ଶିକ୍ଷା ଗ୍ରହଣ କରିଛନ୍ତି। ସେ ଆଇଆଇଟି ଦିଲ୍ଲୀରୁ ମାଷ୍ଟର୍ସ ଓ ପିଏଚ୍‌ଡି ଡିଗ୍ରୀ ଅର୍ଜନ କରି ବର୍ତ୍ତମାନ ଡିଆରଡିଓରେ ବରିଷ୍ଠ ବୈଜ୍ଞାନିକ ଭାବେ କାର୍ଯ୍ୟରତ। ସେ ୱାର୍ଲ୍ଡ ଓଡ଼ିଶା ସୋସାଇଟି ଦ୍ୱାରା 'ନାରୀ ରତ୍ନ ପୁରସ୍କାର' ମଧ୍ୟ ପାଇଛନ୍ତି। ଏହି କାର୍ଯ୍ୟକ୍ରମରେ ବହୁ ସଙ୍ଗୀତ ପ୍ରେମୀଙ୍କ ଉପସ୍ଥିତି ଦେଖିବାକୁ ମିଳିଥିଲା।

## ବିଏମ୍‌ସିର ସାଧାରଣ ପରିଷଦ ବୈଠକ

# ଇସ୍କନ ମନ୍ଦିର ନିକଟରେ ହେବ ଅତ୍ୟାଧୁନିକ ଡ୍ରେନେଜ୍ ବ୍ୟବସ୍ଥା

**ଭୁବନେଶ୍ୱର,୧୮।୪/ଏନ୍‌ଏନ୍‌ଏସ୍:** ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି)ର ୪୦ତମ ସାଧାରଣ ପରିଷଦ ବୈଠକ ଶାନ୍ତି ଶୃଙ୍ଖଳାର ସହ ଅନୁଷ୍ଠିତ ହୋଇଯାଇଛି। ମେୟର୍ ସୁଲୋଚନା ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଡେପୁଟି ମେୟର

### ବ୍ୟାୟ ହେବ ମୋଟ୍ ୩୦ କୋଟି

### ବରିଷ୍ଠ ନାଗରିକଙ୍କ ପାଇଁ ଖୋଲା ରହିବ କମ୍ୟୁନିଟି ସେଣ୍ଟର୍

ମଞ୍ଜୁଲତା କହଁର, କମିଶନର ଚଞ୍ଚଳ ରାଣା, ଅତିରିକ୍ତ କମିଶନର ରତ୍ନାକର ସାହୁ, କୈଳାସ ଚନ୍ଦ୍ର ଦାସ, ସସ୍ମିତା ସାହୁ, ମୁଖ୍ୟ ବିତ୍ତ ଅଧିକାରୀ ଦୀପକ ରଞ୍ଜନ ବେହେରା, ସିଟି ଇଞ୍ଜିନିୟର ନାରଦ ଚନ୍ଦ୍ର ରଥ, ଜୋନାଲ କମିଶନର ଅଶ୍ୱିନୀ ଏ.ଏଲ୍. ପ୍ରମୁଖ ମଞ୍ଚାସୀନ ଥିଲେ।

ବୈଠକ ଆରମ୍ଭରୁ କମିଶନର୍ ଚଞ୍ଚଳ ରାଣା ସ୍ୱାଗତ ଅଭିଭାଷଣରେ କହିଥିଲେ ଯେ ୨୦୨୬-୨୦୨୭ ଆର୍ଥିକ ବର୍ଷ ନିମନ୍ତେ ଇଞ୍ଜିନିୟରିଂ ବିଭାଗ ପକ୍ଷରୁ ସ୍ୱତନ୍ତ୍ର ଆକ୍ସନ ପ୍ଲାନ ପ୍ରସ୍ତୁତ କରାଯାଇଛି। ବିଏମ୍‌ସି ଅଞ୍ଚଳରେ ଥିବା ବିଭିନ୍ନ ପ୍ରମୁଖ ଡ୍ରେନଗୁଡିକର କାମ ପାଇଁ ରାଜ୍ୟ ସରକାର ୫୦ କୋଟି ଟଙ୍କା ଅନୁଦାନ ଦେଇଛନ୍ତି। ଖାସ୍ କରି ଇସ୍କନ ମନ୍ଦିର ନିକଟରେ ଅତ୍ୟାଧୁନିକ ଡ୍ରେନେଜ୍ ବ୍ୟବସ୍ଥା କରିବା ପାଇଁ ୩୦ କୋଟି ଟଙ୍କା ଖର୍ଚ୍ଚ ହେବ ବୋଲି ସେ ଅବଗତ କରାଇଛନ୍ତି। ଡ୍ରେନଗୁଡିକରୁ ପଙ୍କୋଦ୍ଧାର କାର୍ଯ୍ୟ ଜାରି ରହିଛି ଏବଂ ଏହାକୁ ଆହୁରି ତ୍ୱରାନ୍ୱିତ କରାଯିବ। ପରିମଳ ବ୍ୟବସ୍ଥାରେ ସୁଧାର ଆଣିବା ପାଇଁ ଦୁଇଟି ଘରୋଇ ସଂସ୍ଥା ସହିତ ଚୁକ୍ତିନାମା ସ୍ୱାକ୍ଷରିତ ହୋଇଛି। ସେମାନେ ବର୍ଜ୍ୟରୁ ବାୟୋ ଗ୍ୟାସ୍ ଉତ୍ପାଦନ କରିବେ। ଏହି କାର୍ଯ୍ୟ ମଧ୍ୟ ଆରମ୍ଭ ହୋଇଯାଇଥିବା ସେ ପ୍ରକାଶ କରିଛନ୍ତି। ୨୦୨୫-୨୬ ଆର୍ଥିକ ବର୍ଷରେ ଟାକ୍ସ ଆଦାୟ ଅତୀତର ସମସ୍ତ ରେକର୍ଡକୁ ଭାଙ୍ଗି, ୧୧୭ କୋଟି ଟଙ୍କାରେ ପହଞ୍ଚିଛି ବୋଲି ଶ୍ରୀ ରାଣା ଅବଗତ କରାଇଥିଲେ। ପରେ ପୂର୍ବ




ବୈଠକରେ ଆଲୋଚନା ହୋଇଥିବା ବିଭିନ୍ନ କାର୍ଯ୍ୟର ଅଗ୍ରଗତି ଓ ପଦକ୍ଷେପ ସଂପର୍କରେ ଅବଗତ କରାଯିବା ସହ ପ୍ରଶ୍ନୋତ୍ତର କାର୍ଯ୍ୟ ଚାଲିଥିଲା। ଶେଷରେ କର୍ପୋରେଟର, ବିଏମ୍‌ସିର ବିଭିନ୍ନ ଉପବିଭାଗ ପକ୍ଷରୁ ଆସିଥିବା ପ୍ରସ୍ତାବ ଉପରେ ଆଲୋଚନା ହୋଇଥିଲା। ଏହି ଅବସରରେ ମେୟର ଶ୍ରୀମତୀ ଦାସ ମହାପ୍ରଭୁ ଲିଙ୍ଗରାଜଙ୍କ ଚାପ ପୁଷ୍କରିଣୀ ବିନ୍ଦୁ ସାଗରର ପଙ୍କୋଦ୍ଧାର କାର୍ଯ୍ୟ କରିବା ପାଇଁ ଏକ ପ୍ରସ୍ତାବ ଆଗତ କରିଥିଲେ। ସମସ୍ତ କର୍ପୋରେଟର ଏହି ପ୍ରସ୍ତାବକୁ ସମର୍ଥନ ଜଣାଇଥିଲେ। ତେବେ ଅକ୍ଷୟତୃତୀୟଠାରୁ ମହାପ୍ରଭୁଙ୍କର ଚାପ ରହିଥିବାରୁ ତା' ପରେ ପୁରା ପୁଷ୍କରିଣୀରୁ ଜଳ ନିଷ୍କାସନ କରାଯିବା ସହ ସେଥିରୁ ପଙ୍କୋଦ୍ଧାର କରାଯିବ ବୋଲି ନିଷ୍ପତ୍ତି ହୋଇଛି। କେବଳ ସେତିକି ନୁହେଁ, ସହରରେ ଥିବା ବିଭିନ୍ନ ଜଳାଶୟର ମଧ୍ୟ ପୁନଃଉଦ୍ଧାର କରାଯିବା ପାଇଁ ବୈଠକରେ ଆଲୋଚନା ହୋଇଥିଲା। ବିଭିନ୍ନ ୱାର୍ଡରେ ଥିବା କମ୍ୟୁନିଟି ସେଣ୍ଟର୍‌ଗୁଡ଼ିକ ବରିଷ୍ଠ ନାଗରିକଙ୍କ ପାଇଁ ଖୋଲା ରହିବ। ତେବେ ଯେଉଁଦିନ ବୁକିଂ ନଥିବ, ସେହିଦିନ ସମ୍ପୃକ୍ତ ୱାର୍ଡର ବରିଷ୍ଠ ନାଗରିକମାନେ ତାହାକୁ ବ୍ୟବହାର କରିପାରିବେ ବୋଲି ମେୟର୍ ଏକ ପ୍ରସ୍ତାବ ଆଗତ କରିଥିଲେ।

ନିତିଦିନ NITIDIN

## ମେଳଣରୁ ବାଇକ୍ ଚୋରି

**ବଳଙ୍ଗା,୧୮।୪/ଏନ୍ଏନ୍ଏସ୍:** ବଳଙ୍ଗା ଥାନା ଅନ୍ତର୍ଗତ ତରୋବଈ ମେଳଣରେ ପଲସର ୧୨୫ ଗାଡ଼ି ଚୋରି ହୋଇଥିବା ନେଇ ଥାନାରେ ଅଭିଯୋଗ ହୋଇଛି। ସୂଚନା ମୁତାବକ ରେସିଙ୍ଗା ଗ୍ରାମର ଜଗନ୍ନାଥ ଖୁଣ୍ଟିଆ କରିଥିବା ଅଭିଯୋଗ ଅନୁଯାୟୀ ଗତ ୧୫ ତାରିଖରେ ତରୋବଈ ଗ୍ରାମରେ ମେଳଣଯାତ୍ରା ଉପଲକ୍ଷେ ଯାତ୍ରା ଦେଖିବାକୁ ପଲ୍‌ସର୍ ୧୨୫ ଓଡି ୩୩ ଏଇ ୬୬୩୧ ବାଇକ୍‌ଟିକୁ ନେଇ ମେଳଣ ପଡ଼ିଆରେ ରଖିଦେଇ ଯାତ୍ରା ଦେଖିବାକୁ ଯାଇଥିଲେ। ଅଧ ରାତିରେ ଘରକୁ ଆସିବା ପାଇଁ ଆସି ଦେଖିଲାବେଳକୁ ରଖିଥିବା ସ୍ଥାନରେ ଗାଡ଼ି ନାହିଁ। ଆଖପାଖ ଅଞ୍ଚଳରେ ଖୋଜାଖୋଜି କରିବା ପରେ ଗାଡ଼ିର କୌଣସି ଟେର ପାଇନଥିଲେ। ବଳଙ୍ଗା ପୋଲିସ ଅଭିଯୋଗ ପାଇବା ପରେ ଏକ ମାମଲା ରୁଜୁକରି ଘଟଣାର ପହଞ୍ଚି ତଦନ୍ତ ଚଳାଇଛି।



# ଖୋର୍ଦ୍ଧା ବିଧାୟକଙ୍କ ବିରୋଧରେ ସାଇବର ଥାନାରେ ଅଭିଯୋଗ

**ଖୋର୍ଦ୍ଧା,୧୮।୪/ଏନ୍ଏନ୍ଏସ୍:** ନଗର କଂଗ୍ରେସ କମିଟି ପକ୍ଷରୁ ଖୋର୍ଦ୍ଧା ସାଇବର ଥାନାରେ ଖୋର୍ଦ୍ଧା ବିଧାୟକ ପ୍ରଶାନ୍ତ କୁମାର ଜଗଦେବ ବିରୋଧରେ ଲିଖିତ ଭାବରେ ଅଭିଯୋଗ କରାଯାଇଛି। ନିକଟରେ ଶ୍ରୀ ଜଗଦେବ କେତେକ ବୈଦ୍ୟୁତିକ ଗଣମାଧ୍ୟମରେ କଂଗ୍ରେସ ନେତ୍ରୀ ତଥା ପ୍ରଦେଶ କଂଗ୍ରେସ କମିଟିର ପ୍ରବକ୍ତା ସୋନାଲି ସାହୁଙ୍କ ଚରିତ୍ରକୁ ନେଇ ଅଶାଳୀନ ମନ୍ତବ୍ୟ ଦେଇ ଥିବାରୁ ଏହାର ପ୍ରତିବାଦରେ ଖୋର୍ଦ୍ଧା ନଗର କଂଗ୍ରେସ କମିଟି ପକ୍ଷରୁ ନଗର କଂଗ୍ରେସ କମିଟି ସଭାପତି ରଣଜିତ ମାହାପାତ୍ରଙ୍କ ନେତୃତ୍ୱରେ ଏକ ପ୍ରତିନିଧି ମଣ୍ଡଳୀ ଖୋର୍ଦ୍ଧା ସାଇବର ଥାନାରେ ଲିଖିତ ଭାବରେ ବିଧାୟକ ଶ୍ରୀ ଜଗଦ୍ଦେବଙ୍କ ବିରୋଧରେ ଅଭିଯୋଗ କରାଯାଇଛି। ବିଧାୟକ ପ୍ରଶାନ୍ତ ଜଗଦ୍ଦେବ ଖୋର୍ଦ୍ଧା ପରି ଭାଇଚାରା ସହରରେ ଅଶାନ୍ତି ସୃଷ୍ଟି କରୁଛନ୍ତି। ଜାଣିଶୁଣି ଖୋର୍ଦ୍ଧାରେ ମୁସଲମାନ ଓ ହିନ୍ଦୁଙ୍କ ଭିତରେ ଦଙ୍ଗା କରାଇବାକୁ ଚେଷ୍ଟା କରୁଛନ୍ତି ବିଧାୟକ। ସେ ଭୁଲ ସ୍ୱୀକାର ନକଲେ ଆଗାମୀ ଦିନରେ ଆନ୍ଦୋଳନାତ୍ମକ ପନ୍ଥା ଆପଣେଇବାକୁ କଂଗ୍ରେସ ବାଧ୍ୟ ହେବ ବୋଲି କଂଗ୍ରେସ ପକ୍ଷରୁ ଚେତାବନୀ ଦିଆଯାଇଛି।

# କୋଣାର୍କରେ ମନ୍ଦିର ନିର୍ମାଣ ପାଇଁ ଶିରିଡ଼ି ସାଇ ସଂସ୍ଥାନ ଟ୍ରଷ୍ଟର ବୈଠକ



**କୋଣାର୍କ,୧୮।୪/ଏନ୍ଏନ୍ଏସ୍:** ଗୁରୁବାର ଶ୍ରୀ ଶିରିଡ଼ି ସାଇ ସଂସ୍ଥାନ ଟ୍ରଷ୍ଟର ବରିଷ୍ଠ ଉପଦେଷ୍ଟା ବ୍ରଜବନ୍ଧୁ ନାୟକଙ୍କ ଆବାହକତ୍ୱରେ ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ମୁଦୁଲିଙ୍କ ନେତୃତ୍ୱରେ କୋଣାର୍କ ରାମମନ୍ଦିର ପରିସରରେ ଏକ ପ୍ରସ୍ତୁତି ବୈଠକ ସମସ୍ତ ସଦସ୍ୟ ଓ ବରିଷ୍ଠ ସାମ୍ବାଦିକ ସଞ୍ଜୟ ପତି, ଅବନୀ ଭୂଷଣ ବାରିକ, ବୀରବର ସ୍ୱାଇଁ ପ୍ରମୁଖଙ୍କ ଉପସ୍ଥିତିରେ ଅନୁଷ୍ଠିତ ହୋଇଯାଇଛି। କୋଣାର୍କ ମାଧିପୁର ଛକ ନିକଟରେ କୋର୍ଟ ସମ୍ମୁଖ ରେ ଥିବାଶିରିଡ଼ି ସାଇ ସଂସ୍ଥାନ ଟ୍ରଷ୍ଟର ସ୍ଥାୟୀ ଜମିରେ ଖୁବ୍‌ଶୀଘ୍ର ଏକ ନୂତନ ଭବ୍ୟ ମନ୍ଦିର ନିର୍ମାଣ ପାଇଁ ସର୍ବସମ୍ମତି ନିଷ୍ପତ୍ତି ନିଆଯାଇ ଏହାର ରୂପରେଖ ବିଷୟରେ ବିସ୍ତୃତ ଆଲୋଚନା କରାଯାଇଥିଲା। ଶ୍ରଦ୍ଧାଳୁଙ୍କ ଆବଶ୍ୟକତାକୁ ନଜରରେ ରଖି ସମସ୍ତ ଆଧୁନିକ ବ୍ୟବସ୍ଥା ଏହି ମନ୍ଦିରେ କରାଯିବା ପାଇଁ ସର୍ବସମ୍ମତି ନିଷ୍ପତ୍ତି ନିଆଯାଇଥିଲା। ପରବର୍ତ୍ତୀ ଆଲୋଚନା ପାଇଁ ବରିଷ୍ଠ ସଭ୍ୟ ଓ ଉପଦେଷ୍ଟା ମଣ୍ଡଳୀମାନଙ୍କୁ ନେଇ ଲାବଣ୍ୟଛକ ସ୍ଥିତ ଶିରିଡ଼ି ସାଇ ବାବାଙ୍କ ମନ୍ଦିର ପ୍ରାଙ୍ଗଣରେ ଆଉ ଏକ ବୈଠକ ଅନୁଷ୍ଠିତ ହେବା ପାଇଁ ସ୍ଥିର କରାଯାଇଥିଲା। କାର୍ଯ୍ୟକ୍ରମକୁ ସଞ୍ଜୟ ବେହେରା, କୁନିଲତା ନାୟକ, ରାଲି ଜେନା, ସଞ୍ଜୟ ବିଶ୍ୱାଳ, ସୁଶାନ୍ତ ସ୍ୱାଇଁ, ବିପିନୀ ବିହାରୀ ମହାନ୍ତି ପ୍ରମୁଖ ପରିଚାଳନା କରିଥିଲେ।

# ଗାୟକ ବାଗ୍‌ଭୂଷଣ ଗୌରୀଶଙ୍କରଙ୍କ ପରଲୋକ



**ଚିଲିକା,୧୮।୪/ଏନ୍ଏନ୍ଏସ୍:** ଗାୟକ ବାଗ୍ ଭୂଷଣ ଗୌରୀ ଶଙ୍କର ରଥ ଆଉ ନାହାନ୍ତି।ନିଜ ଜନ୍ମସ୍ଥାନ ଖୋର୍ଦ୍ଧା ଜିଲ୍ଲା ଚିଲିକା ବ୍ଲକ ଅନ୍ତର୍ଗତ ବଉଳାବନ୍ଧ ଗ୍ରାମସ୍ଥ ନିଜ ବାସ ଭବନଠାରେ ତାଙ୍କର ବିୟୋଗ ହୋଇଯାଇଛି। ମୃତ୍ୟୁ ସମୟକୁ ତାଙ୍କୁ ୮୨ ବର୍ଷ ବୟସ ହୋଇଥିଲା। ସେ ବାର୍ଦ୍ଧକ ଜନିତ ରୋଗରେ ପୀଡିତ ଥିଲେ। ସେ ଏକ ଜମିଦାର ପରିବାରରେ ଜନ୍ମଗ୍ରହଣ କରିଥିଲେ ହେଁ ପାଲାକୁ ଆଦରି ନେଇ ଥିଲେ। ସେ ଗାୟକ ରତ୍ନ ଲୋକନାଥ କରଙ୍କ ଶିଷ୍ୟ ଥିଲେ। ସେ ଜଣେ ଧୁରୀଣ ପାଲା ଗାୟକ ଥିଲେ। ଓଡ଼ିଶାର ବହୁ ଅନୁଷ୍ଠାନରେ ପାଲା ପରିବେଷଣ କରି ସମସ୍ତଙ୍କର ଆଦର ପାତ୍ର ହୋଇଥିଲେ। ତାଙ୍କ ବାକ୍ୟ ଅତ୍ୟନ୍ତ ତ୍ରୀବ ଓ ରସାଣ ଥିଲା। ତାଙ୍କର ଭାବ ଗର୍ଭକ ଆଲୋଚ଼ନା ସହ ଆବଶ୍ୟକୀୟ ଅଭିନୟ ସମସ୍ତ ଦର୍ଶକଙ୍କୁ ବାନ୍ଧି ରଖିବାରେ ସାହାର୍ଯ୍ୟ କରିଥିଲା। ସେ ଦୀଘ୍ର ବର୍ଷ ଧରି ବାଣପୁର ଭଗବତୀ ମଣ୍ଡଳ ପାଲା ଗାୟକ ପରିଷଦର ସଭାପତି ଥିଲେ। ଆଜି ପର୍ଯ୍ୟନ୍ତ ସେ ବଉଳାବନ୍ଧ ରଥଯାତ୍ରାର ଛେରାପହଁରା କରି ଆସୁଥିଲେ। ତାଙ୍କ ବିୟୋଗରେ ଏ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି । ତାଙ୍କ ପାର୍ଥିବ ଶରୀରକୁ ଏକ ଶୋଭାଯାତ୍ରାରେ ନିଆଯାଇ ଗ୍ରାମ୍ୟ ଶ୍ମଶାନ ଠାରେ ଶବ ସତ୍କାର କରାଯାଇଥିଲା। ତାଙ୍କ ବିୟୋଗରେ ଚିଲିକାର ପୂର୍ବତନ ବିଧାୟକ ଡାକ୍ତର ବିଭୂତି ଭୂଷଣ ହରିଚନ୍ଦନ, ଚିଲିକା ବ୍ଲକର ପୂର୍ବତନ ଅଧ୍ୟକ୍ଷ ତଥା ଶ୍ରୀନୀଳାଚଳ ନିଖିଳ ଉତ୍କଳ ପାଲାଗାୟକ ପରିଷଦ ରାଜ୍ୟ ଉପଦେଷ୍ଟା ଲଳିତ ମୋହନ ପଟ୍ଟନାୟକ, ଅଖଣ୍ଡ ପୁରୀ ଜିଲ୍ଲା ପାଲାଗାୟକ ପରିଷଦର ସ୍ଥାୟୀ ସଭାପତି ତଥା ଗାୟକ ଦକ୍ଷିଣ କେଶରୀ ରାମଚନ୍ଦ୍ର କର, ନୀଳକଣ୍ଠ ହାଇସ୍କୁଲର ପ୍ରତିଷ୍ଠାତା ଡାକ୍ତର ମଧୁସୂଦନ ସେନାପତି ଓ ଚିଲିକା ପୂଜ୍ୟପୂଜା ସଂସଦର ସଭାପତି ଦିଲ୍ଲୀପ କୁମାର ଶତପଥୀ ପ୍ରମୁଖ ଗଭୀର ଶୋକପ୍ରକାଶ କରିଛନ୍ତି।

# ଦୁଇ ବାଲି ବୋଝେଇ ଟ୍ରାକ୍ଟର ଜବତ

**ଟାଙ୍ଗୀ,୧୮।୪/ଏନ୍ଏନ୍ଏସ୍:** ଟାଙ୍ଗୀ ଥାନା ଜରିପଡା ପଞ୍ଚାୟତ ବାଲିଘାଟରୁ ବେଆଇନ ବାଲି ଚୋରା ଚାଲାଣ ହେଉଥିବା ବେଳେ ଖବର ପାଇ ଟାଙ୍ଗୀ ପୁଲିସ ଚାଡଉ କରି ଦୁଇ ବାଲି ବୋଝେଇ ଟ୍ରାକ୍ଟରକୁ ଜବତ କରିଛି। ପୁଲିସ ସୂଚନା ଅନୁଯାୟୀ ଶୁକ୍ରବାର ବିଳମ୍ବିତ ରାତି ଜରିପଡା ଘାଟରୁ ବେଆଇନ ବାଲି ଚୋରାଚାଲାଣ ହେଉଥିବା ଥାନା ଅଧିକାରୀ ଡ଼ ବିକାଶ କୁମାର ସେଠୀ ଖବର ପାଇ ତୁରନ୍ତ ବାଲି ଘାଟରେ ଚମଡ଼ କରିଥିଲେ। ଏହି ସମୟରେ ଅନ୍ୟ ଟ୍ରାକ୍ଟର ଖସି ଯାଇଥିବା ବେଳେ ଦୁଇଟି ଟ୍ରାକ୍ଟର ଜବତ କରି ଥାନାକୁ ଆଣିବା ସହ ଦୁଇ ଡ୍ରାଇଭରଙ୍କୁ ନୋଟିସ ଦେଇ ଛଡାଯାଇଥିବା ଥାନା ଅଧିକାରୀ ଡ. ବିକାଶ କୁମାର ସେଠୀ ପ୍ରକାଶ କରିଛନ୍ତି। ଅନ୍ୟପଟେ ଖଣି ବିଭାଗ କାର୍ଯ୍ୟାଳୟଠାରୁ ମାତ୍ର କିଛି କିଲୋମିଟର ଦୂର ବିରୂପା ନଦୀରୁ ଶହ ଶହ ବାଲି ଟ୍ରିପ୍ ଚୋରାଚାଲାଣ ହେଉଥିବାବେଳେ ଖଣିବିଭାଗ ଅଧିକାରୀମାନେ ମାସିକିଆ ଚାନ୍ଦା ନେଇ ବାଲି ଚୋରାଚାଲାଣ କରିବାକୁ ପ୍ରଶ୍ରୟ ଦେଉଥିବା ଏବଂ ଏହାଦ୍ୱାରା ସରକାରଙ୍କ କୋଟି କୋଟି ଟଙ୍କାର ରାଜସ୍ୱହାନୀ ହେଉଥିବା ଅଭିଯୋଗରୁ ଜଣାପଡ଼ିଛି।

# ନାରୀ ଶକ୍ତି ବନ୍ଦନ ପାଇଁ ସାମୂହିକ ଦୌଡ଼



**ପୁରୀ,୧୮।୪/ଏନ୍ଏନ୍ଏସ୍:** ପ୍ରତ୍ୟେକ ନାରୀ ମଧ୍ୟରେ ଅଫୁରନ୍ତ ପ୍ରତିଭା ରହିଛି। ସେ ଶକ୍ତିମୟୀ, କଲ୍ୟାଣମୟୀ। ସଶକ୍ତ ନାରୀ ସଶକ୍ତ ଭାରତ ବୋଲି କହିଛନ୍ତି ପୁରୀ ମ୍ୟୁନିସିପାଲ କର୍ପୋରେସନ୍‌ର କମିଶନର ଅରୁଗୁଲା ସ୍ନେହା। ନାରୀମାନଙ୍କୁ ଉପଯୁକ୍ତ ସମ୍ମାନ ପ୍ରଦାନ ଲକ୍ଷ୍ୟରେ ଆଜି ପୂର୍ବାହ୍ନରେ ଏକ ଦୌଡ଼ ଜିଲ୍ଲା ପ୍ରଶାସନ କ୍ରୀଡ଼ା କାର୍ଯ୍ୟାଳୟ ପକ୍ଷରୁ ଅନୁଷ୍ଠିତ ହୋଇଥିଲା। ଏହି ଦୌଡ଼ ତାଳବଣିଆ ସ୍ପୋର୍ଟ୍ସ କମ୍ପ୍ଲେକ୍ସ ଠାରୁ ଆରମ୍ଭ ହୋଇ ଶ୍ରୀଜଗନ୍ନାଥ କ୍ରିକେଟ ଷ୍ଟାଡିୟମ ଠାରେ ପହଞ୍ଚି ଥିଲା। ଏହି ଦୌଡ ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ କମିଶନର ସୁଶ୍ରୀ ସ୍ନେହା ପୁରୁଷ ମାନଙ୍କ ସମକକ୍ଷ ହୋଇ ନାରୀ ସବୁ କରିପାରେ। ଏପରିକି ପୁରୁଷଙ୍କ ଠାରୁ ଅଧିକ ମଧ୍ୟ କରିପାରେ ବୋଲି କହିଥିଲେ। ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ଶରତ ଚନ୍ଦ୍ର ବେହେରା ବିଭିନ୍ନ ପରାମର୍ଶ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଚଳିତ ସିବିଏସଇ ଦଶମ ପରୀକ୍ଷାରେ ପ୍ରଥମ ହୋଇଥିବା ପୁରୀ ଜିଲ୍ଲାର ଟିନା ରଥଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଜିଲ୍ଲା କ୍ରୀଡ଼ାଅଧିକାରୀ ଚନ୍ଦନ କୁମାର ସାହୁ ଏଥିରେ ଅଧ୍ୟକ୍ଷତା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସୂଚନା ଓ ଲୋକସମ୍ପର୍କ ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ, ଖୋ ଖୋ ଖେଳର ମୁଖ୍ୟ ଜାତୀୟ କୋଚ ସଞ୍ଜୀବ କୁମାର ଶର୍ମା, ସର୍ବଭାରତୀୟ ଖୋଖୋ ସଂଘର ଉପ ସଭାପତି ପ୍ରଦ୍ୟୁମ୍ନ ମିଶ୍ର, ଓଡ଼ିଶା ଅଲମ୍ପିକ ସଂଘର କୋଷାଧ୍ୟକ୍ଷ ରବି ଶଙ୍କର ପ୍ରତିହାରୀ, ଖୋ ଖୋ କୋଚ ଚୌଧୁରୀ ପାର୍ଥସାରଥୀ ମହାପାତ୍ର ଓ ଟିନା ରଥଙ୍କ ପିତାମାତା ପ୍ରମୁଖ ନାରୀମାନଙ୍କ ଶକ୍ତି, ପ୍ରତିଭା ସମ୍ପର୍କରେ ଆଲୋକପାତ କରିଥିଲେ।

# ବେଆଇନ୍ ଖଣି ଉପରେ ଚଢ଼ଉ, ୨ ପଥର ବୋଝେଇ ଟ୍ରକ୍ ଜବତ

**ଖୋର୍ଦ୍ଧା,୧୮।୪/ଏନ୍ଏନ୍ଏସ୍:** ବେଆଇନ ପଥର ଖଣି ଗୁଡିକରେ ଚଢ଼ାଉ କରି ଜିଲ୍ଲା ପ୍ରଶାସନ ପକ୍ଷରୁ ଖୋର୍ଦ୍ଧା ଜିଲ୍ଲା ଜଙ୍କିଆ ଥାନା ଅନ୍ତର୍ଗତ ଭୋଗପୁର (ହାଡ଼ପଦା) ଏବଂ ମୋଟା, ଜଙ୍କିଆ ଠାରେ ୨ଟି ପଥର ବୋଝେଇ ଟ୍ରକ ଜବତ କରାଯାଇଛି। ବେଆଇନ ପଥର ପରିବହନ ସମ୍ପର୍କରେ ସୂଚନା ପାଇ, ଖୋର୍ଦ୍ଧାର ଅତିରିକ୍ତ ତହସିଲଦାର ଡି. ଗୋପାଳ ରେଡ୍ଡିଙ୍କ ନେତୃତ୍ୱରେ ଖୋର୍ଦ୍ଧା ତହସିଲ ସ୍କ୍ୱାଡ୍ ଚଢାଉ କରି ଗୋଟିଏ ଟାଟା-୯୧୨ ଟ୍ରକ ଏବଂ ଗୋଟିଏ ଟାଟା, ହାଇଭା ଟ୍ରକ ଜବତ କରିଛନ୍ତି। ଯାହା ବୈଧ କାଗଜପତ୍ର ବିନା ବେଆଇନ ଭାବରେ ପଥର ପରିବହନରେ ନିୟୋଜିତ ଥିଲା। ଟ୍ରକଗୁଡ଼ିକ ଯାଞ୍ଚ କରିବା ସମୟରେ ଲକ୍ଷ, ଲକ୍ଷଟଙ୍କା ମୂଲ୍ୟର ପଥର ଅନ୍ୟତ୍ର ଚୋରା ଚାଲାଣ ହେଉଥିବା ଜଣା ପଡିଥିଲା। ପଥର ଖଣି ଗୁଡିକରୁ ବେଆଇନ ଭାବରେ ପଥର ଖନନ କରାଯାଉଥିବାରୁ ଗୁରୁତର ପ୍ରଦୂଷଣ ସମସ୍ୟା ସୃଷ୍ଟି ହେଉଛି, ଯାହାକୁ ନେଇ ସ୍ଥାନୀୟ ବାସିନ୍ଦା ଅସୁବିଧାର ସମ୍ମୁଖୀନ ହେଉଛନ୍ତି ଏବଂ ସେମାନେ ପଥର ମାଫିଆଙ୍କ ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଜିଲ୍ଲା ପ୍ରଶାସନ ନିକଟରେ ଦାବି କରିଆସୁଛନ୍ତି। ଏହା କୁ ଦୃଷ୍ଟି ରେ ରଖି ଖୋର୍ଦ୍ଧା ତହସିଲ ପ୍ରଶାସନ ପକ୍ଷରୁ ବେଆଇନ ଖଣି ଗୁଡିକ ଉପରେ ଚଢ଼ାଉ ଜାରି ରହିଛି। ଜବତ ଗାଡ଼ିଗୁଡିକ ଖୋର୍ଦ୍ଧା ଖଣି ଅଧିକାରୀ ଙ୍କୁ ହସ୍ତାନ୍ତର କରାଯାଇଛି। ଅବୈଧ ଖଣି କାର୍ଯ୍ୟକଳାପରେ ସମ୍ପୃକ୍ତ ବ୍ୟକ୍ତିଙ୍କୁ ଚିହ୍ନଟ କରିବା ପାଇଁ କର୍ତ୍ତୃପକ୍ଷ ଏବେ ଘଟଣାର ତଦନ୍ତ କରୁଛନ୍ତି।

# ପୁରୀ ଜିଲ୍ଲା ସିଏମ୍ ଟ୍ରଫି ଉଦ୍‌ଘାଟିତ




**ପୁରୀ,୧୮।୪/ଏନ୍ଏନ୍ଏସ୍:** ଦୁଇ ଦିନ ବ୍ୟାପୀ ଆୟୋଜିତ ହେବାକୁ ଯାଉଥିବା ସିଏମ ଟ୍ରଫି ପୁରୀ ଜିଲ୍ଲା ସ୍ପୋର୍ଟସ କମ୍ପ୍ଲେକ୍ସ, ତାଳବଣିଆ ଠାରେ ଉଦ୍‌ଘାଟିତ ହୋଇସାରିଛି। ଏହି ଉଦ୍ଘାଟନ ସମାରୋହରେ ଓଡ଼ିଶା ଅଲମ୍ପିକ୍ସ ସଂଘ୍ କୋଷାଧ୍ୟକ୍ଷ ରବିଶଙ୍କର ପତିହରୀଙ୍କ ପୌରୋହିତ୍ୟରେ ମୁଖ୍ୟ ଅତିଥି ଅତିରିକ୍ତ ଜିଲ୍ଲାପାଳ ପ୍ରୋଟୋକଲ ନୀଳମାଧବ ଭୋଇ, ମୁଖ୍ୟ ବକ୍ତା ପୁରୀ ମହାନଗର ନିଗମର ନିର୍ବାହୀ ଅଧିକାରୀ ଅଭିମନ୍ୟ ବେହେରା, ସମ୍ମାନିତ ଅତିଥି ଭାବେ ଭାରତୀୟ ଖୋ ଖୋ ମହାସଂଘ୍ ତଥା ଓଡ଼ିଶା ଖୋ ଖୋ ସଙ୍ଘ ସମ୍ପାଦକ ପ୍ରଦ୍ୟୁମ୍ନ ମିଶ୍ର, ପୁରୀ ଜିଲ୍ଲା କ୍ରୀଡ଼ା ସଂସଦ ଉପ ସଭାପତି ରାମଚନ୍ଦ୍ର ଦାସମହାପାତ୍ର ପ୍ରମୁଖ ଯୋଗଦେଇ ସରକାରଙ୍କ ଲୋକାଭିମୁଖୀ ତଥା ତୃଣ ମୂଳ ସ୍ତରରେ କୋମଳମତି କ୍ରୀଡ଼ାବିତ୍ ମାନଙ୍କ ପ୍ରତିଭାର ବିକାଶ ପାଇଁ ଏହା ଏକ ସୁନ୍ଦର ପଦକ୍ଷେପ ବୋଲି କହିଥିଲେ। ପରେ ଇ. ବି. ଦାସଙ୍କ ଦ୍ୱାରା ମ୍ୟାଜିକ ସୋ ବିମୁଗ୍ଧ କରିଥିଲା ସମସ୍ତ କ୍ରୀଡ଼ାବିତ୍ ମାନଙ୍କୁ। ଶେଷରେ ଜିଲ୍ଲା କ୍ରୀଡ଼ା ଅଧିକାରୀ ଚନ୍ଦନ କୁମାର ସାହୁ ଧନ୍ୟବାଦ ଦେଇଥିଲେ। ଏହି ପ୍ରତିଯୋଗିତାରେ ଖୋ ଖୋ ରେ ୬ ଟି ବାଳିକା ଦଳ ଅଂଶଗ୍ରହଣ କରିଥିଲେ। ଖୋ ଖୋ ରେ ଡେଲାଙ୍ଗ ବ୍ଲକ୍ କେ. ପି. ପି ଚାମ୍ପିଅନ୍ସ ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ ଅମାଳଙ୍ଗ ଉପ୍ରା ବିଦ୍ୟାଳୟ ଦ୍ୱିତୀୟ ସ୍ଥାନ ଅଧିକାର କରିଛି। ସେହିପରି ଚନ୍ଦେଶ୍ୱରି ଉପ୍ରା ବିଦ୍ୟାଳୟ ତୃତୀୟ ସ୍ଥାନ ଅଧିକାର କରିଥିଲେ। ଆଗାମୀ ଦିନରେ ରାଜ୍ୟସ୍ତରୀୟ ଜୋନ୍ ପାଇଁ ଚୂଡ଼ାନ୍ତ ବାଳିକା ଦଳ ଚୟନ କରାଯାଇ ସମ୍ପାଦକ ମହୋଦୟଙ୍କୁ ହସ୍ତାନ୍ତର କରାଯିବ। ପ୍ରତ୍ୟୁଷରୁ ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ଶରତ ଚନ୍ଦ୍ର ବେହେରା ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ।

# ସୋସିଆଲ୍ ମିଡିଆ ଇନ୍‌ଫ୍ଲୁଏନ୍ସର୍‌ଙ୍କ ରଘୁରାଜପୁର ଓ ସୂର୍ଯ୍ୟମନ୍ଦିର ପରିଦର୍ଶନ



**ପୁରୀ,କୋଣାର୍କ,୧୮।୪/ଏନ୍ଏନ୍ଏସ୍:** ୧୦ଟି ରାଷ୍ଟ୍ରର ୨୨ଜଣ ସୋସିଆଲ ମିଡିଆ ଇନଫ୍ଲୁଏନ୍‌ସର୍ ଓ ସୋସିଆଲ ମିଡିଆ କଣ୍ଟେଣ୍ଟ କ୍ରିଏଟର୍ ଲୋକକଳା ଗ୍ରାମ ରଘୁରାଜପୁର ଏବଂ କୋଣାର୍କ ସୂର୍ଯ୍ୟମନ୍ଦିର ପରିଦର୍ଶନ କରିଥିଲେ। ସୂଚନା ଓ ଲୋକସମ୍ପର୍କ ବିଭାଗ ସହାୟତାରେ ସେମାନେ ଭୁବନେଶ୍ୱରରୁ ଆସି ପ୍ରଥମେ ରଘୁରାଜପୁରରେ ପହଞ୍ଚିବା ପରେ ସୂଚନା ଓ ଲୋକସମ୍ପର୍କ ଉପନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ ଓ ହସ୍ତତନ୍ତ ବିଭାଗର ସହକାରୀ ନିର୍ଦ୍ଦେଶକ ସୁକାନ୍ତ କୁମାର ପଣ୍ଡା ତାଙ୍କୁ ସ୍ୱାଗତ କରିଥିଲେ। ପରେ ସେମାନେ କଳାଗ୍ରାମ ରଘୁରାଜପୁରର ପଟ୍ଟଚିତ୍ରକୁ ଘରକୁ ଘର ବୁଲି ଦେଖିଥିଲେ। ଅପରାହ୍ନରେ କୋଣାର୍କରେ ପହଞ୍ଚିଥିଲେ। ଗାଇଡ୍ ଅନିମେଶ ମଲ୍ଲିକଙ୍କ ତତ୍ତ୍ୱାବଧାନରେ ଏହି ବିଦେଶୀ ଇନ୍‌ଫ୍ଲୁଏନ୍‌ସର୍‌ମାନେ ମନ୍ଦିର ଦେଖିବା ସହ ବିବିଧ ତଥ୍ୟ ପଚାରି ବୁଝିଥିଲେ ଓ ଫଟୋ ଉଠାଇଥିଲେ। ମନ୍ଦିରର ଐତିହ୍ୟ, ଇତିହାସ ସମ୍ପର୍କରେ ଜାଣିବା ସହ ମନ୍ଦିର ଦେଖି ଓ ମନ୍ଦିର ସମ୍ପର୍କରେ ଅବଗତ ହୋଇ ସେମାନେ ଖୁସି ବ୍ୟକ୍ତ କରିଥିଲେ। ପରେ ଆଇଓସିଏଲ୍‌ର ପର୍ଯ୍ୟଟନ କେନ୍ଦ୍ର ବୁଲିବା ସହ କୋଣାର୍କ ସମ୍ପର୍କିତ ଡକୁମେଣ୍ଟାରୀ ଫିଲ୍ମ ଦେଖିଥିଲେ। ବୈଦେଶିକ ମନ୍ତ୍ରାଳୟର ମିଡିଆ ଲିଆସନ୍ ଅଫିସର ଚନ୍ଦ୍ରେଶ୍ୱର ସିଂ ଓ ଉଜ୍ଜ୍ୱଳ ଗିରି ଏହି ପରିଦର୍ଶକଙ୍କୁ ଓଡ଼ିଶାର ବିଭିନ୍ନ ସ୍ଥାନ ପରିଭ୍ରମଣରେ ସହାୟତା କରିଥିଲେ। ନୋଡାଲ ଅଫିସର ଭାବେ ସୂଚନା ଅଧିକାରୀ ସୁଶ୍ରୀ ଶାଶ୍ୱତିକା ମହାପାତ୍ର, ଏମ୍ ଅଭିଷେକ, ଆଦିତ୍ୟ ନାରାୟଣ ସାମଲ ଓ ଅନିଶା କର ତାଙ୍କୁ ସହଯୋଗ କରିଥିଲେ।

# ଜମି ମାପଚୁପକୁ ଗ୍ରାମବାସୀଙ୍କ ବିରୋଧ, ଫେରିଲେ ପ୍ରଶାସନ

**ଚୌଦ୍ୱାର,୧୮।୪/ଏନ୍ଏନ୍ଏସ୍:** ଚୌଦ୍ୱାର ଥାନା ଅନ୍ତର୍ଗତ ମହିଷାଲଣ୍ଡା ପଞ୍ଚାୟତ ଅନ୍ତର୍ଗତ ଦୁଧିଆନାଳି ଗ୍ରାମର ଡିପସାହି ନିକଟରେ ଥିବା ସାଢ଼େ ୪ଏକର ଜମିକୁ କଟକର ଜଣେ ବ୍ୟକ୍ତି ମାଲିକାନା ଜାହିର କରି କୋର୍ଟଙ୍କ ନିର୍ଦ୍ଦେଶକ୍ରମେ ଜମିକୁ ମାପଚୁପ କରିବାକୁ ଆସିଥିବା ବେଳେ ଗ୍ରାମବାସୀମାନେ ଏହାକୁ ଘୋର ବିରୋଧ କରିଥିଲେ। ସୂଚନାଥାଉ କି, ଏହି ଜମିକୁ ୨୦୨୨ରେ କଟକ ରାଣୀହାଟ ଅଞ୍ଚଳର ଜଣେ ବ୍ୟକ୍ତି କିଣି ଏହାର କିସମ ଘରବାରି କିସମରେ ପରିଣତ କରାଇଥିଲେ। ପରେ କୋର୍ଟ ୩୦ଦିନ ମଧ୍ୟରେ ଏହି ଜମିକୁ ମାପଚୁପ କରିବା ପାଇଁ ନିର୍ଦ୍ଦେଶ ଦେଇଥିବା ବେଳେ ଆଜି କିଣିଥିବା ବ୍ୟକ୍ତି, ତହସିଲ କର୍ତ୍ତୃପକ୍ଷଙ୍କ ସହ ଚୌଦ୍ୱାର ଥାନା ଭାରପ୍ରାପ୍ତ ଅଧିକାରୀ ରଜନୀକାନ୍ତ ଦାସଙ୍କ ସହ ୩ପ୍ଲାଟୁନ୍ ପୁଲିସ୍ ଫୋର୍ସ ଉକ୍ତ ଜାଗାରେ ପହଞ୍ଚି ମାପଚୁପ ଆରମ୍ଭ କରିବା ସମୟରେ ଏହି ଗ୍ରାମରେ ରହୁଥିବା ଶତାଧିକ ଗ୍ରାମବାସୀ ହାତରେ ଧନୁତୀର ଧରି ଜମି ମାପଚୁପକୁ ବିରୋଧ କରିଥିଲେ। ପ୍ରଶାସନ ପକ୍ଷରୁ ଗ୍ରାମବାସୀଙ୍କୁ ବୁଝାଇବାକୁ ଚେଷ୍ଟା କରାଯାଇଥିଲେ ମଧ୍ୟ ଗ୍ରାମବାସୀମାନେ ନିଜ ଜିଦ୍‌ରେ ଅଟଳ ରହିବା ସହ ବହୁ ବର୍ଷ ପୂର୍ବରୁ ଏହି ଜମିକୁ ଚାଷ କରିବା ପାଇଁ ସରକାର ତାଙ୍କୁ ମଞ୍ଜୁରୀ ଦେଇଥିବା ନେଇ ଏକ ତଥ୍ୟ ପ୍ରକାଶ କରିଥିଲେ। ଫଳରେ ଘଟଣାର ସମାଧାନ ନ ହେବାରୁ ପ୍ରଶାସନ ସେଠାରୁ ଫେରିଆସିବା ସହ କୋର୍ଟର ପରବର୍ତ୍ତୀ ଶୁଣାଣି ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ତହସିଲ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି।

# ଆଜି ଆସିବେ ମୁଖ୍ୟମନ୍ତ୍ରୀ: ସଜେଇ ହୋଇଛି ସୁନ୍ଦରଗ୍ରାମ ହାଇସ୍କୁଲ୍

**କଣ୍ଟାପଡ଼ା,୧୮।୪/ଏନ୍ଏନ୍ଏସ୍:** ଦୀର୍ଘ ୭୫ବର୍ଷରେ ପଦାର୍ପଣ କରିଥିବା ସୁନ୍ଦରଗ୍ରାମ ହାଇସ୍କୁଲର ପ୍ଲାଟିନମ ଜୁବିଲି ମହୋତ୍ସବ ଆଜି ପାଳନ ହେବାକୁ ଯାଉଛି। ଏଥି ପାଇଁ ସମସ୍ତ ପ୍ରସ୍ତୁତି ଶେଷ ହୋଇଥିଲାବେଳେ ବିଦ୍ୟାଳୟ ସଜେଇ ହୋଇ ରହିଛି। ମୁଖ୍ୟମନ୍ତ୍ରୀ ମୋହନଚରଣ ମାଝୀ ଅପରାହ୍ଣ ୫ଟାରେ ଏଠାରେ ପହଞ୍ଚି ବାର୍ଷିକ ଉତ୍ସବରେ ଯୋଗଦେବେ; ଏଥିରେ ସଂସ୍କୃତି ବିଭାଗର ପ୍ରାକ୍ତନ ପ୍ରମୁଖ ଶାସନ ସଚିବ ମନୋରଞ୍ଜନ ପାଣିଗ୍ରାହୀ, ଜଗତସିଂହପୁର ଲୋକସଭା ସାଂସଦ ବିଭୁପ୍ରସାଦ ତରାଇ ଓ ନିଆଳି ବିଧାୟକ ତଥା କଟକ ଜିଲା ଯୋଜନା ବୋର୍ଡ଼ ଅଧ୍ୟକ୍ଷ ଛବି ମଲିକ ଅନ୍ୟତମ ଅତିଥିରୂପେ ଯୋଗଦେବାର କାର୍ଯ୍ୟସୂଚୀ ରହିଛି। ସେହିପରି ସୋମବାର ଉଦଯାପନ ସମାରୋହରେ ରାଜ୍ୟ ମହା ଲେଖାକାର ପୀତାମ୍ବର ଆଚାର୍ଯ୍ୟ, ପ୍ରାକ୍ତନ ଅର୍ଥମନ୍ତ୍ରୀ ପଞ୍ଚାନନ କାନୁନଗୋ, ପ୍ରାକ୍ତନ ମୁଖ୍ୟ ନିର୍ବାଚନ ଅଧିକାରୀ ସଞ୍ଜୀବଚନ୍ଦ୍ର ହୋତା ଓ ଆମ ଓଡ଼ିଶା ଅଧ୍ୟକ୍ଷ ସୌମ୍ୟରଞ୍ଜନ ପଟ୍ଟନାୟକ ଅତିଥିରୂପେ ଯୋଗଦେବେ। ଏହି ଅବସରରେ ବିଦ୍ୟାଳୟ ପୁରାତନ ଛାତ୍ର ସଂସଦଦ୍ୱାରା ପ୍ରସ୍ତୁତ ସ୍ୱତନ୍ତ୍ର ସ୍ମରଣିକା ଉନ୍ମୋଚନ ସହିତ ଦିବସବ୍ୟାପୀ ସାଂସ୍କୃତିକ କାର୍ଯ୍ୟକ୍ରମ ରହିଛିବୋଲି ଆୟୋଜକ କମିଟି ସମ୍ପାଦକ ଇଂ.ଫଣିଭୂଷଣ ମହାନ୍ତି ସୂଚନା ଦେଇଛନ୍ତି।

# ପୁରୀରେ ଜିଲ୍ଲାସ୍ତରୀୟ ନିଯୁକ୍ତି ମେଳା

**ପୁରୀ,୧୮।୪/ଏନ୍ଏନ୍ଏସ୍:** ଜିଲ୍ଲା ଦକ୍ଷତା ବିକାଶ ଓ ନିୟୋଜନ କାର୍ଯ୍ୟାଳୟ ପକ୍ଷରୁ ତାଳବଣିଆ ଆଇଟିଆଇ ପଡିଆ ଠାରେ ମେଗା ବା ବୃହତ ନିଯୁକ୍ତି ମେଳା ଅନୁଷ୍ଠିତ ହୋଇଥିଲା। ଏହାକୁ ଅତିରିକ୍ତ ଜିଲ୍ଲାପାଳ ପ୍ରୋଟୋକଲ ନିଳମାଧବ ଭୋଇ ଉଦଘାଟନ କରିବା ସହ ଏହି ନିଯୁକ୍ତି ମେଳା ମାଧ୍ୟମରେ ବେରୋଜଗାର ଯୁବକ ଯୁବତୀ ଙ୍କୁ ନିଯୁକ୍ତି ସୁଯୋଗ ସହ ସେମାନଙ୍କ ଦକ୍ଷତା ବିକାଶ ପ୍ରଶିକ୍ଷଣ ପାଇଁ ସହାୟକ ହେଉଛି ବୋଲି କହିଥିଲେ। ସରକାରଙ୍କ ଲକ୍ଷ୍ୟ ଯୁବବର୍ଗ ସେମାନଙ୍କ ଯୋଗ୍ୟତା ଅନୁସାରେ ଆତ୍ମ ନିର୍ଭର ହୁଅନ୍ତୁ। ବର୍ତ୍ତମାନ ସମୟରେ ଯୁବବର୍ଗ ଙ୍କ ପାଇଁ ଅନେକ ସୁବିଧା ସୁଯୋଗ ରହିଛି। ସେମାନେ ବିଭିନ୍ନ କ୍ଷେତ୍ରରେ ନିଯୁକ୍ତି ପାଇ ପାରିବେ ବା ନିଜେ ତାଲିମ ନେଇ ଜଣେ ସଫଳ ଉଦ୍ୟୋଗପତି ହୋଇ ଅନ୍ୟ ମାନଙ୍କୁ ନିଯୁକ୍ତି ଦେଇପାରିବେ ବୋଲି ସେ ସୂଚନା ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ପରିଷଦର ଅତିରିକ୍ତ ଉନ୍ନୟନ ଅଧିକାରୀ ରାଜୀବ କୁମାର ବେହେରା, ସୂଚନା ଓ ଲୋକ ସମ୍ପର୍କ ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ, ସରକାରୀ ଶିଳ୍ପ ତାଲିମ କେନ୍ଦ୍ର ପୁରୀର ଅଧ୍ୟକ୍ଷ ପ୍ରମୋଦ କୁମାର ସାମଲ, ସରକାରୀ ଶିଳ୍ପ ତାଲିମ କେନ୍ଦ୍ର କୃଷ୍ଣ ପ୍ରସାଦର ଅଧ୍ୟକ୍ଷ ଚନ୍ଦ୍ର ଶେଖର ସୁନ୍ଦରାୟ, ସରକାରୀ ଶିଳ୍ପ ତାଲିମ କେନ୍ଦ୍ର ରୁଆ ର ଅଧ୍ୟକ୍ଷ ଦିପ୍ତୀ ମିଶ୍ର ପ୍ରମୁଖ ଯୋଗ ଦେଇ ପରାମର୍ଶ ଦେଇଥିଲେ। ଜିଲ୍ଲା ଦକ୍ଷତା ବିକାଶ ଓ ନିୟୋଜନ ଅଧିକାରୀ ଧର୍ମାନନ୍ଦ ବେହେରା ଏଥିରେ ଅଧ୍ୟକ୍ଷତା କରିଥିଲେ। ଦକ୍ଷତା ବିକାଶ ଓ ନିୟୋଜନ ଅଧିକାରୀ ପ୍ରଭାତ କୁମାର ବସ୍ତି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସେକ୍ସନ ଅଫିସର ପୁଷ୍ପ ଲତା ପ୍ରଧାନ ଓ ଅନ୍ୟାନ୍ୟ କର୍ମଚାରୀ ପ୍ରମୁଖ ନିଯୁକ୍ତି ମେଳା ପରିଚାଳନା ରେ ସହଯୋଗ କରିଥିଲେ। ନିଯୁକ୍ତି ମେଳାରେ ୩୯ ଗୋଟି ବେସରକାରୀ ସଂସ୍ଥା ଓ ୧୦ ଗୋଟି ପିଆଇଏ ଅଂଶଗ୍ରହଣ କରିଥିଲେ। ଏଥିରେ ୧୮୬୨ଜଣ ପଞ୍ଜିକରଣ କରିଥିବା ବେଳେ ବିଭିନ୍ନ କମ୍ପାନୀ ୧୧୮୯ ଜଣ ଙ୍କୁ ସଟଲିଷ୍ଟ କରିଥିଲେ। ସେମାନଙ୍କ ମଧ୍ୟରୁ ତତକ୍ଷଣାତ ୧୦୧ଜଣଙ୍କୁ ନିଯୁକ୍ତିପତ୍ର ପ୍ରଦାନ କରାଯାଇଥିଲା। ୫୪୭ ଜଣଙ୍କୁ ଦକ୍ଷତା ବିକାଶ ତାଲିମ ପାଇଁ ପିଆଇଏମାନେ ମନୋନୀତ କରିଥିଲେ।

# ମା’ ବ୍ରାହ୍ମଣୀ ଦେବୀଙ୍କୁ ଜମି ଦାନକଲେ ପୀତବାସ



**ଓଡ଼ଗାଁ,୧୮।୪/ଏନ୍ଏନ୍ଏସ୍:** ଓଡ଼ଗାଁ ବ୍ଲକ ଅନ୍ତର୍ଗତ କୁରାଳ ଗୋଡ଼ିପଲ୍ଲି ରାସ୍ତାର କୁସୁମୀ ନଦୀକୂଳରେ ବିରାଜିତ ମା’ବ୍ରାହ୍ମଣୀ ଦେବୀଙ୍କ ଉଦ୍ଦେଶ୍ୟରେ କୁରାଳର ବଦାନ୍ୟ ବ୍ୟକ୍ତି ପୀତବାସ ଖଟେଇ ଏବଂ ତାଙ୍କର ସୁପୁତ୍ର କାହ୍ନୁଚରଣ ଖଟେଇ ୩୨ ଡିସିମିଲ୍ ଜମିଦାନ କରିଛନ୍ତି। ପଣାସଂକ୍ରାନ୍ତି ଦିନ ମା’ଙ୍କ ପୀଠରେ ଅନୁଷ୍ଠିତ ହେଉଥିବା ଯାତ୍ରା ମଞ୍ଚରେ ଶ୍ରୀଖଟେଇ ଜମିଦାନ କରିଥିବା କଥା ଆନୁଷ୍ଠାନିକ ଭାବେ ଘୋଷଣା କରିଥିଲେ। ଏକଥା ଶୁଣିବାପରେ ଗ୍ରାମ ବାସୀଙ୍କ ମଧ୍ୟରେ ଖୁସିର ମାହୋଲ୍ ଦେଖିବାକୁ ମିଳିଛି। ଅନୁରୂପଭାବେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ପଣ୍ଡିତ ସନ୍ତୋଷ କୁମାର ତ୍ରିପାଠୀ ମା’ ବ୍ରାହ୍ମଣୀ ଦେବୀଙ୍କ ମନ୍ଦିର ସଂଲଗ୍ନ ତାଙ୍କର ଜମିକୁ ଠାକୁରାଣୀଙ୍କ ବିଭିନ୍ନ କାର୍ଯ୍ୟକ୍ରମରେ ବ୍ୟବହାର ନିମନ୍ତେ ନିର୍ଭର ପ୍ରତିଶ୍ରୁତି ଦେଇଛନ୍ତି। ଉକ୍ତ କାର୍ଯ୍ୟରେ ସ୍ଥାନୀୟ ସରପଞ୍ଚ ବିଜନ ପାଇକରାୟ, ଜିଲ୍ଲାପରିଷଦସଭ୍ୟା ଝିଲ୍ଲୀ ପ୍ରଧାନ, ସାମ୍ବାଦିକ ଗଣେଶ୍ୱର ସାହୁ, ସମାଜସେବୀ ପ୍ରଭାତ ପ୍ରଧାନ, ଅର୍ଜୁନ ସାହୁ, ସୁକାନ୍ତ ସ୍ୱାଇଁ, ଯଶୋବନ୍ତ ବଳିୟାରସିଂ ଓ କୈଳାସ ଖଟେଇଙ୍କ ସମେତ ସମସ୍ତ ଗ୍ରାମବାସୀ ସହଯୋଗ କରିବା ସହିତ ଶ୍ରୀଖଟେଇଙ୍କ ମହତ୍ତ୍ୱ ଉଦ୍ଦେଶ୍ୟକୁ ସାଧୁବାଦ୍ ଜଣାଇଛନ୍ତି।

# ଗଣକବି ବୈଷ୍ଣବ ପାଣିଙ୍କ ଶ୍ରାଦ୍ଧ ଦିବସ

**ମାହାଙ୍ଗା,୧୮।୪/ଏନ୍ଏନ୍ଏସ୍:** ମାହାଙ୍ଗା ବ୍ଲକ ଅନ୍ତର୍ଗତ ଜନ୍ମପୀଠ କୋଠପଦା ରଘୁନାଥଜୀଉ ମଠ ଠାରେ ଗୀତିନାଟ୍ୟ ଜଗତର କାଳଜୟୀ ସ୍ରଷ୍ଟା ଗଣକବି ବୈଷ୍ଣବ ପାଣିଙ୍କ ୭୦ତମ ଶ୍ରାଦ୍ଧ ଦିବସ କୋଠପଦା ସିନିୟର ସିଟିଜେନ୍ସ କ୍ଲବ ଓ ଗଣକବି କଳା ନିକେତନର ମିଳିତ ଆନୁକୂଲ୍ୟରେ ଶିକ୍ଷାବିତ କୈଳାସ ଚନ୍ଦ୍ର ବଳବନ୍ତରାୟଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଂପାଦକ ଶିକ୍ଷାବିତ ରତ୍ନାକର ମହାନ୍ତି, ଉପସଭାପତି ରାମଚନ୍ଦ୍ର ମହାପାତ୍ର, ଯୁଗ୍ମ ସଂପାଦକ ଅଲେଖ ଚନ୍ଦ୍ର ଦାସ, କବି ବିଶ୍ୱେଶ୍ୱର ମହାନ୍ତି, କୋଷାଧ୍ୟକ୍ଷ ପ୍ରଭାକର ଦାସ, ଚନ୍ଦ୍ରଭାନୁ ଆଚାର୍ଯ୍ୟ, ବିଦ୍ୟାଧର ସାହୁ, ରମେଶ ଚନ୍ଦ୍ର ଜେନା, କବି ନବକିଶୋର ଗୋସ୍ୱାମୀ ପ୍ରମୁଖ ଯୋଗଦେଇ ଗଣକବିଙ୍କ ସାହିତ୍ୟକୃତି ଉପରେ ଆଲୋଚନା କରିବା ସହ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

# ଖଉରୁଣୀ ପଣା ମହୋତ୍ସବ ଉଦ୍‌ଘାଟିତ



**ବୋଲଗଡ଼,୧୮।୪/ଏନ୍ଏନ୍ଏସ୍:** ବୋଲଗଡ ବ୍ଲକ ବଡ଼ କୁମାରୀ ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ଖଉରୁଣୀ ଗ୍ରାମର ଯୁବକ ସଂଘ ଓ ଗ୍ରାମବାସୀଙ୍କ ମିଳିତ ଆନୁକୂଲ୍ୟରେ ପ୍ରଥମ ବର୍ଷ ପଣା ମହୋତ୍ସବ ଖଉରୁଣୀ ଉଦଘାଟିତ ହୋଇଯାଇଛି। ଏହି ଉତ୍ସବରେ ବରିଷ୍ଠ ସମାଜସେବୀ ବିନୋଦ କୁମାର ନାୟକ ସଭାପତିଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥିଭାବେ ବଂଶୀଧର ସାହୁ,ମୁଖ୍ୟବକ୍ତା ଭାବେ ଦୈତାରୀ ପରିଡା ଓ ସମ୍ମାନିତ ଅତିଥିଭାବେ ବଳଭଦ୍ର ମାର୍ଥା ଯୋଗଦେଇ ଜଗନ୍ନାଥଙ୍କ ପ୍ରତିମୂର୍ତ୍ତି ନିକଟରେ ପ୍ରଦୀପ ପ୍ରଜ୍ୱଳନ କରି ଏହାକୁ ଶୁଭ ଉଦଘାଟନ କରିଥିଲେ। ମହୋତ୍ସବର ପ୍ରାରମ୍ଭରେ ବଂଶୀଧର ସଂଗୀତ ମହାବିଦ୍ୟାଳୟର ଛାତ୍ରୀମାନେ ସ୍ୱାଗତ ସଂଗୀତ ପରିବେଷଣ କରିଥିଲେ। ସଭାପତି ବିନୋଦ ନାୟକ ରାଉତରାୟ ସ୍ୱାଗତ ଭାଷଣ ଦେଇ ଅତିଥିମାନଙ୍କର ପରିଚୟ ପ୍ରଦାନ କରିଥିଲେ। ରାଜ୍ୟ ସରକାରଙ୍କ ସାହିତ୍ୟ ଓ ସଂସ୍କୃତି ବିଭାଗ ତରଫରୁ ବିଭିନ୍ନ କଳାକାରମାନଙ୍କ ଦ୍ୱାରା ମନୋରଞ୍ଜନ ଧର୍ମୀ ସାଂସ୍କୃତିକ କାର୍ଯ୍ୟକ୍ରମ ମାନ ପରିବେଷଣ କରାଯାଇଥିଲା। ବିଭିନ୍ନ ଅନୁଷ୍ଠାନର ଛାତ୍ରୀମାନେ ବହୁ ଉଚ୍ଚ କୋଟୀର ସାଂସ୍କୃତିକ କାର୍ଯ୍ୟକ୍ରମମାନ ପରିବେଷଣ କରିଥିଲେ। ଗ୍ରାମାଞ୍ଚଳର କଳା, ସାହିତ୍ୟ, ସଂସ୍କୃତି ଓ ଲୋକ କଳା ମହୋତ୍ସବ ମାଧ୍ୟମରେ ଭାଇ ଚାରା ସମ୍ପର୍କ ସୃଷ୍ଟି କରିଥାଏ ଓ ସମସ୍ତଙ୍କୁ ସ୍ନେହ ମମତା ରଜ୍ଜୁରେ ବାନ୍ଧିଧରି ଏକତା ବଜାଇ ରଖିଥାଏ ବୋଲି ମୁଖ୍ୟ ଅତିଥି ଶ୍ରୀ ସାହୁ କହିଥିଲେ। ପରିଶେଷରେ ସମ୍ପାଦକ ସଞ୍ଜୟ କୁମାର ସୁନ୍ଦରାୟ ଅନୁଷ୍ଠାନ ଆଗକୁ ଯିବା ପାଇଁ ଯୁବ ଗୋଷ୍ଠୀଙ୍କୁ ଅନୁରୋଧ କରିଥିବା ବେଳେ ମହୋତ୍ସବର ଅଧ୍ୟକ୍ଷ ଆକାଶ ନାୟକ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

ନିତିଦିନ NITIDIN
ରବିବାର, ୧୯ ଏପ୍ରିଲ ୨୦୨୬

**ନିତି ଭାରତୀ**

ପ୍ରକୃତ ଶିକ୍ଷକ ହେଉଛନ୍ତି ସେହିମାନେ, ଯେଉଁମାନେ ଆମକୁ ଆମ ନିଜ ପାଇଁ ଚିନ୍ତା କରିବାକୁ ଶିକ୍ଷା ପ୍ରଦାନ କରନ୍ତି।
- ସର୍ବପଲ୍ଲୀ ରାଧାକ୍ରିଷ୍ଣନ୍

# ଚକ୍ରବ୍ୟୂହରେ ହର୍ମୁଜ୍

ବିଶ୍ୱକୁ ଆକ୍ତାମାକ୍ତା କରି ସାରିଲାଣି ଇରାନ ବିରୋଧରେ ଆମେରିକା ଓ ଇସ୍ରାଏଲର ମିଳିତ ଯୁଦ୍ଧ। ତୈଳ ଓ ଗ୍ୟାସ୍ ସଂକଟରେ ବିଶ୍ୱବାସୀ ଲହୁଲୁହାଣ ହୋଇ ପଡ଼ିଲେଣି। ତେବେ ଯୁଦ୍ଧ ଭିତରେ ସବୁଠୁ ଚର୍ଚ୍ଚାରେ ରହିଛି ଓମାନ ଓ ଇରାନ ମଧରେ ଅବସ୍ଥିତ ଏହି ହର୍ମୁଜ ପ୍ରଣାଳୀ। ପାରସ୍ୟ ଉପସାଗରକୁ ଆରବ ସାଗର ସହ ସଂଯୋଗ କରୁଥିବା ୩୦ ମାଇଲ ଚଉଡ଼ାର ଏହି ଜଳପଥ। ବିଶ୍ୱର ତୈଳ ପରିବହନର ଏକ ପ୍ରମୁଖ ମାର୍ଗ। ବିଶ୍ୱର ୨୦ ପ୍ରତିଶତ ତୈଳ କାରବାର ସହ ଅଶୋଧିତ ତୈଳ ଏବଂ ପ୍ରାକୃତିକ ଗ୍ୟାସ ଏହି ହର୍ମୁଜ ପ୍ରଣାଳୀ ଦେଇ ଯାଇଥାଏ। ତୈଳ ସମୃଦ୍ଧ ସାଉଦି ଆରବ, ଇରାନ ଏବଂ କ୍ୱାତାର ଭଳି ରାଷ୍ଟ୍ରଗୁଡ଼ିକରୁ ଏସିଆର ପ୍ରମୁଖ ବଜାରକୁ ତୈଳ ରପ୍ତାନି ପାଇଁ ପ୍ରାଥମିକ ମାର୍ଗ ଭାବେ ହର୍ମୁଜକୁ ବ୍ୟବହାର କରିଥାନ୍ତି। ହର୍ମୁଜରେ ତୈଳ ପରିବହନ ବାଧାପ୍ରାପ୍ତ ମାନେ ଏହା ବିଶ୍ୱରେ ତୈଳ ସଂକଟକୁ ବ୍ୟାପକ ଭାବେ ପ୍ରଭାବିତ କରୁଛି। ଚଳିତ ବର୍ଷ ଫେବୃଆରୀ ୨୮ରେ ଇରାନ ବିରୋଧରେ ଆମେରିକା ଓ ଇସ୍ରାଏଲର ମିଳିତ ଅପରେସନ୍ ଆରମ୍ଭ ପରେ ଚର୍ଚ୍ଚାର କେନ୍ଦ୍ର ପାଲଟିଛି ଏହି ହର୍ମୁଜ ପ୍ରଣାଳୀ। କାରଣ ହର୍ମୁଜରେ ତୈଳ ପରିବହନ ବାଧାପ୍ରାପ୍ତ ଓ ହର୍ମୁଜ ଉପରେ ଇରାନର ଅଧିକାରକୁ ସହ୍ୟ କରି ପାରୁନି ଆମେରିକା। ଇରାନ ପରମାଣୁ କାର୍ଯ୍ୟକ୍ରମ ବନ୍ଦ ଉଦ୍ଦେଶ୍ୟରେ ଆମେରିକା ଇରାନ ଉପରେ ଆକ୍ରମଣ କରିଥିବା ବେଳେ ଇରାନକୁ ଧ୍ୱଂସ ସ୍ତୂପରେ ପରିଣତ କରି ଏହାର ପ୍ରଚୁର ତୈଳ ଭଣ୍ଡାର ହାତେଇବା ଲକ୍ଷ୍ୟରେ ରହିଛି ଆମେରିକା। ଇରାନକୁ ସହଜ ମଣିଥିବା ଆମେରିକାର ନାକରେ, କିନ୍ତୁ ପାଣି ପୂରାଇ ସାରିଲାଣି ଇରାନ। ତେବେ ପାକିସ୍ତାନ ମଧ୍ୟସ୍ଥିରେ ଗତ ଏପ୍ରିଲ ୧୧ ଓ ୧୨ତାରିଖ ଦୁଇ ଦିନ ଧରି ୨୨ ଘଣ୍ଟାର ଆଲୋଚନା ଶେଷରେ ବିନା ସହମତିରେ ଫସର ପାଟିଛି। ଏହା ପରେ ଅଧିକ ଆକ୍ରମଣାତ୍ମକ ହୋଇ ପଡ଼ିଛି ଆମେରିକା। ଆମେରିକା ଇରାନକୁ ଶିକ୍ଷା ଦେବାକୁ ହର୍ମୁଜ ଅବରୋଧ ନେଇ ଚକ୍ରବ୍ୟୂହ ରଚିଛି, ଯାହାର ନାଁ ଦେଇଛି ଅପରେସନ୍ ଷ୍ଟ୍ରେଟ୍ ସିଲ୍ଡ। ଆମେରିକା ସେଣ୍ଟ୍ରାଲ୍ କମାଣ୍ଡ ୧୫ରୁ ଅଧିକ ଯୁଦ୍ଧପୋତ, ପରମାଣୁ ବୁଡ଼ାଜାହାଜ, ୧୫୦ ଯୁଦ୍ଧ ବିମାନ ସହ ହର୍ମୁଜ ଘେରାବନ୍ଦୀ ଆରମ୍ଭ କରିଛି। ତ୍ରିମୁଖୀ ରଣନୀତି ସହ ଇରାନ ଉପରେ ଆର୍ଥିକ ଓ ସାମରିକ ଚାପ ଜୋରଦାର କରିଛି ଆମେରିକା। ଆମ ବନ୍ଦର ଉପରେ ଆକ୍ରମଣ ହେଲେ କାହା ବନ୍ଦର ତିଷ୍ଠିବନି ବୋଲି ଆମେରିକାକୁ ଇରାନ ଚେତାବନୀ ଦେବା ପରେ ଇରାନ ଉପରେ ପ୍ରତିଶୋଧ ନେବାକୁ ଆମେରିକା ଷଣ୍ଢଆସୀ ଆକ୍ରମଣ ଯୋଜନା ଏବେ ହର୍ମୁଜ ଉପରେ କେନ୍ଦ୍ରୀଭୂତ ହୋଇଛି। ଆମେରିକାର ନୌସେନା ଆରମ୍ଭ କରିଛି ଅପରେସନ୍ ଷ୍ଟ୍ରେଟ୍ ସିଲ୍ଡ। ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ହର୍ମୁଜ ଅବରୋଧ ଘୋଷଣାର କିଛି ସମୟ ପରେ ଆମେରିକା ନୌସେନା ଆରମ୍ଭ କରି ଦେଇଛି ଆହ୍ୱାନ। ହର୍ମୁଜ ଅବରୋଧର ପୂରା ଦାୟିତ୍ୱ ଆମେରିକାର ୫ମ ନୌବେଳା ଉପରେ ନ୍ୟସ୍ତ ରହିଛି। ଆମେରିକା ନୌସେନାର ଏହା ସବୁଠୁ ବଡ଼ ଅବରୋଧ ଅପରେସନ। ଆମେରିକୀୟ ନୌସେନା ସମଗ୍ର ଅଞ୍ଚଳକୁ ତିନୋଟି ରଣନୀତି, ବିଶେଷକରି ଶକ୍ତିଶାଳୀ ବଳୟ ଅବରୋଧ, ମଧ୍ୟମ ଅବରୋଧ, ଆଭ୍ୟନ୍ତରୀଣ ଅବରୋଧରେ ବିଭକ୍ତ କରି ଏହି ମିଶନ ଆରମ୍ଭ କରିଛି। ଆମେରିକା ନୌସେନା ତା'ର ବାହ୍ୟ ବଳୟ ଅବରୋଧରେ ଓମାନ ଉପସାଗର ଏବଂ ଆରବ ସାଗରରେ ଏହାର ସବୁଠାରୁ ଶକ୍ତିଶାଳୀ ଯୁଦ୍ଧ ଜାହାଜ ୟୁଏସଏସ ଆବ୍ରାହମ ଲିଙ୍କନକୁ ନିୟୋଜିତ କରିଛି। ୪ଟି ଆର୍ଲେ ବର୍କ-କ୍ଲାସ୍ ବିଧ୍ୱଂସକାରୀ ଏବଂ ୨ଟି ଟିକୋଣ୍ଡେରୋଗା-କ୍ଲାସ୍ କ୍ରୁଜର୍ସ ନିୟୋଜିତ କରିଛି ଆମେରିକା। ଏହି ଜାହାଜଗୁଡ଼ିକ ଏଜିସ୍ ଯୁଦ୍ଧ ପ୍ରଣାଳୀ ସହିତ ସଜ୍ଜିତ, ଯାହା ୩ ଶହ କିଲୋମିଟର ଦୂରରୁ ଇରାନୀ ଜାହାଜ ବିରୋଧୀ କ୍ଷେପଣାସ୍ତ୍ରକୁ ଟ୍ରାକ୍ ଏବଂ ଧ୍ୱଂସ କରି ପାରିବ।

ଅବରୋଧର ପ୍ରଥମ ସ୍ତର ଓମାନ ଉପସାଗରରେ ନିୟୋଜିତ ରହିଛି। ଏହି ଜାହାଜଗୁଡ଼ିକରୁ ଏସ୍ଏମ୍-୨ ଏବଂ ଏସ୍ଏମ୍-୬ କ୍ଷେପଣାସ୍ତ୍ରଗୁଡ଼ିକ ୧୫୦ରୁ ୩୭୦ କିଲୋମିଟର ପରିସର ମଧରେ ଶତ୍ରୁର ଯୁଦ୍ଧ ବିମାନ, ଡ୍ରୋନ୍ ଏବଂ ଆଣ୍ଟି ମିସାଇଲଗୁଡ଼ିକୁ ମଧ ନଷ୍ଟ କରିବାର କ୍ଷମତା ରଖିଛି। ଆମେରିକା ତା'ର ଏହି ଅବରୋଧର ପ୍ରଥମ ସ୍ତରକୁ ଡିଜିଟାଲ୍ ଢାଲ ବୋଲି କହିଛି। ଆମେରିକା ତା'ର ମଧ୍ୟମ ଅବରୋଧ ବା କେନ୍ଦ୍ରୀୟ ସର୍କଲ ଷ୍ଟ୍ରାଇକ୍ ଜୋନ୍‌ରେ ଉଭୟ ବାୟୁ ଏବଂ ସମୁଦ୍ର ଟାର୍ଗେଟକୁ ଅନ୍ତର୍ଭୁକ୍ତ କରିଛି। ଏହାର ନେତୃତ୍ୱ ଆମେରିକାର ଶକ୍ତିଶାଳୀ ପରମାଣୁ-ଚାଳିତ ବିମାନବାହକ ଜାହାଜ ୟୁଏସ୍ଏସ୍ ଆବ୍ରାହମ ଲିଙ୍କନ୍ ସହ ୧୧ଟି ଗାଇଡେଡ୍ ମିସାଇଲ୍ ବିଧ୍ୱଂସକାରୀ ନୌବାହିନୀ ଦାୟିତ୍ୱରେ ରହିଛି। ଏହା ସହ ଏୟାର ଷ୍ଟ୍ରାଇକ୍ ପାୱାର ବାହକରେ ନିୟୋଜିତ ଭିଏଫ୍ଏ-୧୦୩ ଏବଂ ଭିଏଫ୍ଏ-୧୪୭ ସ୍କ୍ୱାର୍ଡନ୍‌ରେ ୬୦ରୁ ଅଧିକ ଏଫ୍/ଏ-୧୮, ଇ/ଏଫ୍ ସୁପର ହର୍ଣ୍ଣେଟ୍ ଏବଂ ଅତ୍ୟାଧୁନିକ ଏଫ୍-୩୫ ସି ଲାଇଟନିଂ-୨ ବିମାନ ୨୪ଘଣ୍ଟିଆ ପାଟ୍ରୋଲିଂ ପାଇଁ ନିୟୋଜିତ ରହିଛି। ସେହିପରି ସ୍ୱତନ୍ତ୍ର ବିମାନ ଭାବେ ଇ-୨ଡି ଆଡ୍‌ଭାନ୍ସଡ୍ ହକ୍‌ଆଇ ଏବଂ ଇଏ-୧୮ଜି ଗ୍ରୋଲର ସମଗ୍ର ଅଞ୍ଚଳରେ ଯୋଗାଯୋଗ ପରିଚାଳନା ପାଇଁ ନିୟୋଜିତ ରହିଛି। ଏହିସବୁ ସାମରିକ ଅଭିଯାନର କେନ୍ଦ୍ର ହେଉଛି ୟୁଏସ୍ଏସ୍ ଆବ୍ରାହମ ଲିଙ୍କନ୍, ଯାହା ଏକ ମୋବାଇଲ୍ ଏୟାରବେସ୍ ଭାବରେ କାର୍ଯ୍ୟ କରୁଛି। ଏହାର ଡେକ୍‌ରୁ ଉଡୁଥିବା ଏଫ୍/ଏ-୧୮ ସୁପର ହର୍ଣ୍ଣେଟ୍ ଲଢୁଆ ବିମାନଗୁଡ଼ିକ ପ୍ରାୟ ୭ ଶହ କିଲୋମିଟର ଯୁଦ୍ଧ ପରିସର ସହିତ ସଠିକ୍ ଆକ୍ରମଣ କରିବାର କ୍ଷମତା ରଖିଛି। ଏହା ସହିତ ରହିଛି




ଏଫ୍-୩୫ ସି ଲାଇଟନିଂ-୨ ଗୁପ୍ତ ଯୁଦ୍ଧ ବିମାନ, ଯାହା ରାଡାର ଦ୍ୱାରା ଚିହ୍ନଟ ନ ହୋଇ ୧୨ ଶହ କିଲୋମିଟର ପର୍ଯ୍ୟନ୍ତ ପରିସରକୁ ଆକ୍ରମଣ କରି ପାରିବାର କ୍ଷମତା ରଖୁଛି। ବାୟୁବାହୀ ନିରୀକ୍ଷଣ ପାଇଁ ଇ-୨ଡି ଆଡଭାନ୍ସଡ୍ ହକ୍‌ଆଇ ୫ଶହ କି.ମି.ରୁ ଅଧିକ ପରିସର ସହିତ ସମଗ୍ର ଯୁଦ୍ଧକ୍ଷେତ୍ର ଉପରେ ନଜର ରଖିଛି। ଇଏ-୧୮ଜି ଗ୍ରୋଲର ଏହାର ରାଡାର ଏବଂ ଯୋଗାଯୋଗ ପ୍ରଣାଳୀକୁ ଜାମ୍ କରି ଶତ୍ରୁକୁ ବାଟବଣା କରିପାରେ।

ତୃତୀୟ ଆହ୍ୱାନ ପ୍ଲାନ ହେଉଛି ମାଇନ୍ କାଉଣ୍ଟରମେଜର୍ସ ଜୋନ୍। ଏହା ଇରାନ ଦ୍ୱାରା ବିଛା ଯାଇଥିବା ସମୁଦ୍ର ମାଇନ୍ସର ମୁକାବିଲା ପାଇଁ ନିୟୋଜିତ। ଏହି ସମୁଦ୍ର ମାଇନ୍ କାଉଣ୍ଟର ମେଜର୍ସରେ ଚାରୋଟି ଆଭେଞ୍ଜର-କ୍ଲାସ୍ ମାଇନ୍ ସ୍ୱିପର୍ ଜାହାଜ ଏବଂ ଏମ୍ଏଚ୍-୫୩ଇସି ଡ୍ରାଗନ୍ ହେଲିକପ୍ଟର ନିୟୋଜିତ କରିଛି ଆମେରିକା। ସମୁଦ୍ର ତଳେ ସୁରକ୍ଷା ପାଇଁ ଦୁଇଟି ଭର୍ଜିନିଆ-କ୍ଲାସ୍ ପରମାଣୁ ବୁଡ଼ାଜାହାଜ ସମୁଦ୍ରରୁ ଇରାନୀ କିଲୋ-କ୍ଲାସ୍ ବୁଡ଼ାଜାହାଜ ଉପରେ ନଜର ରଖିଛି। ଇରାନ ହର୍ମୁଜ୍ ସମେତ ପାରସ୍ୟ ସାଗରରେ ଶହ ଶହ ସମୁଦ୍ର ମାଇନ୍ସ ବିଛାଇ ଥିବା ଧମକ ଦେଇଥିବା ବେଳେ ଏହାକୁ ଆମେରିକା ଲେଜର ଏବଂ ଶବ୍ଦ-ଆଧାରିତ ସିଷ୍ଟମ୍ ବ୍ୟବହାର କରି ସଫା କରୁଥିବା ଜଣାପଡ଼ିଛି। ଇରାନର ସମୁଦ୍ର ମାଇନ୍ସ ଯୁଦ୍ଧ ରଣନୀତିର ଜବାବରେ ଏମ୍ଏଚ୍-୫୩ଇସି ଡ୍ରାଗନ୍ ନିୟୋଜିତ କରିଛି ଆମେରିକା, ଯାହା ସମୁଦ୍ରରେ ମାଇନ୍ସ ଖୋଜିବା ଏବଂ ନଷ୍ଟ କରିବାରେ ସହାୟକ ହେବ। ଏହା ସହିତ ଭର୍ଜିନିଆ-କ୍ଲାସ୍ ବୁଡ଼ାଜାହାଜ ସମୁଦ୍ର ତଳେ ନଜର ରଖିବ ଏବଂ ଆକ୍ରମଣ ପାଇଁ ପ୍ରସ୍ତୁତ ରହିଛି। ଏହି ବୁଡ଼ାଜାହାଜଗୁଡ଼ିକ ୧୬ ଶହ କିଲୋମିଟର ପର୍ଯ୍ୟନ୍ତ ପରିସର ବିଶିଷ୍ଟ ଟୋମାହକ୍ କ୍ରୁଜ୍ ମିସାଇଲ୍ ସହିତ ସଜ୍ଜିତ, ଯାହା ଚେତାବନୀ ବିନା ଶତ୍ରୁର ଲକ୍ଷ୍ୟସ୍ଥଳକୁ ଧ୍ୱଂସ କରିବାର କ୍ଷମତା ରଖିଛି। ଆମେରିକା ନୌସେନା ଇରାନ ବିରୋଧରେ ୧୫ରୁ ଅଧିକ ଯୁଦ୍ଧ ଜାହାଜ,୨ଟି ଭର୍ଜିନିଆ-ଶ୍ରେଣୀର ପରମାଣୁ ବୁଡ଼ାଜାହାଜ,୧୧ ଗାଇଡେଡ୍ ମିସାଇଲ୍ ବିଧ୍ୱଂସକ, ୧୫୦ରୁ ଅଧିକ ଲଢୁଆ ଏବଂ ପର୍ଯ୍ୟବେକ୍ଷଣ ବିମାନ ସହ ୮ ହଜାରରୁ ଅଧିକ ନୌସେନା କର୍ମଚାରୀ ନିୟୋଜିତ କରିଛି। ଆମେରିକା ସେଣ୍ଟ କମ କମାଣ୍ଡର ଜେନେରାଲ ମାଇକେଲ୍ ଇ. କୁରିଲା ସୂଚନା ଦେଇ କହିଛନ୍ତି ଯେ ଆମେ ଶାନ୍ତିପୂର୍ଣ୍ଣ ଆନ୍ତର୍ଜାତିକ ବାଣିଜ୍ୟ ସୁନିଶ୍ଚିତ କରିବା ସହ ଇରାନୀ ଜାହାଜଗୁଡ଼ିକୁ ହର୍ମୁଜ୍ ପ୍ରଣାଳୀ ଦେଇ ପରିବହନ କରିବାକୁ ଅନୁମତି ଦେବୁ ନାହିଁ। ଯେ କୌଣସି ପରିସ୍ଥିତିର ସମ୍ମୁଖୀନ ପାଇଁ ଆମେରିକା ପ୍ରସ୍ତୁତ ବୋଲି ଆମେରିକା ସେଣ୍ଟ କମ ପକ୍ଷରୁ କୁହାଯାଇଛି।

ସେପଟେ ଇରାନର ଆଇଆରଜିସି ନୌସେନା ପାଖରେ ୧ ହଜାରରୁ ଅଧିକ ଦ୍ରୁତ ଆକ୍ରମଣକାରୀ ଜାହାଜ ରହିଛି। ଏହା ସହ ଛୋଟ ବୋଟ୍‌ଗୁଡ଼ିକ କ୍ଷେପଣାସ୍ତ୍ର, ରକେଟ୍ ଲଞ୍ଚର୍ ଏବଂ ମେସିନ୍ ଗନ୍ ସହିତ ସଜ୍ଜିତ ହୋଇ ରହିଛି ଇରାନ ନୌସେନା। ଜାହାଜ ପ୍ରତିରୋଧୀ କ୍ଷେପଣାସ୍ତ୍ର ସି-୮୦୨, ସି-୭୦୧, ଖାଲିଜ୍ ଫୌର୍ସ ଏବଂ ନୁର୍ କ୍ଷେପଣାସ୍ତ୍ର- ୨୦୦ କି.ମି. ପର୍ଯ୍ୟନ୍ତ ପରିସର ସହ ଇରାନ ଆମେରିକାକୁ ଜବାବ ଦେବାକୁ ପ୍ରସ୍ତୁତ ରହିଛି। ଇରାନର ଡ୍ରୋନ ଶାହେଦ୍-୧୩୬ ଏବଂ ଶାହେଦ୍-୨୩୮ ସମୁଦ୍ର ଭିତରେ ହଜାର ହଜାର ସମୁଦ୍ର ମାଇନ୍ସ ବିଛାଇଛି। ଇରାନ୍ ମଧ ଛୋଟ ଆକ୍ରମଣ କରି ଆମେରିକାକୁ ଉସୁକାଇବାକୁ ଚେଷ୍ଟା କରିପାରେ। ଏହାର ଅର୍ଥ ହେଉଛି, ଆଗାମୀ କିଛି ଦିନ ସମଗ୍ର ଅଞ୍ଚଳରେ ନୌଯୁଦ୍ଧ ଭୟଙ୍କର ସ୍ଥିତି ଆଡ଼କୁ ଯାଇପାରେ। ଯଦି ଇରାନ କୌଣସି ବଡ଼ ପ୍ରତିଶୋଧମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରେ, ତେବେ ହର୍ମୁଜ୍ ପ୍ରଣାଳୀ କେବଳ ଏକ ତୈଳ କରିଡର ନୁହେଁ, ବରଂ ଏକ ବିରାଟ ଯୁଦ୍ଧକ୍ଷେତ୍ରରେ ପରିଣତ ହେବ- ଏହା ନିଶ୍ଚିତ। ଏହା ସହ ଚୀନ ମଧ ଇରାନକୁ ସହଯୋଗ କରିବାକୁ ତା'ର ଯୁଦ୍ଧ ଜାହାଜଗୁଡ଼ିକୁ ପାରସ୍ୟ ଓ ଓମାନ ଉପସାଗରକୁ ପ୍ରେରିତ କରିଛି। ଆମେରିକର ହର୍ମୁଜ୍ ଅବରୋଧ ଅଭିଯାନକୁ କିନ୍ତୁ ଫ୍ରାନ୍ସ, ଇଂଲଣ୍ଡ, ତୁର୍କୀ ଭଳି ଦେଶମାନେ ନାପସନ୍ଦ କରିଛନ୍ତି। ତେବେ ସଦ୍ୟତମ ସମ୍ବାଦ ମୁତାବକ ଇସ୍ରାଏଲ ଓ ଲେବାନନ୍ ମଧରେ ଅସ୍ତ୍ର ବିରତି ଘୋଷଣା ହେବା ପରେ ପରେ ଇରାନ୍ ଗତ ଶୁକ୍ରବାର ଦିନ ଏହାର ଗୁରୁତ୍ୱପୂର୍ଣ୍ଣ ଜଳପଥ ହର୍ମୁଜ୍ ପ୍ରଣାଳୀକୁ ସମ୍ପୂର୍ଣ୍ଣ ଖୋଲି ଦେଇଛି, ଯାହା ସମଗ୍ର ବିଶ୍ୱବାସୀଙ୍କ ପାଇଁ ଏକ ବଡ଼ ଆଶ୍ୱାସନାର ବିଷୟ।


ଲଲିତେନ୍ଦୁ ପଲାଉରୀ

ବାଲିପତ୍ତାଳ, ନଗର, ଅସ୍ତରଙ୍ଗ, ପୁରୀ
ମୋ: ୯୭୭୮୬୯୭୦୩୬

# ମୋବାଇଲ ମନ୍ଦ ନୁହେଁ, ଭଲ


ଧ୍ରୁବ ଚରଣ ଘିବେଲା

ମୋବାଇଲର ଭଲ ମନ୍ଦ ବିଚାରିବା ଆଗରୁ ସାଧାରଣ କଥା ସମେତ ଅନେକ ବ୍ୟବହାର୍ଯ୍ୟ ଜିନିଷର ବ୍ୟବହାର କଥା ଆସନ୍ତୁ ଆଗ ଟିକେ ବିଚାରି ଦେଖିବା। ସବୁକଥା ନିର୍ଭର କରିଥାଏ ବ୍ୟବହାରର ତରିକା ଉପରେ। କେମିତି ବ୍ୟବହାର କରାଯାଏ, ଯାହା କିଛି ଜିନିଷକୁ, ସେଇ ବ୍ୟବହାରିକ ଦିଗ ଥାଏ ସବୁବେଳେ ଗୁରୁତ୍ୱପୂର୍ଣ୍ଣ। ତାହା ହୋଇପାରେ କଥା, କୌଣସି ଜିନିଷ ବା ଉପକରଣ। ଖା-ଭୁଞ୍ଜ-ଗିଳ ଭଳି କଥା କହିବାରେ ଥାଏ ସୁନ୍ଦରତା ଅସୁନ୍ଦରତା, ସେମିତି ରହେ କଥା ନେଇ କଥାର ଗ୍ରହଣୀୟତା। ସେଇଥିପାଇଁ ତ କୁହାଯାଇଛି, କହି ଜାଣିଲେ କଥା ସୁନ୍ଦର। ପୁଣି କୁହାଯାଇଛି- ମଧୁର ବିନୟ ବଚନ/ କହି ତୋଷିବ ପ୍ରାଣୀ ମନ। କଥାରେ ମନ/ ହୃଦ ଜିଣି ହୁଏ। କଥାରେ ପୁଣି କାହା ହୃଦୟ ହାଣି ହୁଏ। କଥା ଛୁରୀ ଭଳି କାହାକୁ ଆଘାତ ଦେଇପାରେ। ତେଣୁ କଥା କହି ମିତ୍ର ଅର୍ଜନ କରି ହୁଏ, ପୁଣି ରୁକ୍ଷ କଥାରେ ଶତ୍ରୁ ଅର୍ଜି ହୁଏ। ଅତଏବ, କଥାର ପ୍ରୟୋଗ ବିଧି ଥାଏ ଗୁରୁତ୍ୱପୂର୍ଣ୍ଣ। ଭଲ ଉଦ୍ଦେଶ୍ୟରେ କୁହାଯାଇପାରେ ଅନେକ କଥା। କଥା ବି ମନ୍ଦ ପାଲଟେ ମନ୍ଦ ଉଦ୍ଦେଶ୍ୟ ରଖି କଟୂକଥା ଏଠି ସେଠି କୁହାଗଲେ। ଖା-ଭୁଞ୍ଜ-ଗିଳ ଭିତରେ ଯେମିତି ଫରକ ଥାଏ, ସେମିତି କଥାରେ ସୁନ୍ଦରତା ଅସୁନ୍ଦରତା ଥାଏ। ଦେଖିବାହିଁ କଥା ସବୁଠି ଥୋଇବା ଦରକାର। ଓଡ଼ିଆରେ ପୁଣି ସେମିତି କୁହାଯାଇଛି- 'ଏମିତି ବାଗରେ ବସି ପଡ଼ିଥିବୁ କେହି ନ କହିବେ ଉଠ/ ଏମିତି ବାଗରେ କହିଥିବ କଥା କେହି ନ କହିବେ ଝୁଠ' (ମିଛ)। ହିଂସା ଆଚରଣ କରି ଶତ୍ରୁ ଅର୍ଜନ କରିବା ସାର ଥାଏ, ହେଲେ ସୁନ୍ଦର କଥା କହି ମିତ୍ର ଭାବ ଯୋଖି ହୁଏ।

କଥା କହିବା ଢଙ୍ଗରେ ମିତ୍ର ଶତ୍ରୁ ଅର୍ଜନ କଲା ଭଳି ଯାହା କିଛିର ବ୍ୟବହାର ଉପରେ ନିର୍ଭର କରେ ତାହାର ଭଲ ମନ୍ଦ। ଛୁରୀଟିଏ ସାହାଯ୍ୟରେ ଘରେ ହେଉ କି ବାହାରେ ପନିପରିବା, ଫଳମୂଳ କଟାଯାଇପାରେ। ପରିବା କଟାଯିବା ଭଳି ଅନେକ ଭଲ କାମରେ ଛୁରୀକୁ ବ୍ୟବହାର କରାଯାଇପାରେ। ତାକୁ ମନ୍ଦ ଉଦ୍ଦେଶ୍ୟ ରଖି ଶସ୍ତ୍ର ଆକାରରେ ମନ୍ଦ ବ୍ୟବହାର କରି ସେଇ ଛୁରୀରେ ଜଣକୁ ସାମାନ୍ୟ ଆଘାତଠୁ ହତ୍ୟା ଭଳି ଜଘନ୍ୟ ବୀଭତ୍ସ ହତ୍ୟାକାଣ୍ଡ ଘଟାଇ ଦିଆଯାଇପାରେ। ସାଧାରଣ ବାଡ଼ିର ସାହାଯ୍ୟ ନେଇ ଅନ୍ଧ ବାଟ ଚାଲେ। ବୃଦ୍ଧ ବୟସ୍କଙ୍କ ଆଶାବାଡ଼ି ପାଲଟେ। ବାଡ଼ିର ସାହାରାରେ ଚାଲିବାକୁ ଅସହାୟ ସମର୍ଥ ହୁଏ। ଗାଈଆଳ ପିଲା ବାଡ଼ିରେ ଆଡ଼େଇ ଅନେକ ଗାଈଗୋରୁକୁ ଚରେଇବାକୁ ନିଏ। ପୁଣି ସଞ୍ଜ ହେଲେ ସେଇ ବାଡ଼ିରେ ଆଡ଼େଇ ଆଣେ ଗୋଠରୁ ଗୋରୁ ପଲକୁ ଗାଈଆଳ ପିଲା। ବାଡ଼ିରେ କାହାକୁ ବାଡ଼େଇ ମଧ ହୁଏ। ପିଲାଦିନେ ସାର୍‌ଙ୍କଠୁ ଖାଇଥିବା ବେତ୍ରାଘାତ ଏବେ ବି ଅନେକଙ୍କର ମନେଅଛି। ଏବେ ଯାହା ପିଲାଙ୍କଠି ପାହାର ବସିବା ମନା ଅଛି। ହାତ ଆମ ହିତରେ ସବୁବେଳେ ଥାଏ। ହାତରେ ଆମେ କରିଥାଉ ଅନେକ କାମ। ହାତକୁ କିଏ କେତେବେଳେ ହତିଆର କରି ଅନ୍ୟକୁ ବିଧା ଚାପୁଡ଼ା ବି ମାରେ। ବନ୍ଧୁକ ଫୁଟେଇ ହିଂସ୍ର ଜୀବଜନ୍ତୁଙ୍କୁ ଭୟଭୀତ କରାଯାଇପାରେ। ସେଇ ବନ୍ଧୁକରେ ବନ୍ଧୁ ହାତରେ ଆଉ କେଉଁ ବନ୍ଧୁର ପ୍ରାଣପକ୍ଷୀ ବି ଉଡ଼ିଯାଏ। ତେଜଷ୍କ୍ରିୟ ପରମାଣୁରୁ ବିଦ୍ୟୁତ୍ ଉତ୍ପାଦନ କରାଯାଇ ମାନବ କଲ୍ୟାଣ ପାଇଁ ତାହା ବେଶ୍ ଉପଯୋଗୀ ମନେହୁଏ। ସେଇ ତେଜଷ୍କ୍ରିୟ ପରମାଣୁରୁ ନିର୍ମିତ ବୋମାକୁ ମାନବ ସମାଜର ଧ୍ୱଂସ ସାଧନରେ ଅପପ୍ରୟୋଗ ମଧ କରାଯାଏ; କରାଯାଉଛି। ବିଜ୍ଞାନର ଏମିତି ଉଭୟ ସଦୁପଯୋଗ ଓ ଦୁରୁପଯୋଗ କରାଯାଇ ଆସୁଛି। ବିଜ୍ଞାନର ବ୍ୟାପକ ଦୁରୁପଯୋଗ କରାଯାଏ ଯୁଦ୍ଧ ବେଳେ। ଏବର ମଧ୍ୟପ୍ରାଚ୍ୟ ଯୁଦ୍ଧ ଏହାର ସଦ୍ୟତମ ଉଦାହରଣ। ଏଥିରେ ବିଜ୍ଞାନର ଭୁଲ୍ ନାହିଁ। ଦୁରୁପଯୋଗକାରୀଙ୍କର ହିଁ ଭୁଲ୍ ରହିଥାଏ।

ମୋବାଇଲକୁ ବିଜ୍ଞାନର ଏକ ବିସ୍ମୟଜନକ ଯାନ୍ତ୍ରିକ ଉପକରଣ କୁହାଯାଇପାରେ। କ'ଣ ନ କରେ ମୋବାଇଲ? କ'ଣ କରି ନ ହୁଏ ମୋବାଇଲରେ? ମୋବାଇଲରେ କଥା ହୋଇ ହୁଏ, ଯିଏ ଯେତେ ଦୂରରେ ଥିଲେ ବି। ମେସେଜ କରି ହୁଏ। ଚାଟିଂ କରି ହୁଏ। ପ୍ରାୟତଃ ଅନେକ କଥା, ଅନେକ ଉପକରଣର ଭଲ ଓ ମନ୍ଦ ଦିଗ ଥିଲା ଭଳି ମୋବାଇଲର ମଧ ଉଭୟ ଭଲ ଓ ମନ୍ଦ ଦିଗ ରହିବା ସ୍ୱାଭାବିକ। ଏଥିରେ ଅସ୍ୱାଭାବିକତା ଜମା ନାହିଁ। ମୋବାଇଲରୁ ଅନେକ କଥା ଆଜିର ଦିନରେ ଜାଣି ହୁଏ, ଶିଖି ବି ହୁଏ। ମୋବାଇଲରେ ଫେସବୁକ, ହ୍ୱାଟସ୍ ଆପ୍, ୟୁଟ୍ୟୁବ୍ ଆଦିକୁ ପିଲାଠୁ ବୁଢ଼ା ପର୍ଯ୍ୟନ୍ତ ଅନେକ ଲୋକ ବ୍ୟବହାର କରନ୍ତି। ନିଜକୁ ଫେସବୁକରେ ବିଜ୍ଞପିତ କରାନ୍ତି। ଆଜିର ଦିନରେ ଆତ୍ମବିଜ୍ଞାପନ ପାଇଁ ପ୍ରକୃଷ୍ଟ କ୍ଷେତ୍ର ମନେ କରାଯାଉଛି ଫେସବୁକକୁ। ଗୁଗଲ ଯଥାର୍ଥରେ ଥାଏ



ଗୁରୁ। ଯାହା ଚାହିଁବେ, ତାହା ଜାଣି ପାରିବେ ସେଇ ମୁହୂର୍ତ୍ତରେ ଗୁଗଲ ଗୁରୁକୁ ପ୍ରଶ୍ନ ପଚାରି। ମୋବାଇଲରୁ ଖବରକାଗଜ ପଢ଼ିହୁଏ। ବହି ସର୍ଚ୍ଚ କରି ପଢ଼ି ହୁଏ। ଆହୁରି ଅନେକ କଥା ସର୍ଚ୍ଚ କରି ଜାଣି ହୁଏ। ମ୍ୟାପ୍ ଦେଖି ରାସ୍ତା ଜାଣିପାରି ଆଗକୁ ବଢ଼ି ହୁଏ। ବିଭିନ୍ନ ଗୁଗଲ୍ ମିଟ୍‌ରେ ନିଜକୁ ସାମିଲ କରାଯାଏ। ସେଠି କବିତା ପଢ଼ିହୁଏ, ଶୁଣି ହୁଏ। ଆଲୋଚନାରେ ଭାଗ ନେଇ ହୁଏ। ନିଜ ରୁଚି ଅନୁସାରେ ତା' ମନକୁ ଅନେକ ତଥ୍ୟ ନଜରକୁ ଆସେ। ଜ୍ଞାନ ବିଜ୍ଞାନଭିତ୍ତିକ ଗଣିତ, ଇଂରାଜୀ ବିଷୟର ଅନେକ ନୂଆ ନୂଆ ପ୍ରଶ୍ନ, ତଥ୍ୟ ନିଜ ଆଖି ସାମ୍ନାରେ ରଖେ ଫେସବୁକ। ଅନ୍ୟ ପାଖେ, ବାଜେ କଥାରେ ରୁଚି ରଖାଗଲେ ସେଇ ସେଇ କଥା ଆସେ ମୋବାଇଲ ଫେସବୁକରେ। ଏ ଲେଖକ ବିଚାରରେ ମୋବାଇଲ ଆଦୌ ମନ୍ଦ ନୁହେଁ। ଏହାର ଦୁରୁପଯୋଗ କାହାକୁ କାହାକୁ ପଥଭ୍ରଷ୍ଟ କରାଏ। ଛୁରୀ ଭଳି ମୋବାଇଲକୁ ଯେମିତି ବ୍ୟବହାର କରିବେ, ସେ ପ୍ରକାର ଫଳ ନିଶ୍ଚେ ପାଇବେ। ମୋବାଇଲ ଗୁଗଲ୍ ଯଥାର୍ଥରେ ଜ୍ଞାନଗୁରୁ। ଯାହା ପଚାରିବେ, ତାହାର ଉତ୍ତର ପାଇବେ। ଓଡ଼ିଶାର ନଦୀ, ଜଳପ୍ରପାତ, ଘାଟି ଉପରେ ପ୍ରଶ୍ନ କଲେ, ତା'ର ବିସ୍ତୃତ ବିବରଣୀ ଘଡ଼ିକରେ ଥୋଇଦିଏ। ମୋବାଇଲକୁ ଦର୍ପଣ ଭଳି ବ୍ୟବହାର କରିହୁଏ। ମୋବାଇଲରୁ ଗୀତ ଶୁଣି ହୁଏ। ମୋବାଇଲରେ ଫଟୋ ଉଠାଇ ହୁଏ। ସେଲ୍ଫି ନେଇ ହୁଏ। ରୁଚି ରଖାଗଲେ ବିଭିନ୍ନ ସୁନ୍ଦର ସୁନ୍ଦର ପ୍ରେରଣାଦାୟୀ କାହାଣୀ ସବୁ ଫେସବୁକରେ ମଧ ଆସେ।

ପୁଣି ମଣିଷ ଆଜିର ବିଶ୍ୱ ଗ୍ରାମର ନିଃସଙ୍ଗ ବାସିନ୍ଦା ବି ପାଲଟି ପାରେ ମୋବାଇଲର ଏକାନ୍ତ ବ୍ୟବହାର ଯୋଗୁଁ। କେବଳ ମୋବାଇଲ ଦେଖିବା ପାଇଁ ଏକୁଟିଆ ରହିବାକୁ ପସନ୍ଦ ମଧ କରନ୍ତି ଅନେକ। ଗୋଟେ ଘର ଭିତରେ ଥାଇ ପାଟିରେ ଡାକିଲେ କେହି ଶୁଣି ନ ପାରନ୍ତି ମୋବାଇଲକୁ କାନରେ ଜାକି ରଖିଥିବା କାରଣରୁ। ରିଙ୍ଗ କଲେ ଶୁଣି ପାରନ୍ତି। ତା' ପରେ ଆସନ୍ତି। ଏହା ମୋବାଇଲର ଅତ୍ୟଧିକ ବ୍ୟବହାରର ଗୋଟେ ମନ୍ଦ ଦିଗ। ମଣିଷକୁ ଏକୁଟିଆ ନିଃସଙ୍ଗପଣ ମୁହାଁ କରାଉଛି ମୋବାଇଲ। ଏଗୁଡ଼ିକୁ ମଣିଷ ଚାହିଁଲେ ଏଡ଼ାଇ ଦେଇ ପାରିବ। କୋଭିଡ ଯୋଗୁଁ ଅନ୍‌ଲାଇନ୍ କ୍ଲାସ ହେଲା। ଗୁଗଲ୍ ମିଟ୍‌ର ଆଦର ବଢ଼ିଲା। ଏବେ ବି ସେସବୁ ଚାଲିଛି। ଲେଖା ବି ମୋବାଇଲରେ ଲେଖି ମେଲ କରି ଦିଆଯାଉଛି ସହଜରେ। ସଙ୍ଗେ ସଙ୍ଗେ ଲେଖା ପହଞ୍ଚି ଯାଉଛି ପ୍ରେସରେ। ଏବେ ଏମିତି ଡାକଘର କାମ ବି କରାଯାଇ ପାରୁଛି ମୋବାଇଲରେ। ରାଣୀ ମାମ୍‌ଙ୍କ ସୁନ୍ଦର ଇଂରାଜୀ କ୍ଲାସ୍ ଭଲ ଲାଗେ ଫେସବୁକରେ। ସେମିତି ଅନେକଙ୍କ ମ୍ୟାଥ କ୍ଲାସ ବି ଭଲ ଲାଗେ। ଏମିତି ନୂଆ ଇଂରାଜୀ, ଗଣିତ ଜ୍ଞାନ ମିଳେ ଫେସବୁକରୁ। କିଛି ମନ୍ଦ କାମକୁ ଛାଡ଼ିଦେଲେ ଅନେକ ଭଲ କାମ ମୋବାଇଲରେ କରାଯାଇ ପାରୁଥିବାରୁ ଏହା କହିବାରେ ଆଦୌ ଅସୁବିଧା ନାହିଁ ଯେ ମୋବାଇଲ ମନ୍ଦ ନୁହେଁ, ବରଂ ବହୁ ଗୁଣରେ ଭଲ।

ବଉଦରାଜ, ଜି- ବୌଦ୍ଧ
ମୋ: ୯୪୩୭୪୭୮୪୬୬

# ମୋ ବିନା ସବୁ ଅଚଳ


ସଲୀଳା ତ୍ରିପାଠୀ

ସାରା ସଂସାରଟାକୁ ଯେବେ ପଚାରି ବୁଝିବେ ଗୋଟି ଗୋଟି କରି ସମସ୍ତେ କହିବେ, ମୋ ବିନା ସଂସାର ଅଚଳ। କହିବାର ତାତ୍ପର୍ଯ୍ୟ ଅନେକ। କିଏ ଭାବେ ନିଜକୁ ସର୍ବାଧିକ ଯୋଗ୍ୟ ତ ପୁଣି କିଏ ମନେକରେ ତା' ବ୍ୟତିରେକେ ଆଉ କାହାକୁ କିଛି ଜଣା ନାହିଁ। ମନ ଭିତରେ ଏଭଳି ଗୋଟେ ଦୃଢ଼ୋକ୍ତିକୁ ପ୍ରତିପାଳନ କରି ମଣିଷ ପ୍ରବଳ ଆତ୍ମସନ୍ତୋଷ ଲାଭକରେ।

ସାମାଜିକ ଶୃଙ୍ଖଳା ନିମିତ୍ତ ପ୍ରତ୍ୟେକଟି ଅନୁଷ୍ଠାନ ଆଉ ସଂଗଠନରେ ଜଣକୁ ମୁଖିଆ ସ୍ଥାନ ଦିଆଯାଇଥିବା ବେଳେ ଅନ୍ୟମାନେ ନିଜ ନିଜ ସ୍ଥାନରେ କାର୍ଯ୍ୟ ଓ ଦାୟିତ୍ୱର ସୁବଣ୍ଟନ ମଧରେ ବ୍ୟବସ୍ଥିତ ଥାଆନ୍ତି। ହେଲେ ବ୍ୟବସ୍ଥାକୁ ବିଗାଡ଼ିବାରେ ଥାଏ ଏକ ଅଜବ ଆନନ୍ଦ। ମୁଁ ସବୁ ଜାଣିଛି କହି ସମସ୍ତଙ୍କର ଅପାରଗତାକୁ ଆଙ୍ଗୁଠି ଦେଖେଇବାରେ ଥାଏ ବାହାଦୂରୀ। ନିଜର କର୍ମକୁଶଳତା ଉପରେ ଥିବା ଅଗାଧ ବିଶ୍ୱାସ ଅନ୍ୟର ଅଯୋଗ୍ୟପଣିଆକୁ ଖୋଜି ଲୋଡ଼ି ସାମ୍ନାକୁ ଆଣିବାରେ ବିତିଯାଏ ଅଗଣିତ ସମୟ। ନିଜକୁ ବଡ଼ କରିବାକୁ ଯାଇ ଅନ୍ୟକୁ ଛୋଟ କରିବାର ପ୍ରୟାସ ଯେତିକି ଦୁଃଖଦାୟକ, ସେତିକି ହାସ୍ୟାସ୍ପଦ। ସବୁରି ଆଗରେ ଜିତିଯିବା ପାଇଁ ନିଜ ବଡ଼ିମାକୁ ନିଜ ମୁହଁରେ ଗାନ ନକଲେ ମଣିଷ ଯେ ହାରିଯିବ। ପୁଣି ନିଜ ନିୟନ୍ତ୍ରଣ ଭିତରେ ସମସ୍ତଙ୍କୁ ରଖି ପାରିବା ଆହୁରି ଆବଶ୍ୟକ। ଯେଉଁ ଦେବଦେବୀ, ଈଶ୍ୱରଙ୍କ ପାଇଁ ବାର ମାସରେ ତେର ପରବ, ଓଷା, ବ୍ରତ ପାଳନ କରାଯାଏ, ତାକୁ ମଧ ମଣିଷ ନିମିଷକେ ଭୁଲିଯାଏ।

ଆମ ସମାଜରେ ଏମିତି ଅଲିଖିତ ନିୟମ ତିଆରି ହୋଇଛି ଯେ ନାରୀ ଉପରେ ସମସ୍ତ କାର୍ଯ୍ୟର ଦାୟିତ୍ୱ। ଅନେକ ପୁରୁଷ ପାଣି ଗିଲାସଟେ କାଢ଼ିକରି ପିଇ ପାରନ୍ତିନି। ଆଉ ଅଲଗା କାମ କଥା ଛାଡ଼। ଏ କ୍ଷେତ୍ରରେ ଘରର ଘରଣୀ ଗୋଟେ ଦିନ କାହିଁକି ଗୋଟେ ଘଣ୍ଟା ଅନୁପସ୍ଥିତ ହେଲେ ସ୍ୱାମୀଟିର ଅବସ୍ଥା ନାରଖାର। ବିବାହ ପୂର୍ବରୁ ମା' କିମ୍ବା ଭଉଣୀ ଆଉ ବିବାହ ପରେ ମା' ହାତରୁ ମୁକ୍ତି ପାଇଁ ଘରଣୀ ହାତର ଖେଳନା ହେବାକୁ ଟିକେ ହେଲେ ଆପତ୍ତି ନଥାଏ। ବରଂ ନାରୀମାନେ ଏକା ଧାରରେ ନିଜକୁ ସର୍ବେସର୍ବା ବୋଲି ଭାବିବାର ସୁଯୋଗ ପାଆନ୍ତି। ଆଉ ମୁକ୍ତ କଣ୍ଠରେ ଗାଇ ବୁଲନ୍ତି 'ମୋ ବିନା ସବୁ ଅଚଳ'। ଯାହାର ବାସ୍ତବିକ ମର୍ମ ନିଜ ଅହଂର ସ୍ୱୀକାରୋକ୍ତି। କାରଣ ମଣିଷ ଯେବେ ଅନ୍ୟକୁ ଅଚଳ ମନେକରେ ପ୍ରକାରାନ୍ତରେ ନିଜକୁ ହିଁ ସଚଳ ବୋଲି ସାବ୍ୟସ୍ତ କରେ।

କିନ୍ତୁ ମଣିଷ ଭୁଲିଯାଏ ଯେଉଁ ମା ମଧ ଦଶ ମାସ ଗର୍ଭରେ ଧରିଥାଏ, ସିଏ ମଧ ଜନ୍ମ ଦେଇସାରି ମୃତ୍ୟୁମୁଖରେ ପଡ଼ିଗଲେ ପିଲାଟି ମା' ସହିତ ମରି ପାରେନା। ତାକୁ ମଧ ଜୀବନ ସାଥୀରେ ଲଢ଼େଇ କରି ବଞ୍ଚିବାକୁ ପଡ଼ିଥାଏ। ନିର୍ଭରଶୀଳତା ଆଉ ଅଯୋଗ୍ୟପଣିଆ ଭିତରେ ଫରକଟିକୁ ମଣିଷ ନିଜେ ଜାଣିଶୁଣି ତିଆରି କରେ। ଆଉ ବେଳେବେଳେ ତାହା ଏଭଳି ପରିସ୍ଥିତି ସୃଷ୍ଟି କରେ, ଯେବେ ସେ ଅନ୍ୟର ଉପସ୍ଥିତି ନିମିତ୍ତ ହିଂସୁକ ହୋଇପଡ଼େ। ମାତ୍ର ବ୍ୟକ୍ତି ସ୍ୱାଧୀନତାରେ ହିଁ କାର୍ଯ୍ୟର ସଠିକ୍ ପରିପୁଷ୍ଟତା ଆସିଥାଏ। ଯାହାକୁ ବୁଝି ଅବୁଝା ହେବା ମଣିଷର ସ୍ୱାଭାବିକ ପ୍ରକୃତି।

ଗୋଟିଏ ବେସରକାରୀ ବିଦ୍ୟାଳୟରେ ଚାପମୁକ୍ତ କାର୍ଯ୍ୟ ମଧରେ ଜଣେ ଶିକ୍ଷକଙ୍କୁ ତାଙ୍କ ନିର୍ଦ୍ଦିଷ୍ଟ ବିଷୟ ବହିର୍ଭୂତ ଆଉ ଗୋଟିଏ ବିଷୟ ପଢ଼ାଇବାକୁ କୁହାଗଲା। ଅବଶ୍ୟ ତାଙ୍କର ସେଥିରେ ଆବଶ୍ୟକୀୟ ଜ୍ଞାନ ଥିବା ସହିତ ନିଜର ରୁଚି ଓ ଆଗ୍ରହ ମଧ ସାମିଲ୍ ଥିଲା। କିନ୍ତୁ ସେ ସବୁବେଳେ ମୁହଁରେ କହୁଥିଲେ, ମୋତେ ବହୁତ କାମ ପଡ଼ିଯାଉଛି। ମୁଁ ବହୁତ ହଇରାଣ ହେଉଛି। କେହି ମୋ ଅସୁବିଧା କଥା ବୁଝୁ ନାହାନ୍ତି। ମୁଁ ଯେ ଏଥିପାଇଁ ଅଧିକା ବେତନ ମଧ ପାଉନାହିଁ। ଏହାକୁ ଶୁଣି ଅଲଗା ସହକର୍ମୀମାନେ ବ୍ୟସ୍ତ ହୋଇ ଦୁଃଖ ପ୍ରକାଶ କରନ୍ତି। ତାଙ୍କ ଦୁଃଖରେ ଦୁଃଖୀ ହୋଇ ଜଣେ ସହକର୍ମୀ ଅଧକ୍ଷଙ୍କୁ କହି ନୂତନ ଶିକ୍ଷକର ଆୟୋଜନ କରି ସାରିଲା ପରେ ତାଙ୍କ ପାଖକୁ ଆସି ବାହାଦୂରୀ ନେବାକୁ ଆଶା କରନ୍ତେ ତାଙ୍କର ମୁହଁଟି ଶୁଖି କଳାକାଠ ପଡ଼ି ଯାଇଥିଲା। ଅତଏବ, ତାଙ୍କର ସୁଖ କି ଦୁଃଖ ହୋଇଛି, ସେକଥା ଜ୍ଞାନୀ ଜନେ ବିଚାର କରିବେ।

ଠିକ୍ ସେହିପରି ଗାଈ ପାଳନ କରି ହଇରାଣ ହେଉଥିବା ଗୃହିଣୀମାନେ କିଣା କ୍ଷୀରରେ ତୃପ୍ତ ହୋଇ ପାରନ୍ତିନି। ବରଂ ଗାଈ ରଖିଥିବା ସମୟର କଥା ମନେ ପକାଇ ନିଜର ଓ ଗାଈର ଗୁଣଗାନ କରି ଥାଆନ୍ତି। ଏଠାରେ ବୁଝି ନେବାକୁ ପଡ଼ିବ ଯେ କିଛି ପରିସ୍ଥିତିରେ ମଣିଷ ଏମିତି ଅଭ୍ୟସ୍ତ ହୋଇଥାଏ ଯେ ସେଥିରେ ରହିଲେ ତାକୁ ଦୁଃଖ ଲାଗେ, ଆଉ ବାହାରି ଗଲେ ବି ଦୁଃଖ ଲାଗେ। ଆଉ ଏକଥା ବୁଝା ପଡ଼େନି ଯେ ମଣିଷ ପରିସ୍ଥିତିର ଦାସ ନା ପରିସ୍ଥିତି ମଣିଷର? ଜଣେ ସ୍ୱଚ୍ଛଳ ବ୍ୟକ୍ତିଙ୍କର ଦାନ୍ତ ଉପୁଡ଼ି ଗଲା। ସମସ୍ତେ ଦାନ୍ତ ଲଗେଇବାକୁ ପରାମର୍ଶ ଦିଅନ୍ତେ ସେ ନାନା ପ୍ରକାରର ଅସୁବିଧା ଦର୍ଶାଇବାରେ ଲାଗିଲେ। ଦାନ୍ତ ନଥିବାରେ ସମସ୍ତ କଷ୍ଟକୁ ମଧ ଭୋଗି ଚାଲିଲେ। ତଥାପି ଦାନ୍ତ ଲଗାଇବା ତ ଦୂରର କଥା ଦାନ୍ତ ଡାକ୍ତରଙ୍କ ପାଖକୁ ମଧ ଗଲେ ନାହିଁ। କିନ୍ତୁ ଯୁଆଡ଼େ ଗଲେ ମୁଁ କିଛି ଖାଇ ପାରୁନି ବୋଲି କହି



ଚାଲିଲେ। ତାଙ୍କର ଏସବୁ କରିବା ପଛରେ କାରଣ ଥିଲା ତାଙ୍କ ବିନା କୌଣସି କାର୍ଯ୍ୟ ହୋଇ ପାରିବ ନାହିଁ। ତେଣୁ ସେ କୁଆଡ଼େ ଯାଇ ପାରୁ ନାହାନ୍ତି ଏବଂ ସିଏ ସମସ୍ତଙ୍କ ପାଇଁ କାମ କରୁଥିଲା ବେଳେ ତାଙ୍କ ଅସୁବିଧା କଥା କେହି ବୁଝୁ ନାହାନ୍ତି। କିନ୍ତୁ ବାସ୍ତବରେ ସେ ଡାକ୍ତର ପାଖକୁ ଯିବାକୁ ଡରୁଥିଲେ ଓ ସେ ବାବଦରେ ପଇସା ଖର୍ଚ୍ଚ ହୋଇଯିବ ଭାବି ଯିବାକୁ ଚାହୁଁ ନଥିଲେ।

ଏସବୁ ପରିପ୍ରେକ୍ଷୀରେ ଦେଖାଯାଏ ଅନେକ ବ୍ୟକ୍ତି ମୋର ସମୟ ନାହିଁ, ମୁଁ ବହୁତ ବ୍ୟସ୍ତ କହି ସମସ୍ତ କଥାକୁ ଏଡ଼ାଇ ଚାଲନ୍ତି। ଏମାନଙ୍କ ପାଖରେ ଅନେକ ସମସ୍ୟା, କିନ୍ତୁ ସମାଧାନ ନାହିଁ। ଏମାନେ ସମସ୍ତ ଦୋଷକୁ ଅନ୍ୟ ମୁଣ୍ଡ ଉପରେ ଲଦି ଦେବାକୁ ସର୍ବଦା ଚେଷ୍ଟିତ ଏବଂ ସମସ୍ତ ଭଲ କାର୍ଯ୍ୟର ଶ୍ରେୟ ନିଜେ ନେବା ପାଇଁ ବ୍ୟାକୁଳ। ମଣିଷ ନିଜର ଜିଦ୍ଦି ଓ ଗରିମା ନିମନ୍ତେ ବହୁତ କଷ୍ଟକୁ ନିୟନ୍ତ୍ରଣ କରିଥାଏ। ସମସ୍ୟା ଭିତରୁ ନିଜକୁ ବାହାର କରିବାକୁ ତା'ର ଇଚ୍ଛା ନଥାଏ, କାରଣ ସେ ମାନସିକ ଭାବେ ସେ ସମସ୍ୟା ସହିତ ଅଭ୍ୟସ୍ତ ହୋଇ ଯାଇଥାଏ। ଆଉ ଯଦି କେହି ତାକୁ ସେ ଭିତରୁ କାଢ଼ିବା ପାଇଁ ଚେଷ୍ଟା କରେ, ନିଜ ଦମ୍ଭକୁ ବଜାୟ ରଖିବା ପାଇଁ ନାନା ଅସୁବିଧାର ବାହାନା କରିଥାଏ।

ଘରଠାରୁ ଆରମ୍ଭ କରି ବିଶ୍ୱ ସ୍ତରରେ ସଂଗଠନ ପର୍ଯ୍ୟନ୍ତ କେଉଁ ସ୍ଥାନ କେବେ ବି ଅପୂରଣୀୟ ରହିନାହିଁ। ନିର୍ଦ୍ଦିଷ୍ଟ ସମୟର ଅବଧି ପରେ ଶୂନ୍ୟସ୍ଥାନ ପୂରଣ ହୋଇଯାଏ। ଅବଶ୍ୟ ପ୍ରତ୍ୟେକ ବ୍ୟକ୍ତିଙ୍କର ସ୍ୱତନ୍ତ୍ର ଚିନ୍ତାଧାରା, ଗୁଣ ଓ ଅବିଗୁଣ ଥାଏ, ଯାହା ଭିନ୍ନ ଭିନ୍ନ ଭାବରେ ଅନୁଷ୍ଠାନ ବା ସଂଗଠନଟିକୁ କାର୍ଯ୍ୟକ୍ଷମ କରିଥାଏ। ଆଉ କିଛି ଫରକ ସମୟ ଅନୁଯାୟୀ ସ୍ୱତଃପ୍ରବୃତ୍ତ ଭାବେ ହୋଇଥାଏ, ଯାହା ହେବା ଆଶ୍ଚର୍ଯ୍ୟଜନକ ନୁହେଁ। ମଣିଷକୁ ଯଦି ଗୋଟେ ମେସିନ୍ ସହିତ ତୁଳନା କରିନେବା, ତେବେ ଦିନେ ନା ଦିନେ ଏହା ଅସଜ ହେବ, ଆଉ ନୂଆ ନୂଆ ମେସିନ୍‌ର ଆବଶ୍ୟକତା ପଡ଼ିବ। ଏହାକୁ ଗ୍ରହଣ କରିନେବା ହିଁ ବୁଦ୍ଧିମାନର ପରିଚୟ। ବେଳେବେଳେ ଅଳ୍ପ ଦିନରେ ବି ମେସିନ୍ ଖରାପ ହୋଇ ଯାଇପାରେ।

ଆଧାତ୍ମିକ ଦୃଷ୍ଟିକୋଣରୁ ଦେଖାଗଲେ ମହାଭାରତ ଯୁଦ୍ଧରେ ସମସ୍ତେ ଭାବୁଥିଲେ ଯୁଦ୍ଧ ମୋ ଦ୍ୱାରା ସଂଗଠିତ ହେଉଛି। କିନ୍ତୁ ବାସ୍ତବରେ ଭଗବାନ କୃଷ୍ଣ ସବୁ କରାଉ ଥିଲେ। ସେଥିପାଇଁ କୁହାଯାଇଛି, 'କରି କରାଉ ଥାଉ ତୁହି/ ତୋ ବିନୁ ଅନ୍ୟ ଗତି ନାହିଁ।'

ନିଜକୁ ଯୋଗ୍ୟ ବୋଲି ପ୍ରମାଣିତ କରିବାକୁ ଯାଇ ଅନ୍ୟକୁ ଅକାମୀ କରିବା କେତେଦୂର ଯଥାର୍ଥ, ତାହା ନିଶ୍ଚିତ ରୂପେ ବିଚାର ସାପେକ୍ଷ। କାର୍ଯ୍ୟରେ ସୁବଣ୍ଟନ ସହିତ ପ୍ରତ୍ୟେକଙ୍କର କାମକୁ ସମ୍ମାନ ଦିଆଗଲେ ସମସ୍ତେ ମିଳିମିଶି ଚଳିବେ। ନିଜକୁ ସମସ୍ତ କାର୍ଯ୍ୟ ପାଇଁ ଯୋଗ୍ୟ କରିବାର ଚେଷ୍ଟା ସହିତ ଅନ୍ୟକୁ ଗ୍ରହଣ କରିବା ଦ୍ୱାରା ଗୋଟିଏ ସହଜ ବାତାବରଣ ତିଆରି ହୋଇ ପାରିବ। ଅବଶ୍ୟ ଏହାଦ୍ୱାରା 'ମୋ ବିନା ସବୁ ଅଚଳ' ବାହାଦୂରୀର ପରିସମାପ୍ତି ଘଟିଯିବ।

ବୋଲଗଡ଼, ହନୁମାନଗଦୀ
ମୋ: ୮୭୬୩୭୮୮୬୧୪

## ସମ୍ପାଦକଙ୍କୁ ପତ୍ର

# ଯୁଦ୍ଧ ଓ ନାରୀ

ପୃଥିବୀରେ ଯେ କୌଣସି ଜାଗାରେ ଯୁଦ୍ଧ ଲାଗିଲେ ସେଥିରେ ଆବାଳ ବୃଦ୍ଧ ବନିତା କ୍ଷତିଗ୍ରସ୍ତ ହୋଇଥାନ୍ତି। ଉଭୟ ଜୀବନ ଓ ଧନର ସୁରକ୍ଷା ନଥିବାରୁ ଏହାକୁ ନେଇ ଲୋକମାନଙ୍କ ମନରେ ଆତଙ୍କମୟ ପରିସ୍ଥିତି ଓ ପରିବେଶ ସୃଷ୍ଟି ହୋଇଥାଏ। ଏହା କେବଳ ଯୁଦ୍ଧ ଲାଗିଥିବା ଦେଶ ଉପରେ ପ୍ରଭାବ ପକାଇ ନଥାଏ, ବରଂ ସମଗ୍ର ବିଶ୍ୱକୁ ବିଭିନ୍ନ ଭାବରେ ବିଭିନ୍ନ ସମୟରେ ପ୍ରଭାବିତ କରିଥାଏ, ଯାହା ଇରାନ-ଆମେରିକା ଯୁଦ୍ଧରେ ଦେଖିବାକୁ ମିଳୁଛି। ବର୍ତ୍ତମାନ ପରିପ୍ରେକ୍ଷୀରେ ଦେଖିବାକୁ ଗଲେ ଯୁଦ୍ଧର ସିଧା ପ୍ରଭାବ ହାଣ୍ଡିଶାଳ ଉପରେ ପଡ଼ିଛି। ରନ୍ଧନ ଗ୍ୟାସ୍‌ର ଅଭାବ ସାଙ୍ଗକୁ ମହଙ୍ଗୀ ମାଡ଼ ଲୋକମାନଙ୍କୁ ଅସ୍ତବ୍ୟସ୍ତ କରି ଦେଉଛି, ଯେଉଁଥିପାଇଁ ନାରୀର ପାରିବାରିକ ଜୀବନ ତଥା ସମ୍ପର୍କ ବିଶେଷ ଭାବେ ପ୍ରଭାବିତ। ପ୍ରବାସୀମାନେ ଘରକୁ ଫେରିବାରେ ଅସୁବିଧା କଥା ହେଉ କିମ୍ବା ସେଠାରେ ଫସିଯିବା ହେଉ, ସବୁଠୁ ବେଶୀ ପ୍ରଭାବିତ ହୋଇଥାଏ ନାରୀ। ବୈଧବ୍ୟର ଯନ୍ତ୍ରଣା, ପୁତ୍ରହରା ହେବାର କାରୁଣ୍ୟ, ପାରିବାରିକ ଅଶାନ୍ତି, ଦରିଦ୍ରତା, ସର୍ବୋପରି ଅନ୍ୟମାନଙ୍କ ଉପରେ ନିର୍ଭରଶୀଳତା ତା'ର ଜୀବନକୁ ଅଧିକ ଦୁର୍ବିସହ କରି ଦେଇଥାଏ। ଅନେକ କଥା ଓ ବ୍ୟଥାକୁ କହିବାର ସୁଯୋଗ ତା' ପାଖରେ ନଥାଏ। ସିଏ ଅବିବାହିତା, ସଦ୍ୟ ବିବାହିତା କିମ୍ବା ବୟସର ଅପରାହ୍ନରେ ପହଞ୍ଚି ଥିବା ନାରୀ ହେଉ, ସବୁଠି ଯୁଦ୍ଧର ପ୍ରଭାବ ଭିନ୍ନ। ପୁରୁଷମାନେ ପ୍ରାୟତଃ ସ୍ୱାଧୀନ। ଘରୁ ବାହାରି ଯାଇ ନିଜକୁ ହାଲୁକା କରିବାର ଅବସର ସେମାନଙ୍କୁ ମିଳିଥାଏ। କିନ୍ତୁ ନାରୀଟିଏ ସାଧାରଣତଃ ଘରର ଚାରି କାନ୍ଥ ଭିତରେ ଆକ୍ତାମାକ୍ତା ହୋଇ ପଡ଼ିଥାଏ। ନା ସିଏ କହିପାରେ, ନା ତାକୁ ସହିପାରେ। ପୁରୁଷମାନେ ମଧ ତା'ରି ଉପରେ ଦାଉ ସାଧି ଥାଆନ୍ତି। ସନ୍ତାନସନ୍ତତି ତା'ରି ପାଖରେ ଅଳି, ଅଝଟ ଓ ଅଭିଯୋଗ କରନ୍ତି। ସିଏ ଥାଏ ନିରବ। କାହାକୁ ସିଏ ସାକ୍ଷୀ କରିବ? ସିଏ ଅନ୍ତର୍ଦ୍ୱନ୍ଦ୍ୱ ହୋଇ ବଞ୍ଚିବା ସାର ହୁଏ। କିଏ କଣ କେବେ ପଚାରେ ତା'ର ଶୁଖିଲା ମୁହଁର ପରିଭାଷା ନା ଲୋତକ ବିନ୍ଦୁର ମୂଲ୍ୟକୁ? ସବୁଠି ତାକୁ ମିଳିଥାଏ କେବଳ ସହିଯିବାର ଉପଦେଶ ଆଉ ଅପେକ୍ଷାର ସନ୍ଦେଶ।

ଡକ୍ଟର ସୀତାକାନ୍ତ ତ୍ରିପାଠୀ
ତଳ ଗୋପବିନ୍ଧା, ଅର୍ଣ୍ଣପାଳ, ଭଦ୍ରକ

ଲେଖା ପଠାଇବାର ଠିକଣା, ସମ୍ପାଦକ, 'ନିତିଦିନ', Shed No- TS -2/210/A, Zone-B, Sector-A, Mancheswar Industrial Estate, Bhubaneswar-751010, e-mail: nitidinedit@gmail.com

## ଛଣିଜଙ୍ଗ ପଞ୍ଚାୟତରେ ବିଜୁବାବୁଙ୍କ ପୁଣ୍ୟତିଥି

**ଚାରିଛକ,୧୮।୪/ଏନ୍ଏନ୍ଏସ୍:** ଚାରିଛକ ନିକଟସ୍ଥ ଛଣିଜଙ୍ଗ ପଞ୍ଚାୟତରେ ନିମାପଡ଼ା ବିଜେଡି ନେତା ଦିଲ୍ଲୀପ ନାୟକଙ୍କ ଆହ୍ୱାନରେ ଆଜି ଓଡ଼ିଶାର ଜନ ନାୟକ ପ୍ରବାଦ ପୁରୁଷ ରାଜ୍ୟର ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକଙ୍କ ୨୯ ତମ ତିରୋଧାନ ଦିବସ ପାଳିତ ହୋଇଯାଇଛି। ପଞ୍ଚାୟତ ସଭାପତି ବଳରାମ ନାୟକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବରେ ନିମାପଡା ଏନ ଏସି ପୂର୍ବତନ ଅଧ୍ୟକ୍ଷ ଅଜୟ କୁମାର ଭୋଇ, ଏନଏସି ନେତା ଦିଲ୍ଲୀପ ପାତ୍ର, ଯୁବ ସଂଗଠକ ମାନସ ପ୍ରଧାନ, ତପନ ପଣ୍ଡା,ସୁଦର୍ଶନ ବେହେରା, ପୂର୍ବତନ ସମିତିସଭ୍ୟ ପବିତ୍ର ମୋହନ ମହାପାତ୍ର, ପୂର୍ବତନ ସରପଞ୍ଚ ପ୍ରଦୀପ୍ତ ଦାସ, ଛଣିଜଙ୍ଗ ପଞ୍ଚାୟତ ସମିତିସଭ୍ୟା ଲକୀବାଳା ନାୟକ, ଭଗବାନ ନାୟକ, ବାହାରଣା ପଞ୍ଚାୟତ ସଭାପତି ଦ୍ୱିଜବର ପ୍ରଧାନ, ତମ୍ପାଳ ପଞ୍ଚାୟତ ପୂର୍ବତନ ସରପଞ୍ଚ ଚୈତନ୍ୟ ସେଠି ପ୍ରମୁଖ ଯୋଗଦେଇ ବିଜୁ ବାବୁଙ୍କ ପ୍ରତିମୂର୍ତ୍ତୀରେ ପୁଷ୍ପମାଲ୍ୟ ଅର୍ପଣ ପରେ ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା।

# ଦିନକ ପରେ ଚନ୍ଦନଯାତ୍ରା, ଦଳ ସଫା ଅସମ୍ପୂର୍ଣ୍ଣ

**କଣ୍ଟିଲୋ,୧୮।୪/ଏନ୍ଏନ୍ଏସ୍:** ପ୍ରତ୍ୟେକ ପୂର୍ବ ବର୍ଷ ଭଳି ଚଳିତବର୍ଷ ଆଦିପୀଠ କଣ୍ଟିଲୋରେ ପ୍ରଭୁ ଶ୍ରୀ ନୀଳମାଧବଙ୍କ ପବିତ୍ର ଚନ୍ଦନ ଯାତ୍ରା ଆଉ ଗୋଟିଏ ଦିନପରେ ଅର୍ଥାତ୍ ସୋମବାର ଦିନ ଅକ୍ଷୟ ତୃତୀୟା ପର୍ବରେ ଆରମ୍ଭ ହେବ। କିନ୍ତୁ ପୂର୍ବବର୍ଷ ଦଳ ସଫା ପାଇଁ ବ୍ୟୟ ହୋଇଥିବା ଟଙ୍କାର ଚାରି ଗୁଣା ଅଧିକ ଟଙ୍କା ଚଳିତ ବର୍ଷ ବ୍ୟୟ ହେଉଥିଲେ ମଧ୍ୟ ଆଜକୁ ମାସେ ପାଖାପାଖି ସମୟ ଅତିବାହିତ ହୋଇଥିଲେ ମଧ୍ୟ ପବିତ୍ର ଚନ୍ଦନ ପୁଷ୍କରିଣୀର ଚାରିପାର୍ଶ୍ୱ ପରିଷ୍କାର କରିବା ଓ ପୁଷ୍କରିଣୀ ପାଣିରୁ ଦଳ ସଫେଇ କାର୍ଯ୍ୟ ଶେଷ ହୋଇପାରି ନଥିବା ଅଭିଯୋଗ ହେଉଛି। ସୂଚନାରୁ ପ୍ରକାଶ ଯେ, ଆସନ୍ତା ସୋମବାର ଦିନ ପବିତ୍ର ଅକ୍ଷୟ ତୃତୀୟା ତିଥିରେ ଶ୍ରୀଜିଉଙ୍କ ଚଳନ୍ତିପ୍ରତିମା ପ୍ରଭୁ ମଦନମୋହନ ଜିଉ, ମା'



ଲକ୍ଷ୍ମୀ, ସରସ୍ୱତୀ ଓ ଶିବ ପାର୍ବତୀଙ୍କୁ ନିଜ ସାଙ୍ଗରେ ନେଇ ଉକ୍ତ ପବିତ୍ର ଚନ୍ଦନ ପୁଷ୍କରିଣୀରେ ଚାପ ଖେଳିବା ଦିନ ଠାରୁ ଚନ୍ଦନ ଯାତ୍ରା ୨୧ ଦିନ ପର୍ଯ୍ୟନ୍ତ ଚାଲିଥାଏ। ପୂର୍ବ ବର୍ଷ ଏହି ପୋଖରୀ ଦଳ ସଫେଇ ପାଇଁ ମାତ୍ର ୧୮ହଜାର ଟଙ୍କା ବ୍ୟୟ କରାଯାଇଥିବା ବେଳେ ଚଳିତବର୍ଷ ତାର ୪ଗୁଣା ଅର୍ଥାତ୍ ୭୦ହଜାର ଟଙ୍କା ବ୍ୟୟ ଅଟକଳ ହୋଇଥିଲେ ମଧ୍ୟ ସମ୍ପୂର୍ଣ୍ଣ ଭାବେ ପୋଖରୀ ଭିତରୁ ଦଳ ଓ ଅନାବନା ଗଛ ସଫା ହୋଇପାରିନାହିଁ। ଯଥାଶୀଘ୍ର ପୋଖରୀର ଚତୁଃପାର୍ଶ୍ୱ ପରିଷ୍କାର ପରିଚ୍ଛନ୍ନ କରିବା ସହିତ ପୋଖରୀ ପାଣିରେ ବର୍ତ୍ତମାନ ଦୃଶ୍ୟମାନ ହେଉଥିବା ଦଳ ଓ ଅନାବନା ଗଛ ସବୁ ସଫାକରିବାକୁ ଭକ୍ତ, ଶ୍ରଦ୍ଧାଳୁ, ପର୍ଯ୍ୟଟକ ଓ ସର୍ବସାଧାରଣ ଜନତାଙ୍କ ପକ୍ଷରୁ ଦାବି କରାଯାଇଛି।

## ମନ୍ଦିର ହୁଣ୍ଡିରୁ ଲୁଟିନେଲେ ଦୁର୍ବୃତ୍ତ

**ବାରଙ୍ଗ,୧୮।୪/ଏନ୍ଏନ୍ଏସ୍:** ବାରଙ୍ଗରେ ଦୁର୍ବୃତ୍ତମାନେ କେତେବେଳେ ଆପାର୍ଟମେଣ୍ଟ ତ ଆଉକେତେବେଳେ ଦୋକାନ ମାନଙ୍କରୁ ଲୁଟ କରୁଥିବାବେଳେ ଚୋରଙ୍କ ଆଖିରୁ ବର୍ତ୍ତିପାରୁନି ମନ୍ଦିର। ବାରଙ୍ଗ ନରାଜ ଗ୍ରାମରେ ଥିବା ମା'ଗଙ୍ଗାଧରଣୀ ମନ୍ଦିରରୁ ମା'ଙ୍କ ଦାନ ବାକ୍ସରୁ ଦୁର୍ବୃତ୍ତମାନେ ଟଙ୍କା ଚୋରି କରି ନେଇଛନ୍ତି। ସୂଚନା ଅନୁଯାୟୀ ଶନିବାର ସକାଳୁ ମନ୍ଦିର ପୂଜକ ସକାଳୁ ମନ୍ଦିରକୁ ପୂଜା କରିବାକୁ ଆସିଥିବା ବେଳେ ସେହି ସମୟରେ ମନ୍ଦିର ଗେଟ୍ ତାଲା ଭଙ୍ଗା ଯାଇଥିବା ସହ ଦାନ ବାକ୍ସ ତାଡି ସେଥିରୁ ଟଙ୍କା ନେଇ ଯାଇଥିବା ଦେଖିବାକୁ ପାଇଥିଲେ। ସଙ୍ଗେ ସଙ୍ଗେ କମିଟିକୁ ଖବର ଦେବା ସହିତ ପୋଲିସକୁ ମଧ୍ୟ ଖବର ଦେଇଥିଲେ। ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଭଙ୍ଗା ଯାଇଥିବା ଦାନ ବାକ୍ସ ପୂଜା ସାମଗ୍ରୀକୁ ଏଣେତେଣେ ପକାଇଥିବା ଦେଖିବାକୁ ପାଇଥିଲେ। ସେପଟେ ଯାହାକୁ ନେଇ ଭକ୍ତ ଏବଂ ଶ୍ରଦ୍ଧାଳୁଙ୍କ ମନରେ ଆଘାତ ଲାଗିବା ସହ ସ୍ଥାନୀୟ ଅଞ୍ଚଳର ଲୋକେ ଅସନ୍ତୋଷ ପ୍ରକାଶ କରିଛନ୍ତି। ପୋଲିସ୍କୁ ଖୋଲା ଖୋଲି ଭାବେ ଚାଲେଞ୍ଜ କରି ଚୋରି କରିଛନ୍ତି ଦୁର୍ବୃତ୍ତ। ବାରଙ୍ଗରେ ବାରମ୍ବାର ଏଭଳି ପରିସ୍ଥିତି ସୃଷ୍ଟି ହେଉଥିଲେ ବି ଏପର୍ଯ୍ୟନ୍ତ ପୁଲିସ କାହାରିକୁ ଗିରଫ କରିପାରି ନାହିଁ। ଯାହା ଫଳରେ ଭକ୍ତ ଏବଂ ଶ୍ରଦ୍ଧାଳୁଙ୍କ ମନରେ ଆଘାତ ଲାଗିଛି।

## ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନା ସମନ୍ୱୟ ବୈଠକ

**ଖୋର୍ଦ୍ଧା,୧୮।୪/ଏନ୍ଏନ୍ଏସ୍:** ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଓସ୍ୱାନ ସମ୍ମିଳନୀ କକ୍ଷରେ ଜିଲ୍ଲା ସମାଜ କଲ୍ୟାଣ ବିଭାଗ ଆନୁକୂଲ୍ୟରେ ଅତିରିକ୍ତ ଜିଲ୍ଲାପାଳ, ସାଧାରଣ, ପ୍ରତାପ ଚନ୍ଦ୍ର ବେଉରାଙ୍କ ଅଧ୍ୟକ୍ଷତାରେ ଖୋର୍ଦ୍ଧା ଜିଲ୍ଲାର ମା 'ବରୁଣେଇ ପୀଠରେ ଅନୁଷ୍ଠିତ ହେବାକୁ ଥିବା ମୁଖ୍ୟ ମନ୍ତ୍ରୀ କନ୍ୟା ବିବାହ ଯୋଜନା ଆୟୋଜନକୁ ସଫଳ କରିବା ନିମିତ୍ତ ବିଭାଗୀୟ ଅଧିକାରୀ ମାନଙ୍କ ସହ ଆଲୋଚନା କରିଥିଲେ। ଏହି କାର୍ଯ୍ୟକ୍ରମରେ ମହିଳା ଓ ଶିଶୁ ବିକାଶ ବିଭାଗରୁ ଦିଆଯାଇଥିବା ତାଲିକା ଅନୁଯାୟୀ ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀଙ୍କ ଦ୍ୱାରା ଚୟନ କରାଯାଇଥିବା ଯୋଗ୍ୟ ହିତାଧିକାରୀ ମାନଙ୍କ ବିବାହ ଅନୁଷ୍ଠିତ ହେବ। ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନା ପରିଚାଳନାରେ ସ୍ୱେଚ୍ଛାସେବୀ ସଂଗଠନ ପିପୁଲ୍ସ ଫୋରମ୍, ବିଭିନ୍ନ ଲାଇନ୍ ଡିପାର୍ଟମେଣ୍ଟ ବିଭାଗ ଯଥା ଅଗ୍ନିଶମ ସେବା, ସ୍ୱାସ୍ଥ୍ୟ, ପୋଲିସ ପ୍ରଶାସନ, ଓ୍ୱାଟକୋ, ଟିପିସିଓଡିଏଲ, ପୌର ପରିଷଦ, ଖୋର୍ଦ୍ଧା,ସଫାସୁତରା ଆଦି ବିଭିନ୍ନ କାର୍ଯ୍ୟ ଓ ଅତ୍ୟାବଶ୍ୟକ କାର୍ଯ୍ୟ ସମ୍ପାଦନ ନିମନ୍ତେ ଅତିରିକ୍ତ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ବୈଠକରେ ଅନ୍ୟ ମାନଙ୍କ ମଧ୍ୟରେ ଉପ ଜିଲ୍ଲାପାଳ, ଖୋର୍ଦ୍ଧା ସଂକଳ୍ପ ସ୍ୱସ୍ତିକ ସାହୁ, ଉପଜିଲ୍ଲାପାଳ, ଭୁବନେଶ୍ୱର ଡ଼ଃ ମନୋରଞ୍ଜନ ସାହୁ, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ, ଖୋର୍ଦ୍ଧା, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ, ଖୋର୍ଦ୍ଧା, ଲକ୍ଷ୍ମଣ କୁମାର ବେହେରା, ଡେପୁଟୀ କଲେକ୍ଟର, ସାରା ମଲ୍ଲିକ, ସ୍ୱିଟୀ ସୋରେନ, ଆସିଷ୍ଟାଣ୍ଟ କଲେକ୍ଟର ରଷବ୍ ତ୍ରିପାଠୀ, ଇପ୍ସିତା ସାହୁ, ଅତିରିକ୍ତ ଅଗ୍ନିଶମ ସେବା ଅଧିକାରୀ ମୀନକେତନ ବେହେରା, ଜିଲ୍ଲା ସଂସ୍କୃତି ଅଧିକାରୀ, ଚୌଧୁରୀ ଅରବିନ୍ଦ ଦାସ,ବ୍ଲକ୍ ଉନ୍ନୟନ ଅଧିକାରୀ, ଖୋର୍ଦ୍ଧା ସିଦ୍ଧାର୍ଥ ପଟ୍ଟନାୟକଙ୍କ ସମେତ ବରିଷ୍ଠ ଅଧିକାରୀ ମାନେ ଯୋଗ ଦେଇଥିଲେ। ବୈଠକକୁ ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ କୁସୁମ କୁମାରୀ ପ୍ରହରାଜ ପରିଚାଳନା କରିଥିବା ବେଳେ ପି ଓ ସୌଦାମିନୀ ଦାଶ ଧନ୍ୟବାଦ ପ୍ରଦାନ କରିଥିଲେ।

**ଛାତ୍ରଛାତ୍ରୀ ପରୀକ୍ଷା ନଦେଇ ପାସ୍ କରିବା ଘଟଣା**

## ଘଟଣା ଚାପିବାକୁ ଚାଲିଛି ଜୋର୍ଦାର୍ ଉଦ୍ୟମ

**ଓଡ଼ଗାଁ,୧୮।୪/ଏନ୍ଏନ୍ଏସ୍:** ସତକହି ବାକୁ କିଆଁ ଡ଼ରିବି' ସତକହି ପଛେ ମଲେ ମରିବି।ଏହି ଉକ୍ତିକୁ ପ୍ରତ୍ୟେକ ବାପା–ମା ଓ ଶିକ୍ଷକ,ଶିକ୍ଷୟିତ୍ରୀ ପିଲାଙ୍କୁ ଶିକ୍ଷା ଦେଇଥାନ୍ତି। କିନ୍ତୁ ସତକୁ ଲୁଚାଇବାକୁ ଯାଇ ଶିକ୍ଷକମାନେ ଏବେ ଛାତ୍ରଛାତ୍ରୀଙ୍କୁ ମିଛକହିବାକୁ ବାଧ କରୁଛନ୍ତି। ଓଡ଼ଗାଁ ବ୍ଲକ୍ ବାଣ୍ଠପୁର ଉଚ୍ଚ ବିଦ୍ୟାଳୟର ଛାତ୍ରଛାତ୍ରୀ ବାର୍ଷିକ ପରୀକ୍ଷା ନଦେଇ ପାସ୍ କରି ଉପର ଶ୍ରେଣୀକୁ ଉଠିବା ଘଟଣା ଶିକ୍ଷାବିଭାଗ ପାଇଁ ଅଡୁଆ ସୃଷ୍ଟି କରିଛି। ଏହି ଖବର ଦୈନିକ 'ନିତିଦିନ'ରେ ପ୍ରକାଶ ପାଇବାପରେ ଶିକ୍ଷାବିଭାଗ ଘଟଣାର ତନାଘନା ଆରମ୍ଭ କରିଛି। ଏପଟେ ଦୋଷ ଲୁଚେଇବାକୁ ଶିକ୍ଷକମାନେ ପ୍ରାଣମୂର୍ଚ୍ଛା ଉଦ୍ୟମ କରୁଥିବା ଜଣାପଡ଼ିଛି। ସୂଚନା ଅନୁଯାୟୀ, ବାଣ୍ଠପୁର ଉଚ୍ଚ ବିଦ୍ୟାଳୟରେ ୧ମରୁ ୧୦ମ ଶ୍ରେଣୀ ପର୍ଯ୍ୟନ୍ତ ୧୬୦ଜଣ ଛାତ୍ରଛାତ୍ରୀ ଅଧ୍ୟୟନ କରନ୍ତି। କେନ୍ଦ୍ର ତଥା ରାଜ୍ୟ ସରକାରଙ୍କ ଜାତୀୟ ଶିକ୍ଷାନୀତି (ଏନ୍ଇପି) ଅନୁଯାୟୀ ୫ମ ଓ ୮ମ ଶ୍ରେଣୀରେ ପାସ୍ ଫେଲର ବ୍ୟବସ୍ଥା ଥିବା ବେଳେ ଛାତ୍ରଛାତ୍ରୀମାନେ ପରୀକ୍ଷା ନ ଦେଇ କିଭଳି ପାସ୍ ? କରି ଉପର ଶ୍ରେଣୀକୁ ଉଠିଲେ ତାହା ଅଭିଭାବକ ମହଲରେ ଚର୍ଚ୍ଚା ହେଉଛି। ଛାତ୍ରଛାତ୍ରୀ ବାର୍ଷିକ ପରୀକ୍ଷା ଦେଇନଥିବା ସ୍ୱୀକାର କରିଥିବାର ଠୋସ୍ ? ପ୍ରମାଣଥିଲେ ମଧ୍ୟ ଏହାକୁ ଭୁଲ ପ୍ରମାଣିତ କରିବାକୁ ଶିକ୍ଷକମାନେ ଲାଗିପଡ଼ିଛନ୍ତି।ଆଜି ଓଡ଼ଗାଁ ଗୋଷ୍ଠୀ ଶିକ୍ଷାଅଧିକାରୀ ପିଣ୍ଟୁ ପ୍ରଧାନଙ୍କ ନିର୍ଦ୍ଦେଶାନୁସାରେ ଏବିଇଓ ରାଜକିଶୋର ସାହୁ ବାଣ୍ଠପୁର ସ୍କୁଲରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ଏପଟେ ଶିକ୍ଷକମାନେ ଆଗୁଆ ଖବରପାଇ ଶ୍ରେଣୀରେ ଛାତ୍ରଛାତ୍ରୀଙ୍କୁ ମିଛ କହିବାକୁ ଧମକ ଦେଇଛନ୍ତି।ସେତିକି ନୁହଁ ବିଭିନ୍ନ ବିଦ୍ୟାଳୟରୁ ପରୀକ୍ଷାଖାତା ଯୋଗାଡ଼ କରି ପରୀକ୍ଷା ନଦେଇ ପାସ୍ କରିଥିବା ଛାତ୍ରଛାତ୍ରୀଙ୍କୁ ପରୀକ୍ଷା ଦେବାକୁ ଯୋଜନା କରାଯାଉଛି।ବାଣ୍ଠପୁର ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ଓ ଖେଳଶିକ୍ଷକଙ୍କ ସମେତ ଅନ୍ୟ ଶିକ୍ଷକମାନେ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ସହ ଖେଳଖେଳୁଥିବା ଅଭିଭାବକମାନେ ଅଭିଯୋଗ କରିଛନ୍ତି। ସେତିକି ନୁହଁ ଏହି ତଥ୍ୟ କିପରି ଗଣମାଧ୍ୟମ ହାତରେ ଲାଗିଲା ତାହାର ମଧ୍ୟ ଅନୁସନ୍ଧାନ କରୁଛନ୍ତି। ଦୁର୍ନୀତିରେ ବୁଡ଼ିଥିବା ଶିକ୍ଷକମାନେ କିଭଳି ଖସିବେ ସେଥିପାଇଁ ବିଭିନ୍ନ ଯୋଜନାମାନ ଆପଣାଉଛନ୍ତି।ଆଶ୍ଚର୍ଯ୍ୟର କଥା ହେଉଛି ପ୍ରତିଦିନ ୨୦ରୁ ୩୦ ଜଣ ଛାତ୍ରଛାତ୍ରୀ ଅନୁପସ୍ଥିତ ରହୁଥିଲେ ମଧ୍ୟ ସେମାନଙ୍କ ଉପସ୍ଥାନ ପକାଇ ମଧ୍ୟାହ୍ନ ଭୋଜନ ଚାଉଳ ହଡ଼ପ କରୁଛନ୍ତି। କାଳେ ଆଳୁ ଖୋଳୁଖୋଳୁ ମହାଦେବ ବାହାରିଲା ଭଳି ସତ ବାହାରିପଡ଼ିବ ସେଥିପାଇଁ ଶିକ୍ଷକମାନେ ଦୁର୍ନୀତିରୁ ବଞ୍ଚିବା ପାଇଁ ବାଟ ଖୋଜୁଛନ୍ତି। ଏପଟେ ତଳିଆ କର୍ମଚାରୀଙ୍କୁ ତଦନ୍ତ ଦାୟୀତ୍ୱ ଦିଆଯାଇଥିବାରୁ ଅଭିଭାବକ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ଘଟଣା ସ୍ଥଳକୁ ନିଜେ ବିଇଓ କିମ୍ବା ଶିକ୍ଷାବିଭାଗର ବରିଷ୍ଠ ଅଧିକାରୀ ଆସି ଖୋଳତାଡ଼ କଲେ ଶିକ୍ଷକମାନଙ୍କ ଅସଲମୁଖା ଖୋଲିପାରନ୍ତା ବୋଲି ଆଲୋଚନା ହେଉଛି।

## ଥାନାରେ ଭଉଁରୀ ଯାତ୍ରା ପ୍ରସ୍ତୁତି ବୈଠକ



**ପିପିଲି,୧୮।୪/ଏନ୍ଏନ୍ଏସ୍:** ଆସନ୍ତା ମେ ୧୦ ତାରିଖ ପିପିଲି ଥାନାରେ ମହାଆଡ଼ମ୍ବରରେ ପାଳନ ହେବ ପାରମ୍ପରିକ ଭଉଁରୀ ଯାତ୍ରା। ଏହି ବାର୍ଷିକ ଉତ୍ସବ ପାଇଁ ଥାନା ପରିସରରେ ହଜାର ହଜାର ସଂଖ୍ୟାରେ ସ୍ଥାନୀୟ ଜନସାଧାରଣ ଓ ଜନପ୍ରତିନିଧି ସାମିଲ ହେବେ। ବର୍ଣ୍ଣାଢ୍ୟ ଶୋଭାଯାତ୍ରା ରେ ଭଜନ କୀର୍ତ୍ତନ ସହ ଥାନା ସମ୍ମୁଖରେ ଥିବା ଆରାଧ ଦେବତା ଗୋପାଳ ଜୀଉ ଙ୍କ ପାରମ୍ପରିକ ଚାପଖେଳ ଓ ନଗର ପରିକ୍ରମା କରାଯିବାର ବ୍ୟବସ୍ଥା ରହିଛି। ଭଉଁରୀ ଯାତ୍ରା ସମସ୍ତ ପାରମ୍ପରିକ ଯୋଜନା ପାଇଁ ଗତକାଲି ପ୍ରସ୍ତୁତି ବୈଠକ ଥାନା ପରିସରରେ ଅନୁଷ୍ଠିତ ହୋଇଯାଇଛି। ଥାନା ଅଧିକାରୀ ସୌମେନ୍ଦ୍ର ଶେଖର ତ୍ରିପାଠୀ ଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ସ୍ଥାନୀୟ ମଡିଆଳି ଗ୍ରାମର ବିକ୍ରମ ସିଂ, କାହ୍ନୁଚରଣ ସାହୁ, କୈଳାଶ ସାହୁ, ନାରାୟଣ ଦାସ ପ୍ରମୁଖ ମୁରବୀ ମାନଙ୍କ ସହ ଗ୍ରାମବାସୀ ସେକ ପପୁ, ପ୍ରଫୁଲ୍ଲ ସାହୁ, ମନୋଜ ସାହୁ, ଜିତେନ୍ଦ୍ର ମହାପାତ୍ର ଓ ସେବାୟତ ଙ୍କ ତରଫରୁ ରଞ୍ଜନ ଦୀକ୍ଷିତ, ପ୍ରଫୁଲ୍ଲ ଦୀକ୍ଷିତଙ୍କ ସହିତ ଅନ୍ୟ ସେବାୟତ ମାନେ ଉପସ୍ଥିତ ରହି ପାରମ୍ପରିକ ବର୍ଣ୍ଣାଢ୍ୟ ଭଉଁରୀ ଯାତ୍ରା କିଭଳି ସରସ ସୁନ୍ଦର କରାଯିବ, ସେ ନେଇ ବିଭିନ୍ନ ଆଲୋଚନା କରାଯାଇଥିଲା। ବୈଠକକୁ ପିପିଲି ଥାନା ଏସଆଇ ସୁରମା ସ୍ୱାଇଁ, ଏଏସଆଇ ସୁମନ୍ତ ସାହୁ ପରିଚାଳନା କରିଥିବା ବେଳେ ଥାନା ଭଉଁରୀ ଯାତ୍ରା କିଭଳି ଶାନ୍ତିଶୃଙ୍ଖଳା ସହିତ ପାଳନ କରାଯିବ ସେ ନେଇ ଆଲୋଚନା କରାଯାଇଥିଲା।

## ସିବିଏସ୍ଇରେ ଶ୍ରେୟାନ୍ ବ୍ଲକ୍ ଟପ୍ପର୍

**କଣ୍ଟିଲୋ,୧୮।୪/ଏନ୍ଏନ୍ଏସ୍:** ଚଳିତବର୍ଷ ଖଣ୍ଡପଡ଼ା ଆଦର୍ଶ ବିଦ୍ୟାଳୟ ସିବିଏସଇ ଦଶମ ଶ୍ରେଣୀ ବୋର୍ଡ ପରୀକ୍ଷାରେ କଣ୍ଟିଲୋର ଶ୍ରେୟାନ୍ କୁମାର ମହାରଣା ସର୍ବୋଚ୍ଚ ନମ୍ବର ରଖି ବ୍ଲକ ଟପ୍ପର ହୋଇଛନ୍ତି। ସୂଚନାରୁ ପ୍ରକାଶ ଯେ, ଚଳିତବର୍ଷ ସିବିଏସଇ ଦଶମ ଶ୍ରେଣୀ ବୋର୍ଡ ପରୀକ୍ଷାରେ ଖଣ୍ଡପଡ଼ା ଆଦର୍ଶ ବିଦ୍ୟାଳୟର ୧୫ଜଣ ଛାତ୍ରଛାତ୍ରୀ ପ୍ରାୟ ଶତକଡା ୯୦ରୁ ଊର୍ଦ୍ଧ୍ୱ ନମ୍ବର ରଖି ବିଦ୍ୟାଳୟ ଓ ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କ ପାଇଁ ଗୌରବ ଆଣିଥିବା ବେଳେ, କଣ୍ଟିଲୋ ମାଧବ ଚୌଧୁରୀ ପାଟଣା ସୁରଜ୍ କୁମାର ମହାରଣା ଓ ଲୁଇନା



ମହାରଣାଙ୍କ ପୁତ୍ର ଶ୍ରେୟାନ କୁମାର ମହାରଣା ସର୍ବ ମୋଟ ୫୦୦ ମାର୍କରୁ ୪୮୬ ନମ୍ବର ଅର୍ଥାତ୍ ଶତକଡା ୯୭.୨ ପ୍ରତିଶତ ରଖି ଖଣ୍ଡପଡ଼ା ବ୍ଲକ ଟପ୍ପର ହୋଇଛନ୍ତି। ସେ ଓଡ଼ିଆ ଓ ଆଇଟି ବିଷୟରେ ୧୦୦ ରୁ ୧୦୦ ନମ୍ବର ମାର୍କ ରଖିଛନ୍ତି। ଶ୍ରୀ ମହାରଣା ଭବିଷ୍ୟତରେ ଜଣେ ହାର୍ଟ ଡାକ୍ତର ହେବା ପାଇଁ ଲକ୍ଷ୍ୟ ରଖିଥିବାବେଳେ ତାଙ୍କର ଏହି ସଫଳତା ପାଇଁ ବିଦ୍ୟାଳୟର ଅଧ୍ୟକ୍ଷା ଶୁଭଲକ୍ଷ୍ମୀ ସାହୁ, ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ, ଶିକ୍ଷା ଏକାଡେମୀ କୋଚିଙ୍ଗ ସେଣ୍ଟର୍ ମୁଖ୍ୟ ସତ୍ୟଜିତ ସାର ଓ ସର୍ବୋପରି ନିଜ ବାପା ଓ ମାଆଙ୍କୁ ଶ୍ରେୟ ଦେଇଥିବା ସୂଚନା ମିଳିଛି।

## ସାହିତ୍ୟସଭାରେ କବିତା ପାଠୋତ୍ସବ



**ବେଗୁନିଆ,୧୮।୪/ଏନ୍ଏନ୍ଏସ୍:** ବେଗୁନିଆ ଅଞ୍ଚଳର ବିଶିଷ୍ଟ ନ୍ୟାୟବିତ ସ୍ୱର୍ଗତ ସଚ୍ଚିଦାନନ୍ଦ ମହାପାତ୍ର ସ୍ମୃତି ସଂସଦ ଆନୁକୂଲ୍ୟରେ ତାଙ୍କ ନିଜସ୍ୱ ଗ୍ରାମ ବଡ଼ବେରଣା ପଞ୍ଚାୟତ ମୁଖ୍ୟ କାର୍ଯ୍ୟାଳୟରେ ଅବସ୍ଥିତ ରାଜୀବ ଗାନ୍ଧୀ ସେବାକେନ୍ଦ୍ର ସଭାଗୃହରେ ଏକ ସାହିତ୍ୟ ସଭା ଅନୁଷ୍ଠିତ ହୋଇଯାଇଛି। ଶନିବାର ଅପରାହ୍ନରେ ' ନିଷ୍କ୍ରିୟ ସଜ୍ଜନ ଓ ପରାହତ ସ୍ୱାଭିମାନ' ଶୀର୍ଷକ କବିତା ପାଠ ଓ ଆଲୋଚନା ଚକ୍ରରେ ସଂସଦର ଆବାହକ ଡାକ୍ତର ଅମରେନ୍ଦ୍ର ନାଥ ମହାପାତ୍ର ପୌରୋହିତ୍ୟ କରିଥିଲେ। ଗାୟକ ବ୍ରଜବନ୍ଧୁ ବେହେରାଙ୍କ ମଙ୍ଗଳା ଚରଣ ପାଠ ପରେ କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଥିଲା. ପରେ ସ୍ୱର୍ଗତ ସଚ୍ଚିଦାନନ୍ଦ ମହାପାତ୍ରଙ୍କ ତୈଳଚିତ୍ରରେ ମାଲ୍ୟାର୍ପଣ କରାଯାଇଥିଲା। କାର୍ଯ୍ୟକ୍ରମ ସଂଯୋଜକ ପ୍ରଫେସର ରବୀନ୍ଦ୍ର ନାଥ ପାଣିଗ୍ରାହୀ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। କବୟିତ୍ରୀ ମାନସୀ ଦାସ ପ୍ରସଙ୍ଗ ଆଧାରିତ ସ୍ୱରଚିତ ଆବାହନୀ ସଙ୍ଗୀତ ଗାନ କରିଥିଲେ. ଏଥିରେ ନାଟ୍ୟକାର ଡ. ବନବିହାରୀ ମହାପାତ୍ର ମୁଖ୍ୟ ଅତିଥି, ସଂସ୍କୃତ ବିଦ୍ୱାନ ପଣ୍ଡିତ କୃଷ୍ଣଚନ୍ଦ୍ର ପଣ୍ଡା ମୁଖ୍ୟ ବକ୍ତା ଓ ପୂର୍ବତନ ପ୍ରଶାସନିକ ଅଧିକାରୀ ସୁଧାକର ସାମନ୍ତରାୟ ସମ୍ମାନିତ ଅତିଥି ରୂପେ ଯୋଗଦେଇ ବୁଦ୍ଧିଜୀବୀ ଓ ସଜ୍ଜନମାନଙ୍କର ନିଷ୍କ୍ରିୟତା ଓ ନିର୍ଲିପ୍ତତା କମ ସଂଖ୍ୟକ ଦୁଷ୍ଟମାନଙ୍କୁ ସମାଜରେ ନିଜ ପ୍ରଭାବ ବିସ୍ତାର କରିବାରେ ସହାୟକ ହେଉଛି। ପରେ କବି ସନ୍ତୋଷ କୁମାର ମହାପାତ୍ରଙ୍କ ସଂଯୋଜନାରେ ଅନୁଷ୍ଠିତ କବିତା ପାଠରେ ପ୍ରଧାନ ଶିକ୍ଷକ ଦିବାକର ସାହୁ, ଅଧ୍ୟାପକ ରଙ୍କନିଧି ବଳିୟାରସିଂହ, କବିକେତନ ଗୌରଚରଣ ସାମନ୍ତସିଂହାର, କବି ଦିବ୍ୟଲୋଚନ ଭାରିମଲ୍ଲ, ଇଂ ରାମମାନସ ପଣ୍ଡା, କବି ବସନ୍ତ କୁମାର ସାହୁ, କବୟିତ୍ରୀ ବାସନ୍ତୀ ମହାପାତ୍ର, ଚନ୍ଦ୍ରଶେଖର ମହାନ୍ତି, ସୁରେନ୍ଦ୍ର ନାଥ ପଣ୍ଡା, ବଂଶୀଧର ଦଳାଇ, ରସାନନ୍ଦ ସାମନ୍ତରାୟ, ଗଗନ ବିହାରୀ ବେହେରା, ବସନ୍ତ କୁମାର ହୋତା , କୈଳାସ ନାଥ ପଟ୍ଟନାୟକ, ଅଶ୍ୱିନୀ କୁମାର ପଟ୍ଟନାୟକ, ରଜକିଶୋର ସାହୁ, ରାମଚନ୍ଦ୍ର ସାହୁ, ପଦ୍ମାଳୟା ମହାପାତ୍ର, ସନ୍ଧ୍ୟା ସାମନ୍ତରାୟ, ସୁଦୀକ୍ଷା ମହାପାତ୍ର ଓ ସବିତା ରାୟ ପ୍ରମୁଖ ବହୁ କବି, କବୟିତ୍ରୀ ଅଂଶଗ୍ରହଣ କରିଥିଲେ। ଶେଷରେ ଗାୟକ ହରିହର ମହାପାତ୍ର ଉଦ୍ଯାପନୀ ସଙ୍ଗୀତ ଗାନ କରିଥିବା ବେଳେ ସଂସଦର ବରିଷ୍ଠ ସଭ୍ୟ ପ୍ରମୋଦ କୁମାର ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## ସ୍ୱାବଲମ୍ବୀ କାରିଗରଙ୍କ ପକ୍ଷରୁ ବ୍ଲକ୍ କାର୍ଯ୍ୟାଳୟରେ ଧାରଣା

**ମାହାଙ୍ଗା,୧୮।୪/ଏନ୍ଏନ୍ଏସ୍:** ରାଜ୍ୟ ମିଳିତ ସ୍ୱାବଲମ୍ବୀ କାରିଗର ସଂଘ ମାହାଙ୍ଗା ବ୍ଲକ କମିଟି ପକ୍ଷରୁ ୧୪ ଦଫା ଦାବୀ ନେଇ ବ୍ଲକ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ସଂଘର ସଭାପତି ଇଶ୍ୱର ଚନ୍ଦ୍ର ସାହୁଙ୍କ ନେତୃତ୍ୱରେ ବହୁ ଏସଇଏମ ଯୋଗଦେଇ କୁଆଁପାଳ ତାରିଣୀ ମନ୍ଦିର ନିକଟରୁ ଏକ ଶୋଭାଯାତ୍ରାରେ ବାହାରି ବ୍ଲକ କାର୍ଯ୍ୟାଳୟ ପରିସରରେ ପହଞ୍ଚି ଧାରଣାରେ ବସିଥିଲେ। ଏଥିରେ ଅତିଥିଭାବେ କଟକ ଜିଲ୍ଲା ସଭାପତି ରାଜକିଶୋର ମଲିକ ଯୋଗଦେଇ ଜେ.ଜେ.ଏମ୍ ସର୍ଟିଫିକେଟ ଅବିଳମ୍ବେ ପ୍ରଦାନ, ପ୍ରତି ମାସରେ ନିୟମିତ ପାରିଶ୍ରମିକ, ବକେୟା ପାରିଶ୍ରମିକ ପ୍ରଦାନ,ମେଗା ପ୍ରକଳ୍ପରେ ଏସଇଏମକୁ ନିୟମିତ ନିଯୁକ୍ତି ଦେବା, ସରକାରୀ କର୍ମଚାରୀ ମାନ୍ୟତା ଆଦି ୧୪ ଦଫା ଦାବୀ ନେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝିଙ୍କ ଉଦ୍ଦେଶ୍ୟରେ ବିଡିଓ ତିଳୋତମା ପୃଷ୍ଟିଙ୍କ ଜରିଆରେ ପ୍ରଦାନ କରିଥିଲେ। ଏହି ଧାରଣା ସ୍ଥଳରେ ମାହାଙ୍ଗା ବିଡିଓ ତିଳୋତମା ପୃଷ୍ଟି, ମାହାଙ୍ଗା ଆଇଆଇସି ଯୁଗଳ କିଶୋର ଦାସ, ପାନୀୟ ଜଳ ଓ ପରିମଳ ବିଭାଗ ଯନ୍ତ୍ରୀ ଦେବାଶିଷ ମହାପାତ୍ର ପହଞ୍ଚି ସେମାନଙ୍କ ଦାବି ସଂପର୍କରେ ଆଲୋଚନା କରିବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା। କାର୍ଯ୍ୟକ୍ରମରେ କୈଳାସ ଜେନା, କାର୍ତ୍ତିକ ଖୁଣ୍ଟିଆ, ପଦ୍ମନାଭ ସ୍ୱାଇଁ, ପରମାନନ୍ଦ ସ୍ୱାଇଁ, ବସନ୍ତ ସାହୁ, ନଗେନ୍ଦ୍ରନାଥ ବେହେରା, ମନୋଜ ପ୍ରଧାନଙ୍କ ସମେତ ବହୁ କର୍ମକର୍ତ୍ତା ଉପସ୍ଥିତ ଥିଲେ।

## ଗୁରୁଭକ୍ତି ସମ୍ମିଳନୀ ୨୦ରେ

**ନୟାହାଟ,୧୮।୪/ଏନ୍ଏନ୍ଏସ୍:** ପ୍ରେମାଚାର୍ଯ୍ୟ ବାବା ମଧୁସୁଦନ ଙ୍କ ଦ୍ୱାରା ପ୍ରତିଷ୍ଠିତ ନୟାହାଟ ସ୍ଥିତ ପ୍ରାଚୀ ଗୁରୁ ଧର୍ମ କ୍ଷେତ୍ର ପରିସରରେ ରାଜ୍ୟ ସ୍ତରୀୟ ୬୦ତମ ଗୁରୁଭକ୍ତି ସମ୍ମିଳନୀ ଚଳିତ ମାସ ୨୦ତାରିଖରେ ଅନୁଷ୍ଠିତ ହେବ। ରାଜ୍ୟ ଓ ରାଜ୍ୟ ବାହାରୁ ବହୁ ସାଧୁ ସନ୍ଥ ଏହି ସମ୍ମିଳନୀରେ ଯୋଗଦେବେ। ଆଶ୍ରମର ମୁଖ୍ୟ ବାବାଜୀ ଦାମୋଦର ଦାସଙ୍କ ତତ୍ତ୍ୱାବଧାନରେ ସମ୍ମିଳନୀ ପ୍ରସ୍ତୁତି ର ଶେଷ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ପ୍ରାଚୀ ଅଞ୍ଚଳ ର ସମସ୍ତ ଶ୍ରଦ୍ଧାଳୁ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ବାବାଜୀ ଅକ୍ଷୟ କୁମାର ଦାସ, ପୂର୍ଣ୍ଣାନନ୍ଦ ଦାସ, ଡ଼ାକ୍ତର ରତ୍ନାକର ମହାନ୍ତି, ସବିତା ଦାସ, ଶକୁନ୍ତଳା ଦାଶ,ନୀଳ ମଣି ସାହୁ, ବଂଶୀ ଧର ବାରିକ, ବାଳକୃଷ୍ଣ ମହାନ୍ତି, ଗୁରୁ ଦତ୍ତ ମହାପାତ୍ର,ନିରଞ୍ଜନ ମହାନ୍ତି, ସୁରେନ୍ଦ୍ର ପାତ୍ର, ଅଭୟ ରାୟ, ରବିନ୍ଦ୍ର ଦାସ,ରମେଶ ବିଟି, ଲିଙ୍ଗ ରାଜ ଦଳେଇ, ଶ୍ରୀ ଚରଣ ସ୍ୱାଇଁ, ,କୃଷ୍ଣ ଚନ୍ଦ୍ର ଓଝା ପ୍ରମୁଖ ତତ୍ତ୍ୱାବଧାନରେ ୧୯ ତାରିଖ ଦିନ ଗୁରୁଦେବଙ୍କ ଘୋଷଯାତ୍ରା ଅନୁଷ୍ଠିତ ହେବବୋଲି ପ୍ରୀତି ରଞ୍ଜନ ଦାସ ସୂଚନା ଦେଇଛନ୍ତି। ଏଥିରେ ରାଜ୍ୟ ବାହାରୁ ସାଧୁସନ୍ଥ ମାନେ ଗୁରୁଭକ୍ତି ସମ୍ମିଳନୀରେ ଯୋଗ ଦେଇ ଆନୁଷ୍ଠାନିକ ଭାବେ ବାବା ମଧୁସୂଦନଙ୍କ ସଂପର୍କରେ ଉପସ୍ଥିତ ଭକ୍ତ ମାନଙ୍କୁ ତାଙ୍କ ସଂପର୍କରେ ଆଲୋକପାତ କରିବାର କାର୍ଯ୍ୟକ୍ରମ ରହିଛି।

## କଣ୍ଟିଲୋ ଓ ଖଣ୍ଡପଡ଼ାକୁ ରେଳ ସଂଯୋଗ ଦାବିପତ୍ର ନେଇ ବିଧାୟକଙ୍କ ଦିଲ୍ଲୀ ଯାତ୍ରା



**ନୟାଗଡ଼,୧୮।୪/ଏନ୍ଏନ୍ଏସ୍:** ବହୁ ପ୍ରତିକ୍ଷିତ ଏବଂ ପ୍ରସ୍ତାବିତ ତାଳଚେର-ଗୋପାଳପୁର ରେଳ ଲାଇନକୁ କ୍ରିୟାଶୀଳ କରିବା ଅବସରରେ କେନ୍ଦ୍ର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କ କଣ୍ଟିଲୋ ନୀଳମାଧବ ମନ୍ଦିର ପରିଦର୍ଶନ ସମୟରେ ପର୍ଯ୍ୟଟନ ଏବଂ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଆଦିପୀଠ କଣ୍ଟିଲୋ ଏବଂ ଖଣ୍ଡପଡାକୁ ଖୁବ ଶୀଘ୍ର ରେଳ ଗଡ଼ିବା ନେଇ ପ୍ରତିଶ୍ରୁତି ଦେଇଥିଲେ। ତଦନୁଯାୟୀ ତାଳଚେର ଠାରୁ ଅନୁଗୁଳ, ଆଠଗଡ, ବଡମ୍ବା, ନରସିଂହପୁର ଦେଇ କଣ୍ଟିଲୋ ଖଣ୍ଡପଡାକୁ ନୟାଗଡ଼ ଟାଉନ ରେଳ ଷ୍ଟେସନ ସହିତ ଯୋଡିବା ସଙ୍ଗେ ସଙ୍ଗେ ପ୍ରସ୍ତାବିତ ଏହି ୧୨୦ କିମି ରେଳପଥକୁ ଖୋର୍ଦ୍ଧା ଟାଉନ ଷ୍ଟେସନ ଠାରୁ କାଇପଦର ପର୍ଯ୍ୟନ୍ତ ଏକ କର୍ଡ଼ ଲାଇନ ଦ୍ୱାରା ସଂଯୁକ୍ତ କରାଯିବ। ଏଥିପାଇଁ ଆବଶ୍ୟକ ଫାଇନାଲ ଲୋକେସନ ସର୍ଭେ ଏବଂ ଡିପିଆର କାର୍ଯ୍ୟ ରେଳବିଭାଗ ପକ୍ଷରୁ ସମ୍ପୂର୍ଣ ହୋଇସାରିଛି। ତେବେ ଚଳିତ ବର୍ଷ ଏହି କାର୍ଯ୍ୟ ପାଇଁ ରେଳ ବଜେଟରେ ଅର୍ଥ ବ୍ୟବସ୍ଥା କରାଯାଇ ନଥିବାରୁ ରେଳଲାଇନ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇ ପାରୁନାହିଁ। ଏ ସଂକ୍ରାନ୍ତରେ କେନ୍ଦ୍ର ରେଳମନ୍ତ୍ରୀଙ୍କୁ ସ୍ମାରକ ପତ୍ର ଜରିଆରେ ଶୀଘ୍ର ଅର୍ଥ ମଞ୍ଜୁର କରିବା ପାଇଁ ତାଳଚେର-ଗୋପାଳପୁର ରେଳପଥ ନିର୍ମାଣ କ୍ରିୟାନୁଷ୍ଠାନ କମିଟି ଏବଂ ନୟାଗଡ଼ ନାଗରିକ ମଞ୍ଚ ପକ୍ଷରୁ ଆବାହକ ପ୍ରମୋଦ ପଟ୍ଟନାୟକ, ବିନାୟକ ମିଶ୍ର,ଶାନ୍ତିଶେଖର ରଥ ଏବଂ ଲକ୍ଷ୍ମୀଧର ସାହୁ ପ୍ରମୁଖ ଜିଲ୍ଲା ପ୍ଲାନିଂ କମିଟି ଅଧ୍ୟକ୍ଷ ତଥା ଖଣ୍ଡପଡା ବିଧାୟକ ଦୁଷ୍ମନ୍ତ କୁମାର ସ୍ୱାଇଁଙ୍କୁ ଆଜି ଏକ ସ୍ମାରକ ପତ୍ର ପ୍ରଦାନ କରିଛନ୍ତି। ଆସନ୍ତା କାଲି ବିଧାୟକ ଶ୍ରୀ ସ୍ୱାଇଁ ନୂଆଦିଲ୍ଲୀ ଗସ୍ତ କରିବା ଅବସରରେ କେନ୍ଦ୍ର ରେଳମନ୍ତ୍ରୀଙ୍କ ସହିତ ଏ ବାବଦରେ ଆଲୋଚନା କରିବା ପାଇଁ ପ୍ରତିନିଧି ମଣ୍ଡଳୀଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି।

## ୩ ରାସ୍ତାରୁ ଉଠିଗଲା ପିଚୁ

**ନୟାହାଟ,୧୮।୪/ଏନ୍ଏନ୍ଏସ୍:** ସରକାରୀ ଅର୍ଥର ଅପବେବ୍ୟହର ଯୋଗୁଁ ସଠିକ୍ ଭାବରେ ରାସ୍ତା କାମ କରାନଯିବା ସାଙ୍ଗକୁ ନିମ୍ନମାନର କାର୍ଯ୍ୟ ଓ ତଦାରଖର ଅଭାବ ଯୋଗୁଁ ମାର୍ଚ୍ଚ ମାସରେ ନୟାହାଟ ଅଞ୍ଚଳର ୩ଟି ରାସ୍ତା କାମ ହୋଇ ଏପ୍ରିଲ ମାସରେ ପିଚୁ ଉଠି ରାସ୍ତା ନଷ୍ଟ ହେବା ଦେଖିବାକୁ ମିଳିଛି। ପ୍ରକାଶ ଯେ, ମୁରୁଡା ଠାରୁ କଜଳ ପାତିଆ, ଦୁର୍ଗାପୁରରୁ ଡଗରା ସାଇ ଓ ଗଡ କରମଳା ଠାରୁ ବାଲିଦଣ୍ଡା ରାସ୍ତା ବଜୁରିରେ ପୁରୁଣା ପିଚୁ ଦିଆଯାଇ ଥିବାରୁ ତାହାର ଅଠା ଅଂଶ କମ୍ ଥିବା ବେଳେ ଏଷ୍ଟିମେଣ୍ଟ ଅନୁଯାୟୀ କାମ ଠିକାଦାର କରିନଥିବା ବେଳେ ପିଚୁ ବିଭିନ୍ନ ସ୍ଥାନରେ ଉଠି ଖାଲ ସୃଷ୍ଟି ହେଇଛି। କାର୍ଯ୍ୟ ସମୟରେ ଯନ୍ତ୍ରୀଙ୍କ ତଦାରଖ ଅଭାବରୁ ଠିକାଦାର ଏପରି କରିଛନ୍ତି ବୋଲି ଇସାଣପୁର ସରପଞ୍ଚ ବିନୋଦିନୀ ପାଳ ଦେସ୍ଥଳି ପଞ୍ଚାୟତ ରିଶ୍ମା ସ୍ୱାଇଁ ଅଭିଯୋଗ କରି କହିଛନ୍ତି ପିଚୁ ୩ଇଞ୍ଚ ଜାଗାରେ ଏକ ଇଞ୍ଚ ବି ବଜୁରି ଛିଞ୍ଚା ହୋଇନି। ଏହି ଖରାପ କାର୍ଯ୍ୟ ପାଇଁ ଯନ୍ତ୍ରୀଙ୍କୁ ଦୁଇ ମହିଳା ସରପଞ୍ଚ ଦାୟୀ କରିଛନ୍ତି। ଉକ୍ତ ଘଟଣାର ଉଚ୍ଚସ୍ତରୀୟ ତଦନ୍ତ ପାଇଁ ଦାବି ହେଉଛି। ଏ ସମ୍ପର୍କରେ ବିଭାଗୀୟ ଯନ୍ତ୍ରୀ ଶ୍ରୀ ପଡ଼ିଆରି ଙ୍କୁ ଫୋନ୍ କରିବାରୁ ସେ ଫୋନ୍ ନଉଠାଇବାରୁ ମତାମତ ନିଆଯାଇପାରି ନାହିଁ।

## ବିଦ୍ୟାଳୟରେ ପୋଷାକ ବିତରଣ ଉତ୍ସବ

**ଓଡ଼ଗାଁ,୧୮।୪/ଏନ୍ଏନ୍ଏସ୍:** ଓଡ଼ଗାଁ ଏନଏସି ଅନ୍ତର୍ଗତ ସରକାରୀ ପ୍ରାଥମିକ ବିଦ୍ୟାଳୟ କଦଳୀବନ୍ଧରେ ମୁଖ୍ୟମନ୍ତ୍ରୀ ଛାତ୍ରଛାତ୍ରୀ ପରିଧାନ ଯୋଜନାରେ ବିଦ୍ୟାଳୟର ସମସ୍ତ ଶିକ୍ଷାର୍ଥୀଙ୍କୁ ସରକାରଙ୍କ ଦ୍ୱାରା ପ୍ରଦତ୍ତ ପୋଷାକ ବିତରଣ ଉତ୍ସବ ଶନିବାର ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ରଞ୍ଜନ କୁମାର ଦାସଙ୍କ ଅଧ୍ୟକ୍ଷତାରେ ଆୟୋଜିତ ପୋଷାକ ବିତରଣ ଉତ୍ସବରେ ମୁଖ୍ୟଅତିଥି ଭାବେ ଓଡ଼ଗାଁ ଏନଏସି ନିର୍ବାହୀ ଅଧିକାରୀ ନିହାର ରଞ୍ଜନ ବେହେରା ଯୋଗଦେଇଥିବା ବେଳେ ମୁଖ୍ୟବକ୍ତା ଭାବେ ଅତିରିକ୍ତ ତହସିଲଦାର ଜି. ଶ୍ରୀନୁ ଏବଂ ସମ୍ମାନୀତ ଅତିଥିଭାବେ ଅତିରିକ୍ତ ମଣ୍ଡଳ ଶିକ୍ଷାଧିକାରୀ ରଘୁନାଥ ମଲ୍ଲିକ,ସିଆରସିସି ନରେଶ ପାଣିଗ୍ରାହୀ,



ପ୍ରକୃତିବନ୍ଧୁ ପଞ୍ଚାନନ ପଣ୍ଡା ପ୍ରମୁଖ ଯୋଗଦେଇ ପିଲାଙ୍କୁ ପୋଷାକ ବିତରଣକରିବା ସହିତ ବିଦ୍ୟାଳୟରେ ଉପସ୍ଥାନ ବୃଦ୍ଧିସହ ଅଧାରୁ ପାଠ ଛାଡୁଥିବା ଛାତ୍ରଛାତ୍ରୀ ସଂଖ୍ୟା ହ୍ରାସ କରିବାପାଇଁ ଏହା ଏକ ସୁନ୍ଦର ଉପକ୍ରମ ବୋଲି ଅଭିହିତ କରିଥିଲେ। ଛାତ୍ରଛାତ୍ରୀ ମାନଙ୍କୁ ନିୟମିତ ପରିଷ୍କାର ପରିଚ୍ଛନ୍ନ କରି ବିଦ୍ୟାଳୟକୁ ପଠାଇବା ସହିତ ଖେଳବେଳେ ଖେଳ ଓ ପଢ଼ାବେଳେ ପାଠପଢ଼ିବାକୁ ଅଭିଭାବକ ମାନଙ୍କୁ ପରାମର୍ଶ ଦେଇଥିଲେ। ବିଦ୍ୟାଳୟର ଶିକ୍ଷୟିତ୍ରୀ ରିତା ପଣ୍ଡା ଧନ୍ୟବାଦ ଅର୍ପଣ କରିଥିବାବେଳେ ବିଦ୍ୟାଳୟ ପରିଚାଳନା କମିଟି ସଦସ୍ୟ, ମାତୃମଞ୍ଚ ଓ ଅଭିଭାବକମାନେ ଉପସ୍ଥିତ ରହି କାର୍ଯ୍ୟ ପରିଚାଳନାରେ ସହଯୋଗ କରିଥିବା ଜଣାପଡ଼ିଛି।

## ଟ୍ରକ୍ ଭିତରୁ ମାଲିକଙ୍କ ମୃତଦେହ ଉଦ୍ଧାର

**ଟାଙ୍ଗୀ,୧୮।୪/ଏନ୍ଏନ୍ଏସ୍:** ଟାଙ୍ଗୀ ଥାନା ୧୬ନଂ ଜାତୀୟ ରାଜପଥ ବନ୍ଧାଳ ଟୋଲ୍ ଗେଟ୍ ନିକଟରେ ଟ୍ରକ ଭିତରୁ ଟ୍ରକ ମାଲିକଙ୍କ ମୃତଦେହ ଉଦ୍ଧାର କରିଛି ଟାଙ୍ଗୀ ପୁଲିସ। ମୃତ୍ୟୁବରଣ କରିଥିବା ଟ୍ରକ୍ ମାଲିକ ହେଲେ କେ ପେଦା ଆପାରାଓ (୬୦) ବୋଲି ଜଣାପଡ଼ିଛି। ଅନୁଯାୟୀ ଟ୍ରକରେ କୋଇଲା ନେଇ ଆସାମ୍ରୁ ଆନ୍ଧ୍ରପ୍ରଦେଶ ନେଇ ଯାଉଥିବା ବେଳେ ଭୋର୍ ସମୟରେ ଟ୍ରକ ମାଲିକଙ୍କ ଛାତିରେ ଯନ୍ତ୍ରଣା ହୋଇଥିଲା। ସେ ତୁରନ୍ତ ଟ୍ରକ୍ର ପଛ ସିଟ୍ରେ ଶୋଇଥିବା ବେଳେ ଛାଟିପିଟି ହୋଇଥିଲେ। ତେବେ ଟ୍ରକ୍ ଚାଳକ ତୁରନ୍ତ ଟୋଲ୍ ଗେଟ୍ ନିକଟରେ ଟ୍ରକ ସାଇଡ୍ କରି ରାଜପଥ ଆମ୍ବୁଲାନ୍ସ କର୍ମଚାରୀଙ୍କୁ ଜଣାଇଥିଲେ। ଆମ୍ବୁଲାନ୍ସ କର୍ମଚାରୀ ଆସିବା ବେଳକୁ ଟ୍ରକ୍ ମାଲିକଙ୍କ ମୃତ୍ୟୁ ହୋଇସାରିଥିଲା। ପରେ ରାଜପଥ ପୁଲିସ କୁ ଖବର ଦେଲା ପରେ ପୁଲିସ ପହଞ୍ଚି ଘଟଣାର ତଦନ୍ତକରି ମୃତ ମାଲିକ ପରିବାର ଲୋକଙ୍କୁ ଖବର ଦିଆଯିବା ସହ ପ୍ରଥମେ ଆମ୍ବୁଲାନ୍ସ ଯୋଗେ ଟାଙ୍ଗୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଯାଇଥିଲା।

# ଶ୍ରୀକ୍ଷେତ୍ରରେ ଚନ୍ଦନ ଯାତ୍ରା ପାଇଁ ବିଶେଷ ଅଭିଯାନ

**ପୁରୀ,୧୮।୪/ଏନ୍ଏନ୍ଏସ୍:** ଆଗାମୀ ପବିତ୍ର ଚନ୍ଦନ ଯାତ୍ରା ୨୦୨୬ କୁ ଶାନ୍ତିପୂର୍ଣ୍ଣ, ସୁସଂଘଟିତ ଓ ସୁରକ୍ଷିତ ଭାବେ ପାଳନ କରିବା ପାଇଁ ପୁରୀ ପୋଲିସର ସିଟି ସବ୍-ଡିଭିଜନ ପକ୍ଷରୁ ଏକ ବିଶେଷ ଅଭିଯାନ ଆରମ୍ଭ କରାଯାଇଛି। ଏହି ଅଭିଯାନରେ ସହରର ସମସ୍ତ ଥାନା କୁମ୍ଭାରପଡା, ତାଳବଣିଆ, ସୀବିଚ, ବାଳିଆପଣ୍ଡା, ବାସେଳିସାହି ଓ ଟାଉନ ଥାନା ସମନ୍ୱୟରେ କାର୍ଯ୍ୟ କରି ଅପରାଧ ନିୟନ୍ତ୍ରଣ ଓ ଲୋକଶାନ୍ତି ରକ୍ଷା ପାଇଁ ଗୁରୁତ୍ୱ ଦେଇଛନ୍ତି। ଏପର୍ଯ୍ୟନ୍ତ ଏହି ଅଭିଯାନ ଅବଧିରେ ଉଲ୍ଲେଖନୀୟ ସଫଳତା ମିଳିଛି। ସମୁଦାୟ ଭାବେ ୨୩୧ ଜଣ ଆଣ୍ଟି-ସୋସିଆଲ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି, ଯାହା ଦ୍ୱାରା ଅପରାଧ ନିୟନ୍ତ୍ରଣରେ ପ୍ରଭାବଶାଳୀ ପଦକ୍ଷେପ ନିଆଯାଇଛି। ନାର୍କୋଟିକ୍ସ ଓ ଅବୈଧ ଔଷଧ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନରେ ୧୫ଟି କୋରେକ୍ସ ମାମଲା ରେଜିଷ୍ଟର ହୋଇ ୧୯ଜଣ ଗିରଫ ହୋଇଛନ୍ତି ଓ ପ୍ରାୟ ୧୧୭୧ଟି କଫ୍‌ସିରାପ ବୋତଲ ଜବତ କରାଯାଇଛି। ସେପରି, ୧୧ଟି ବ୍ରାଉନ୍ ସୁଗାର ମାମଲାରେ ୨୫ ଜଣ ଗିରଫ ହୋଇ ୧୫୨ ଗ୍ରାମ ବ୍ରାଉନ୍ ସୁଗାର ଜବତ ହୋଇଛି, ଯାହା ନଶାଦ୍ରବ୍ୟ ବିରୋଧରେ ପୋଲିସଙ୍କ ଦୃଢ଼ ଅଭିଯାନକୁ ପ୍ରମାଣ କରେ। ଏହା ସହିତ, ଅବୈଧ ମଦ୍ୟ ବିକ୍ରୟ ଓ ତିଆରି ବିରୋଧରେ ୪୩ଟି ଏକ୍ସାଇଜ୍ ମାମଲାରେ ୪୩ ଜଣ ଗିରଫ କରାଯାଇଛନ୍ତି ଓ ବିଭିନ୍ନ ପ୍ରକାର ମଦ୍ୟ ଓ ସାମଗ୍ରୀ ଜବତ କରାଯାଇଛି। ସର୍ବସାଧାରଣ ସ୍ଥାନରେ ମଦ୍ୟପାନ ଓ ଅନୁଶାସନ ଭଙ୍ଗ ବିରୋଧରେ କଠୋର ଅଭିଯାନ ଚାଲାଇ ୭୫୦ ଜଣଙ୍କ ବିରୋଧରେ ପିଆର୍ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଟ୍ରାଫିକ୍ ନିୟମ ଉଲ୍ଲଂଘନ, ବିଶେଷକରି ମଦ୍ୟପାନ କରି ଗାଡ଼ି ଚଳାଇବା ବିରୋଧରେ ୧୪୫ଟି ଡ୍ରଙ୍କ ଏଣ୍ଡ ଡ୍ରାଇଭିଂ ମାମଲା ଟ୍ରାଫିକ ଥାନା ଦ୍ୱାରା ରଜିଷ୍ଟର ହୋଇଛି। ଏହି ସମସ୍ତ କାର୍ଯ୍ୟାନୁଷ୍ଠାନ ଦ୍ୱାରା ପୁରୀ ସହରରେ ଆଇନ ଶୃଙ୍ଖଳା ଓ ସୁରକ୍ଷା ବ୍ୟବସ୍ଥାକୁ ଆହୁରି ସୁଦୃଢ଼ କରାଯାଇଛି। ଚନ୍ଦନ ଯାତ୍ରା ସମୟରେ ଭକ୍ତମାନଙ୍କ ସୁବିଧା, ସୁରକ୍ଷା ଓ ନିର୍ବିଘ୍ନ ଦର୍ଶନ ପାଇଁ ପୋଲିସ ପକ୍ଷରୁ ବିଶେଷ ବ୍ୟବସ୍ଥା, ପାଟ୍ରୋଲିଂ, ଚେକିଂ ଓ ଇଣ୍ଟେଲିଜେନ୍ସ ମନିଟରିଂ ବଢ଼ାଯାଇଛି। ପୁରୀ ପୁଲିସ ସମସ୍ତ ନାଗରିକ ଓ ଭକ୍ତମାନଙ୍କୁ ଅନୁରୋଧ କରିଛନ୍ତି ଯେ, ସେମାନେ ଆଇନ ଓ ଶୃଙ୍ଖଳାକୁ ସମ୍ମାନ କରି ଏହି ପବିତ୍ର ପର୍ବକୁ ଶାନ୍ତିପୂର୍ଣ୍ଣ ଭାବେ ପାଳନରେ ସହଯୋଗ କରନ୍ତୁ। କୌଣସି ସନ୍ଦେହଜନକ କାର୍ଯ୍ୟକଳାପ ଦେଖିଲେ ପୁଲିସକୁ ୧୧୨ରେ ସୂଚନା ଦେବା ପାଇଁ ଅନୁରୋଧ ଜଣାଯାଇଛି।

## ସିବିଏସ୍‌ଇ କୃତୀ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧନା

**ବୟାଳିଶମୌଜା,୧୮।୪/ଏନ୍ଏନ୍ଏସ୍:** : କଟକ ସଦର ବୟାଳିଶମୌଜା ଅନ୍ତର୍ଗତ ଶ୍ରୀରାମ ସ୍ଥିତ ଓଡିଶା ଆଦର୍ଶ ବିଦ୍ୟାଳୟର ଅଧ୍ୟକ୍ଷ ଅରୁଣ କୁମାର ପଟେଲ ଚଳିତ ବର୍ଷ ସିବିଏସଇ ଦଶମ ଶ୍ରେଣୀର କୃତୀ ଛାତ୍ରଛାତ୍ରୀମାନଙ୍କୁ ସମ୍ବର୍ଦ୍ଧିତ କରିଛନ୍ତି। ୨୦୨୫-୨୬ ଶିକ୍ଷା ବର୍ଷର ଦଶମ ଶ୍ରେଣୀର ଛାତ୍ରୀ ସୋନାକ୍ଷୀ ମହାନ୍ତି ଶତକଡା ୯୫% ପ୍ରତିଶତ ମାର୍କ ରଖି ବିଦ୍ୟାଳୟ ପାଇଁ ଗୌରବ ଆଣିଥିବା ବେଳେ ସୁଶ୍ରୀ ଅନନ୍ୟା ବେହେରା ୯୪.୬୭%, ସ୍ୱର୍ଣ୍ଣମୟୀ ଲେଙ୍କା ୯୪.୫୦%, ଶୁଭମ ସାହୁ ୯୩.୬୭, ଈଶାନ ଦାସ ୯୩.୩୩%, ଭାଗ୍ୟଶ୍ରୀ ଦଳାଇ ୯୩.୧୭%, ଶୁଭସ୍ମିତା ସ୍ୱାଇଁ ୯୨.୮୩%, ପ୍ରିୟବ୍ରତ ସ୍ୱାଇଁ ୯୧.୫୦%, ସତ୍ୟଜିତ ରାଉଳ ୯୧.୫୦%, ଅର୍ପିତା ବେହେରା ୯୦.୩୩% ଓ ପ୍ରତୀକ୍ଷା ନାୟକ ୯୦.୩୩% ରଖି ଉତୀର୍ଣ୍ଣ ହୋଇଛନ୍ତି। ସେହିପରି ୧୧ ଜଣ ଛାତ୍ର ଛାତ୍ରୀ ଶତକଡା ୯୦% ପ୍ରତିଶତ ନମ୍ବର ରଖି ଉତୀର୍ଣ୍ଣ ହୋଇଥିବା ବେଳେ ୨୧ଜଣ ଛାତ୍ରଛାତ୍ରୀ ଶତକଡା ୮୦% ପ୍ରତିଶତରୁ ଅଧିକ ନମ୍ବର ଏବଂ ୨୫ଜଣ ଛାତ୍ରଛାତ୍ରୀ ଶତକଡା ୭୦% ପ୍ରତିଶତରୁ ଅଧିକ ନମ୍ବର ରଖି ଉତ୍ତୀର୍ଣ୍ଣ ହୋଇଛନ୍ତି। ବିଦ୍ୟାଳୟର ଅଧ୍ୟକ୍ଷ ଏବଂ ଶିକ୍ଷକ ଶିକ୍ଷୟତ୍ରୀ ସମସ୍ତ କୃତୀ ଛାତ୍ରଛାତ୍ରୀଙ୍କୁ ଧନ୍ୟବାଦ ଦେବା ସହ ସେମାନଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି। ବିଦ୍ୟାଳୟର ଏହି ସଫଳତା ପାଇଁ ଅଭିଭାବକଙ୍କ ମହଲରେ ଖୁସିର ଲହରୀ ଖେଳିଯାଇଛି।

## ବାଇକ୍ କାକଟପୁରରେ, ଚାଲାଣ କଟିଛି ନୟାଗଡ଼ରେ

**ଅସ୍ତରଙ୍ଗ,୧୮।୪/ଏନ୍ଏନ୍ଏସ୍:** କାକଟପୁର ଥାନା ଅନ୍ତର୍ଗତ ଖଣ୍ଡାସାହି ଗ୍ରାମର ପ୍ରଦୀପ କୁମାର ସେନାପତିଙ୍କ ଏକ ବାଇକ୍ ନିଜ ଘରେ ରହିଥିବା ବେଳେ ତାଙ୍କ ମୋବାଇଲ ନମ୍ବରକୁ ନୟାଗଡ଼ ଆ ଟିଓ ଅଫିସରୁ ଏକ ଫାଇନ ୩ହଜାର ଟଙ୍କା ଜୋରିମାନା ମେସେଜ୍ ଆସିଥିଲା। ସେ ହଠାତ କିଛି ଜାଣି ପାରିନଥିଲେ। ସେ ତୁରନ୍ତ ନୟାଗଡ଼ ଆରଟିଓଙ୍କ ଅଫିସକୁ ଜଣାଇଥିଲେ ଓ ତାଙ୍କ ବାଇକ ନମ୍ବରକୁ ନକଲିକରି ଅନ୍ୟ ଏକ ବ୍ୟକ୍ତି ଚଳାଉଥିବା ଏକ ଫଟୋ ନୟାଗଡ ଆରଟିଓ ଅଫିସରୁ ତାଙ୍କ ମୋବାଇଲକୁ ଆସିଥିଲା। ସେ ଏ ନେଇ କାକଟପୁର ଥାନାରେ ଏକ ଲିଖିତ ଅଭିଯୋଗ କରିଥିଲେ। କାକଟପୁର ପୋଲିସ ନୟାଗଡ ଥାନାକୁ ଜଣାଇଛନ୍ତି ବୋଲି କହିବା ପରେ ପ୍ରଦୀପ ଘରକୁ ଫେରିଥିଲେ। କିନ୍ତୁ ଦୀର୍ଘ ସାତମାସ ହେଲାଣି ଏ ପର୍ଯ୍ୟନ୍ତ ସେ କ୍ଲିଆରନ୍ସ ପାଇପାରି ନାହାନ୍ତି। ସେ ଜଣେ ଚାଷୀ, କୃଷକ ଶ୍ରେଣୀର ବ୍ୟକ୍ତି ହୋଇଥିବାରୁ ତୁରନ୍ତ ନ୍ୟାୟ ପାଇବା ପାଇଁ ସେ ପୁରୀ ଜିଲ୍ଲା ଆରକ୍ଷୀ ଅଧିକ୍ଷକଙ୍କ ନିକଟରେ ନିବେଦନ କରିଛନ୍ତି।

## ନୂତନ ଶିଶୁମଙ୍ଗଳ କମିଟିଙ୍କ ଦାୟିତ୍ୱ ଗ୍ରହଣ

**ପୁରୀ,୧୮।୪/ଏନ୍ଏନ୍ଏସ୍:** ମହିଳା ଓ ଶିଶୁ ବିକାଶ ବିଭାଗ, ଓଡିଶା ସରକାର ଙ୍କ ନିର୍ଦ୍ଦେଶ କ୍ରମେ ପୁରୀରେ ନୂତନ ଶିଶୁ ମଙ୍ଗଳ କମିଟି କାର୍ଯ୍ୟ ଭାର ଗ୍ରହଣ କରିଛନ୍ତି। ନୂତନ ସିଡବ୍ଲୁସିର ଅଧ୍ୟକ୍ଷ ମହାବୀର ରୁଦ୍ର ନାରାୟଣ ସାହୁ ପୂର୍ବତନ ଅଧ୍ୟକ୍ଷ ଡଃ ଅଜିତ କୁମାର ମହାପାତ୍ରଙ୍କ ଠାରୁ ୧୭ତାରିଖ ଦିନ ଶିଶୁ ମଙ୍ଗଳ କମିଟି କାର୍ଯ୍ୟାଳୟ ଠାରେ ଦାୟିତ୍ୱ ଗ୍ରହଣ କରିଛନ୍ତି। ଅଧ୍ୟକ୍ଷ ଶ୍ରୀ ସାହୁଙ୍କ ସହିତ ଅନ୍ୟ ସଦସ୍ୟ ସଦସ୍ୟା ଶକ୍ତିପାଦ ମିଶ୍ର, ଦୀପ୍ତି ଦାସ, ବିଜୟଲକ୍ଷ୍ମୀ ମହାନ୍ତି, ସୌଭାଗ୍ୟ ରଞ୍ଜନ ପଟ୍ଟନାୟକ ଉପସ୍ଥିତ ଥିଲେ। ସେହିପରି ପୂର୍ବତନ କମିଟିର ସଦସ୍ୟ ଉପେନ୍ଦ୍ର ବିଶ୍ୱାଳ, ସଦସ୍ୟା ଲକ୍ଷ୍ମୀପ୍ରିୟା ପାତ୍ର, ଦେବଯାନୀ ହିମାଂଶୁ ଉପସ୍ଥିତ ରହି ବିଗତ ବର୍ଷ ଗୁଡିକର କାର୍ଯ୍ୟ, ଅଭିଜ୍ଞତା ପରିପ୍ରକାଶ କରିଥିଲେ। ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ ର ସୁରକ୍ଷା ଅଧିକାରୀ ଶୁଭ ନାରାୟଣ ଶତପଥୀ ଦାୟିତ୍ୱ ହସ୍ତାନ୍ତର, ସ୍ୱାଗତ ଓ ବିଦାୟ କାଳିନ କାର୍ଯ୍ୟକୁ ପରିଚାଳନା କରିଥିବା ବେଳେ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟର ରୋଜାଲିନ ପାତ୍ର, ସନ୍ତୋଷ କୁମାର ସାହୁ, ସ୍ନିଗ୍ଧାରାଣୀ ସାହୁ, ହରେକୃଷ୍ଣ ସାହୁ, ଚାଇଲଡ ହେଲ୍ପ ଲାଇନ କାର୍ଯ୍ୟକର୍ତ୍ତା କୃଷ୍ଣଚନ୍ଦ୍ର ମିଶ୍ର ପ୍ରମୁଖ ସହଯୋଗ କରିଥିଲେ। ଏହି ଅବସରରେ ନୂତନ ଭାବେ ଅବସ୍ଥାପିତ ଅଧ୍ୟକ୍ଷ ମହାବୀର ରୁଦ୍ର ନାରାୟଣ ସାହୁ କହିଥିଲେ ଯେ, ପ୍ରତ୍ୟେକ ଶିଶୁକୁ ଯତ୍ନ, ସୁରକ୍ଷା ଏବଂ ପରିବାର ଯୋଗାଇଦେବା କମିଟି ର ପ୍ରାଥମିକତା ହେବ। ବିପରୀତ ପରିସ୍ଥିତିରେ ଥିବା ଶିଶୁ ମାନଙ୍କ ଥଇଥାନ ପାଇଁ ମୋବାଇଲ୍ ନଂ ୬୩୭୨୨୨୨୬୬୪ରେ ତୁରନ୍ତ ଯୋଗାଯୋଗ କରିବାକୁ ଜନସାଧାରଣଙ୍କୁ ନିବେଦନ କରିଥିଲେ।

## ସିବିଏସ୍‌ଇରେ ଗୌରବ ଆଣିଲେ ଅଶନୀଲ



**କୋଣାର୍କ,୧୮।୪/ଏନ୍ଏନ୍ଏସ୍:** କୋଣାର୍କ ଏନଏସି ୪ନଂ ୱାର୍ଡ କରମଙ୍ଗା ଗ୍ରାମର ଶଶାଙ୍କ ଶେଖର ରାଉତରାୟଙ୍କ ପୁତ୍ର ତଥା କୋଣାର୍କ ସ୍ପୋର୍ଟସ ଏକାଡେମୀର ସଭାପତି ଚନ୍ଦ୍ରଶେଖର ରାଉତରାୟଙ୍କ ପୁତୁରା ଅଶନୀଲ ରାଉତରାୟ ଚଳିତ ସିବିଏସଇ ଦଶମ ଶ୍ରେଣୀ ବୋର୍ଡ ପରୀକ୍ଷାରେ ୯୯% ପ୍ରତିଶତ ମାର୍କ ରଖି କୋଣାର୍କ ଅଞ୍ଚଳ ପାଇଁ ଗୌରବ ଆଣିଛନ୍ତି। ଅଶନୀଲ ରାଉତରାୟ। ଅଶନୀଲଙ୍କ ବାପା ଶଶାଙ୍କ ଶେଖର ରାଉତରାୟ ଏକ ଘରୋଇ ଟେଲିଫୋନ ସଂସ୍ଥାର ରାଜ୍ୟ ମାର୍କେଟିଂ ପରିଚାଳକ ଥିବା ବେଳେ ମା' ଭୁବନେଶ୍ୱର ସ୍ଥିତ ଉତ୍କଳ ହସ୍ପିଟାଲରେ ଡାକ୍ତର ଭାବେ କାର୍ଯ୍ୟ କରୁଛନ୍ତି। ଅଶନୀଲଙ୍କ ପାଠପଢାରେ ଦୃଢ ଇଚ୍ଛାଶକ୍ତି, ଅଦମ୍ୟ ପରାକାଷ୍ଠା ଓ ପରିଶ୍ରମ ଯୋଗୁଁ ପୁଅ ସିବିଏସଇ ଦଶମ ଶ୍ରେଣୀ ବୋର୍ଡ ପରୀକ୍ଷାରେ ଭଲ ମାର୍କ ରଖି କୋଣାର୍କ ଅଞ୍ଚଳ ପାଇଁ ଗୌରବ ଆଣିଛନ୍ତି ବୋଲି ବାପା ଶଶାଙ୍କ ଶେଖର ରାଉତରାୟ ପ୍ରକାଶ କରିଛନ୍ତି। ଏହି ସଫଳତା ପାଇବା ପରେ ଅଶନୀଲଙ୍କୁ କୋଣାର୍କ ର ବିଭିନ୍ନ ସଂଗଠନ ଓ ବୁଦ୍ଧିଜୀବୀଙ୍କ ପକ୍ଷରୁ ଶୁଭେଚ୍ଛାର ସୁଅ ଛୁଟିଛି।

## ଶ୍ରୀ ଜୟଦେବ ଜୟନ୍ତୀ ପ୍ରସ୍ତୁତି ବୈଠକ

**ଅସ୍ତରଙ୍ଗ,୧୮।୪/ଏନ୍ଏନ୍ଏସ୍:** ପବିତ୍ର ଅକ୍ଷୟ ତୃତୀୟା ଅବସରରେ ପ୍ରାଚୀତଟର ଗର୍ବ ଓ ଗୌରବ ଭକ୍ତଶ୍ରେଷ୍ଠ ଜୟଦେବଙ୍କର ଜୟନ୍ତୀ ପାଳନ ପାଇଁ ପ୍ରାଚୀତଟର ମଠ, ଆଶ୍ରମ, ମନ୍ଦିର ଓ ଦେବପୀଠଗୁଡିକ ଚଳଚଞ୍ଚଳ ହୋଇଉଠିଛି। ଏଥିପାଇଁ ପ୍ରାଚୀ ସଂସ୍କୃତି ସୁରକ୍ଷା ପରିଷଦର ଏକ ପ୍ରସ୍ତୁତି ବୈଠକ ସ୍ଥାନୀୟ ପଦ୍ମସମ୍ଭବ ଆଶ୍ରମ ଠାରେ ସମ୍ପନ୍ନ ହୋଇଯାଇଛି। ବୈଠକ ରେ ପରିଷଦର ଆବାହକ ପଣ୍ଡିତ ତ୍ରିଲୋଚନ ମିଶ୍ର, ମୁଖ୍ୟ ଉପଦେଷ୍ଟା ସନ୍ତୋଷ କୁମାର ମିତ୍ର, ସମ୍ପାଦକ ଦେବେନ୍ଦ୍ର ମାହାରୀ, ସାଂସଦ ପ୍ରତିନିଧି କୈଳାଶ ଚନ୍ଦ୍ର ନାୟକ ଓ ସଂଯୋଜକ କାଳୀପ୍ରସାଦ ସ୍ୱାଇଁ ପ୍ରମୁଖ ଉପସ୍ଥିତ ରହି ଜୟଦେବଙ୍କର ସ୍ତୁତିଚାରଣ ପୂର୍ବକ ଜୟନ୍ତୀ ପାଳନ ପାଇଁ କାର୍ଯ୍ୟାଧାରା ପ୍ରସ୍ତୁତ କରିଛନ୍ତି। ପରିଷଦ ଜୟଦେବ ଜୟନ୍ତୀ ପାଳନ କରିବା ସହ ସଂକୀର୍ତ୍ତନ ଯାତ୍ରାକୁ ଭବ୍ୟ ସମ୍ବର୍ଦ୍ଧନା ଦେବାର ବ୍ୟବସ୍ଥା କରିଛନ୍ତି।

## ପ୍ରଶାସନକୁ ଖଣିମାଫିଆଙ୍କ ଖୋଲା ଚ୍ୟାଲେଞ୍ଜ



**ଓଡ଼ଗାଁ,୧୮।୪/ଏନ୍ଏନ୍ଏସ୍:** କୋମଣ୍ଡ ଓ ରୋହିବାଙ୍କ ଖଣିଭିତରେ ମାଙ୍କଡ଼ା ପଥର କାଟି ରାତିସାରା ଶହଶହ ଟ୍ରିପ ଚୋରାଚାଲାଣ ହେଉଛି।ଏସବୁକୁ ରୋକିବାପାଇଁ ଖଣିବିଭାଗ ସତେ ଯେମିତି ଅସହାୟ ହୋଇପଡିଛି। ଗତକାଲି ରାତିରେ ଓଡ଼ଗାଁ ପୁଲିସ ଏକ ମାଙ୍କଡ଼ା ବୋଝେଇ ୪୦୭ କୁ ଜବତ କରିବା ସହିତ ଗାଡ଼ିଚାଳକକୁ ଗିରଫ କରିଛି। ସୂଚନା ଅନୁଯାୟୀ ଓଡ଼ଗାଁ ତହସିଲର କୋମଣ୍ଡ ଓ ରୋହିବାଙ୍କରେ ବେଆଇନ ମାଙ୍କଡ଼ା ଖଣିକୁ ଖଣିମାଫିଆ ନିଜ ହାତମୁଠାରେ ରଖିଛନ୍ତି। ପ୍ରତିବର୍ଷ ପ୍ରଶାସନ ଓ ଖଣିବିଭାଗ ଚଢ଼ାଉକରି କାମସାରି ଦେଉଥିବାବେଳେ ପୁଣି ଖଣି ମାଫିଆ ସକ୍ରିୟ ହୋଇ ଲକ୍ଷଲକ୍ଷ ଟଙ୍କା ରାଜସ୍ୱ ଲୁଟ୍ କରୁଛନ୍ତି। ଏହା ପ୍ରସାଶନ ପାଇଁ ମୁଣ୍ଡ ବିନ୍ଧାର କାରଣ ପାଲଟିଛି। ଖଣିବିଭାଗ ଖଣି ମାପୁନଥିବାରୁ ମାଫିଆଙ୍କୁ ଏହା ବେଶ ସୁହାଉଛି କି ଖଣି ବିଭାଗ ଅଧିକାରୀ ମାସିକିଆ କୋଟା ନେଇ ଚୁପ ରହୁଛନ୍ତି ତାହା ଏବେ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଆଲୋଚନା ହେଉଛି। ନିଶା ରାତିରେ ଶହଶହ ଗାଡ଼ି ଖଣିରୁ ବାହାରି ବିଭିନ୍ନ ସ୍ଥାନକୁ ଯାଉଥିବା ବେଳେ ପ୍ରଶାସନ କିପରି କିଛି ଜାଣିପାରୁନି ତାହା ସମସ୍ତଙ୍କ ମନରେ ସନ୍ଦେହ କରୁଛି। ଗତକାଲି ରାତିରେ ଓଡ଼ଗାଁ ପୁଲିସ ପାଟ୍ରୋଲିଁ କରୁଥିବା ସମୟରେ କୁରାଳ ଅଞ୍ଚଳରୁ ଏକ ମାଙ୍କଡ଼ା ବୋଝେଇ ୪୦୭ ଗାଡ଼ି ନଂ ଓଡ଼ି ୦୨ ଡି ୬୬୫୪କୁ ଜବତକରି ଥାନାକୁ ଆଣିଛନ୍ତି। ଏହାସହିତ ଗାଡ଼ିର ଚାଳକକୁ ଅଟକ ରଖିଥିବା ଜଣାପଡିଛି।

## ଟ୍ରାକ୍ଟର ବୋଝେଇ କାଠ ଜବତ

**ମାହାଙ୍ଗା,୧୮।୪/ଏନ୍ଏନ୍ଏସ୍:** ମାହାଙ୍ଗା ତହସିଲ ଅଧିନ ଅଳିଯୋଡା ସ୍ଥିତ ପେଟ୍ରୋଲ ଟାଙ୍କି ନିକଟସ୍ଥ ପାଟ ନାଳୀ ବନ୍ଧରୁ ବାତ୍ୟାରେ ଭାଙ୍ଗି ପଡିଥିବା ଶତାଧିକ ଆକାଶୀ କାଠକୁ ବେଆଇନ ଭାବେ କାଟି ଟ୍ରାକ୍ଟରରେ ଲୁଟ କରି ନେଉଥିବା ବେଳେ ଖବର ପାଇ ମାହାଙ୍ଗା ତହସିଲଦାର ପକ୍ଷରୁ ଏକ ଟିମ ଚଢାଉ କରି ଉକ୍ତ କାଠ ବୋଝେଇ ଟ୍ରାକ୍ଟରକୁ ଜବତ କରି ମାହାଙ୍ଗା ପୋଲିସ ଜିମା ଦେଇଥିବା ଜଣାଯାଇଛି। ସୂଚନା ଅନୁଯାୟୀ ଅଳିଯୋଡା ରଘୁନାଥନଗର ପାଟ ନାଳୀ ବନ୍ଧରୁ ଶହ ଶହ ଆକାଶୀ ଗଛ ଲଗାଯାଇଥିଲା। ତେବେ ଗତ ସପ୍ତାହରେ ହୋଇଥିବା କାଳବୈଶାଖି ପ୍ରଭାବରେ ଶହେରୁ ଉର୍ଦ୍ଧ ଗଛ ଭାଙ୍ଗି ପଡିଥିଲା। ଭାଙ୍ଗି ଯାଇଥିବା ଗଛକୁ ସ୍ଥାନୀୟ ଲୋକେ ଜାଳ ପାଇଁ କାଟି ନେଇଥିବାବେଳେ ବଡ଼ ବଡ଼ ଗଣ୍ଡି ଗୁଡିକ ସେଠାରେ ପଡି ରହିଥିଲା। ଏହି ପାଟନାଳୀ ନିକଟରେ ଥିବା ଘରୋଇ ଜମିରୁ କାଠ ବେପାରୀ କାଠ କିଣି ନେଉଥିବା ବେଳେ ସେଠାରେ ସରକାରୀ ଜମିରେ ପଡିଥିବା ୨୦ରୁ ଉର୍ଦ୍ଧ୍ୱ ଗଣ୍ଡିକୁ ମଧ୍ୟ ଲୁଟ୍‌କରି ନେଉଥିବା ନେଇ ମାହାଙ୍ଗା ତହସିଲଦାର ସୁଭାଶିଷ ପାଲଟା ସୂଚନା ପାଇବା ପରେ ଏକ ଟିମ ଘଟଣାସ୍ଥଳକୁ ପଠାଇ ଉକ୍ତ କାଠକୁ ଜବତ କରିଥିଲେ। ଜବତ କାଠ ଆନୁମାନିକ ମୂଲ୍ୟ ୫୦ହଜାରରୁ ଉର୍ଦ୍ଧ୍ୱ ହେବ ବୋଲି ଜଣାଯାଇଛି। ସରଜମିନ ତଦନ୍ତ ପରେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ତହସିଲଦାର ଶ୍ରୀ ପାଲଟା କହିଛନ୍ତି।

## ନିଗମାନନ୍ଦ ମହିଳା ମହାବିଦ୍ୟାଳୟରେ ଅଗ୍ନିଶମ ସେବା ସପ୍ତାହ




**ଚାରିଛକ,୧୮।୪/ଏନ୍ଏନ୍ଏସ୍:** ପୁରୀ ଜିଲ୍ଲା ନିମାପଡା ବ୍ଲକ ଅନ୍ତର୍ଗତ ଚାରିଛକସ୍ଥିତ ନିଗମାନନ୍ଦ ମହିଳା ମହାବିଦ୍ୟାଳୟ ପରିସରରେ ନିମାପଡା ଅଗ୍ନିଶମ ସେବା କେନ୍ଦ୍ର ଆନୁକୂଲ୍ୟରେ ଅଗ୍ନିଶମ ସେବା ସପ୍ତାହ- ୨୦୨୬ ଅବସରରେ ଆୟୋଜିତ ହୋଇଛି ଅଗ୍ନି ପ୍ରଶମନ ପ୍ରଶିକ୍ଷଣ କାଯ୍ୟକ୍ରମ। ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ଡ଼ଃ ଅଶୋକ କୁମାର ବିଶ୍ୱାଳ ଅନୁଷ୍ଠାନିକ ଭାବରେ ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ସୂଚନା ଯୋଗ୍ୟ ଓଡିଶା ସରକାରଙ୍କ ଅଗ୍ନିଶମ ବିଭାଗ ପକ୍ଷରୁ ଚଳିତ ବର୍ଷ ଅପ୍ରେଲ ୧୪ ରୁ ୨୦ ତାରିଖ ପର୍ଯ୍ୟନ୍ତ ଅଗ୍ନିଶମ ସେବା ସପ୍ତାହ-୨୦୨୬ ମହା ଆଡମ୍ବରରେ ପାଳନ କରାଯାଉଛି। ଏ ବର୍ଷର ମୂଳ ବିଷୟବସ୍ତୁ ହେଉଛି ଅଗ୍ନି ସୁରକ୍ଷା ଏବଂ ରାଷ୍ଟ୍ର ବିକାଶ ସୁନିଶ୍ଚିତ କରିବା। ମହାବିଦ୍ୟାଳୟର ଏନସିସି ବିଭାଗ ମେଜର ପୁଷ୍ପଲତା ଦତ୍ତ ସଂଯୋଜନା କରିଥିଲେ। ସଂସ୍କୃତ ବିଭାଗ ଅଧ୍ୟାପକ ଜୀବନ ଦାଶ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି ଅଗ୍ନି ପ୍ରଶମନ ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ନିମାପଡା ଅଗ୍ନିଶମ ସେବା କେନ୍ଦ୍ରର ସମସ୍ତ କର୍ମଚାରୀ ଯୋଗଦେଇ ମହାବିଦ୍ୟାଳୟ ପରିସରରେ ମକ୍ ଡ୍ରିଲ୍ ମାଧ୍ୟମରେ ଛାତ୍ରୀମାନଙ୍କୁ ସଚେତନତା କରାଇଥିଲେ। ଶେଷରେ ମେଜର ପୁଷ୍ପଲତା ଦତ୍ତ ଧନ୍ୟବାଦ ଅର୍ପଣ କରିବା ସହ ସଚେତନତାର ବାର୍ତ୍ତା ପ୍ରଦାନ କରିଥିଲେ।

## ନିଃଶୁଳ୍କ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର

**ଫୁଲନଖରା,୧୮।୪/ଏନ୍ଏନ୍ଏସ୍:** ସଦର ଥାନା ପୀରବଜାରଠାରେ ଥିବା ଗ୍ରୀଭ୍‌ସ ତରଫରୁ ଭାରତୀ ମୋଟର୍ସ କଟକଙ୍କ ସହାୟତାରେ ଏକ ନିଃଶୁଳ୍କ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ଆୟୋଜନ ହୋଇଥିଲା। ଅଟୋ ମହାସଂଘ ଅଧ୍ୟକ୍ଷ ଶୈଲେନ ଧଳ ଓ ସମାଜସେବୀ ଶିଶିର ରଥ ଏହାକୁ ଉଦଘାଟନ କରିଥିଲେ। ଅଭିଜ୍ଞ ଡାକ୍ତରଙ୍କଦ୍ୱାରା ଶତାଧିକ ଗ୍ରାହକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯିବା ସହିତ ବିନା ମୂଲ୍ୟରେ ଔଷଧ ବିତରଣ ହୋଇଥିଲା। ପ୍ରବୋଧ କର, ସ୍ନେହାଶିଷ ସିଂ, ଅଜିତ ପାଢ଼ୀ ଓ ଅନ୍ୟମାନେ ଶିବିର ପରିଚାଳନା କରିଥିଲେ।

## ଯୁବକଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

**ନିମାପଡ଼ା,୧୮।୪/ଏନ୍ଏନ୍ଏସ୍:** ଶନିବାର ଭୋର୍ ସମୟରେ ବାଟୋଇଙ୍କ ଠାରୁ ଖବର ପାଇ ନିମାପଡ଼ା ପୋଲିସ ଅଲଣ୍ଡି ଛକ ନିକଟ ବେହେରା ସାହି ଠାରେ ଏକ ଗଛରେ ବେକରେ ରଶି ଲଗାଇ ଝୁଲୁଥିବା ଅବସ୍ଥାରେ ଜନୈକ ଯୁବକଙ୍କ ମୃତ ଶରୀର ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ପୁରୀ ପଠାଇଛି। ଯୁବକ ଜଣଙ୍କ ଗୋଟିଏ ଧଳା ଗଞ୍ଜି ଓ କଳା ହାପ୍ ପ୍ୟାଣ୍ଟ ପିନ୍ଧିଥିବା ଦେଖାଯାଇଛି। ତେବେ ତାଙ୍କର କୌଣସି ପରିଚୟ ମିଳିପାରି ନାହିଁ। ପୁଲିସ ଘଟଣାର ତଦନ୍ତ ଚଳାଇଛି।

**AFFIDAVIT**

By virtue of an affidavit sworn before Executive Magistrate, Bhubaneswar, I, Kunal Das, aged about 19 years, S/o- Padma Das, resident At - Kelasahi Basti, Bhimpur, Aerodrome Area, Bhubaneswar, Dist- Khordha, Odisha, Pin-751020 do hereby declare that my actual name is Kunal Das which is stands recorded in my Aadhar card vide no. 272573626603 but in my LIC new Children's Money Back policy no. 849718275, my name is wrongly mentioned as Abhaya Das. That **Kunal Das** and **Abhaya Das** is one and same person for all purposes.

## ଅକ୍ଷୟ ତୃତୀୟା ପାଳନ ପ୍ରସ୍ତୁତି ଚୂଡ଼ାନ୍ତ ପର୍ଯ୍ୟାୟରେ

**ଆଠଗଡ଼,୧୮।୪/ଏନ୍ଏନ୍ଏସ୍:** ଚଳିତ ବର୍ଷ ଅକ୍ଷୟ ତୃତୀୟା ପାଳନ ନିମନ୍ତେ ପ୍ରସ୍ତୁତି ଚୁଡାନ୍ତ ପର୍ଯ୍ୟାୟରେ ବୋଲି ଆଜି ବିଜେଡି ଦଳିୟ କାର୍ଯ୍ୟାଳୟ ସୂର୍ଯ୍ୟଭବନ ଠାରେ ଦଳର ବ୍ଲକ ସଭାପତି ରବିନ୍ଦ୍ର ନାଥ ରାଉତ ଏକ ସାମ୍ବାଦିକ ସମ୍ମିଳନୀରେ ପ୍ରକାଶ କରିଛନ୍ତି। ଏହି କ୍ରମରେ ଦଳ ଆଠଗଡ ଓ ତିଗିରିଆରେ ପୃଥକ ପୃଥକ ଭାବେ ଦିବସ ପାଳନ କରିବ ବୋଲି ପ୍ରକାଶ କରିବା ସହିତ ଆଠଗଡର ଗୁଡୁପଡା ଠାରେ ଅକ୍ଷିମୁଠି ଅନୁକୂଳ କରିବା ନିମନ୍ତେ ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ସହମତି ପ୍ରକାଶ କରିଥିବାବେଳେ ଯୁବନେତା ଆଦିତ୍ୟ ପ୍ରସାଦ ସ୍ୱାଇଁ ତିଗିରିଆର ବାଣେଶ୍ୱରପଡା ଠାରେ ଅକ୍ଷିମୁଠି ଅନୁକୁଳ କରିବେ ବୋଲି ବିଜୁ କୃଷକ ଜନତା ଦଳର ସଭାପତି ସୁବାସ ଚନ୍ଦ୍ର ପାଳ ପ୍ରକାଶ କରିଛନ୍ତି। ଏହାସହିତ ଚାଷକୁ ଅଗ୍ରାଧିକାର ଦିଆଯାଇ ଦଳ ପକ୍ଷରୁ ସଫଳ ଚାଷୀମାନଙ୍କୁ ସମ୍ମାନିତ କରାଯିବ ବୋଲି ଦଳର ତିଗିରିଆ କୃଷକ ସଭାପତି ସେକ ଅବଦୁଲ ତୋୟବ ଜଣାଇଛନ୍ତି। କାର୍ଯ୍ୟକ୍ରମରେ ସରପଞ୍ଚ, ସମିତିସଭ୍ୟ ଜିଲ୍ଲାପରିଷ ସଭ୍ୟ ଏବଂ ଚାଷ ସହିତ ଜଡିତ ଥିବା ସମସ୍ତ ବ୍ୟକ୍ତି ବିଶେଷ ତଥା ଚାଷୀ ଭାଇମାନେ ଯୋଗଦେବାକୁ କୃଷକ ନେତା ସୁରେଶ ଚନ୍ଦ୍ର ସାହୁ ଏବଂ ତିଗିରିଆ ଦଳର ସଭାପତି ଅଜିତ ଧିର ଜଣାଇଛନ୍ତି।

## ପ୍ରବାଦ ପୁରୁଷଙ୍କ ତିରୋଧାନ ଦିବସ

**ମାହାଙ୍ଗା,୧୮।୪/ଏନ୍ଏନ୍ଏସ୍:** ମାହାଙ୍ଗା ବ୍ଲକ ବିଜେଡି ପକ୍ଷରୁ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ୨୯ତମ ତିରୋଧାନ ଦିବସ ସମସରପୁର ପଞ୍ଚାୟତ ଭୋଳିଦାସପୁର ଛକଠାରେ ଥିବା ବିଜୁ ବାବୁଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଦେଇ ତିରୋଧାନ ଦିବସ ପାଳନ କରାଯାଇଛି। ଜୋନ ସଭାପତି ଦୀନବନ୍ଧୁ ସାହୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏବଂ କଟକ ଜିଲ୍ଲା ବିଜେଡି ଉପସଭାପତି ପ୍ରଶାନ୍ତ ପଟ୍ଟ ନାୟକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବରେ ଅତିଥିଭାବେ ବ୍ଲକ ଉପାଧ୍ୟକ୍ଷ ସତ୍ୟ ନାରାୟଣ ମହାନ୍ତି, ଜିଲ୍ଲା ପରିଷଦ ସଭ୍ୟ ମୁର୍ସିଦ ରିଆଜୁଲ ହୋଦା, ବିଜୟାନନ୍ଦ ସ୍ୱାଇଁ, ସତ୍ୟଜିତ କିଶୋର ଦାସ, ପ୍ରଶାନ୍ତ କୁମାର କର, ନାରାୟଣ ବେହେରା ପ୍ରମୁଖଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗଦେଇଥିଲେ। ସେହିପରି ମାହାଙ୍ଗା ବ୍ଲକ ବିଜେଡି ସଭାପତି ରାଜକିଶୋର ଜେନାଙ୍କ ନେତୃତ୍ୱରେ ବ୍ଲକ କାର୍ଯ୍ୟାଳୟ ପରିସରରେ ଥିବା ବିଜୁବାବୁଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଏଥିରେ ବ୍ଲକ ଅଧ୍ୟକ୍ଷା ଦୀପା ମଲିକ, ବ୍ଲକ ଉପାଧ୍ୟକ୍ଷ ସତ୍ୟନାରାୟଣ ମହାନ୍ତି, ଯୁବନେତା ତ୍ରିନାଥ ଜେନା, ପ୍ରିତମ କାନୁନଗୋ, ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ହୃଷିକେଶ ସ୍ୱାଇଁ, ଜିଲ୍ଲା ପରିଷଦ ସଭ୍ୟ ଜଗବନ୍ଧୁ ସେଠୀ, ସରପଞ୍ଚ ରାଜକିଶୋର ବଳ, ସୁବାଷ ଜେନା, ଗୋବିନ୍ଦ ନିହାଣ, ହେମନ୍ତ ପ୍ରଧାନ,ରମେଶ ସାମଲ, ଗୌତମ ବିଶ୍ୱାଳ, କୃଷ୍ଣଚନ୍ଦ୍ର ସମାଲ, ଗିରିଜା ଶଙ୍କର ମିଶ୍ରଙ୍କ ସମେତ ବହୁ ବିଜେଡି କର୍ମକର୍ତ୍ତା ଉପସ୍ଥିତ ଥିଲେ। ସେହିପରି ନାହାଙ୍ଗ ପଞ୍ଚାୟତର ଗୌଡ଼ଗୋପ, ଗୋକନ, ଉମର ଠାରେ ଥିବା ବିଜୁବାବୁଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

ଏକଲବ୍ୟ ଶିକ୍ଷାକେନ୍ଦ୍ର, ନିମାପଡ଼ା, ପୁରୀ

ନିଃଶୁଳ୍କ ନାମଲେଖା ବିଜ୍ଞାପନ
୨୦୨୬-୨୦୨୭

ସର୍ବସାଧାରଣ ଓ ଛାତ୍ର ଛାତ୍ରୀ ମାନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ ଓଡ଼ିଶା ସରକାରଙ୍କ ନିର୍ଦ୍ଦେଶ କ୍ରମେ ପାରଦର୍ଶୀ www.rteparadarshi.odisha.gov.in ପୋର୍ଟାଲ ରେ ପ୍ରଥମ ଶ୍ରେଣୀରେ ନାମ ଲେଖିବା ପାଇଁ ଫେବୃଆରୀ ୧୦ ତାରିଖ ଠାରୁ ନିର୍ଦ୍ଧାରିତ ସମୟ ମଧ୍ୟରେ ପ୍ରଥମ ପର୍ଯ୍ୟାୟ online ଆବେଦନ କରିପାରିବେ । ପଛୁଆ ବର୍ଗ ଛାତ୍ରଛାତ୍ରୀ ପାଇଁ ୨୫% ସ୍ଥାନ ସଂରକ୍ଷଣ କରାଯାଇଛି । ପ୍ରଥମ ଶ୍ରେଣୀରେ ନାମ ଲେଖାଇବା ପାଇଁ ବୟସ ସେପ୍ଟେମ୍ବର ୧ ତାରିଖ ୨୦୨୬ ସୁଦ୍ଧା ୬ ବର୍ଷ କିମ୍ବା ତଦୁର୍ଦ୍ଧ ହୋଇଥିବା ଆବଶ୍ୟକ।

**ସା/- ଅଧ୍ୟକ୍ଷ**

## ବିଜେଡି କାର୍ଯ୍ୟାଳୟରେ ବିଜୁବାବୁଙ୍କ ଶ୍ରାଦ୍ଧ ଦିବସ

**ନୟାଗଡ଼,୧୮।୪/ଏନ୍ଏନ୍ଏସ୍:** ନୟାଗଡ଼ ଜିଲ୍ଲା ବିଜୁ ଜନତା ଦଳ କାର୍ଯ୍ୟାଳୟରେ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ଶ୍ରାଦ୍ଧ ବାର୍ଷିକ ପାଳିତ ହୋଇଯାଇଛି। ନୟାଗଡ଼ ନିର୍ବାଚନ ମଣ୍ଡଳୀ ବିଜେଡି ସଭାପତି ଗଙ୍ଗାଧର ପଣ୍ଡାଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ନୟାଗଡ଼ ବିଧାୟକ ଡ଼ ଅରୁଣ କୁମାର ସାହୁ ଯୋଗଦେଇ ଥିଲାବେଳେ ସମ୍ମାନିତ ଅତିଥି ଭାବେ ନୟାଗଡ଼ ବ୍ଲକ ଅଧ୍ୟକ୍ଷ କିଶୋର ଚନ୍ଦ୍ର ସାହୁ, ଓଡ଼ଗାଁ ବ୍ଲକ ଅଧ୍ୟକ୍ଷ ଲୋକନାଥ ସାହୁ, ନୟାଗଡ଼ ପୌର ପରିଷଦ ଅଧ୍ୟକ୍ଷା ନିରୁପମା ଖଟେଇ, ଉପାଧ୍ୟକ୍ଷ ଗୁରୁପ୍ରସାଦ ଜେନା ପ୍ରମୁଖ ଯୋଗଦେଇ ବିଜୁବାବୁଙ୍କ ଜୀବନାଦର୍ଶ ଓ ତାଙ୍କର ସଂଗ୍ରାମୀ ଜୀବନ ଉପରେ ଆଲୋକପାତ କରିଥିଲେ। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ବିଜୁ ଜନତା ଦଳର ଜିଲ୍ଲା ମହିଳା ସଭାପତି ତଥା ଜିଲ୍ଲା ପରିଷଦ ସଦସ୍ୟା ବିରଜାଲକ୍ଷ୍ମୀ ସାହୁ, ଜିଲ୍ଲା ପରିଷଦ ସୁବାଷ ଚନ୍ଦ୍ର କଅଁର, କ୍ଷୀରୋଦ କୁମାର ମହାପାତ୍ର, ସରୋଜ କୁମାର ରଣସିଂହ, ବିଜୁ ଯୁବ ଜନତା ଦଳର ଜିଲ୍ଲା ସଭାପତି ଦୁର୍ଯ୍ୟୋଧନ ବେହେରା, ପୂର୍ବତନ ଛାତ୍ର ସଭାପତି ନୀଳମାଧବ ପଣ୍ଡା, ସଂଖ୍ୟା ଲଘୁ ସେଲର ସଭାପତି ଏସକେ ନଇମ୍ ପ୍ରମୁଖ ଯୋଗ ଦେଇ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ଫଟୋ ଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ।

## ସହୀଦ ଉପେନ୍ଦ୍ରଙ୍କ ୨୫ତମ ବାର୍ଷିକ ସ୍ମୃତି ସମାରୋହ

**ଚାରିଛକ,୧୮।୪/ଏନ୍ଏନ୍ଏସ୍:** ଚାରିଛକ ନିକଟସ୍ଥ ଅନନ୍ତ ବାସୁଦେବ ସରକାରୀ ଉ.ପ୍ରା ବିଦ୍ୟାଳୟ ପାଳଶ୍ରୀ ଠାରେ ସହୀଦ ଉପେନ୍ଦ୍ର ଭୋଇଙ୍କ ୨୫ ତମ ବାର୍ଷିକ ସ୍ମୃତି ସମାରୋହ ଅନୁଷ୍ଠିତ ହୋଇଯାଇଛି। ଉପେନ୍ଦ୍ର ଏପ୍ରିଲ ୧୬ ତାରିଖ ୨୦୦୨ ମସିହାରେ କାରଗିଲ ଯୁଦ୍ଧରେ ସହୀଦ ହୋଇଥିଲେ। ସିଆରପିଏଫ ଡିଆଇଜିଙ୍କ ଦ୍ୱାରା ଆୟୋଜିତ ସ୍ମୃତି ସମାରୋହରେ ପ୍ରଧାନଶିକ୍ଷକ ବିଜୟ କୁମାର ନାୟକ ସଭାପତିତ୍ୱ କରିଥିଲେ। ଏଥିରେ ସିଆରପିଏଫ ଏସଆଇ ଭୁବନେଶ୍ୱର ପୁରୁଷୋତ୍ତମ କର, ସ୍ଥାନୀୟ ସରପଞ୍ଚ ସସ୍ମିତା ଖଟୋଇ, ସମିତିସଭ୍ୟା ସୁମିତ୍ରା ସ୍ୱାଇଁ, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଈଶ୍ୱର ଚନ୍ଦ୍ର ବିଶ୍ୱାଳ, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଅଜୟ କୁମାର ସେଠୀ, ଚାରିଛକ ଥାନା ଏଏସଆଇ ଇନ୍ଦୁଲତା ମିଶ୍ର, ଏଏସଆଇ ସବିତା କୁମାରୀ ଦେବୀ, ସ୍କୁଲ ପରିଚାଳନା କମିଟି ସଦସ୍ୟ ଅଶୋକ କୁମାର ସ୍ୱାଇଁ, ସିଆରସିସି ଅବଦୁଲ ମିସକିନ୍ ଖାନ୍, ଶରତ ଖଟୋଇ, ସୁକାନ୍ତ ନାୟକ, ବୈରାଗୀ ସ୍ୱାଇଁ, ପଞ୍ଚାୟତ ବିଜେପି ସଭାପତି ସୁକାନ୍ତ କୁମାର ସ୍ୱାଇଁ, ସହୀଦଙ୍କ ଧର୍ମପତ୍ନୀ ସୁଷମା ଭୋଇ, ପୁତ୍ର ମୃତ୍ୟୁଞ୍ଜୟ ଭୋଇ ପ୍ରମୁଖ ଯୋଗଦେଇ ସହୀଦଙ୍କ ସ୍ମୃତି ଚାରଣ କରିଥିଲେ। ସହୀଦଙ୍କ ନିଜଗ୍ରାମ କଟକ ଜିଲ୍ଲା ନିଆଳୀ ଥାନା ଅନ୍ତର୍ଗତ ପିତାପଡା ଗ୍ରାମରେ ତାଙ୍କର ଏକ ପ୍ରତମୂର୍ତ୍ତି ସ୍ଥାପନ କରିବାକୁ ପ୍ରସ୍ତାବ ଆଗତ ହୋଇଥିଲା। ପରିଶେଷରେ ସହକାରୀ ଶିକ୍ଷକ ଲିଙ୍ଗରାଜ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

## ସିବିଏସ୍‌ଇରେ ମଦର୍ସ ପବ୍ଲିକ୍ ସ୍କୁଲ୍‌ର ସଫଳତା

**ପୁରୀ,୧୮।୪/ଏନ୍ଏନ୍ଏସ୍:** ଏହି ବର୍ଷ, ପୁରୀର ମଦର୍ସ ପବ୍ଲିକ୍ ସ୍କୁଲ୍ ଦଶମ ଶ୍ରେଣୀ ବୋର୍ଡ ପରୀକ୍ଷାରେ ଉଲ୍ଲେଖନୀୟ ସଫଳତା ହାର ହାସଲ କରିଛି। ଏହି ସ୍କୁଲର ଛାତ୍ରୀମାନଙ୍କ ମଧ୍ୟରୁ ଜଣେ, ଟୀନା ରଥ, ୫୦୦ ରୁ ୫୦୦ ନମ୍ବର ରଖି ଦେଶ ଏବଂ ରାଜ୍ୟରେ ଶୀର୍ଷ ସ୍ଥାନ ହାସଲ କରି ଏକ ଉଲ୍ଲେଖନୀୟ ସଫଳତା ହାସଲ କରିଛନ୍ତି। କେବଳ ସେତିକି ନୁହେଁ, ଶ୍ରେୟାଦିତି ମାର୍ଥା ୪୯୭/୫୦୦ ନମ୍ବର (୯୯. ୪%) ସହିତ ଦ୍ୱିତୀୟ ସ୍ଥାନ ଅଧିକାର କରିଛନ୍ତି। ହର୍ଷବର୍ଦ୍ଧନ ଗୁରୁ ଏବଂ ନିହାର ରଞ୍ଜନ ମିଶ୍ର ୪୯୪/୫୦୦ ମାର୍କ ହାସଲ କରିଛନ୍ତି। ବିଦ୍ୟାଳୟର ପ୍ରତିଷ୍ଠାତ୍ରୀ ପୋଲି ପଟ୍ଟନାୟକ ସମସ୍ତ କୃତି ଛାତ୍ରଛାତ୍ରୀଙ୍କୁ ଅଭିନନ୍ଦନ ଜ୍ଞାପନ କରିଛନ୍ତି। ବିଦ୍ୟାଳୟର ଅଧ୍ୟକ୍ଷା ସଗୁଫ୍‌ତା ପରବିନ ଅତ୍ୟନ୍ତ ଗର୍ବ ପ୍ରକାଶ କରି କହିଛନ୍ତି, ଏହି ଫଳାଫଳ ଆମ ଛାତ୍ରଛାତ୍ରୀଙ୍କ ନିରନ୍ତର ପ୍ରୟାସ ଏବଂ ଆମ ଶିକ୍ଷକ ମାନଙ୍କ ଅଟଳ ସମର୍ପଣର ପ୍ରମାଣ। ଆମେ ପ୍ରତ୍ୟେକ ଛାତ୍ରଙ୍କୁ ସେମାନଙ୍କ ସଫଳତା ପାଇଁ ଅଭିନନ୍ଦନ ଜଣାଉଛୁ ଏବଂ ସେମାନଙ୍କ ଭବିଷ୍ୟତ ପ୍ରୟାସରେ ସେମାନଙ୍କର ନିରନ୍ତର ସଫଳତା କାମନା କରୁଛୁ। ଆମକୁ ପ୍ରତି ପଦକ୍ଷେପରେ ସାହାଯ୍ୟ କରିଥିବାରୁ ବିଦ୍ୟାଳୟର ପ୍ରତିଷ୍ଠାତ୍ରୀ ପୋଲି ପଟ୍ଟନାୟକ ଓ ନିର୍ଦ୍ଦେଶକ ଶ୍ରିଯିତ୍ ପଟ୍ଟନାୟକଙ୍କୁ କୃତଜ୍ଞତା ଜ୍ଞାପନ କରୁଛି। ୬୭ ଜଣଙ୍କ ମଧ୍ୟରୁ ମୋଟ ୩୨ ଜଣ ଛାତ୍ରଛାତ୍ରୀ ୯୦%ରୁ ଅଧିକ ନମ୍ବର ରଖିଛନ୍ତି, ଯାହା ଶିକ୍ଷକ ଏବଂ ଅଭିଭାବକ ମାନଙ୍କ ନିରନ୍ତର ସମର୍ଥନ ଦ୍ୱାରା ପରିଚାଳିତ ଛାତ୍ରଛାତ୍ରୀ ମାନଙ୍କ ସମର୍ପଣ, ଅଧ୍ୟବସାୟ ଏବଂ କଠିନ ପରିଶ୍ରମକୁ ପ୍ରତିଫଳିତ କରେ।

**OFFICE OF THE NOTIFIED AREA COUNCIL , TUSURA**
**(Dept. of Housing & Urban Development, Govt. of Odisha)**
**At/Po.Ps.Tsusura, Dist.Balangir-767030, e-mail:nactusura@gmail.com**

e-tender notice details
**BID Identification No. Tusura-NAC-02-2026**
**e-tender call notice /DTCN No 383/16.04.2026**

Bid Documents consisting of work, Estimated Cost, Cost of Tender Paper, EMD, time of completion, Class of Contractors and the set of terms and conditions of contract and other necessary documents can be seen in Govt. website i.e. **https://tendersodisha.gov.in**

| | | |
|---|---|---|
| 1. Name of the work | : | Civil Construction works as mentioned in website. |
| 2. No. of works. | : | **04 nos. of Civil Projects** |
| 3. Tender Cost | : | **Rs.500000/- to Rs.20,00000/-** |
| 4. Period of Completion | : | 90days |
| 5. Date & Time of availability of Bid Documents in the Portal | : | From **18.04.2026, 12:00 am** to **24.04.2026 5:00 PM.** |
| 6. Last date & time for receipt of bids in the portal. | : | On **24.04.2026** at 5:00 PM. |
| 7. Last date & time for deposit Of Fees& Documents (in sealed envelope) at Office tender box. | : | On **27.04.2026 at 05:00 PM.** |
| 8. Bids received online & Offline will be opened on | : | On **29.04.2026 at 11:00 AM**. |
| 9. Name and address of the officer inviting Bid | : | Executive Officer, Tusura NAC. |

Further details can be seen from the procurement portal i.e.**https://tendersodisha.gov.in**

Sd/- Chandan Ku. Satpathy
Executive Officer, Tusura NAC

OIPR-13001/13167/1/26-27/0002 13001/223/2627

## ରାହୁଲ ଗାନ୍ଧୀ ଓ ଖରଗେଙ୍କ କୁଶପୁତ୍ତଳିକା ଦାହ

**କଟକ,୧୮।୪/ଏନ୍‌ଏନ୍‌ଏସ୍:** ଐତିହାସିକ ମହିଳା ଆରକ୍ଷଣ ବିଲ୍‌କୁ ଲୋକସଭାରେ କଂଗ୍ରେସ ଓ ତାଙ୍କ ସହଯୋଗୀ ଦଳଙ୍କ ବିରୋଧ ପରେ ସମଗ୍ର ଦେଶରେ ବିଜେପି ମହିଳା ମୋର୍ଚ୍ଚା ତରଫରୁ ତୀବ୍ର ପ୍ରତିବାଦ କରାଯାଇଛି। କଂଗ୍ରେସକୁ ମହିଳା ବିରୋଧୀ ବୋଲି ଆରୋପ କରି ବିଭିନ୍ନ ସ୍ଥାନରେ ପ୍ରତିବାଦ ସଭା ଆୟୋଜିତ ହେଉଛି। ଏହି ପରିପ୍ରେକ୍ଷୀରେ କଟକ ଜିଲ୍ଲା ବିଜେପି ସଭାପତି ସୁକାନ୍ତ ବିଶ୍ୱାଳଙ୍କ ନିର୍ଦ୍ଦେଶକ୍ରମେ ବିଜେପି ନେତ୍ରୀ ମଧୁସ୍ମିତା ପ୍ରଧାନଙ୍କ ନେତୃତ୍ୱରେ ବିଜେପି ମହିଳା ମୋର୍ଚ୍ଚା କଟକ ଜିଲ୍ଲା ତରଫରୁ କଟକ ବାଦାମବାଡ଼ିରେ ଏକ ପ୍ରତିବାଦ ସଭା ଆୟୋଜିତ ହୋଇଥିଲା। ଏହି ସଭାରେ ଭାରତୀୟ ଜାତୀୟ କଂଗ୍ରେସର ଜାତୀୟ ସଭାପତି ମାଲିକର୍ଜ୍ଜୁନ ଖରଗେ ଓ ବରିଷ୍ଠ ନେତା ରାହୁଲ ଗାନ୍ଧୀଙ୍କ କୁଶପୁତଳିକା ଦାହ କରାଯାଇଛି। ସଭାରେ ବରିଷ୍ଠ ବିଜେପି ନେତା ଓ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ବିନୋଦ ଦାଶ କହିଥିଲେ ଯେ ଏହି ଐତିହାସିକ ବିଲ୍ ଦେଶରେ ମହିଳାଙ୍କୁ ଆଗକୁ ଆଣିବା ସହିତ ନୀତି ନିର୍ଣ୍ଣୟରେ ତାଙ୍କ ଭୂମିକାକୁ ସୁଦୃଢ଼ କରିଥାନ୍ତା। ଏହି ସମୟରେ ମଧୁସ୍ମିତା ପ୍ରଧାନ କହିଥିଲେ ଯେ ବିଲ୍‌କୁ ବିରୋଧ କରି କଂଗ୍ରେସ ସତୁରି କୋଟି ଭାରତୀୟ ମହିଳାଙ୍କ ଆକାଂକ୍ଷାକୁ ଅସମ୍ମାନ କରିଛି ଏବଂ ନିଜର ହୀନ ରାଜନୈତିକ ଉଦ୍ଦେଶ୍ୟକୁ ପ୍ରକାଶ କରିଛି। ଏହି କାର୍ଯ୍ୟକ୍ରମରେ ଦୀପ୍ତି ସ୍ୱାଇଁ, କଳ୍ପନା ବେହେରା, ସଂଯୁକ୍ତା ମିଶ୍ର, ମାମିନା ମହାନ୍ତି, କଲ୍ୟାଣୀ ମହଲା, ପ୍ରତିମା ସ୍ୱାଇଁ, ତନୁଶ୍ରୀ ମହାନ୍ତି, ହରିପ୍ରିୟା ଧଳ, ଅଳକା ମହାନ୍ତି, ସୁମିତା ଦେବତା, ମମତା ଚୌଧୁରୀ, ରିତା ମହାପାତ୍ର, ନିର୍ମଳା ଆଚାର୍ଯ୍ୟ, ମିଳନ ରାଉତରାୟ, ମନସ୍ୱିନୀ ଦୀକ୍ଷିତ, କଳ୍ପନା ଦାସ, ତୃପ୍ତି ମିଶ୍ର, ବନିତା ଦଳାଇ, ପ୍ରିୟତମା ଜେନା, ଜୟଲକ୍ଷ୍ମୀ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## ୨୦ରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଯୁଗ୍ମ ଶୁଣାଣି

**କଟକ,୧୮।୪/ଏନ୍‌ଏନ୍‌ଏସ୍:** ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ଜିଲ୍ଲାରେ ବିଭିନ୍ନ ଅଞ୍ଚଳ ଓ ବ୍ଲକଗୁଡ଼ିକରେ ପ୍ରତ୍ୟେହ ସୋମବାର ସକାଳ ୭ଟାରୁ ୧୦ଟା ପର୍ଯ୍ୟନ୍ତ ଜିଲ୍ଲାପାଳଙ୍କ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହେଉଛି। ଜିଲ୍ଲାପାଳଙ୍କ ନିର୍ଦ୍ଦେଶକ୍ରମେ ଆସନ୍ତା ସୋମବାର ୨୦ ତାରିଖ ଦିନ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟଠାରେ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହେବ। ଏହି ଶିବିର ସକାଳ ୭ଟାରେ ଆରମ୍ଭ ହୋଇ ପୂର୍ବାହ୍ନ ୧୦ଟା ପର୍ଯ୍ୟନ୍ତ ଚାଲିବ। ଅଭିଯୋଗକାରୀମାନେ ଏହି ସମୟରେ ଉପସ୍ଥିତ ରହି ନିଜ ଅଭିଯୋଗଗୁଡ଼ିକ ସମାଧାନ ନିମନ୍ତେ ପଞ୍ଜୀକରଣ କରାଇ ଶୃଙ୍ଖଳିତଭାବେ ଅଭିଯୋଗ ଶୁଣାଣିରେ ଭାଗ ନେବାକୁ ଜିଲ୍ଲା ପ୍ରଶାସନ ପକ୍ଷରୁ ଅନୁରୋଧ କରାଯାଇଛି। ଏହି ଶିବିରରେ ବରିଷ୍ଠ ତଥା ଜିଲ୍ଲାସ୍ତରୀୟ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ରହି ଲୋକଙ୍କ ଅଭିଯୋଗର ଶୁଣାଣି କରିବେ। ଏଥିସହ ଜିଲ୍ଲାର ବିଭିନ୍ନ ପଞ୍ଚାୟତସ୍ତରରେ ମଧ୍ୟ ଜନ ଅଭିଯୋଗ ଶୁଣାଣି ପୂର୍ବ ନିର୍ଦ୍ଧାରିତ ସକାଳ ୭ଟାଠାରୁ ୧୦ଟା ପର୍ଯ୍ୟନ୍ତ ଅନୁଷ୍ଠିତ ହେବ।

## 'କଳିଙ୍ଗର ତୁମେ ଏକା ହିଁ ସମ୍ରାଟ'



ବିଜୁ ବାବୁଙ୍କ ତିରୋଧାନ ଦିବସ

**କଟକ,୧୮।୪/ଏନ୍‌ଏନ୍‌ଏସ୍:** ପ୍ରବାଦ ପୁରୁଷ ତଥା ଆଧୁନିକ ଓଡ଼ିଶାର ନିର୍ମାତା ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ୨୯ତମ ତିରୋଧାନ ଦିବସ ଆଜି ଦୋଳମୁଣ୍ଡାଇ ସ୍ଥିତ କଟକ ଜିଲ୍ଲା ବିଜୁ ଜନତା ଦଳ କାର୍ଯ୍ୟାଳୟଠାରେ ପାଳିତ ହୋଇଯାଇଛି। କଟକ ଜିଲ୍ଲା ବିଜେଡି ସଭାପତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସ୍ମୃତି ସଭାରେ ବକ୍ତାମାନେ ବିଜୁ ବାବୁଙ୍କୁ 'କଳିଙ୍ଗର ଏକା ହିଁ ସମ୍ରାଟ' ଭାବେ ଅଭିହିତ କରିଥିଲେ। ତାଙ୍କର ଅଦମ୍ୟ ସାହସିକତା ଓ ନେତୃତ୍ୱ ଯୋଗୁଁ ଭାରତ ମାନଚିତ୍ରରେ ଓଡ଼ିଶା ଏକ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିପାରିଛି ବୋଲି ସଭାପତି ପ୍ରକାଶ କରିଥିଲେ। ଓଡ଼ିଶାକୁ ଏକ ପ୍ରଗତିଶୀଳ ଓ ଆତ୍ମନିର୍ଭରଶୀଳ ରାଜ୍ୟ ଭାବେ ଗଢ଼ିତୋଳିବା ପାଇଁ ପାରାଦୀପ ବନ୍ଦର ଓ ରାଉରକେଲା ଇସ୍ପାତ କାରଖାନା ଭଳି ବୃହତ ପ୍ରକଳ୍ପ ସ୍ଥାପନରେ ତାଙ୍କର ଭୂମିକା ଅନନ୍ୟ ଥିଲା। ଏଥିସହିତ ଶିକ୍ଷା ଓ ମହିଳା ସଶକ୍ତିକରଣ କ୍ଷେତ୍ରରେ ପଞ୍ଚାୟତିରାଜ ବ୍ୟବସ୍ଥାରେ ୩୩% ସଂରକ୍ଷଣ ଲାଗୁ କରିବାରେ ସେ ଦେଶର ପ୍ରଥମ ମୁଖ୍ୟମନ୍ତ୍ରୀ ଥିଲେ ବୋଲି ସଭାରେ ଆଲୋଚନା କରାଯାଇଥିଲା। ଏହି ସ୍ମୃତି ସଭାରେ କଟକ ମହାନଗର ନିଗମ ମେୟର ସୁବାସ ସିଂହ, ବରିଷ୍ଠ ନେତା ମଧୁସୂଦନ ସାହୁ, ମହମ୍ମଦ ସକିଲ, ପ୍ରକାଶ ସିଂହ, ପ୍ରଦୀପ୍ତ ଖୁଣ୍ଟିଆ, କଟକ ଜିଲ୍ଲା ବିଜେଡି ସାଧାରଣ ସମ୍ପାଦକ (ସଂଗଠନ) ତାପସ ମହାନ୍ତି, ପ୍ରଫୁଲ୍ଲ ବେହେରା, ରାଜେନ୍ଦ୍ର ରଣା, ଅନିତା ବେହେରା, ଜୟଦେବ ଜେନା, ବିଷ୍ଣୁ ସାହୁ, ଦୁର୍ଗା ଚରଣ ସାହୁ, ବିଭୂତି ସ୍ୱାଇଁ, ଚିରଞ୍ଜୟ ସାହୁ, ଜନସନ ମହାପାତ୍ର, ସେକ ରିୟାଜୁଲ୍ଲା, ଯୁଧିଷ୍ଠିର ବିଶ୍ୱାଳ, ତନ୍ମୟା ରାୟ, ଆକାଶୀ ସୁନିତା ଶେଖର, ଝିଲ୍ଲୀ ବିହାରୀ, ନିରୁପମା ପ୍ରଧାନ, ବାସନ୍ତୀ ଦଳବେହେରା, ଦେବେନ୍ଦ୍ର କାହାଳି, ଦେବେନ୍ଦ୍ର ପାଣିଗ୍ରାହୀ, ସ୍ୱଦେଶ ଦାସ, ସରୋଜ ରଞ୍ଜନ କର, ପ୍ରତାପ ମୂଳିଆ, ଅବଦୁଲ କରିମ, ମିତାଲି ଭଞ୍ଜ ଏବଂ ସଙ୍ଗୀତା ଦାସ ପ୍ରମୁଖ ଯୋଗଦେଇ ଦିବଙ୍ଗତ ନେତାଙ୍କୁ ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

### ସିଆର୍‌ଆର୍‌ଆଇରେ ବାର୍ଷିକ ଧାନ ଗୋଷ୍ଠୀ ବୈଠକ

# ଆଧୁନିକ ଜ୍ଞାନ କୌଶଳରେ ଅଧିକ ଫସଲ ଉତ୍ପାଦନକୁ ଗୁରୁତ୍ୱ

**କଟକ,୧୮।୪/ଏନ୍‌ଏନ୍‌ଏସ୍:** ସ୍ଥାନୀୟ ବିଦ୍ୟାଧରପୁର ସ୍ଥିତ କେନ୍ଦ୍ରୀୟ ଧାନ ଗବେଷଣା ପ୍ରତିଷ୍ଠାନ (ସିଆରଆରଆଇ) ପକ୍ଷରୁ ୪ ଦିନ ବ୍ୟାପୀ ୬୧ତମ ବାର୍ଷିକ ଧାନ ଗବେଷକ ମାନଙ୍କର ଜାତୀୟ ସମ୍ମିଳନୀ ଆରମ୍ଭ ହୋଇଛି। ଏହି କାର୍ଯ୍ୟକ୍ରମରେ ଦେଶର ବିଭିନ୍ନ ସ୍ଥାନରୁ ପ୍ରାୟ ୪୦୦ରୁ ଊର୍ଦ୍ଧ୍ୱ ବୈଜ୍ଞାନିକମାନେ ଯୋଗ ଦେଇଛନ୍ତି। ପରିବର୍ତ୍ତିତ ଜଳବାୟୁକୁ ଦୃଷ୍ଟିରେ ରଖି କିପରି ଆଧୁନିକ ଜ୍ଞାନ କୌଶଳ ପ୍ରୟୋଗ କରି କିପରି ଅଧିକରୁ ଅଧିକ ଫସଲ ଉତ୍ପାଦନ କରିହେବ ସେ ସମ୍ପର୍କରେ ସମ୍ମିଳନୀରେ ଆଲୋଚନା କରାଯାଇଛି। ଏହାସହିତ ଉତ୍ପାଦନ ବୃଦ୍ଧି କ୍ଷେତ୍ରରେ ସମ୍ମିଳନୀରେ ଗୁରୁତ୍ୱ ଦିଆଯାଇଛି।



କାର୍ଯ୍ୟକ୍ରମର ଉଦ୍‌ଘାଟନୀ ସମାରୋହରେ ଭାରତୀୟ କୃଷି ଗବେଷଣା ପରିଷଦର ମହାନିର୍ଦ୍ଦେଶକ ଡ.ମାଙ୍ଗିଲାଲ ଜାଟ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଆଭାସି ମାଧ୍ୟମରେ ଯୋଗ ଦେଇଥିଲେ। ଆଇସିଏଆର୍‌ର ଉପମହାନିର୍ଦ୍ଦେଶକ ଡ. ବି.କେ. ଯାଦବଙ୍କ ଅଧ୍ୟକ୍ଷତାରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଆଇସିଏଆର୍‌ର ସହକାରୀ ମହାନିର୍ଦ୍ଦେଶକ ଡ. ଏସ୍. କେ. ପ୍ରଧାନ ଏସିଏଆର୍ ଭାରତୀୟ କୃଷି ଗବେଷଣା ପ୍ରତିଷ୍ଠାନର ପୂର୍ବତନ ନିର୍ଦ୍ଦେଶକ ଡ .ଏ.କେ. ସିଂହ କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ମୁଖ୍ୟ ଅତିଥି କାର୍ଯ୍ୟକ୍ରମରେ ଧାନ ଉତ୍ପାଦନରେ ଭାରତର ଉଲ୍ଲେଖନୀୟ ଅଗ୍ରଗତି ସମ୍ପର୍କରେ ଆଲୋକପାତ କରିଥିଲେ। ୨ଟି ଜିନୋମ-ସମ୍ପାଦିତ ଧାନ କିସମର ବିକାଶ ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ମୁଖ୍ୟ ଅତିଥି ଡ.ଜାଟ ନିର୍ଦ୍ଦିଷ୍ଟ ଗବେଷଣା କ୍ଷେତ୍ର ପାଇଁ ଉତ୍ସର୍ଗୀକୃତ ସମ୍ଭାବ୍ୟ କେନ୍ଦ୍ରଗୁଡ଼ିକୁ ଚିହ୍ନଟ କରିବା, ଜିଆଇ-ଟ୍ୟାଗଡ଼ ଧାନ ପ୍ରକାରକୁ ପ୍ରୋତ୍ସାହିତ କରିବା, ବ୍ୟାପକ ଗବେଷଣା କାର୍ଯ୍ୟକ୍ରମକୁ ବିସ୍ତାର କରିବା ଏବଂ ହାଇବ୍ରିଡ଼ ଧାନ ଗବେଷଣା ସହିତ ଜଡ଼ିତ ଗୁରୁତ୍ୱପୂର୍ଣ୍ଣ ଆହ୍ୱାନଗୁଡ଼ିକୁ ସମାଧାନ କରିବାର ସମ୍ପର୍କରେ ମାର୍ଗ ଦର୍ଶନ କରିଥିଲେ। ଉପମହାନିର୍ଦ୍ଦେଶକ ଡ. ଡି. କେ. ଯାଦବ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ବିଭିନ୍ନ ଧାନ ଚାଷ ଅଞ୍ଚଳରେ ଗ୍ରହଣ କରାଯାଇଥିବା ଉନ୍ନତ ପ୍ରଯୁକ୍ତି ବିଦ୍ୟା ଏବଂ ଦକ୍ଷ ଫସଲ ପରିଚାଳନା ଅଭ୍ୟାସର ସକରାତ୍ମକ ପ୍ରଭାବ ସମ୍ପର୍କରେ ଡ. ଯାଦବ ଆଲୋକପାତ କରିଥିଲେ। ଡ. ଏ. କେ. ସିଂହ ଧାନ ଶସ୍ୟର ଜେନେଟିକ ଉନ୍ନତି ସମ୍ପର୍କରେ ସୂଚନା ଦେଇଥିଲେ। ଡ. ଏସ୍. କେ. ପ୍ରଧାନ ଜିନୋମ ସହାୟକ ପ୍ରଯୋଜନର ଗୁରୁତ୍ୱପୂର୍ଣ୍ଣ ଭୂମିକା ସମ୍ପର୍କରେ ଆଲୋକପାତ କରିଥିଲେ। ଆଇସିଏଆର-ଇଣ୍ଡିଆନ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ରାଇସ୍ ରିସର୍ଚର ନିର୍ଦ୍ଦେଶକ ଡ. ଆର୍. ଏମ୍. ସୁନ୍ଦରମ୍ ଧାନ ବିଜ୍ଞାନର ଅଗ୍ରଗତିରେ ସହଯୋଗୀ ଗବେଷଣା ଏବଂ ସାଂସ୍ଥାନିକ ଭାଗିଦାରୀ ସମ୍ପର୍କରେ ସୂଚନା ଦେଇଥିଲେ। ଆଇସିଏଆର୍-ସିଆର୍‌ଆର୍‌ଆଇର ନିର୍ଦ୍ଦେଶକ ଡ. ଜି. ଏ. କେ. କୁମାର କାର୍ଯ୍ୟକ୍ରମରେ ଯୋଗ ଦେଇ ଇନ୍‌ଷ୍ଟିଚ୍ୟୁଟ୍‌ର ଧାନ ଗବେଷଣା, ପ୍ରଯୁକ୍ତି ବିକାଶ ଏବଂ ଉନ୍ନତ ଚାଷ ପ୍ରଣାଳୀ ସମ୍ପର୍କରେ ସୂଚନା ଦେଇଥିଲେ। ସଂଯୋଜକ ଡ. ଏମ୍. ଏସ୍. ପ୍ରସାଦ, ଡ. ଏମ୍. ବି. ବି. ପ୍ରସାଦ ବାବୁ, ଡ. ଏସ୍. ଭି. ସାଇପ୍ରସାଦ, ଡ. ମୀରା କୁମାରୀ କର ଏବଂ ଡ. ଏସ. ଗୋପାଳକୃଷ୍ଣନ ପ୍ରମୁଖଙ୍କ ନେତୃତ୍ୱରେ କାର୍ଯ୍ୟକ୍ରମ ପରିଚାଳନା ହୋଇଥିଲା। କାର୍ଯ୍ୟକ୍ରମରେ ସହ ସଂଯୋଜକ ଭାବେ ଡ. ଏ. ପୁନମ୍, ଡ. କେ. ଚଟୋପାଧ୍ୟାୟ, ଡ. ଏସ୍. କେ. ଦାଶ ଏବଂ ଡ. ଆର୍. ପି. ସାହୁ ପ୍ରମୁଖ ଯୋଗ ଦେଇଥିଲେ।

## 'ଓଡ଼ିଆଙ୍କ ମନ, ପ୍ରାଣ ଓ ଚେତନାରେ ବିଜୁ ବାବୁ'

**କଟକ,୧୮।୪/ଏନ୍‌ଏନ୍‌ଏସ୍:** ଓଡ଼ିଶାର ବରପୁତ୍ର, ଆଧୁନିକ ଓଡ଼ିଶାର ନିର୍ମାତା ତଥା ପ୍ରବାଦ ପୁରୁଷ ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ୨୯ତମ ଶ୍ରାଦ୍ଧବାର୍ଷିକୀ ଅବସରରେ କଟକ ଜିଲ୍ଲା ବିଜୁ ଜନତା ଦଳ ଚୌଦ୍ୱାର-କଟକ ନିର୍ବାଚନ ମଣ୍ଡଳୀ ପକ୍ଷରୁ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ସନ୍ଧ୍ୟାରେ ମଧୁପାଟଣା ସ୍ଥିତ ପ୍ରମିଳା ମଣ୍ଡପ ପଡ଼ିଆରେ ଆୟୋଜିତ ସ୍ମୃତି ସଭାରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ରାଜ୍ୟ ବିଜେଡି ବରିଷ୍ଠ ଉପସଭାପତି ଦେବୀ ପ୍ରସାଦ ମିଶ୍ର ବିଜୁ ବାବୁଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇ କହିଛନ୍ତି ଯେ, ସେ ଥିଲେ ଓଡ଼ିଶାର ବିକାଶ ଓ ସ୍ୱାଭିମାନର ଅତୁଳନୀୟ ସାଧକ। ପ୍ରତ୍ୟେକ ଓଡ଼ିଆଙ୍କ ମନ, ପ୍ରାଣ, ଚେତନା ଓ ସମ୍ଭାବନାରେ ବିଜୁ ବାବୁ ବାସ କରନ୍ତି। ଯେପରି କଲମ୍ବସ ଆମେରିକା ଓ ଭାସ୍କୋଡାଗାମା ଭାରତକୁ ବିଶ୍ୱ ମାନଚିତ୍ରକୁ ଆଣିଥିଲେ, ସେହିପରି ବିଜୁ ବାବୁ ଚୌଦ୍ୱାରକୁ ଶିଳ୍ପ କେନ୍ଦ୍ରିକ ବିକାଶ ମାଧ୍ୟମରେ ସ୍ୱତନ୍ତ୍ର ପରିଚୟ ଦେଇଥିଲେ। କଟକ ଜିଲ୍ଲା ବିଜେଡି ସଭାପତି ପ୍ରଫୁଲ୍ଲ କୁମାର ସିଂହଙ୍କ ସଭାପତିତ୍ୱ ଓ ବରିଷ୍ଠ କର୍ପୋରେଟର ପ୍ରଦୀପ୍ତ ଖୁଣ୍ଟିଆଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ସଭାରେ ବରିଷ୍ଠ ଉପସଭାପତି ତଥା ପୂର୍ବତନ ମନ୍ତ୍ରୀ ପ୍ରତାପ ଜେନା ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ସେ କହିଥିଲେ ଯେ ବିଜୁ ବାବୁ କେବଳ ଜଣେ ରାଜନେତା ନଥିଲେ, ସେ ଥିଲେ ଜଣେ ଦୁଃସାହସିକ ପାଇଲଟ୍ ଓ ସ୍ୱପ୍ନଦ୍ରଷ୍ଟା। ପାରାଦୀପ ବନ୍ଦର, ରାଉରକେଲା ଇସ୍ପାତ କାରଖାନା ଏବଂ ମହିଳାଙ୍କ ପାଇଁ ପଞ୍ଚାୟତିରାଜରେ ସଂରକ୍ଷଣ ବ୍ୟବସ୍ଥା ଭଳି ଅନେକ ଯୁଗାନ୍ତକାରୀ କାର୍ଯ୍ୟ ପାଇଁ ସେ ସଦା ସ୍ମରଣୀୟ ରହିବେ। ଏହି ସ୍ମୃତି ସଭାରେ କଟକ ମେୟର ସୁଭାଷ ସିଂହ, ଡେପୁଟି ମେୟର ଦମୟନ୍ତୀ




ମାଝୀ, ବରିଷ୍ଠ ନେତା ମଧୁ ସୂଦନ ସାହୁ, ମହମ୍ମଦ ସକିଲ, ଅନିତା ବେହେରା, ଶିଶିର ପରିଜା, ତାପସ ମହାନ୍ତି, ପ୍ରଫୁଲ୍ଲ ବେହେରା, ସ୍ମିତା ମୂଳିଆ, ପ୍ରଜ୍ଞା ବେଉରା, ଜୟଦେବ ଜେନା, ଚିରଞ୍ଜୟ ସାହୁ, ଝିଲ୍ଲୀ ବିହାରୀ, ରାଜେନ୍ଦ୍ର ରଣା, ନନ୍ଦଲାଲ ସିଂହ, ନଳିନୀ ବେହେରା, ବିଷ୍ଣୁ ସାହୁ, ନିଶ୍ଚିତ କରଣ, କଳ୍ପନା ଜେନା, ମିତାଲି ଭଞ୍ଜ, ପ୍ରଦୀପ ସାହୁ, ନିମାଇଁ ବିଶ୍ୱାଳ, ମନୋରଞ୍ଜନ ସାହୁ, ଆକାଶୀ ସୁନିତା ଶେଖର, ସୂର୍ଯ୍ୟମଣି ବେହେରା, ଦେବେନ୍ଦ୍ର କାହାଳି, ନାଗେଶ୍ୱର ବେହେରା, ଦେବେନ୍ଦ୍ର ପାଣିଗ୍ରାହୀ, ଯୁଧିଷ୍ଠିର ବିଶ୍ୱାଳ, ଦିଲ୍ଲୀପ ଜେନା, ସୁକାନ୍ତ ସାହୁ, ତାପସ ସାମନ୍ତରାୟ, ପ୍ରମିଳା ମହାନ୍ତି, ବିନୟ ଚୌଧୁରୀ, ବ୍ୟୋମକେଶ କାନୁନଗୋ, ସାରଙ୍ଗ ଷଡ଼ଙ୍ଗୀ, ତ୍ରୈଲୋକ୍ୟ ପଟ୍ଟନାୟକ, ବିଜୟ ଭୂୟାଁ, ଅନିଲ ମହାନ୍ତି, ଦେବେନ୍ଦ୍ର ବାରିକ, ରେଣୁକା ମହାନ୍ତି, ରଞ୍ଜିତା କାହାଳି, ଅନୁପମା ବେହେରା, ମାନସୀ ସ୍ୱାଇଁ, ଦେବାଶିଷ ସାହୁ, ସୁକାନ୍ତ ବେହେରା, କାର୍ତ୍ତିକେଶ୍ୱର ଓଝା, ମନୋଜ ମହାନ୍ତି, ଶୁଭ୍ରାଂଶୁ ନାରାୟଣ ମିଶ୍ର, ଭବାନୀ ଶଙ୍କର ଦାସ, ଚନ୍ଦ୍ରକାନ୍ତ ସାହୁ, ସତ୍ୟବ୍ରତ ପଟ୍ଟନାୟକ ପ୍ରମୁଖ ହଜାର ହଜାର କର୍ମୀ ସାମିଲ ହୋଇଥିଲେ। ଏହି ଅବସରରେ ଦଳ ପ୍ରତି ବିଶ୍ୱାସଘାତକତା କରିଥିବା ପୂର୍ବତନ ବିଧାୟକଙ୍କୁ ଉଚିତ୍ ଜବାବ ଦେବା ପାଇଁ ସଭାରେ ସଂକଳ୍ପ ନିଆଯାଇଥିଲା। ଦିବସ ତମାମ ଆୟୋଜିତ କାର୍ଯ୍ୟକ୍ରମ ମଧ୍ୟରେ ଯୋବ୍ରା ଆନିକଟ ଓ ମହାନଦୀ ବିହାର ସ୍ଥିତ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ, ଜଗତପୁର ମହାନଦୀ ଘାଟରେ ତିଳ ତର୍ପଣ ଏବଂ ମଟର ସାଇକେଲ ଶୋଭାଯାତ୍ରା କରାଯାଇଥିଲା। ପରେ ବଡ଼ ମେଡିକାଲରେ ରୋଗୀଙ୍କୁ ଫଳ ବଣ୍ଟନ କରାଯାଇ 'ଝଡ଼ର ଇଗଲ'ଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା।

## କ୍ଲାପିଙ୍ଗ୍ ଏବଂ ଲାଫିଙ୍ଗ୍ ଗ୍ରୁପ୍‌ର ବନ୍ଧୁମିଳନ

**କଟକ,୧୮।୪/ଏନ୍‌ଏନ୍‌ଏସ୍:** ମର୍କତନଗର ସେକ୍ଟର-୬ ସ୍ଥିତ 'କ୍ଲାପିଙ୍ଗ ଏବଂ ଲାଫିଙ୍ଗ ଗ୍ରୁପ'ର ସଦସ୍ୟମାନଙ୍କ ତରଫରୁ ସ୍ଥାନୀୟ ଜୟ ପ୍ରକାଶ ନାରାୟଣ ପାର୍କରେ ବନ୍ଧୁମିଳନ ସହ ପଣା ବଣ୍ଟନ କରାଯାଇଛି। ଏହି ଉତ୍ସବରେ ଜୟ ଦୁର୍ଗା ପ୍ରସନ୍ନ ଆଚାର୍ଯ୍ୟ, କୈଳାସ ଚନ୍ଦ୍ର ମିଶ୍ର, ମନମୋହନ ମହାନ୍ତି, ବଂଶୀଧର ଦାଶ, ବିରଞ୍ଚି ନାରାୟଣ ଦାଶ, ତ୍ରିଲୋଚନ ମିଶ୍ର, ରମେଶ ଚନ୍ଦ୍ର ବିଶ୍ୱାଳ, ରବୀନ୍ଦ୍ର ନାଥ ଲେଙ୍କା, ସୁଧାକର ନନ୍ଦ, ରବି ନାରାୟଣ ଦାସ, ବିଭୁଦତ୍ତ ପାତ୍ର, କାର୍ତ୍ତିକ କାନୁନଗୋ, ଶ୍ୟାମ ସୁନ୍ଦର ବେହେରା, ରାଜେନ୍ଦ୍ର ପ୍ରସାଦ ଦାସ, ମହେଶ୍ୱର ମହାପାତ୍ର, ସୌମେନ୍ଦ୍ର ମହାପାତ୍ର, ବଟକୃଷ୍ଣ ପଣ୍ଡା, ପ୍ରଦୀପ୍ତ କୁମାର ସାହୁ, ପ୍ରଶାନ୍ତ କୁମାର ମହାନ୍ତି, ମୁରଲୀଧର ଶତପଥୀ, କେଦାର ଖଟୁଆ, ଧୀରେନ୍ଦ୍ର କୁମାର ପଟ୍ଟନାୟକ, ଶିବାନନ୍ଦ ମଲ୍ଲିକ, ଏସ୍. ଯାଜୋଡିଆ, ଜୟକୃଷ୍ଣ କର, ଶ୍ୟାମ ପ୍ରସାଦ ପାଠକ, ପରୀକ୍ଷିତ ବେହେରା, ରମେଶ ଚନ୍ଦ୍ର ପ୍ରଧାନ, ମୁକ୍ତିକାନ୍ତ ପଟ୍ଟନାୟକ, ପ୍ରକାଶ ଚନ୍ଦ୍ର ମିଶ୍ର ଓ ସଞ୍ଜୀବ କୁମାର ଦାସ ପ୍ରମୁଖ ଯୋଗଦେଇଥିଲେ।

## କିମ୍‌ସ୍‌ରେ ଅତ୍ୟାଧୁନିକ 'କୋରି ରୋବୋଟିକ୍' ବ୍ୟବସ୍ଥା ଆରମ୍ଭ

**ଭୁବନେଶ୍ୱର,୧୮।୪/ଏନ୍‌ଏନ୍‌ଏସ୍:** ଓଡ଼ିଶାରେ ଅତ୍ୟାଧୁନିକ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଅଗ୍ରଣୀ ଭୂମିକା ଗ୍ରହଣ କରିଥିବା କିମ୍‌ସ୍ ଭୁବନେଶ୍ୱରରେ ସୂକ୍ଷ୍ମ ଗଣ୍ଠି ପ୍ରତିରୋପଣ ଅସ୍ତ୍ରୋପଚାର ପାଇଁ ଅତ୍ୟାଧୁନିକ କୋରି ରୋବୋଟିକ୍ ବ୍ୟବସ୍ଥା ଆରମ୍ଭ ହୋଇଛି। ଏହା ଦ୍ୱାରା ରୋଗୀ ଯନ୍ତ୍ରଣା ଶୂନ୍ୟ ଅସ୍ତ୍ରୋପଚାର ସହ ଦ୍ରୁତ ଆରୋଗ୍ୟ ଲାଭ କରିଥାଏ। ବିଶେଷ କରି ଗମ୍ଭୀର ଆଣ୍ଠୁ ଗଣ୍ଠି ରୋଗରେ ପୀଡ଼ିତ ରୋଗୀଙ୍କ ପାଇଁ ଏହା ବରଦାନ ପ୍ରମାଣିତ ହୋଇଛି। ନୂତନ ଭାବେ ଆରମ୍ଭ କରାଯାଇଥିବା ଏହି କୋରି ରୋବୋଟିକ୍ ବ୍ୟବସ୍ଥାରେ ଅନେକ ପ୍ରକାର ସୁବିଧା ମିଳୁଛି। ଏଥିରେ ପାରମ୍ପରିକ ଗଣ୍ଠି ପ୍ରତିରୋପଣ କ୍ଷେତ୍ରରେ ସାଧାରଣତଃ ଅସ୍ତ୍ରୋପଚାର ପରବର୍ତ୍ତୀ ଯନ୍ତ୍ରଣା, ଦୀର୍ଘକାଳୀନ ପୁନର୍ବାସ ଓ ରୋଗୀ ଅସନ୍ତୋଷ ଭଳି ଅନେକ କିଛି ସମସ୍ୟା ବର୍ତ୍ତମାନ ଅଭିଜ୍ଞ ଡାକ୍ତରଙ୍କ ବିଶେଷଜ୍ଞତା ସହିତ ଉନ୍ନତ ରୋବୋଟିକ୍ ସହାୟତାରେ ସମାଧାନ କରାଯାଇପାରିବ ବୋଲି କିମ୍‌ସ ଅସ୍ଥିଶଲ୍ୟ ବିଭାଗୀୟ ମୁଖ୍ୟ ଡା ଦେବାଶିଷ ମିଶ୍ର କହିଛନ୍ତି। ନୂତନ ଭାବରେ ପ୍ରଚଳିତ କୋରି ସିଷ୍ଟମ ଅନେକ ସୁବିଧା ପ୍ରଦାନ କରିଥାଏ। ଏହା ପ୍ରି-ଅପରେଟିଭ୍ ସିଟି ସ୍କାନ୍ ଆବଶ୍ୟକତାକୁ ଦୂରକରି ପ୍ରତିଛବି-ମୁକ୍ତ ଓ ଠିକ ସମୟରେ ଅସ୍ତ୍ରୋପଚାର ଯୋଜନାକୁ ସକ୍ଷମ କରିଥାଏ। ଏହି ବ୍ୟବସ୍ଥା ରୋଗୀଙ୍କ ଶରୀର ଗଠନର ରିଅଲ୍-ଟାଇମ୍ ୩ଡି ମ୍ୟାପିଂ ବ୍ୟବହାର କରି ଡାକ୍ତରଙ୍କୁ ଆଣ୍ଠୁ ପ୍ରତିରୋପଣ କରିବାରେ ସହାୟତା କରିଥାଏ ବୋଲି ଡା. ମିଶ୍ର ପ୍ରକାଶ କରିଛନ୍ତି। ଏହି ପ୍ରଯୁକ୍ତିବିଦ୍ୟାରେ ହାପ୍‌ଟିକ୍ ଫିଡବ୍ୟାକ୍ ସହିତ ଏକ ହ୍ୟାଣ୍ଡହେଲ୍ଡ, ପୋର୍ଟେବଲ୍ ରୋବୋଟିକ୍ ଡିଭାଇସ୍ ରହିଛି, ଯାହା ହାଡ଼ ଓ ଆଖପାଖର ନରମ ଟିସ୍ୟୁ ଯେପରିକି ଲିଗାମେଣ୍ଟ୍ ଏବଂ ରକ୍ତବାହୀ ନଳୀ ମଧ୍ୟରେ ପାର୍ଥକ୍ୟ କରିପାରିବ, ଯାହା ଦ୍ୱାରା ଅସ୍ତ୍ରୋପଚାର ସୁରକ୍ଷା ବୃଦ୍ଧି ପାଇଥାଏ। ନରମ ଟିସ୍ୟୁ ସନ୍ତୁଳନର ପ୍ରକୃତ-ସମୟ ମୂଲ୍ୟାଙ୍କନ ଆଧାରରେ ଡାକ୍ତରଙ୍କୁ ସଫଳ ଅସ୍ତ୍ରୋପଚାର କରିବା ସହଜ ହୋଇଥାଏ। ଆଉ ଏକ ପ୍ରମୁଖ ବୈଶିଷ୍ଟ୍ୟ ହେଉଛି ଏହାର ବର୍-ଆଧାରିତ କଟିଂ ସିଷ୍ଟମ ଠିକ ଓ ବାସ୍ତବ-ସମୟ ଟ୍ରାକିଂ ସହିତ ହାଡ଼କୁ ଆକାର ଦେବା ପାଇଁ ଏକ ଉଚ୍ଚ-ଗତି ଘୂର୍ଣ୍ଣନ ଉପକରଣ ବ୍ୟବହାର କରେ। ଏହା ସୁସ୍ଥ ହାଡ଼କୁ ସଂରକ୍ଷଣ କରିବା ସହିତ ସଠିକ୍ ଇମ୍ପ୍ଲାଣ୍ଟ ସ୍ଥିତି ସୁନିଶ୍ଚିତ କରେ। କିମ୍‌ସ୍‌ରେ ଏଭଳି ଅତ୍ୟାଧୁନିକ ଅସ୍ତ୍ରୋପଚାର ବ୍ୟବସ୍ଥା ଆରମ୍ଭ ହୋଇଥିବାରୁ ଏହା ଆଣ୍ଠୁ ଗଣ୍ଠି ରୋଗରେ ପୀଡ଼ିତ ରୋଗୀଙ୍କୁ ତୁରନ୍ତ ଆରୋଗ୍ୟ ପ୍ରଦାନ କରିବାରେ ସହାୟକ ହେବ ବୋଲି କିଟ୍, କିସ୍ ଓ କିମ୍‌ସ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ କହିଛନ୍ତି। ଏଥିପାଇଁ ଶ୍ରୀ ସାମନ୍ତ କିମ୍‌ସ ଅସ୍ଥିଶଲ୍ୟ ବିଭାଗର ସାମନ୍ତ ବିଶେଷଜ୍ଞ ଓ କର୍ମଚାରୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।




## ପି.ଏଚ୍.ଡି. ଡିଗ୍ରୀ



କମ୍ପ୍ୟୁଟର ସାଇନ୍ସ ଏବଂ ଇଞ୍ଜିନିୟରିଂ ବିଭାଗର ଗବେଷକ ଶ୍ରୀ **ସୁରେନ୍ଦ୍ର ନାଥ ଭଗତ**ଙ୍କୁ GIET ବିଶ୍ୱବିଦ୍ୟାଳୟ ପକ୍ଷରୁ ଡକ୍ଟର ଅଫ ଫିଲୋସଫି (Ph.D) ଡିଗ୍ରୀ ପ୍ରଦାନ କରାଯାଇଛି। ପରୀକ୍ଷା ନିୟନ୍ତ୍ରକଙ୍କ ଦ୍ୱାରା ଜାରି ନୋଟିଫିକେସନ (ସଂଖ୍ୟା: 252/GIETU/EXAM/Ph.D/2026, ତାରିଖ: 15 ଏପ୍ରିଲ 2026) ଅନୁସାରେ ଏହା ଜଣାପଡ଼ିଛି। ତାଙ୍କର ଡକ୍ଟରେଟ୍ ଥିସିସ "Extraction and Representation of Knowledge Using Rough and Soft Set Theory" କୁ ଡା. ବିଦ୍ୟାନନ୍ଦ ପଟ୍ଟନାୟକ, ଏସୋସିଏଟ ପ୍ରୋଫେସର ଓ ବିଭାଗାଧ୍ୟକ୍ଷ, ଇଲେକ୍ଟ୍ରୋନିକ୍ସ ଏବଂ କମ୍ୟୁନିକେସନ ଇଞ୍ଜିନିୟରିଂ ବିଭାଗ, ନ୍ୟାସନାଲ ଇନ୍‌ଷ୍ଟିଚ୍ୟୁଟ ଅଫ ଟେକ୍ନୋଲୋଜି, ରାଇପୁରଙ୍କ ଦ୍ୱାରା ମୂଲ୍ୟାଙ୍କନ ଓ ଅନୁମୋଦିତ ହୋଇଥିଲା। ଏହି ଗବେଷଣା କାର୍ଯ୍ୟ ଡା. ପ୍ରେମାଂଶୁ ଶେଖର ରଥ, ଏସୋସିଏଟ ପ୍ରୋଫେସର, କମ୍ପ୍ୟୁଟର ସାଇନ୍ସ ଏବଂ ଇଞ୍ଜିନିୟରିଂ ବିଭାଗ, GIET ବିଶ୍ୱବିଦ୍ୟାଳୟ, ଗୁଣୁପୁର ଓ ଡା. ଅନିର୍ବାଣ ମିତ୍ର, ପ୍ରୋଫେସର, କମ୍ପ୍ୟୁଟର ସାଇନ୍ସ ଏବଂ ଇଞ୍ଜିନିୟରିଂ ବିଭାଗ, ଆମିଟି ବିଶ୍ୱବିଦ୍ୟାଳୟ, କୋଲକାତାଙ୍କ ନିର୍ଦ୍ଦେଶନାଧୀନରେ ସମ୍ପାଦିତ ହୋଇଥିଲା। ଶ୍ରୀ ସୁରେନ୍ଦ୍ର ନାଥ ଭଗତ ବିଶ୍ୱବିଦ୍ୟାଳୟ ପ୍ରଶାସନ, ତାଙ୍କ ଗାଇଡମାନେ, ଶିକ୍ଷକମାନେ, ସହକର୍ମୀମାନେ, ବନ୍ଧୁମାନେ ଏବଂ ପରିବାର ସଦସ୍ୟମାନଙ୍କୁ ନିରନ୍ତର ସହଯୋଗ ଓ ପ୍ରୋତ୍ସାହନ ପାଇଁ ଆଭାର ପ୍ରକାଶ କରିଛନ୍ତି।

### 'ଲୋକ ସମ୍ବାଦ-୨୦୨୬' ର ଉଦ୍‌ଯାପନୀ ଉତ୍ସବରେ ଆଇନ୍ ମନ୍ତ୍ରୀ

# 'ଆଇନ୍ ଛାତ୍ରଛାତ୍ରୀଙ୍କ ନିମନ୍ତେ ବହୁବିଧ କ୍ୟାରିୟର୍‌ର ସୁଯୋଗ ରହିଛି'

**ଭୁବନେଶ୍ୱର,୧୮।୪/ଏନ୍‌ଏନ୍‌ଏସ୍:** ଆଇନ୍ ଛାତ୍ରଛାତ୍ରୀମାନେ ଯଦି ନିଜ ପାଠପଢ଼ାକୁ ଅଧିକ ଗୁରୁତ୍ୱ ଦେବେ ତେବେ ନିଜର ସଫଳ କ୍ୟାରିୟର ନିମନ୍ତେ ସେମାନଙ୍କ ନିକଟରେ ଅନେକ ବିକଳ୍ପ ରହିଛି ବୋଲି ଶନିବାର ଆଇନ୍ ଓ ପୂର୍ତ୍ତ ବିଭାଗମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି।ଆଇନ୍ ଏକ ଗୁରୁତ୍ୱପୂର୍ଣ୍ଣ ବୃତ୍ତିରେ ପରିଣତ ହୋଇସାରିଥିବା ବେଳେ ଛାତ୍ରଛାତ୍ରୀ ଖୁବ୍ ଯତ୍ନବାନ ହୋଇ ନିଜ କ୍ୟାରିୟର ନିମନ୍ତେ ଯୋଜନା କରନ୍ତୁ। କାରଣ ସେମାନଙ୍କ ନିକଟରେ କୋର୍ଟରେ ଓକିଲାତି କରିବା ସହ ନ୍ୟାୟିକ ଅଧିକାରୀ ହେବାରେ ମଧ୍ୟ ବିକଳ୍ପ ରହିଛି ବୋଲି ଶ୍ରୀ ହରିଚନ୍ଦନ କହିଛନ୍ତି। ଶିକ୍ଷା ଓ ଅନୁସନ୍ଧାନ (ସୋଆ) ପରିଚାଳିତ ସୋଆ ନ୍ୟାସ୍‌ନାଲ ଇନ୍‌ଷ୍ଟିଚ୍ୟୁଟ ଅଫ୍ ଲ (ଏସ୍‌ଏନ୍‌ଆଇଏଲ) ପକ୍ଷରୁ ଆୟୋଜିତ ଦୁଇ ଦିନିଆ ଜାତୀୟ ଯୁବ ସଂସଦ - 'ଲୋକ ସମ୍ବାଦ-୨୦୨୬' ର ଉଦ୍‌ଯାପନୀ ଉତ୍ସବରେ



ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଆଇନ୍‌ମନ୍ତ୍ରୀ ଏହା କହିଛନ୍ତି। ଏହି କାର୍ଯ୍ୟକ୍ରମରେ ଓଡ଼ିଶା ସମେତ ମହାରାଷ୍ଟ୍ର, ପଶ୍ଚିମବଙ୍ଗ, ବିହାର, ଛତିଶଗଡ଼ ଏବଂ ଦିଲ୍ଲୀରୁ ପ୍ରାୟ ୧୫୦ ଜଣ ଛାତ୍ରଛାତ୍ରୀ ସାମିଲ ହୋଇଥିଲେ।

ଶ୍ରୀ ହରିଚନ୍ଦନ କହିଥିଲେ ଯେ ବିଗତ କିଛି ବର୍ଷ ହେବ ଆଇନ ବୃତ୍ତିରେ ବିଶାଳ ପରିବର୍ତ୍ତନ ଘଟିଛି ଏବଂ ବର୍ତ୍ତମାନ ଛାତ୍ରଛାତ୍ରୀ ଆଇନ ଶିକ୍ଷାରେ ସୁପର ସ୍ପେଶିଆଲିଟି କୋର୍ସ ନିମନ୍ତେ ଅଧିକ ମନ ବଳାଉଛନ୍ତି। ଓଡ଼ିଶା ସରକାର ମଧ୍ୟ ପ୍ରଶାସନକୁ ସହଯୋଗ କରିବା ନିମନ୍ତେ ଆଇନ୍ ଛାତ୍ରଛାତ୍ରୀମାନଙ୍କୁ ରିସର୍ଚ୍ଚ ଆସିଷ୍ଟାଣ୍ଟ ଭାବେ ନିଯୁକ୍ତି ଦେଉଛନ୍ତି। ଆଇନ୍ ମହାବିଦ୍ୟାଳୟ ଗୁଡ଼ିକରେ ସାଧାରଣତଃ ମୁଟ କୋର୍ଟ୍‌ର ଆୟୋଜନ କରାଯାଉଥିବା ବେଳେ ଯୁବ ସଂସଦ କାର୍ଯ୍ୟକ୍ରମ ଖୁବ ବିରଳ। ତେଣୁ ଏଭଳି କାର୍ଯ୍ୟକ୍ରମ ପାଇଁ ସେ ସୋଆକୁ ଶୁଭେଚ୍ଛା ଜଣାଇଛନ୍ତି। କାର୍ଯ୍ୟକ୍ରମରେ ସୋଆ କୁଳପତି ପ୍ରଫେସର ପ୍ରଦୀପ୍ତ କୁମାର ନନ୍ଦ ଅଧ୍ୟକ୍ଷତା କରିବା ପରିପ୍ରେକ୍ଷୀରେ ନିଜ ବକ୍ତବ୍ୟରେ କହିଥିଲେ ଯେ ବିଗତ ଦୁଇ ଦଶନ୍ଧି ମଧ୍ୟରେ ସୋଆ ଶିକ୍ଷା କ୍ଷେତ୍ରରେ ଖୁବ୍ ଉଚ୍ଚକୁ ଉଠିଛି।

ଉଲ୍ଲେଖ୍ୟଯୋଗ୍ୟ ଯେ ସୋଆର ଆଇନ୍ ମହାବିଦ୍ୟାଳୟ ଏସ୍‌ଏନ୍‌ଆଇଏଲ୍ ନ୍ୟାସ୍‌ନାଲ୍ ଇନ୍‌ଷ୍ଟିଚ୍ୟୁସନାଲ୍ ର୍‍ୟାଙ୍କିଙ୍ଗ ଫ୍ରେମୱାର୍କ (ଏନଆଇଆରଏଫ୍) ର୍‍ୟାଙ୍କିଙ୍ଗସ୍‌ରେ ସାରା ଦେଶରେ ୧୦ମ ସ୍ଥାନରେ ରହିଛି। କାର୍ଯ୍ୟକ୍ରମରେ ଏସଏନଆଇଏଲ୍‌ର ଡିନ୍ ପ୍ରଫେସର ଏସ୍.ଏ.କେ ଆଜାଦ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଛାତ୍ର ମଙ୍ଗଳ ଡିନ୍ ପ୍ରଫେସର ଜ୍ୟୋତି ରଞ୍ଜନ ଦାସ ଧନ୍ୟବାଦ ଦେଇଥିଲେ। ବିଭିନ୍ନ ପ୍ରତିଯୋଗିତାରେ ଭାଗ ନେଇଥିବା କୃତି ପ୍ରତିଯୋଗୀମାନଙ୍କୁ ମୁଖ୍ୟ ଅତିଥି ଏହି ଅବସରରେ ପୁରସ୍କାର ପ୍ରଦାନ କରିଥିଲେ।

## ଉତ୍କଳ ସାହିତ୍ୟ ସମାଜ ପକ୍ଷରୁ ବିଦ୍ୟାଳୟସ୍ତରୀୟ ସାରସ୍ୱତ ପ୍ରତିଯୋଗିତା

**କଟକ,୧୮।୪/ଏନ୍‌ଏନ୍‌ଏସ୍:** ଉତ୍କଳ ସାହିତ୍ୟ ସମାଜ ପକ୍ଷରୁ ଆଜି ପୂର୍ବାହ୍ନରେ ବାଣୀପୀଠ ଶ୍ରୀରାମଚନ୍ଦ୍ର ଭବନରେ ବିଦ୍ୟାଳୟ-ସ୍ତରୀୟ ସାରସ୍ୱତ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ସଭାପତି ଡକ୍ଟର ଗୋବିନ୍ଦ ଚନ୍ଦ୍ର ଚାନ୍ଦ ଏହି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲା ବେଳେ ସାଧାରଣ ସମ୍ପାଦକ ରାଜୀବ କୁମାର ଷଡ଼ଙ୍ଗୀ ଏହାର ଆଭିମୁଖ୍ୟ ଅବତାରଣା କରିଥିଲେ। 'ତାରାମଣି କବିତା ଆବୃତ୍ତି ପ୍ରତିଯୋଗିତା'ରେ କବି ସୁଚେତା ନନ୍ଦ ଓ କବି ଶରତ ଚନ୍ଦ୍ର ମହାନ୍ତି ବିଚାରକ ଭାବେ ଯୋଗ ଦେଇଥିଲେ। ଏହି ପ୍ରତିଯୋଗିତାକୁ କାର୍ଯ୍ୟନିର୍ବାହିକା ସମିତି ସଭ୍ୟା ଡକ୍ଟର ଗାୟତ୍ରୀ ଦେବୀ ପରିଚାଳନା କରିଥିଲେ। 'ଉତ୍କଳ ଗୌରବ ମଧୁସୂଦନ କବିତା ଆବୃତ୍ତି ପ୍ରତିଯୋଗିତା'ରେ ପ୍ରାଧ୍ୟାପକ ତୁଷାର ପଟ୍ଟନାୟକ ଓ କବି ସୁକାନ୍ତି ମହାନ୍ତି ବିଚାରକ ଥିଲେ। ଏହି ପ୍ରତିଯୋଗିତାକୁ ପରିଚାଳନା କରିଥିଲେ କାର୍ଯ୍ୟନିର୍ବାହିକା ସମିତି ସଭ୍ୟା ମୀରା ବେଉରା। 'ଗୌରାଙ୍ଗ ଚରଣ ସଂସ୍କୃତ ଶ୍ଳୋକ ଆବୃତ୍ତି ପ୍ରତିଯୋଗିତା'ରେ ପଣ୍ଡିତ ଅଭୟ କୁମାର ଦାଶ ଓ ପଣ୍ଡିତ ଜିତେନ୍ କୁମାର ଦାଶ ବିଚାରକ ଥିଲେ। ଏହି ପ୍ରତିଯୋଗିତାକୁ କାର୍ଯ୍ୟନିର୍ବାହିକା ସମିତି ସଭ୍ୟା ଗୀତାଞ୍ଜଳି ପୃଷ୍ଟି ପରିଚାଳନା କରିଥିଲେ। ବିଭିନ୍ନ ପ୍ରତିଯୋଗିତାରେ ବହୁ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲା ବେଳେ ଶିକ୍ଷକ-ଶିକ୍ଷୟିତ୍ରୀ ଓ ଅଭିଭାବକ-ଅଭିଭାବିକା ମଧ୍ୟ ଉପସ୍ଥିତ ଥିଲେ। ପାଠାଗାର ସମ୍ପାଦକ ବ୍ରହ୍ମାନନ୍ଦ ମହାନ୍ତି ଓ କୋଷାଧ୍ୟକ୍ଷ ଦିଲ୍ଲୀପ କୁମାର ଦାସ କାର୍ଯ୍ୟକ୍ରମର ତତ୍ତ୍ୱାବଧାନ କରିଥିଲେ। ଉପସଭାପତି ବ୍ରହ୍ମାନନ୍ଦ ବିଶ୍ୱାଳ ଧନ୍ୟବାଦ୍ ଦେଇଥିଲେ।

## ଆଜି ରଜନୀକାନ୍ତ ନାୟକ ସଂଗୀତ ସନ୍ଧ୍ୟା

**କଟକ,୧୮।୪/ଏନ୍‌ଏନ୍‌ଏସ୍:** ଆଜି ୧୯ତାରିଖ ସନ୍ଧ୍ୟାରେ କଟକର ସହିଦ ଭବନରେ ପ୍ରଖ୍ୟାତ ଗୀତିକାର ରଜନୀ କାନ୍ତ ନାୟକଙ୍କ ସଙ୍ଗୀତ ସନ୍ଧ୍ୟା କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଏହି କାର୍ଯ୍ୟକ୍ରମରେ ଉକ୍ତ ସନ୍ଧ୍ୟାରେ କଣ୍ଠଶିଳ୍ପୀ ଶେଖର ଘୋଷ, ସୁଭାଷ ଦାସ, ଦେବାଶିଷ ମହାପାତ୍ର, ମହମ୍ମଦ ଆବିଦ୍, କୁମାର ବାପି ପ୍ରମୁଖ ଯୋଗଦାନ କରି ରଜନୀକାନ୍ତ ନାୟକଙ୍କ ଲିଖିତ ଗୀତ ଗୁଡିକୁ ପରିବେଷଣ କରିବେ। ଏନଇ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ରଜନୀକାନ୍ତ ନାୟକ, ଜୟଶ୍ରୀ ନାୟକ, ଗୀତା ନାୟକ, ପରେଶ ନାଥ ଦାସ, ମହମ୍ମଦ ଆବିଦ, ଅଶୋକ ବିଶ୍ୱାସ, ପ୍ରଦୀପ ଜେଠୀ, ପ୍ରଶାନ୍ତ ପରିଜା, ବିଚିତ୍ରା ନନ୍ଦ ମହାପାତ୍ର, ସନାତନ ଦାସ, ପ୍ରଫୁଲ୍ଲ ସାହୁ, ତିରୁପତି ବକ୍ସି ,ସୁବାସ ଦାସ, ଗଙ୍ଗାଧର ସାହୁ ଏବଂ ରାମ ଗୋପାଳ ଅଗ୍ରୱାଲ ପ୍ରମୁଖ ଉପସ୍ଥିତ ଥିଲେ।

# ୧୪ ଜିଲ୍ଲା ପାଇଁ ବିଜେପି ସଂଖ୍ୟାଲଘୁ ମୋର୍ଚ୍ଚା ସଭାପତିଙ୍କ ନାଁ ଘୋଷଣା



**ଭୁବନେଶ୍ୱର, ୧୮।୪/ଏନ୍ଏନ୍ଏସ୍:** ଭୁବନେଶ୍ୱର ସାଂଗଠନିକ ଜିଲ୍ଲା ସମେତ ମୋଟ ୧୪ ଜିଲ୍ଲା ପାଇଁ ଶନିବାର ବିଜେପି ସଂଖ୍ୟାଲଘୁ ମୋର୍ଚ୍ଚା ପକ୍ଷରୁ ସଭାପତିଙ୍କ ନାମ ଘୋଷଣା କରାଯାଇଛି। ବିଜେପି ମିଡିଆ ସେଲ୍ ପକ୍ଷରୁ ପ୍ରେସ୍ ରିଲିଜ୍ ମାଧ୍ୟମରେ ଏହି ସୂଚନା ଦିଆଯାଇଛି। ନିୟାଜ ହୁସେନଙ୍କୁ ବୌଦ୍ଧ ଜିଲ୍ଲା ବିଜେପି ସଂଖ୍ୟାଲଘୁ ମୋର୍ଚ୍ଚାର ସଭାପତି ଭାବେ ନିଯୁକ୍ତ କରାଯାଇଛି। ଭୁବନେଶ୍ୱର ସାଂଗଠନିକ ଜିଲ୍ଲା ପାଇଁ ସତବୀର ସିଂହଙ୍କୁ ବିଜେପି ସଂଖ୍ୟାଲଘୁ ମୋର୍ଚ୍ଚା ସଭାପତି ଭାବେ ନିଯୁକ୍ତ କରାଯାଇଛି। ସେହିପରି ମହମ୍ମଦ ସବୀରଙ୍କୁ କଟକ ଜିଲ୍ଲା ବିଜେପି ସଂଖ୍ୟାଲଘୁ ମୋର୍ଚ୍ଚା ସଭାପତି କରାଯାଇଥିବା ବେଳେ ବିଦ୍ୟୁତ୍ କୁମାର ସିଂହଙ୍କୁ ଗଜପତି, ସୈୟଦ ମୁକ୍ତାର ଅଲୀଙ୍କୁ ଜଗତସିଂହପୁର, ତପନକାନ୍ତ ଜେନାଙ୍କୁ ଝାରସୁଗୁଡ଼ା, ପଟଓ୍ୱନ୍ତ ସିଂହଙ୍କୁ କଳାହାଣ୍ଡି, ଏସ୍‌କେ ବୁରହାନ ଅଲୀଙ୍କୁ କେନ୍ଦ୍ରାପଡ଼ା, ଏମ୍‌ଡି ମୋଜାହିଦ ଆଲମଙ୍କୁ କେନ୍ଦୁଝର, ଜୋଶେଫ ଦିଲ୍ଲୀପଙ୍କୁ ମାଲକାନଗିରି, ସଲମାନ ସୁମାରାଙ୍କୁ ନୂଆପଡ଼ା, ଇରଶଦ ଉଦିନ ଖାନଙ୍କୁ ରାଉରକେଲା, ଗୁରଦୀପ ସିଂହଙ୍କୁ ସମ୍ବଲପୁର ଓ ଫ୍ରାନସିସ୍ ମିଞ୍ଜଙ୍କୁ ସୁନ୍ଦରଗଡ଼ ଜିଲ୍ଲା ବିଜେପି ସଂଖ୍ୟାଲଘୁ ମୋର୍ଚ୍ଚା ସଭାପତି ଭାବେ ନିଯୁକ୍ତି ଦିଆଯାଇଛି।

## ତୃତୀୟ ପୃଷ୍ଠାରୁ

## ନାରୀ ଶକ୍ତିର 'ଭ୍ରୂଣହତ୍ୟା' ...

ଟିଏମ୍‌ସି, ଡିଏମକେ ପରି ବିରୋଧୀ ଦଳଗୁଡ଼ିକ ଏହି 'ଭ୍ରୁଣହତ୍ୟା'ର ଦୋଷୀ। ଏମାନେ ଦେଶର ସମ୍ବିଧାନର ଅପରାଧୀ ଏବଂ ନାରୀ ଶକ୍ତିର ଅପରାଧୀ। କଂଗ୍ରେସ ସର୍ବଦା ହିଁ ମହିଳା ସଂରକ୍ଷଣ ବିଷୟକୁ ଘୃଣା କରିଆସିଛି। ଏପ୍ରକାର କୌଣସି ବିଲ୍‌କୁ ରୋକିବା ପାଇଁ କଂଗ୍ରେସ ଷଡଯନ୍ତ୍ର କରିଥାଏ। ଏହି ପରିପ୍ରେକ୍ଷୀରେ ଯେତେ ଥର ମଧ୍ୟ ପ୍ରୟାସ କରାଯାଇଛି, କଂଗ୍ରେସ ପ୍ରତ୍ୟେକ ଥର ବାଧକ ସାଜିଛି। ଏଥର ମଧ୍ୟ କଂଗ୍ରେସ ଏବଂ ଏହାର ସହଯୋଗୀ ଦଳଗୁଡ଼ିକ ମିଳିତ ଭାବେ ମହିଳା ସଂରକ୍ଷଣ ବିଲ୍‌କୁ ଅଟକାଇଛନ୍ତି। ଆଉ ଏବେ ଦେଶବାସୀଙ୍କୁ ମିଥ୍ୟା କଥା କହୁଛନ୍ତି ଯେ ସେମାନେ ମହିଳା ସଂରକ୍ଷଣ ବିଲ୍‌କୁ ବିରୋଧ କରୁନାହାନ୍ତି ବରଂ ସୀମା ନିର୍ଦ୍ଧାରଣ ବିଲ୍‌କୁ ବିରୋଧ କରିଛନ୍ତି। କିନ୍ତୁ ବିରୋଧୀଙ୍କ ଏହି ମିଛକୁ ଦେଶବାସୀ ବେଶ୍ ଭଲଭାବେ ବୁଝିପାରୁଛନ୍ତି।

ପ୍ରଧାନମନ୍ତ୍ରୀ ମୋଦୀ କହିଛନ୍ତି, ଆଜି ଭାରତର ପ୍ରତ୍ୟେକ ନାଗରିକ ଦେଖୁଛନ୍ତି କିପରି ଭାରତର ନାରୀ ଶକ୍ତିର ଉଡ଼ାଣକୁ ଅଟକାଇ ଦିଆଗଲା। ସେମାନଙ୍କ ସ୍ୱପ୍ନକୁ ଅତି ନିର୍ଦ୍ଦୟ ଭାବେ ଦଳି ଚକଟି ଦିଆଯାଇଛି। ଗତକାଲି ଦେଶର କୋଟି କୋଟି ମହିଳାଙ୍କ ନଜର ସଂସଦ ଉପରେ ଥିଲା। ଯେତେବେଳେ ଏହି ନାରୀ ହିତୈଷୀ ପ୍ରସ୍ତାବ ଭୋଟ୍ ମାଧ୍ୟମରେ କାଟ୍ ଖାଇଥିଲା ଏବଂ ଅଗଣିତ ମହିଳାଙ୍କ ଆଶା ଆକାଂକ୍ଷା ଧୂଳିସାତ୍ ହୋଇଗଲା ସେତେବେଳେ କଂଗ୍ରେସ, ଡିଏମ୍‌କେ, ଟିଏମ୍‌ସି ଏବଂ ସମାଜବାଦୀ ପାର୍ଟି ଭଳି ପରିବାରବାଦୀ ଦଳଗୁଡ଼ିକ ଖୁସିରେ ତାଳି ବଜାଉଥିଲେ। ମହିଳାମାନଙ୍କଠାରୁ ସେମାନଙ୍କ ଅଧିକାର ଛଡ଼ାଇ ନେଇ ଏହି ଲୋକମାନେ ଟେବୁଲ୍ ବାଡ଼େଇ ଉତ୍ସବ ମନାଉଥିଲେ। କିନ୍ତୁ ସେମାନେ ଭୁଲିଗଲେ ଯେ, ନାରୀ ନିଜର ଅପମାନ କେବେ ଭୁଲେ ନାହିଁ। ଗତକାଲି ଯାହା କିଛି ବି ଘଟିଲା ସେସବୁ ଦେଶର ନାରୀର ସ୍ୱାଭିମାନ ଉପରେ ଶକ୍ତ କୁଠାରଘାତ ଥିଲା। ଜଣେ ନାରୀ ସବୁକିଛି ଭୁଲିଯାଇପାରେ, କିନ୍ତୁ ନିଜର ଅପମାନ କେବେ ଭୁଲେ ନାହିଁ। ଦେଶର ନାରୀ ଶକ୍ତି କଂଗ୍ରେସ ଏବଂ ତା'ର ସହଯୋଗୀ ଦଳଗୁଡ଼ିକୁ ଏହି ପାପ ପାଇଁ କେବେ କ୍ଷମା କରିବେ ନାହିଁ। ମୋଦୀ କହିଛନ୍ତି, ସେ କିମ୍ବା ତାଙ୍କ ସହଯୋଗୀମାନେ ହାରିନାହାନ୍ତି, ବରଂ ଦେଶର ମା ଭଉଣୀମାନଙ୍କୁ ସେମାନଙ୍କ ନ୍ୟାୟଯୁକ୍ତ ଅଧିକାର ଦେବା ପାଇଁ ଲଢ଼େଇ ଜାରି ରଖିବେ। ଏବେ ସଠିକ୍ ସମୟକୁ ଅପେକ୍ଷା କରାଯିବ। ମହିଳା ସଂରକ୍ଷଣ ମାର୍ଗରେ ଆସୁଥିବା ପ୍ରତିଟି ବାଧାକୁ ଆମେ ଦୂର କରିବୁ। ଆମର ସାହସ ଅତୁଟ ଅଛି। ଗତକାଲି ଆମ ପାଖରେ ସଂଖ୍ୟାବଳ ନଥିଲା, ଏହାର ଅର୍ଥ ନୁହେଁ ଯେ ଆମେ ହାରିଗଲୁ। ଆମର ପ୍ରୟାସ ଅଟକିବ ନାହିଁ। ଆଗକୁ ଆମ ପାଖରେ ଆହୁରି ସୁଯୋଗ ଆସିବ।

ଶୁକ୍ରବାର ଲୋକସଭାରେ ମହିଳା ସଂରକ୍ଷଣ ସହିତ ଜଡ଼ିତ ସମ୍ବିଧାନ (୧୩୧ତମ ସଂଶୋଧନ) ବିଲ୍ ପାରିତ ହୋଇପାରିନଥିଲା। ଏହି ବିଲ୍‌ରେ ଲୋକସଭା ଆସନ ସଂଖ୍ୟା ୫୪୩ରୁ ବୃଦ୍ଧି କରି ୮୧୬ କରିବା ଏବଂ ମହିଳାମାନଙ୍କୁ ୩୩% ସଂରକ୍ଷଣ ଦେବାର ପ୍ରସ୍ତାବ ରହିଥିଲା। କିନ୍ତୁ ବିଲ୍ ସପକ୍ଷରେ ୨୯୮ ଏବଂ ବିପକ୍ଷରେ ୨୩୦ଟି ଭୋଟ୍ ପଡ଼ିଥିଲା, ଯେଉଁଠାରେ ଏହାକୁ ପାରିତ କରିବା ପାଇଁ ୩୫୨ଟି ଭୋଟ୍ (ଦୁଇ-ତୃତୀୟାଂଶ ବହୁମତ) ଆବଶ୍ୟକ ଥିଲା।

## କେନ୍ଦ୍ର କର୍ମଚାରୀଙ୍କ ...

କରିବାକୁ ସରକାର ନିଷ୍ପତ୍ତି ନେଇଛନ୍ତି। ମହଙ୍ଗା ଭତ୍ତା ଏବଂ ମହଙ୍ଗା ସହାୟତା ଉଭୟରେ ବୃଦ୍ଧି ହେତୁ ରାଜକୋଷ ଉପରେ ମିଳିତ ଭାବେ ବାର୍ଷିକ ୬୭୯୧.୨୪ କୋଟି ଟଙ୍କାର ଚାପ ପଡ଼ିବ। ତେବେ ଏହାଦ୍ୱାରା ପ୍ରାୟ ୫୦.୪୬ ଲକ୍ଷ କେନ୍ଦ୍ର ସରକାରୀ କର୍ମଚାରୀ ଏବଂ ୬୮.୨୭ ଲକ୍ଷ ପେନସନଭୋଗୀ ଉପକୃତ ହେବେ। ସପ୍ତମ କେନ୍ଦ୍ରୀୟ ବେତନ ଆୟୋଗଙ୍କ ସୁପାରିସରେ ଗୃହୀତ ସୂତ୍ର ଆଧାରରେ ଏହି ବୃଦ୍ଧି କରାଯାଇଛି।

କେନ୍ଦ୍ର ସରକାରୀ କର୍ମଚାରୀଙ୍କ ପାଇଁ ଡିଏ ଶେଷ ଥର ପାଇଁ ୨୦୨୫ ଅକ୍ଟୋବରରେ ସଂଶୋଧନ କରାଯାଇଥିଲା। ସେତେବେଳେ ଏହାକୁ ୫୫ ପ୍ରତିଶତରୁ ୫୮ ପ୍ରତିଶତକୁ ବୃଦ୍ଧି କରାଯାଇଥିଲା।

## ଯୋଜନା ବୋର୍ଡ ବଦଳରେ ...

ନେଇ ଆଗକୁ ବଢ଼ିବା ସହ ବିକାଶର ଧାରାରେ ଏକ ବଡ଼ଧରଣର ରୂପାନ୍ତର ଆଣିବାକୁ ଲକ୍ଷ୍ୟ ରଖିଛନ୍ତି। ଯୋଜନା ଓ ସଂଯୋଜନ ବିଭାଗ ପକ୍ଷରୁ ଏପ୍ରିଲ ୧୭ତାରିଖରେ 'ସଂକଳ୍ପ' ଜାରି ମାଧ୍ୟମରେ ସିଟି-ଓଡ଼ିଶା ଗଠନକୁ ମୋହନ ସରକାର ବାସ୍ତବ ରୂପ ଦେଇଛନ୍ତି।

ଯୋଜନା ଓ ସଂଯୋଜନ ବିଭାଗ ପକ୍ଷରୁ ଏହି ସମ୍ପର୍କିତ ଏକ ସଂକଳ୍ପ ପ୍ରକାଶ ପାଇଛି।

ସୂଚନାଯୋଗ୍ୟ ଯେ, ରାଜ୍ୟ ସରକାର ପୂର୍ବରୁ ୧୮ ଜୁଲାଇ ୨୦୨୪ ରେ 'ରାଜ୍ୟ ଯୋଜନା ବୋର୍ଡ'କୁ ଭାଙ୍ଗି ଦେଇଛନ୍ତି। ଯେହେତୁ ପାରମ୍ପରିକ ଯୋଜନା ପ୍ରଣାଳୀ ବର୍ତ୍ତମାନ ସମୟରେ ଅପ୍ରାସଙ୍ଗିକ ହୋଇପଡ଼ିଛି, 'ସିଟି-ଓଡ଼ିଶା' ବର୍ତ୍ତମାନ ସମୟରେ ଏକ ଦୂରଦୃଷ୍ଟିସମ୍ପନ୍ନ ବିକଳ୍ପ ବ୍ୟବସ୍ଥା ପ୍ରଦାନ କରିବ। ବିକାଶର ଲକ୍ଷ୍ୟ ହାସଲ କରିବା ପାଇଁ ନୀତି ପ୍ରସ୍ତୁତ କରିବାକୁ ଆଧୁନିକ ଚିନ୍ତାଧାରା ସହିତ ଇନୋଭେସନ, କୋ-ଅପରେଟିଭ୍ ଫେଡେରାଲିଜିମ୍ ଏବଂ ମାପଯୋଗ୍ୟ ଫଳାଫଳ ସମ୍ପର୍କରେ ପରାମର୍ଶ ଯୋଗାଇଦେବ। ଏହା ସର୍ବୋଚ୍ଚ ସ୍ତରରେ ସରକାରଙ୍କୁ ରଣନୈତିକ ଦିଗଦର୍ଶନ ପ୍ରଦାନ କରିବ।

'ସିଟି-ଓଡ଼ିଶା' ମୁଖ୍ୟତଃ ଛଅଟି ବିଷୟ ଉପରେ ରାଜ୍ୟ ସରକାରଙ୍କ ମାର୍ଗଦର୍ଶନ କରିବ।

ସେଗୁଡ଼ିକ ହେଉଛି ଅର୍ଥନୀତି ଓ ଅର୍ଥ , ଗ୍ରାମୀଣ ଅର୍ଥନୀତି ଓ ଜୀବିକା, ନିଯୁକ୍ତି ଓ ସହରୀ ବିକାଶ, ଚିନ୍ତାଧାରା ଓ ଇନୋଭେସନ, ଶକ୍ତି ପରିବର୍ତ୍ତନ ଏବଂ ପରିବେଶ ଓ ଜଙ୍ଗଲ ଏବଂ ଖଣି ଓ ପ୍ରାକୃତିକ ସମ୍ପଦ।

'ସିଟି-ଓଡ଼ିଶା' ର ଏକ ଗଭର୍ଣ୍ଣିଙ୍ଗ କାଉନସିଲ୍ ରହିବ। ମୁଖ୍ୟମନ୍ତ୍ରୀ ଏହାର ଅଧ୍ୟକ୍ଷ ରହିବେ। ଏଥିସହ ଜଣେ ଉପାଧ୍ୟକ୍ଷ, ୪ଜଣ ପୂର୍ଣ୍ଣ କାଳୀନ ସଦସ୍ୟ, ୯ଜଣ ଏକ୍ସ-ଅଫିସିଓ ସଦସ୍ୟ ଏବଂ ଦୁଇଜଣ ସ୍ପେଶାଲ ଇନ୍‌ଭାଇଟି ରହିବେ। ଏହି ପରିଷଦ ବର୍ଷକୁ ଅତିକମ୍‌ରେ ଥରେ ବୈଠକ କରିବେ। 'ସିଟି ଓଡ଼ିଶା'ର ଉପାଧ୍ୟକ୍ଷ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ନିଯୁକ୍ତ ହେବେ ଏବଂ ତାଙ୍କୁ କ୍ୟାବିନେଟ୍ ମନ୍ତ୍ରୀ ପାହ୍ୟା ମିଳିବ।

ବିଭିନ୍ନ କ୍ଷେତ୍ରର ୪ଜଣ ବିଶିଷ୍ଟ ବ୍ୟକ୍ତିଙ୍କୁ ମୁଖ୍ୟମନ୍ତ୍ରୀ ପୂର୍ଣ୍ଣକାଳୀନ ସଦସ୍ୟ ଭାବେ ନିଯୁକ୍ତ କରିବେ। ସେମାନେ ରାଷ୍ଟ୍ରମନ୍ତ୍ରୀ ପାହ୍ୟା ପାଇବେ। ଉନ୍ନୟନ କମିଶନର-ତଥା-ଅତିରିକ୍ତ ମୁଖ୍ୟ ଶାସନ ସଚିବ ଏହାର ସଦସ୍ୟ ସଚିବ ଦାୟିତ୍ୱ ତୁଲାଇବେ। ମୁଖ୍ୟମନ୍ତ୍ରୀ ଜଣେ ଚିଫ ଏକ୍‌ଜିକ୍ୟୁଟିଭ୍ ଅଫିସର ବା ସିଇଓ ନିଯୁକ୍ତ କରିବେ। ସିଇଓ ଆଇଏଏସ୍ କ୍ୟାଡରରେ ଜଣେ ପ୍ରମୁଖ ସଚିବ କିମ୍ବା କମିଶନର-ତଥା-ସଚିବ ପାହ୍ୟାର ହୋଇଥିବେ।

ଏଥିସହିତ, ସମ୍ପୃକ୍ତ ବିଷୟବସ୍ତୁ ଉପରେ ଜ୍ଞାନ ଓ ଅଭିଜ୍ଞତା ଥିବା ଜଣେ ପ୍ରୋଗ୍ରାମ ଡାଇରେକ୍ଟର, ଏକ ବହୁମୁଖୀ ପ୍ରୋଜେକ୍ଟ ଇମ୍ପ୍ଲିମେଣ୍ଟେସନ ୟୁନିଟ୍ ଏବଂ ଦୈନନ୍ଦିନ କାର୍ଯ୍ୟ ପାଇଁ ଏକ ପ୍ରଶାସନିକ ୟୁନିଟ୍ ରହିବ।

'ସିଟି-ଓଡ଼ିଶା' ଅଧୀନରେ ଷ୍ଟେଟ ମନିଟରିଂ ଆଣ୍ଡ ଇଭାଲ୍ୟୁଏସନ ଅଫିସ ମଧ୍ୟ ରହିବ। ଏହା ଏଭିଡେନ୍ସ ଡ୍ରିଭେନ ଗଭର୍ଣ୍ଣାନ୍ସ ପାଇଁ ଏକ ନୋଡାଲ୍ ସଂସ୍ଥା ଭାବେ କାର୍ଯ୍ୟ କରିବ। 'ସିଟି-ଓଡ଼ିଶା' ସମ୍ପୂର୍ଣ୍ଣ ଭାବେ ଯୋଜନା ଓ ସଂଯୋଜନ ବିଭାଗର ପ୍ରଶାସନିକ ନିୟନ୍ତ୍ରଣରେ କାର୍ଯ୍ୟ କରିବ।

# ଏପଟେ ବିଦ୍ୟୁତ୍‌କାଟ୍, ସେପଟେ ମଶା ଉପଦ୍ରବ

**ରାୟଗଡ଼ା, ୧୮।୪/ଏନ୍ଏନ୍ଏସ୍:** ରାୟଗଡ଼ା ସହରରେ ତାତି ଦିନକୁଦିନ ଅସମ୍ଭାଳ ହେଉଥିବାବେଳେ ବିଦ୍ୟୁତ୍ କାଟ ଯନ୍ତ୍ରଣା ବଢ଼ାଇବାରେ ଲାଗିଛି। ଫଳରେ ରାତିରେ ବିଦ୍ୟୁତ୍ କାଟ ହେଲେ ପଙ୍ଖା ନ ଚାଲିବା ଯୋଗୁ ମଶାଙ୍କ ଉପଦ୍ରବ ଲୋକଙ୍କୁ କଲବଲ କରୁଛି। ରାୟଗଡ଼ା ସହରରେ ମଶାର ତାଣ୍ଡବ ଦିନକୁଦିନ ମାତ୍ରାଧିକ ବଢୁଥିବାବେଳେ ଏଥିପ୍ରତି ଜନସ୍ୱାସ୍ଥ୍ୟ ବିଭାଗ କିମ୍ବା ପୌରସଂସ୍ଥା ପକ୍ଷରୁ ପ୍ରତିକାର ପଦକ୍ଷେପ ନଥିବା ଭଳି ମନେ ହେଉଛି। ଜନସ୍ୱାସ୍ଥ୍ୟ ବିଭାଗ ମଶାତେଲ, ବ୍ଲିଚିଂ ଓ ମଶାଧୂଆଁ ଆଦି ଯୋଗାଇଥିବା ବେଳେ ଏଗୁଡ଼ିକ କେବେ ଏବଂ କେଉଁଠି ବ୍ୟବହାର କରାଯାଉଛି ତାହା ସାଧାରଣ ଜନତାଙ୍କ ଦୃଷ୍ଟିକୁ ଆସୁନାହିଁ ବୋଲି ଚର୍ଚ୍ଚା ହେଉଛି । ସନ୍ଧ୍ୟା ହେଲେ ମଶା ଗୁଣୁଗୁଣୁ ଗୀତ ଗାଇବା ଆରମ୍ଭ ହୋଇଯାଉଛି। ସହରର ଯେଉଁ ସ୍ଥାନରେ ୫ ମିନିଟ୍ ଠିଆ ହୋଇ ରହିଲେ ଚର୍ତୁପାର୍ଶ୍ୱରେ ମଶା ଘେରି ଯାଉଛନ୍ତି। ଗୋଟିଏପଟେ ମଶା ଉପଦ୍ରବ ରୋକି ହେଉନଥିବାବେଳେ ଅନ୍ୟପଟେ ଲୋକଙ୍କ ମନରେ ଡେଙ୍ଗୁ ଭୟ ସୃଷ୍ଟି କରୁଛି।

ପୌରାଞ୍ଚଳର ୨୪ଟି ଓ୍ୱାର୍ଡରେ ଥିବା ଡ୍ରେନ୍ ଓ ବିଭିନ୍ନ ଖାଲୁଆ ସ୍ଥାନରେ ପାଣି ଜମି ରହି ମଶାଙ୍କ ବଂଶ ବୃଦ୍ଧି ପାଉଥିବାବେଳେ ଡ୍ରେନ୍ ଗୁଡ଼ିକ ନିୟମିତ ସଫା କରାଯାଉନଥିବା ନେଇ ବାରମ୍ବାର ଅଭିଯୋଗ ଶୁଣିବାକୁ ମିଳୁଛି। ମଶା ବଂଶ ବୃଦ୍ଧିକୁ ରୋକିବା ପାଇଁ ପୌରସଂସ୍ଥା ପକ୍ଷରୁ ମଶାତେଲ, ବ୍ଲିଚିଂ ପକାଇବା ସହ ସହରରେ କାଁଭାଁ ମଶାଧୂଆଁ ବୁଲାଯାଉଛି ବୋଲି ସହରବାସୀ ପ୍ରାୟ ସମୟରେ ଚର୍ଚ୍ଚା କରୁଛନ୍ତି। ବିଶେଷଜ୍ଞଙ୍କ କହିବାନୁସାରେ, ମଶାମାନେ ପ୍ରାୟ ୩ କିମି ରାସ୍ତା ଅତିକ୍ରମ କରି ତାଙ୍କ ବଂଶ ବିସ୍ତାର କରିପାରନ୍ତି। ସହରରେ ୩ କିମି ମଧ୍ୟରେ ଏକାଧିକ ଡ୍ରେନ୍ ଓ ପାଣି ଜମୁଥିବା ସ୍ଥାନରେ ଔଷଧ ସିଞ୍ଚନ କରାଗଲେ ମଶା ବଂଶ ନିୟନ୍ତ୍ରଣରେ ସହାୟକ ହୋଇପାରନ୍ତା। ଜନସ୍ୱାସ୍ଥ୍ୟ ବିଭାଗ ଓ ପୌର କର୍ମଚାରୀ କେବେ କେମିତି ଗୋଟିଏ ଲେଖାଏଁ ଓ୍ୱାର୍ଡରେ କାମଚଳା ଭାବେ ଔଷଧ ସିଞ୍ଚନ କରୁଛନ୍ତି। ଫଳରେ ମଶାମାନେ ସେହି ସ୍ଥାନ ଛାଡ଼ି ଅନ୍ୟ ସ୍ଥାନକୁ ପଳାଉଛନ୍ତି। ଔଷଧର ପ୍ରକୋପ ସମାନ୍ୟ କମିବା ପରେ ସେମାନେ ପୁନର୍ବାର ସେହି ସ୍ଥାନକୁ ଆସି ଅଣ୍ଡାଦେଇ ବଂଶ ବିସ୍ତାର କରିଥାନ୍ତି। ଏହାଦ୍ୱାରା ସେମାନଙ୍କ ଦେହରେ ଔଷଧ ସହନଶକ୍ତି ବୃଦ୍ଧି ପାଇଥାଏ। ଭବିଷ୍ୟତରେ ସେମାନଙ୍କ ପାଇଁ ଏହି ଔଷଧ କାମ କରିବ ନାହିଁ ବୋଲି ବିଶେଷଜ୍ଞ ମତ ଦେଇଛନ୍ତି। ତେଣୁ ପୌରସଂସ୍ଥା ଓ ଜନସ୍ୱାସ୍ଥ୍ୟ ବିଭାଗ ମିଳିତଭାବେ ଏହି କାର୍ଯ୍ୟକୁ ସୁଚାରୁରୂପେ ତୁଲାଇଲେ ମଶାଙ୍କ ପ୍ରାର୍ଦୁଭାବ କମି ଯାଆନ୍ତା ବୋଲି ପୌରବାସୀ ମତପୋଷଣ କରୁଛନ୍ତି। ନଚେତ୍ ମଶା ବଂଶ ଓ ଉତ୍ପାତ ବୃଦ୍ଧି ପାଇବା ସହ ମ୍ୟାଲେରିଆ ଓ ଡେଙ୍ଗୁ ପ୍ରଭୃତି ରୋଗରେ ଜନସାଧାରଣ ଶିକାର ହୋଇପାରନ୍ତି ବୋଲି ମତପ୍ରକାଶ ପାଉଛି। ତେବେ ପୌରସଂସ୍ଥା ତୁରନ୍ତ ଉଚିତ୍ ପଦକ୍ଷେପ ନେବାକୁ ସହରବାସୀ ଦାବି କରିଛନ୍ତି।

## ସଡ଼କ ଦୁର୍ଘଟଣାରେ ଶିକ୍ଷକଙ୍କ ମୃତ୍ୟୁ

**ରାୟଗଡ଼ା, ୧୮।୪/ଏନ୍ଏନ୍ଏସ୍:** ରାୟଗଡ଼ା ଜିଲ୍ଲା କାଶୀପୁର ବ୍ଲକ୍ ଟିକିରି ରାସ୍ତାର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ନିକଟରେ ଏକ ଅଜଣା ଗାଡ଼ି ଧକ୍କାରେ ଜଣଙ୍କ ମୃତ୍ୟୁ ହୋଇଛି। ମୃତକ ଜଣକ ହେଲେ ଟିକିରି ନିକଟ ଜାମୁଗୁଡ଼ାର ଶିକ୍ଷକ ପ୍ରଶାନ୍ତ କୁମାର ଦାଶ। ସ୍ଥାନୀୟ ଥୁଟିବର କଲୋନୀ ଆଶ୍ରମ ବିଦ୍ୟାଳୟରେ କାର୍ଯ୍ୟରତ ପ୍ରଶାନ୍ତ ଶନିବାର ଅପରାହ୍ନରେ ତାଙ୍କ ଝିଅକୁ ଧରି ବାଇକ୍‌ରେ ବୁଲିବାକୁ ଯାଇଥିଲେ। ଏହି ସମୟରେ ଟିକିରି, ପିଏଚ୍‌ସି ନିକଟରେ ଗାଡ଼ି ଧକ୍କାରେ ଗୁରୁତର ହୋଇଥିଲେ। ତାଙ୍କୁ ତୁରନ୍ତ ଉଦ୍ଧାର କରି ଉଷାପଡ଼ାସ୍ଥିତ ଉତ୍କଳ ହସ୍ପିଟାଲ୍‌ରେ ଭର୍ତ୍ତି କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ତାଙ୍କ ମୃତ୍ୟୁ ହୋଇଥିବା ଜଣାଯାଇଛି। ଅନ୍ୟପଟେ ଝିଅ ସାମାନ୍ୟ ଆହତ ହୋଇଛି। ଟିକିରି ଥାନା ପୁଲିସ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

### ବୃତ୍ତିଗତ ସଚେତନତା କାର୍ଯ୍ୟକ୍ରମ

## 'ଶୃଙ୍ଖଳା ହିଁ ସଫଳତାର ଚାବିକାଠି'




**ରେଢ଼ାଖୋଲ, ୧୮।୪/ଏନ୍ଏନ୍ଏସ୍:** ସ୍ଥାନୀୟ ଭୀମଭୋଇ ମହାବିଦ୍ୟାଳୟର କ୍ୟାରିୟର୍ କାଉନ୍‌ସେଲିଂ ସେଲ୍ ଆନୁକୂଲ୍ୟରେ ଏକ ବୃତ୍ତିଗତ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟ ପରିଚାଳନା ସମିତିର ସଭାପତି ତଥା ରେଢ଼ାଖୋଲ ଉପଜିଲ୍ଲାପାଳ ରଶ୍ମି ରଞ୍ଜନ ମହାନ୍ତ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ସେ ଛାତ୍ରଛାତ୍ରୀଙ୍କ ସହ ପ୍ରତ୍ୟକ୍ଷ ଭାବେ ଆଲୋଚନା କରି ବୃତ୍ତି ଚୟନ କ୍ଷେତ୍ରରେ ଥିବା ନୂଆ ନୂଆ ସୁଯୋଗ, ବିଭିନ୍ନ ଦ୍ୱନ୍ଦ ଓ ସେମାନେ ସମ୍ମୁଖୀନ ହେଉଥିବା ସମସ୍ୟା ଗୁଡ଼ିକର ସମାଧାନ ବାବଦରେ ବିଶେଷ ଦୃଷ୍ଟିପାତ କରିଥିଲେ। ଏହାସହ ସେ ମୁଖ୍ୟତଃ ପ୍ରଶାସନିକ ସେବାରେ ପ୍ରବେଶ ପାଇଁ ଆବଶ୍ୟକୀୟ ପ୍ରସ୍ତୁତି ପ୍ରକ୍ରିୟା ବାବଦରେ ବିଶଦ ଭାବେ ଆଲୋଚନା କରିଥିଲେ। ଏଥିରେ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରାଧ୍ୟାପକ ଅମୂଲ୍ୟ କୃଷ୍ଣ ପାଢ଼ୀ ଅଧ୍ୟକ୍ଷତା କରି ଛାତ୍ରଛାତ୍ରୀଙ୍କୁ ଜୀବନରେ ବୃତ୍ତି ଓ ବ୍ରତ ପ୍ରତି ନିଷ୍ଠାବାନ ହେବାକୁ ପରାମର୍ଶ ଦେଇଥିଲେ। କ୍ୟାରିୟର୍ କାଉନସେଲିଂ ସେଲ୍‌ର ସଂଯୋଜକ ଡ଼. ମନୋରଞ୍ଜନ ମହନ୍ତ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। କଲେଜର ପ୍ରଶାସନିକ ପ୍ରଭାରୀ ପ୍ରାଧ୍ୟାପକ ଅରୁଣ ଶାସନୀ ଶୃଙ୍ଖଳା ହିଁ ସଫଳତାର ଚାବିକାଠି ବୋଲି ଉଲ୍ଲେଖ କରିଥିଲେ। ଅଧ୍ୟାପକ ଅଞ୍ଜନ କୁମାର ମିଶ୍ର କାର୍ଯ୍ୟକ୍ରମର ପ୍ରସ୍ତୁତି ଏବଂ ପରିଚାଳନା କରିଥିଲେ । ଏଥିରେ ଡ଼. ଦିବ୍ୟଲୋଚନ ରାଉତ, ଅଧ୍ୟାପିକା ନିରୁପମା ଦେହୁରୀ ଓ ମୋନାଲିସା ଦାଶଙ୍କ ସମେତ ଅନ୍ୟାନ୍ୟ ଅଧ୍ୟାପକ ଅଧ୍ୟାପିକା ଓ କର୍ମଚାରୀ ସହଯୋଗ କରିଥିଲେ।

## ୨୦ରୁ ଶିକ୍ଷାନୁଷ୍ଠାନ ଛୁଟି

**ନବରଙ୍ଗପୁର, ୧୮।୪/ଏନ୍ଏନ୍ଏସ୍:** ନବରଙ୍ଗପୁର ଜିଲ୍ଲାରେ ପ୍ରଚଣ୍ଡ ଗ୍ରୀଷ୍ମପ୍ରବାହକୁ ଦୃଷ୍ଟିରେ ରଖି ଜିଲ୍ଲାପାଳ ଡଃ ମହେଶ୍ୱର ସ୍ୱାଇଁ ଅଙ୍ଗନବାଡ଼ି କେନ୍ଦ୍ର, ସରକାରୀ ଓ ବେସରକାରୀ ବିଦ୍ୟାଳୟ, ମହାବିଦ୍ୟାଳୟ ଓ ଯାନ୍ତ୍ରିକ ଶିକ୍ଷାନୁଷ୍ଠାନ ଗୁଡ଼ିକ ଚଳିତ ମାସ ୨୦ ତାରିଖରୁ ବନ୍ଦ କରିବାକୁ ଏକ ଲିଖିତ ନିର୍ଦ୍ଦେଶନାମା ଜାରି କରିଛନ୍ତି। ଟାଣ ଖରାକୁ ଅସହ୍ୟ ଗୁଳଗୁଳି ରାଜ୍ୟବାସୀଙ୍କୁ କଲବଲ କରୁଥିବାବେଳେ ୪୫ ଡିଗ୍ରୀ ସେଲସିୟସ୍ ତାପମାତ୍ରା ପାରଦ ଛୁଇଁବ ବୋଲି ପାଣିପାଗ ବିଭାଗ ଆକଳନ କରିଛି। ବଢୁଥିବା ତାପମାତ୍ରା ଦେଖି ବିଭିନ୍ନ ଜିଲ୍ଲା ପ୍ରଶାସନ ଶିକ୍ଷାନୁଷ୍ଠାନ ଗୁଡ଼ିକ ଛୁଟି ଘୋଷଣା କରିଥିବାବେଳେ ଶନିବାର ନବରଙ୍ଗପୁରରେ ମଧ୍ୟ ନିର୍ଦ୍ଦେଶନାମା ଜାରି କରାଯାଇଛି। ତେବେ ଯେଉଁ ଶିକ୍ଷାନୁଷ୍ଠାନ ଗୁଡ଼ିକରେ ପୂର୍ବ ନିର୍ଦ୍ଧାରିତ ପରୀକ୍ଷା ହେବାର ଅଛି ତାକୁ ସକାଳେ ହିଁ କରିବାକୁ କୁହାଯାଇଛି। ମଧ୍ୟାହ୍ନରେ ୪୦ ଡିଗ୍ରୀ ସେଲସିୟସ୍ ତାପମାତ୍ରା ଯୋଗୁ ଛୋଟ ପିଲାମାନେ ବିଦ୍ୟାଳୟ ଯାଇ ଅଧିକ ଅସୁବିଧା ଭୋଗୁଥିବାରୁ ଜିଲ୍ଲାପାଳ ଏହି ନିଷ୍ପତ୍ତି ନେଇଛନ୍ତି।

### ବିଜେଡିର 'ସଙ୍କଳ୍ପ ଦିବସ'

## ସରକାରଙ୍କ ବିରୋଧରେ ଗର୍ଜିଲେ ଟୁକୁନି



**ଟିଟିଲାଗଡ଼, ୧୮।୪/ଏନ୍ଏନ୍ଏସ୍:** ପ୍ରବାଦପୁରୁଷ ବିଜୁ ପଟ୍ଟନାୟକଙ୍କ ୨୯ତମ ତିରୋଧାନ ଦିବସ ପାଳିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଟିଟିଲାଗଡ଼ରେ ବିଜେଡି ପକ୍ଷରୁ ଏକ ବିଶାଳ ଶକ୍ତି ପ୍ରଦର୍ଶନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ପୂର୍ବତନ ମନ୍ତ୍ରୀ ତଥା ବରିଷ୍ଠ ନେତ୍ରୀ ଟୁକୁନି ସାହୁ ଯୋଗଦେଇ ବିଜେପି ସରକାରଙ୍କୁ ତୀବ୍ର ସମାଲୋଚନା କରିବା ସହ ଆଗାମୀ ପଞ୍ଚାୟତ ନିର୍ବାଚନ ପାଇଁ ରଣହୁଙ୍କାର ଦେଇଥିଲେ। ଦଳ ପକ୍ଷରୁ ଏହି ଦିବସକୁ 'ସଙ୍କଳ୍ପ ଦିବସ' ଭାବେ ପାଳନ କରାଯାଇଥିଲା। କାର୍ଯ୍ୟକ୍ରମ ପ୍ରାରମ୍ଭରେ ଟିଟିଲାଗଡ଼ ଥାନା ଛକସ୍ଥିତ ବିଜୁ ବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯିବା ପରେ ହନୁମାନ ବ୍ୟାୟାମଶାଳାରେ ସ୍ୱର୍ଗତ ଅଭିମନ୍ୟୁ ସାହୁଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ପରେ ସ୍ଥାନୀୟ ବିଜେଡି କାର୍ଯ୍ୟାଳୟରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ଟିଟିଲାଗଡ଼, ସଇଁତଲା ଓ ଗୁଡ଼ଭେଲା ବ୍ଲକ୍‌ର ଶତାଧିକ କର୍ମୀ ଓ ନେତା ଯୋଗଦେଇ ବିଜୁ ବାବୁଙ୍କ ଓଡ଼ିଶା ପ୍ରତି ରହିଥିବା ଅତୁଳନୀୟ ଅବଦାନକୁ ସ୍ମରଣ କରିଥିଲେ। ବିଜେପି ମିଛ ପ୍ରତିଶ୍ରୁତି ଦେଇ କ୍ଷମତାକୁ ଆସିଛି ବୋଲି ଅଭିଯୋଗ କରି ଶ୍ରୀମତୀ ସାହୁ କହିଥିଲେ ଯେ ବର୍ତ୍ତମାନ ରାଜ୍ୟରେ ଚାଷୀ ହନ୍ତସନ୍ତ ହେଉଥିବାବେଳେ ଯୁବକମାନେ ବେକାର୍ ବସିଛନ୍ତି। ବିଜେପି ଶାସନରେ ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ ହୋଇପଡ଼ିଛି ଏବଂ ଗାଁ ଗାଁରେ ପାନୀୟଜଳ ସଙ୍କଟ ଉତ୍କଟ ରୂପ ଧାରଣ କରିଛି। ବିଶେଷକରି ଚଳିତ ଖରାଦିନେ ଟିଟିଲାଗଡ଼ର ଜୀବନରେଖା କୁହାଯାଉଥିବା 'ମହାରାଜା ସାଗରରୁ ପାଣି ନିଷ୍କାସନ କରାଯିବା ଘଟଣାକୁ ସେ ଦୃଢ଼ ଭାବେ ନିନ୍ଦା କରିଛନ୍ତି। ଶ୍ରୀମତୀ ସାହୁ ଏକ ସାଙ୍ଘାତିକ ଅଭିଯୋଗ ଆଣି କହିଛନ୍ତି ଯେ 'ଆଧ୍ୟାତ୍ମିକତା ନାଁରେ ଶୋଭାଯାତ୍ରା କରି ଫାଙ୍କା ଗୁଳିଚାଳନା କରାଯାଉଛି ଏବଂ ସାଧାରଣ ଲୋକଙ୍କ ମନରେ ଭୟ ସୃଷ୍ଟି କରାଯାଉଛି। ଜନପ୍ରତିନିଧିମାନେ ଗରିବଙ୍କ ଘର ଓ ଦୋକାନ ଭାଙ୍ଗି ଠିକାଦାରୀରେ ମାତିଛନ୍ତି। ଏହାର ଉଚିତ୍ ଜବାବ୍ ଆଗାମୀ ନିର୍ବାଚନରେ ଜନସାଧାରଣ ଦେବେ ବୋଲି ସେ ଚେତାବନୀ ଦେଇଛନ୍ତି। ସରକାରଙ୍କ ଅନ୍ୟାୟ ବିରୋଧରେ ବିଜେଡି ଆଉ ଚୁପ୍ ବସିବ ନାହିଁ ବୋଲି ଏହି ଅବସରରେ ଦଳୀୟ କର୍ମୀମାନେ ସଙ୍କଳ୍ପ ନେଇଛନ୍ତି। ଆଗାମୀ ଦିନରେ କର୍ମୀମାନେ ପ୍ରତି ଗାଁକୁ ଯାଇ ଲୋକଙ୍କୁ ସରକାରଙ୍କ ବିଫଳତା ବାବଦରେ ସଚେତନ କରିବେ। ଉକ୍ତ କାର୍ଯ୍ୟକ୍ରମରେ ଟିଟିଲାଗଡ଼ ବିଜେଡି ସଭାପତି ଶ୍ୟାମାପ୍ରସାଦ ଗରିଆ, ରଣଜିତ୍ ପୃଷ୍ଟି, ଅରୁଣ ମିଶ୍ର, ରାଜେଶ ପ୍ରଧାନ, ଜ୍ଞାନରଞ୍ଜନ ସରାଫ, ଅଭିଳାଷ ସୋନି, ଦିଲ୍ଲୀପ ବାଗ, ପୁଷ୍ପ ଜୈନ, ଦୀପକ ବେହେରା, ଗୁଣସାଗର ମାଝୀ, ପୁଷ୍ପା ମଞ୍ଜରି ଜାଲ, ଉମାଦେବୀ ଅଗ୍ରୱାଲ, ଗୀତା ବିଶି, ଅଞ୍ଜନା ବର୍ମା, ଲାଲା ବର୍ମା, ସୁଧୀର ମିଶ୍ର, ମୋହନଲାଲ ଜୈନ, ସୁବ୍ରତ ବେହେରା, ବୁଲୁ ସେଠ୍, ସୁନୀଲ ବଛା, ନରେଶ ଅଗ୍ରୱାଲ, ଜୟପ୍ରକାଶ ନାୟକ, ଗଣେଶ ବର୍ମା ଓ ପ୍ରକାଶ ମହାନନ୍ଦଙ୍କ ସହ କର୍ମୀମାନେ ଯୋଗ ଦେଇଥିଲେ। ଉମାଦେବୀ ଅଗ୍ରୱାଲ ଧନ୍ୟବାଦ ଦେଇଥିଲେ।

## ଗଣଶିକ୍ଷା ସଚିବଙ୍କ ରାୟଗଡ଼ା ଗସ୍ତ

**ରାୟଗଡ଼ା, ୧୮।୪/ଏନ୍ଏନ୍ଏସ୍:** ରାଜ୍ୟ ସରକାରଙ୍କ ନିର୍ଦ୍ଦେଶକ୍ରମେ ଗଣଶିକ୍ଷା ସଚିବ ଏନ୍ ତିରୁମୁଲା ନାୟକ ୨ ଦିନିଆ ରାୟଗଡ଼ା ଗସ୍ତ କରିଛନ୍ତି। ଏହି ପରିପ୍ରେକ୍ଷୀରେ ସଚିବ ପ୍ରଥମଦିନରେ ଗୁଣପୁର ବ୍ଲକ୍ ଗସ୍ତ କରି ବିଭିନ୍ନ ବିଦ୍ୟାଳୟ, ଅଙ୍ଗନବାଡ଼ି କେନ୍ଦ୍ର ଓ ଲାଞ୍ଜିଆ ସୌରା ଜନଜାତିଙ୍କ ଚିତ୍ରକଳା ତାଲିମ୍ କେନ୍ଦ୍ର ପରିଦର୍ଶନ କରି ଭିତ୍ତିଭୂମିର ଅନୁଧ୍ୟାନ କରିବା ସହ ଶିକ୍ଷା ବ୍ୟବସ୍ଥା ସମ୍ପର୍କରେ ସମୀକ୍ଷା କରିଛନ୍ତି। ପରେ ଗୁଣପୁର ଉପଖଣ୍ଡ ଚିକିତ୍ସାଳୟରେ ୧୦୦ ଶଯ୍ୟା ବିଶିଷ୍ଟ ନିର୍ମାଣଧୀନ କୋଠାର ନିର୍ମାଣକାର୍ଯ୍ୟ ଅନୁଧ୍ୟାନ କରିବା ସହ ଉପଖଣ୍ଡ ଚିକିତ୍ସାଳୟର ବିଭିନ୍ନ ଓ୍ୱାର୍ଡ ପରିଦର୍ଶନ କରିଥିଲେ। ପ୍ରସୂତି ବିଭାଗ ପରିଦର୍ଶନ ସମୟରେ ସରକାରଙ୍କ ସମସ୍ତ ଯୋଜନା ଉପଲବ୍ଧ ହେଉଛି କି ନାହିଁ ପ୍ରସୂତିଙ୍କୁ ପଚାରି ବୁଝିଥିଲେ। ସେହିପରି ଦ୍ୱିତୀୟଦିନରେ ଗୁଣପୁର ବ୍ଲକ୍‌ର ଲାଞ୍ଜିଆ ସୌରାଞ୍ଚଳ ଗସ୍ତ କରି ବିଭିନ୍ନ ବିଦ୍ୟାଳୟ, ଅଙ୍ଗନବାଡ଼ି କେନ୍ଦ୍ର ଓ ଲାଞ୍ଜିଆ ସୌରାଙ୍କ ଚିତ୍ରକଳା ତାଲିମ୍ କେନ୍ଦ୍ର ପରିଦର୍ଶନ କରିଥିଲେ। ଗୁଣପୁର ପୌରପରିଷଦ ଅନ୍ତର୍ଗତ ଏସ୍‌ପି ଗୁଡ଼ା ପ୍ରାଥମିକ ବିଦ୍ୟାଳୟ ପରିଦର୍ଶନ ସମୟରେ ଅବ୍ୟବସ୍ଥା ଦେଖି ସଚିବ ଅସନ୍ତୋଷ ବ୍ୟକ୍ତ କରିଥିଲେ। ଓଡ଼ିଶା ସରକାରଙ୍କ ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ ଦ୍ୱାରା ପରିଚାଳିତ ଇଡିତାଲ୍ ଚିତ୍ରକଳା ତାଲିମ୍ କେନ୍ଦ୍ର ପରିଦର୍ଶନ କରି ତାଲିମ୍ ଗ୍ରହଣ କରୁଥିବା ଛାତ୍ରଛାତ୍ରୀଙ୍କୁ ଇଡିତାଲ୍ ଚିତ୍ରକଳା ସମ୍ବନ୍ଧରେ ପଚାରି ବୁଝିଥିଲେ। ସଚିବ ପୁଟାସିଂ ପିଏମ୍‌ଶ୍ରୀ ଉଚ୍ଚ ବାଳିକା ବିଦ୍ୟାଳୟ ଗସ୍ତ କରି ହଷ୍ଟେଲ୍‌ରେ ରହୁଥିବା ଅନ୍ତେବାସୀଙ୍କୁ ବିଦ୍ୟାଳୟ କର୍ତ୍ତୃପକ୍ଷ ଦ୍ୱାରା ଯୋଗାଯାଉଥିବା ଖାଦ୍ୟର ମାନ ଓ ଛାତ୍ରଛାତ୍ରୀଙ୍କୁ ସେମାନଙ୍କ ସମସ୍ୟା ସମ୍ପର୍କରେ ପଚାରି ବୁଝିଥିଲେ। ଶେଷରେ ସଚିବ କୁଲସିଂ ପଞ୍ଚାୟତ ଗସ୍ତ କରିଥିଲେ। ପିଡିଏସ୍ ସାମଗ୍ରୀ ବଣ୍ଟନ କେନ୍ଦ୍ର ପରିଦର୍ଶନ କରି ପଞ୍ଚାୟତରେ ଅନ୍ତୋଦ୍ୱୟ ଯୋଜନାରେ କେତେ ହିତାଧିକାରୀ ରହିଛନ୍ତି ଏବଂ ଚଳିତ ବର୍ଷ



କେତେ ହିତାଧିକାରୀଙ୍କ ନାମ କଟିଯାଇଛି ଯୋଗାଣ ସହାୟକଙ୍କୁ ତଥ୍ୟ ମାଗିଥିଲେ। ସଚିବଙ୍କ ଏହି ଗସ୍ତ ସମୟରେ ଗୁଣପୁର ଉପଜିଲ୍ଲାପାଳ ଧୂଧାଲ ଅଭିଶେଖ ଦିଲ୍ଲୀପଙ୍କ ସମେତ ଜିଲ୍ଲାସ୍ତରୀୟ ଅଧିକାରୀ ଓ ଗୁଣପୁର ବ୍ଲକ୍‌ର ବିଭିନ୍ନ ବିଦ୍ୟୁତ୍ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ। ଏହି ସମୟରେ ସଚିବ ଗଣମାଧ୍ୟମକୁ କହିଥିଲେ ଯେ ବିଭିନ୍ନ ବିଦ୍ୟାଳୟ, ଅଙ୍ଗନବାଡ଼ି କେନ୍ଦ୍ର ଓ ପିଡିଏସ୍ ସାମଗ୍ରୀ ବଣ୍ଟନ କେନ୍ଦ୍ର ପରିଦର୍ଶନ କରିଥିଲେ। ଏହାସହ ସରକାରଙ୍କ ଯୋଜନା ଗୁଡ଼ିକ କିପରି କାର୍ଯ୍ୟକାରୀ ହେଉଛି ତା'ର ଅନୁଧ୍ୟାନ କରି ସରକାରଙ୍କୁ ତଥ୍ୟ ପ୍ରଦାନ କରାଯିବ। ଏହାସହ ସମସ୍ୟାର ସମାଧାନ ଦିଗରେ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରାଯିବ ବୋଲି ସଚିବ ପ୍ରକାଶ କରିଛନ୍ତି।

## ସ୍ୱାସ୍ଥ୍ୟ ଭିତ୍ତିଭୂମି ବିକାଶ ଉପରେ ଜିଲ୍ଲାପାଳଙ୍କ ଗୁରୁତ୍ୱ



**ମାଲକାନଗିରି, ୧୮।୪/ଏନ୍ଏନ୍ଏସ୍:** ଜିଲ୍ଲାର ପ୍ରତିଟି ନାଗରିକଙ୍କ ପାଖରେ ଗୁଣାତ୍ମକ ସ୍ୱାସ୍ଥ୍ୟସେବା ପହଞ୍ଚାଇବା ଏବଂ ଚିକିତ୍ସା ଭିତ୍ତିଭୂମିକୁ ସୁଦୃଢ଼ କରିବା ଲକ୍ଷ୍ୟରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଏକ ଗୁରୁତ୍ୱପୂର୍ଣ୍ଣ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ପ୍ରଥମେଶ ଅରବିନ୍ଦ ରାଜଶିର୍କେଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଜିଲ୍ଲାର ସ୍ୱାସ୍ଥ୍ୟ ବ୍ୟବସ୍ଥାକୁ ଅଧିକ ଲୋକାଭିମୁଖୀ କରିବା ପାଇଁ ବ୍ୟାପକ ରୋଡମ୍ୟାପ୍ ପ୍ରସ୍ତୁତ କରାଯାଇଛି। ଏହି ବୈଠକ ପ୍ରାରମ୍ଭରେ ଜିଲ୍ଲାପାଳ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସମେତ ସମସ୍ତ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଏବଂ ତୃଣମୂଳସ୍ତରରେ ଥିବା ସ୍ୱାସ୍ଥ୍ୟ ଉପକେନ୍ଦ୍ର ଗୁଡ଼ିକର କାର୍ଯ୍ୟକାରିତା ସମ୍ପର୍କରେ ପୁଙ୍ଖାନୁପୁଙ୍ଖ ସମୀକ୍ଷା କରିଥିଲେ। ସରକାରଙ୍କ ପ୍ରମୁଖ ଜନହିତକର ଯୋଜନା ଯଥା ଆୟୁଷ୍ମାନ ଭାରତ ଏବଂ ବରିଷ୍ଠ ନାଗରିକଙ୍କ ପାଇଁ ଉଦ୍ଦିଷ୍ଟ ଆୟୁଷ୍ମାନ ବୟୋବନ୍ଦନା ଯୋଜନାର ସଫଳ ରୂପାୟନ ଉପରେ ସେ ବିଶେଷ ଗୁରୁତ୍ୱାରୋପ କରିଥିଲେ। କୌଣସି ବି ଯୋଗ୍ୟ ହିତାଧିକାରୀ ଯେପରି ଏହି ସୁବିଧାରୁ ବଞ୍ଚିତ ନହୁଅନ୍ତି ସେଥିପ୍ରତି ସତର୍କ ରହିବାକୁ ସେ ବିଭାଗୀୟ ଅଧିକାରୀଙ୍କୁ କଡ଼ା ନିର୍ଦ୍ଦେଶ ଦେଇଛନ୍ତି। ଜିଲ୍ଲାରେ ମାତୃ ଓ ଶିଶୁ ମୃତ୍ୟୁହାର ରୋକିବା ପାଇଁ ଜିଲ୍ଲାପାଳ ଏକ ସ୍ୱତନ୍ତ୍ର ଏବଂ ଅଭିନବ କାର୍ଯ୍ୟଖସଡ଼ା ପ୍ରସ୍ତୁତ କରିବାକୁ ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀଙ୍କୁ ପରାମର୍ଶ ଦେଇଛନ୍ତି। ଏହି ପ୍ଲାନ୍‌କୁ କେବଳ କାଗଜପତ୍ରରେ ସୀମିତ ନ ରଖି ତୃଣମୂଳସ୍ତରରେ ସଫଳତାର ସହ କାର୍ଯ୍ୟକାରୀ କରିବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ଜିଲ୍ଲାରେ ଚାଲିଥିବା ବିଭିନ୍ନ ଟିକାକରଣ ଅଭିଯାନର ଅଗ୍ରଗତି ଏବଂ ଚିକିତ୍ସାଳୟ ଗୁଡ଼ିକର ଭିତ୍ତିଭୂମି ବିକାଶ ପାଇଁ ଆବଶ୍ୟକୀୟ ପଦକ୍ଷେପ ନେବାକୁ ସେ ଗୁରୁତ୍ୱ ଦେଇଥିଲେ। ଜନସାଧାରଣଙ୍କୁ ଉତ୍ତମ ବ୍ୟବହାର ସହ ତ୍ୱରିତ ସେବା ଯୋଗାଇବାକୁ ଉପସ୍ଥିତ ଥିବା ସମସ୍ତ ଡାକ୍ତର ଓ ସ୍ୱାସ୍ଥ୍ୟ କର୍ମଚାରୀଙ୍କୁ ସେ ଆହ୍ୱାନ ଦେଇଛନ୍ତି। ଏହି ବୈଠକରେ ଅତିରିକ୍ତ ଜିଲ୍ଲାପାଳ (ପ୍ରଶାସନ) ସୋମନାଥ ପ୍ରଧାନ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ଜିଲ୍ଲାପରିଷଦ ନିର୍ବାହୀ ଅଧିକାରୀ ଦାଶରଥୀ ସରାବୁ, ଉପଜିଲ୍ଲାପାଳ ଦୁର୍ଯ୍ୟୋଧନ ଭୋଇ ଓ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ଡୋଳାମଣି ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ଜାତୀୟ ସ୍ୱାସ୍ଥ୍ୟ ମିଶନ୍‌ର ଜିଲ୍ଲା କାର୍ଯ୍ୟକ୍ରମ ପରିଚାଳିକା ଡଃ ମୌସୁମୀ ମିଶ୍ର ସମଗ୍ର ବୈଠକର ପରିଚାଳନା କରିବା ସହ ସ୍ୱାସ୍ଥ୍ୟ ମିଶନ୍‌ର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ।

## ରେଣ୍ଡୋ ମାଝୀଙ୍କ ଜୟନ୍ତୀ



**ମ.ରାମପୁର, ୧୮।୪/ଏନ୍ଏନ୍ଏସ୍:** କଳାହାଣ୍ଡିର ପ୍ରଥମ ସ୍ୱାଧୀନତା ସଂଗ୍ରାମୀ ରେଣ୍ଡୋ ମାଝୀଙ୍କ ୨୧୧ତମ ଜୟନ୍ତୀ ପାଳିତ ହୋଇଯାଇଛି। ସହିଦ ରେଣ୍ଡୋ ମାଝୀ ସ୍ମାରକୀ କମିଟି, ଲୁବେନଗଡ଼ ପକ୍ଷରୁ ଆୟୋଜିତ ଏହି ଉତ୍ସବରେ ସ୍ୱର୍ଗତ ମାଝୀଙ୍କ ଦାୟାଦ ଯୋଗେଶ୍ୱର ମାଝୀ ଓ ବିଶୁ କେଶନ ମାଝୀ ନେତୃତ୍ୱ ନେଇଥିଲେ। ଏଥିରେ ମୁଖ୍ୟଅତିଥି ଭାବେ ବରିଷ୍ଠ ନାଗରିକ ଅବସରପ୍ରାପ୍ତ ପୁଲିସ୍ ଅଧିକାରୀ ବୈଦ୍ୟ ନାରାୟଣ ଭୋଇ ଯୋଗ ଦେଇଥିଲେ। ପ୍ରଥମେ ସହିଦଙ୍କ ପ୍ରତିମୂର୍ତ୍ତିରେ ପୂଜାର୍ଚ୍ଚନା ସହିତ ସହିଦଙ୍କ ସ୍ତୁତିଚାରଣ କରି ବୀର ସହିଦର ଗାଥା ବର୍ଣ୍ଣନା କରିଥିଲେ। ସମସ୍ତ କାର୍ଯ୍ୟକ୍ରମ ପରିଚାଳନାରେ ସ୍ମାରକୀ କମିଟିର ସଦସ୍ୟ ସହଯୋଗ କରିଥିଲେ।

## ଦେଶଦ୍ରୋହୀ



ପ୍ରଶାନ୍ତ କୁମାର ଦାଶ

ଦେଶକୁ ସେମାନେ ଭାଗ ଭାଗ କରିଦେଲେ
ଜାତି ଆଧାରରେ,
ଧର୍ମ ଆଧାରରେ,
ବର୍ଣ୍ଣ-ଗୋତ୍ର-ଗୋଷ୍ଠୀ-ଭାଷା ଓ ସଂପ୍ରଦାୟ ଆଧାରରେ।

ଭିନ୍ନ ଭିନ୍ନ ଉପାୟରେ
ସେମାନେ ଦେଶକୁ ନେଇ କଲେ କୁଟନୀତି,
ଅଧୁନା ଦେଶର ଜାତି ଘୃଣା,
ଦେଶର ଧର୍ମ ଦଙ୍ଗା,
ଦେଶର ଗୋଷ୍ଠୀ ହିଂସା,
ଦେଶର ଭାଷା ଧର୍ ଧର୍ ମାର୍ ମାର୍।

ସେମାନେ ଦେଶର ଜିଭ କାଟି କରିଦେଲେ ମୂକ,
ଦେଶର ଆଖି ତାଡ଼ି କରିଦେଲେ ଅନ୍ଧ,
ଦେଶର ହାତଗୋଡ଼ ଭାଙ୍ଗି କରିଦେଲେ ବିକଳାଙ୍ଗ,
ଦେଶର କାନରେ ଲୁହାକଣ୍ଟା ପିଟି କରିଦେଲେ ବଧିର,
ଶେଷରେ ସେମାନେ ଦେଶ ପାଇଁ କରିଦେଲେ
ମାସିକ ଭତ୍ତାର ଉତ୍ତମ ବନ୍ଦୋବସ୍ତ।

ଆଜିକାଲି ଦେଶ ଗାଇପାରୁନି
ଜନ ଗଣ ମନ ଅଧିନାୟକ ଜୟ ହେ
ଭାରତ ଭାଗ୍ୟ ବିଧାତା,
ଦେଶ ଦେଖି ପାରୁନି
ପଞ୍ଜାବ, ସିନ୍ଧୁ, ଗୁଜୁରାଟ, ମରାଠା
ଦ୍ରାବିଡ଼, ଉତ୍କଳ, ବଙ୍ଗ
ବିନ୍ଧ୍ୟ, ହିମାଚଳ, ଯମୁନା ଗଙ୍ଗା
ଉଚ୍ଛଳ ଜଳଧି ତରଙ୍ଗ,
ଦେଶ ହାତଯୋଡ଼ି ପ୍ରାର୍ଥନାରେ ମାଗି ପାରୁନି
ମାଟି ପାଇଁ ଦୁଇବୁନ୍ଦା ଅମୃତ ଆଶିଷ,
ଦେଶ ଶୁଣି ପାରୁନି
ଭାରତ ମାତା କି ଜୟ।

ସେମାନେ ଦେଶପ୍ରେମକୁ ମାଇକ୍ରୋଫୋନ୍ ସମ୍ମୁଖରେ
ନିତି ନିତି କରୁଛନ୍ତି ଲଙ୍ଗଳା,
ସେମାନେ ଦେଶପ୍ରେମକୁ ସ୍ୱାର୍ଥର ବଜାରରେ
ବିକିବାର ଜାଣିଛନ୍ତି କଳା,
ଆଉ ବିଚରା ସ୍ୱାଧୀନତା କଥା ନ କହିବା ଭଲ,
ସେମାନଙ୍କ ଆଁ ନାମକ ଅନ୍ଧାରୁଆ ଗୁମ୍ଫାରେ
ଏବେ ଖୁବ୍ କଲବଲ;
ଜୋର୍ ପବନରେ ବି ତ୍ରିରଙ୍ଗା ପତାକା
ପୂର୍ବପରି ଉଡୁନାହିଁ ହୋଇ ଫରଫର।

ଶୁଣିପାରୁଛ, କାନପାରି ଶୁଣ :
ଦେଶର ଆତ୍ମା ଭିତରୁ ଶୁଭୁଛି କ୍ଷୋଭର ସଂଳାପ,
'ପଲ୍ଲୀରୁ ପାର୍ଲ୍ୟାମେଣ୍ଟ
ଲାଞ୍ଜିଗଡ଼ରୁ ଲାଲ୍‌କିଲ୍ଲା,
ଯେତେସବୁ ଦେଖାଣିଆ
ତୁଚ୍ଛାଟାରେ ହୋ ହାଲ୍ଲା।'

**ରେଗଡ଼ା, କର୍ଲାମୁଣ୍ଡା,**
**ଏମ୍.ରାମପୁର, କଳାହାଣ୍ଡି**
**ମୋ-୭୭୩୫୪୧୯୫୭୩**

## ସନ୍ଧ୍ୟାରେ ବର୍ଷା ଆସେ



ବାବାଜୀ ଚରଣ ଜେନା

ସନ୍ଧ୍ୟାରେ ଏବେ ବର୍ଷା ଆସି ମୋତେ
ଓଦା କରି ଦେଇ ଯାଏ
ନିଦାଘ ନିଆଁକୁ ଲିଭାଇ ଦେଇକି
ରିମ୍ ଝିମ୍ ଗୀତ ଗାଏ
ଓଦା କରି ଦେଇ ଯାଏ ....।ଠ।
ବୟସର ଏଇ ଅପରାହ୍ନେ ଆସି
ସପନକୁ ବୁଣି ଦେଇ
ଅଧା ଲେଖା ଗୀତ ପୂରା କରିଦିଏ
ଶୀତଳତା ଛାଇ ଦେଇ
ବର୍ଷାକୁ ଏକା ପାଖରେ ପାଇ ମୁଁ
ଅବସାଦ ଭୁଲି ଯାଏ
ମିଠାଗୀତ ତାର ଶୁଣୁ ଥାଏ ....।୧।
ଆକାଶ ବୁକୁରେ ଚପଳା ଚମକେ
ମଲ୍ଲି ଫୁଲ ମହକଇ
ବର୍ଷାର କିଛି ଦୁଷ୍ଟାମି ଦେଖିକି
ପକ୍ଷୀ ଉଡ଼େ ହସି ଦେଇ
ଲୁଚି ରହିଥିବା ସ୍ମୃତି ସବୁ ଆଜି
ମନରୁ ଚହଲି ଯାଏ
ଅବସାଦ ସବୁ ଭୁଲି ଯାଏ ....।୨।

**ଅହଲ୍ୟା ନିବାସ ,**
**ପୋପରଡ଼ା ନୂଆବଜାର କଟକ**
**ମୋ-୯୪୩୭୮୩୪୭୧୯**

## ଘଣ୍ଟା



ଲଳିତ ମୋହନ ମିଶ୍ର

ପତ୍ନୀ ଶ୍ୟାମଳି ପୁରୁଣା ଜିନିଷପତ୍ର ଗୁଡ଼ିକ କବାଡି ବାଲାକୁ ଡାକି ବିକ୍ରି କରୁଥିଲେ। ହଠାତ୍ ରାଧେଶ୍ୟାମ ବାବୁଙ୍କର ନଜର ପଡିଲା ତାଙ୍କର ସେହି ପୁରୁଣା ହାତ ଘଣ୍ଟାଟି ଉପରେ। ନ ଜାଣିଲା ପରି ସେ ତାଙ୍କର ସେହି ପୁରୁଣା ହାତ ଘଣ୍ଟାଟିକୁ ଉଠାଇ ପ୍ୟାଣ୍ଟ ପକେଟରେ ରଖିଦେଲେ। ଦୀର୍ଘ ବର୍ଷ ପରେ ଏହି ଘଣ୍ଟାଟିକୁ ପାଇ ଜୀବନର ଉତ୍ତରାର୍ଦ୍ଧରେ ଠିଆ ହୋଇଥିବା ରାଧେଶ୍ୟାମ ବାବୁ.... ଅତୀତର ସ୍ମୃତିରେ କିଛି ସମୟ ପାଇଁ ହଜିଗଲେ।

ରାଧେଶ୍ୟାମ ବାବୁ ଅନୁଭବ କରୁଥିଲେ ବୟସଟି ତାଙ୍କର ହାତ ପାପୁଲିରୁ ବାଲି ଖସିଗଲା ପରି କେତେ ଶୀଘ୍ର ଚାଲିଗଲା, ଏ ଗତକାଲି ପରି ଲାଗୁଛି। ତାଙ୍କର ଛାତ୍ର ଜୀବନଟି ଆଜିର ଭଳି ଏତେ ସହଜ ସରଳ ନଥିଲା। ସେ ଗାଁ ସ୍କୁଲ ବୋର୍ଡ ପରୀକ୍ଷାରେ ୭୦% ପ୍ରତିଶତ ନମ୍ବର ରଖି ପାସ୍ କରିଥିଲେ, ତେଣୁ ତାଙ୍କୁ ଆଖପାଖ ଗାଁ ଗୁଡିକର ଲୋକ ଦେଖିବା ପାଇଁ ଆସିଥିଲେ। ଏହି ସଫଳତାରେ ବାପା ଅତ୍ୟନ୍ତ ଖୁସି ହୋଇ ତାଙ୍କର କେହି ଜଣେ ବନ୍ଧୁଙ୍କ ମାଧମରେ କଟକରୁ ଏହି ଘଣ୍ଟାଟି ମଗାଇଥିଲେ। ଘରେ ପୂର୍ବରୁ ଏକ କାନ୍ଥ ଘଣ୍ଟା ଝୁଲୁଥିଲା। ପେଣ୍ଡୁଲମ୍ ଘଣ୍ଟିର ଟିକ୍ ଟିକ୍ ମଧୁର ଶବ୍ଦ ଦ୍ୱାରା... ସମୟର ସୂଚନା ପ୍ରଦାନ କରୁଥିଲା। ରାତ୍ରିର ନୀରବତାରେ ଏହି ଘଡିର ଶବ୍ଦଟି ଭାରି ଭଲ ଲାଗୁଥିଲା । ଆଲାରାମ୍ ବଜାଇ ଏହି ଘଣ୍ଟାଟି ଜଣେ କଠୋର ଶିକ୍ଷକଙ୍କ ପରି ପ୍ରାତଃ ଚାରିଟାରେ ଉଠାଇ ଦେଉଥିଲା। ଏହି ଘଣ୍ଟାଟି ତାଙ୍କର ଅତ୍ୟନ୍ତ ପ୍ରିୟ ଥିଲା।

ହାତ ଘଣ୍ଟାଟି ରାଧେଶ୍ୟାମଙ୍କ ଶୈକ୍ଷଣିକ ଯାତ୍ରାରେ ସହଚରୀ ହୋଇଥିଲା। ଘଣ୍ଟାଟି ଥରେ ଦୁଇଥର ବନ୍ଦ ହୋଇ ଯାଇଛି। ବାପା ତାକୁ ସହରର ପ୍ରସିଦ୍ଧ ଘଣ୍ଟା ମେକାନିକ୍ ଦୋକାନରେ ଦେଇ କାମକୁ ଚାଲିଗଲେ। କାମରୁ ଆସିଲା ବେଳେ ଆଣିବାକୁ ଭୁଲି ଗଲେ । ଘଣ୍ଟା ମେକାନିକ୍‌ର ନାମ ସେ ମନେ ରଖି ନାହାଁନ୍ତି। ରାଧେଶ୍ୟାମ ସହରର ଲୋକଙ୍କୁ ପଚାରି ବୁଝି ତାର ଦୋକାନରେ ପହଞ୍ଚିଗଲେ। ତାକୁ ସମସ୍ତେ ନରି ଘଣ୍ଟା ମେକାନିକ୍ ଭାବରେ ଜାଣନ୍ତି। ନରି ଘଣ୍ଟା ମେକାନିକ୍ ଗୋଟିଏ ଆଖିରେ ଗୋଲ କାଚଟିଏ ଲଗାଇ ଘଣ୍ଟାକୁ ଦେଖୁଥାଏ, ଯେପରି ମହାଭାରତର ଅର୍ଜୁନ... ଉପରେ ବୁଲୁଥିବା ପକ୍ଷୀର ଆଖିକୁ ଦେଖୁଥିଲେ ଏବଂ ତା'ପରେ ସେ ଘଣ୍ଟାର ତ୍ରୁଟିଗୁଡ଼ିକୁ ଦେଖିପାରୁଥିଲେ। ନରି ସହରବାସୀଙ୍କ ମଧ୍ୟରେ ଜଣେ ଜଣାଶୁଣା ଘଣ୍ଟା ମେକାନିକ୍ ଭାବରେ ପ୍ରସିଦ୍ଧ। ନରି ଘଣ୍ଟା ମେକାନିକ୍ ଗୋଟିଏ ଆଖିରେ କାଚର ଗୋଲ୍‌ଟି ଲଗାଇ ଘଣ୍ଟାକୁ ଦେଖୁଥାଏ ଏବଂ ଅନ୍ୟ ଆଖିରେ ରାଧେଶ୍ୟାମଙ୍କୁ ଚାହିଁ ପ୍ରଶ୍ନ କଲେ, ତେବେ ତୁମର ବାପା... ବୋର୍ଡ ପରୀକ୍ଷାରେ ତୁମେ ଭଲ ନମ୍ବର ରଖିଥିବାରୁ ପୁରସ୍କାର ସ୍ୱରୂପ ଏହି ଘଣ୍ଟା ଦେଇଛନ୍ତି। ବାଳକ ରାଧେଶ୍ୟାମ ସହମତିରେ ମୁଣ୍ଡ ହଲାଇଲେ। ନରି ଘଣ୍ଟା ମେକାନିକ୍ କହିଲେ ଦେଖ ପୁଅ! ବାପା ତୁମକୁ ଏହି ଘଣ୍ଟାଟି କାହିଁକି ଦେଲେ ? ସେ ଚାହିଁଥିଲେ ତୁମକୁ ତ ଅନ୍ୟ କିଛି ଦେଇ ପାରିଥାଆନ୍ତେ। ଘଣ୍ଟାର ଅର୍ଥ ହେଉଛି ଜୀବନରେ ସମୟର ଗୁରୁତ୍ୱକୁ ବୁଝିବା ଏବଂ ତାହାକୁ କାର୍ଯ୍ୟକାରୀ କରିବା। ବିତି ଯାଇଥିବା ସମୟ କେବେ ଫେରି ଆସି ନଥାଏ। ଘଣ୍ଟା ବନ୍ଦ ହୋଇଗଲେ ସମୟ ବନ୍ଦ ହୋଇଯାଏ ନାହିଁ, କିନ୍ତୁ ସମୟକୁ ମନେ ରଖାଯାଇପାରିବ। ସେତେବେଳେ ପିଲାଳିଆ ବୁଦ୍ଧି ହେତୁ ସେ ନରି ଘଣ୍ଟା ମେକାନିକ୍‌ଙ୍କର କଥାକୁ ଆଂଶିକ ଭାବରେ ବୁଝିପାରିଥିଲେ, କିନ୍ତୁ ଏବେ ସେ ଏହାର ଗଭୀର ଅର୍ଥ ବୁଝିପାରୁଛନ୍ତି।

ରାଧେଶ୍ୟାମ ବାବୁ ଆଜି ସେହି ଘଣ୍ଟାଟିକୁ ଦେଖି ମରାମତି କରିବା ପାଇଁ ଉତ୍ସୁକ ହୋଇଗଲେ। ଦୀର୍ଘ ବର୍ଷ ପରେ ସେ ନରି ଘଣ୍ଟା ମେକାନିକ୍‌ଙ୍କର ସେହି ଦୋକାନ ଖୋଜିବାରେ ଲାଗିଲେ। ପୁରୁଣା ସହରର ସେହି ସଂକୀର୍ଣ୍ଣ ରାସ୍ତା ଖୋଜିଲେ। ପୁରୁଣା ସହର ଏବେ ବଦଳି ଯାଇଛି। ଛୋଟ ଛୋଟ ଦୋକାନ ଗୁଡିକ ଆଉନାହିଁ। ମରାମତି ହେଉଥିବା ଦୋକାନଗୁଡ଼ିକ ଆଉ ସେହି ସ୍ଥାନରେ ଦେଖାଯାଉ ନଥିଲା। ଘଣ୍ଟା ତିଆରି ଦୋକାନଗୁଡ଼ିକ ଏବେ ମୋବାଇଲ୍ ଦୋକାନ ଭାବରେ ବଦଳି ଯାଇଛି। ବହୁତ ଖୋଜାଖୋଜି ପରେ ଅନୁମାନ ଲଗାଇ ଏକ ଦୋକାନରେ ପହଞ୍ଚିଲେ ଯେଉଁଟି ନରି ଘଣ୍ଟା ମେକାନିକ୍‌ଙ୍କର ଦୋକାନ ଭଳି ଜଣାପଡୁଥିଲା।

ଦୋକାନଟିରେ ନୂତନ ଓ ଆଧୁନିକ ଜମାନାର ଘଣ୍ଟାରେ ପରିପୂର୍ଣ୍ଣ ଥିଲା। ପେଣ୍ଡୁଲମ୍ ଓ ଆଲାରାମ୍ ଘଣ୍ଟା ନଥିଲା। କାଉଣ୍ଟରରେ ଜଣେ ଉଚ୍ଚା ମୋଟାସୋଟା ଯୁବକ ଜଣେ ଗ୍ରାହକଙ୍କ ସହିତ କଥାବାର୍ତ୍ତା ହେଉଥିଲେ। ଦୋକାନ ଭିତରକୁ ପ୍ରବେଶ କରିବା ମାତ୍ରେ ରାଧେଶ୍ୟାମଙ୍କର ହୃଦୟ ଆନନ୍ଦ ଉତ୍ସାହରେ ପରିପୂର୍ଣ୍ଣ ହୋଇଗଲା। ନରି ଘଣ୍ଟା ମେକାନିକ୍ ନିଶ୍ଚିତ ଭାବରେ ତାଙ୍କର ଘଡିଟିକୁ ସଜାଡ଼ି ଦେବେ। ଏହି ହାତଘଣ୍ଟାଟିକୁ ପିନ୍ଧିବା ଦ୍ୱାରା ତାଙ୍କର ନୂତନ ଶକ୍ତି ସଞ୍ଚରିତ ହେବ। କିନ୍ତୁ ରାଧେଶ୍ୟାମଙ୍କର ଆନନ୍ଦ ଅଧିକ ସମୟ ପାଇଁ ରହିଲା ନାହିଁ, ବିଷାଦରେ ପରିଣତ ହେଲା। ଦୋକାନର ଏକ କୋଣରେ ଫୁଲମାଳା ଦ୍ୱାରା ସଜାଯାଇଥିବା ନରି ଘଣ୍ଟା ମେକାନିକ୍‌ଙ୍କର ଏକ ରଙ୍ଗୀନ ଫଟୋ ଝୁଲୁଥିଲା। ଦୁଇ ମିନିଟ୍ ପାଇଁ ରାଧେଶ୍ୟାମଙ୍କର ମନ ମୌନ ହୋଇଗଲା । ଶାନ୍ତ ଭାବରେ ଠିଆ ହୋଇ ଥିବା ବୃଦ୍ଧ ରାଧେଶ୍ୟାମ ନିରବତା ଭାଙ୍ଗିଗଲା ଯେତେବେଳେ କାଉଣ୍ଟରରେ ବସିଥିବା ଯୁବକ ଜଣକ ପଚାରିଲେ, ହଁ ମଉସା... ମୋତେ ଟିକେ କୁହନ୍ତୁ ତ ଆପଣଙ୍କର କି କାମ ଅଛି ?

ରାଧେଶ୍ୟାମ ନରି ଘଣ୍ଟା ମେକାନିକ୍‌ଙ୍କ ସହିତ ପିଲାଦିନରୁ ଆଜି ପର୍ଯ୍ୟନ୍ତ ଥିବା ସମ୍ପର୍କର ପରିଚୟ ଦେଲେ ଏବଂ ତାଙ୍କ ପକେଟରୁ ହାତଘଣ୍ଟାଟି କାଢ଼ି କାଉଣ୍ଟରରେ ରଖିଲେ। ଭାଇ ! ମୋର ଏହି ଘଣ୍ଟାଟିକୁ ମରାମତି କରିବାକୁ ପଡ଼ିବ। ନରି ଘଣ୍ଟା ମେକାନିକ୍‌ଙ୍କ ଦୋକାନରେ ଏହା ନିଶ୍ଚିତ ଭାବରେ ସଜାଡ଼ି ହୋଇଯିବ। ତୁମେ ତାଙ୍କର ପୁଅ ପରି ଲାଗୁଛ, ତାଙ୍କରି ଭଳି ଦକ୍ଷତା ତୁମର ନିଶ୍ଚୟ ଥିବ। ଯୁବକ ଜଣକ କହିଲେ, ମଉସା ! ଆପଣ କେଉଁ ଯୁଗର କଥା କହୁଅଛନ୍ତି ? ବର୍ତ୍ତମାନ ଯୁଗ - ୟୁଜ୍ ଆଣ୍ଡ ଥ୍ରୋର ଯୁଗ (ବ୍ୟବହାର କର ଏବଂ ଫୋପାଡ଼ିବାର ସମୟ)। ତାହା ଜିନିଷପତ୍ର ହେଉ କି ସମ୍ପର୍କ...। ଆପଣଙ୍କର ଘଣ୍ଟା ତିଆରି ହୋଇଥିବା କାରଖାନା ବହୁଦିନ ପୂର୍ବରୁ ବନ୍ଦ ହୋଇଗଲାଣି। ହଜାର ହଜାର କର୍ମଚାରୀଙ୍କୁ ଛଟେଇ କରାଗଲା, ତେଣୁ ଏହାକୁ ମରାମତି କରିବା ପାଇଁ କିଏ କାହିଁକି କାରିଗର ହୋଇ ଆଗେଇ ଆସିବେ ? ତୁମେ ଏହି ଘଣ୍ଟାକୁ ଅଳିଆ ଗଦାରେ ଫିଙ୍ଗି ଦେଇ ଏକ ନୂତନ ଘଣ୍ଟା କିଣିନେବା ଉଚିତ୍।



ରାଧେଶ୍ୟାମ ଠିକ୍ ଅଛି ଭାଇ ! କହି.... ଯୁବକ ଠାରୁ ନଜର ଏଡ଼ାଇ ଚୁପଚାପ୍ ଘଣ୍ଟାଟିକୁ ପକେଟରେ ରଖିଲେ। ପ୍ରସଙ୍ଗ ବଦଳାଇ ପଚାରିଲେ ? ବାସ୍ତବରେ, ନରି ଘଣ୍ଟା ମେକାନିକ୍‌ଙ୍କର କ'ଣ ହୋଇଥିଲା ? ନା, ସେ ଦୀର୍ଘଦିନ ଧରି ଅସୁସ୍ଥ ଥିଲେ ? ଯୁବକ ଜଣକ କହିଲେ, ମୋ ମାଆ ବିଛଣାରେ ପଡିଛି। ସେ ସବୁବେଳେ ତାର ବଡ଼ ପୁଅକୁ ମନେ ପକାଉଛି। ଯିଏ ବିଦେଶରେ ବସବାସ କରୁଅଛି। ବାପା ତାକୁ ଉଚ୍ଚଶିକ୍ଷିତ କରାଇବା ପାଇଁ ଗାଁ ର ସମସ୍ତ ଜମି ବାଡି ବିକ୍ରି କରି ବିଦେଶରେ ପଢାଇଲେ। ସେ ସେଠାରେ ପାଠ ପଢିଲା ଚାକିରୀ କଲା, ଘର ସଂସାର କଲା କେବେ ପଛକୁ ଫେରି ଆଉ ଚାହିଁଲା ନାହିଁ କି କେବେ ଘରକୁ ଆଉ ଆସିଲା ନାହିଁ। ବାପା ତାକୁ ଘରକୁ ଫେରାଇ ଆଣିବାକୁ ବହୁତ ଚେଷ୍ଟା କଲେ, କିନ୍ତୁ ସେ ଶୁଣିବାକୁ ନାରାଜ ହେଲା। ଶେଷରେ ସେ କେବେ ଆଉ ଘରକୁ ଆସିଲା ନାହିଁ। ଦିନେ ରାତିରେ ଅସୁସ୍ଥ ମା' ବିଚଳିତ ହୋଇ ପୁଅ... ପୁଅ ଡାକିବାକୁ ଲାଗିଲା। ବାପାଙ୍କ ଚିନ୍ତା ବଢ଼ିଗଲା। ବାପା ସକାଳେ ଆଉ ଉଠିଲେ ନାହିଁ। ବାପାଙ୍କ ଛାତିରେ ଟିକ୍ ଟିକ୍ କରୁଥିବା ପ୍ରକୃତିର ଘଣ୍ଟାଟି ସଦାବେଳ ପାଇଁ ବନ୍ଦ ହୋଇଗଲା।

**ଅରବିନ୍ଦ ନଗର, ନୟାଗଡ଼, ୯୪୩୭୯୮୫୮୬୬**

## ନିଃଶ୍ୱାସର ମୂଲ୍ୟ



ହିନ୍ଦୀ : ସଞ୍ଜୟ କୁମାର ଝା
ଭାଷାନ୍ତର-ସମ୍ବେଦନା ମିଶ୍ର

ଦୁଲିଚନ୍ଦ୍ର ସହରର ସବୁଠାରୁ ଧନୀ ଲୋକଙ୍କ ମଧ୍ୟରୁ ଜଣେ। ସେ ବହୁତ ଟଙ୍କାପଇସା ରୋଜଗାର କରିଥିଲେ ମଧ୍ୟ ମାନସମ୍ମାନ ଲାଭ କରିପାରିନଥିଲେ। ତାଙ୍କ ପାଖରେ ଏତେ ଟଙ୍କା ଥିଲା ଯେ ଯଦି ଇଚ୍ଛା କରିଥାନ୍ତେ ତେବେ ପୂରା ସହରକୁ ମଧ୍ୟ କିଣିପାରିଥାନ୍ତେ। ତଥାପି ସେ କେବେ କାହାରିକୁ ସାହାଯ୍ୟ କରନ୍ତି ନାହିଁ। ଧୀରେ ଧୀରେ କରି ତାଙ୍କ ପାଖରେ ପଚାଶ କୋଟିରୁ ଅଧିକ ସମ୍ପତ୍ତି ଜମା ହୋଇଯାଇଥିଲା। ଦୁଲିଚନ୍ଦ୍ରଙ୍କ ପୂରା ଜୀବନ କେବଳ ଏହି ସମ୍ପତ୍ତି ଅର୍ଜନରେ ହିଁ ବିତିଯାଇଥିଲା। ସେଥିପାଇଁ ନା ସେ କେବେ ଭଲ ପୋଷାକ ପିନ୍ଧିପାରିଲେ ନା ନିଜର କୌଣସି ସଉକ ପୂରଣ କରିପାରିଥିଲେ ।

ଦିନେ ରାତିରେ ଦୁଲିଚନ୍ଦ୍ର ନିଜର କୋଠରୀରେ ଶୋଇଥିଲେ। ସେତେବେଳେ ହଠାତ ସେଠାକୁ ଯମରାଜଙ୍କ ଦୂତ ଆସିଗଲେ। ଦୂତ କହିଲେ, 'ତୁମର ଜୀବନକାଳ ପୂରା ହୋଇଗଲା। ତୁମକୁ ଯମରାଜ ଡାକିଛନ୍ତି।'

ଦୁଲିଚନ୍ଦ୍ର କହିଲେ, 'କିନ୍ତୁ ମୁଁ ଏଯାଏଁ ନିଜର ଜୀବନ ଠିକ ରୂପେ ବଞ୍ଚିନାହିଁ। ଦୟାକରି ମୋତେ ଛାଡି ଦିଅନ୍ତୁ।'

ଦୂତ କହିଲେ, 'ନା! ତୁମକୁ ଏବେ ଯିବାକୁ ପଡିବ।'

ଦୁଲିଚନ୍ଦ୍ର କହିଲେ, 'ମୋ ପାଖରେ ବହୁତ ଟଙ୍କା ରହିଛି। ମୁଁ ତୁମକୁ ସେଥିରୁ ଦଶ କୋଟି ଦେଇଦେବି। ମୋତେ ଆଉ ଗୋଟିଏ ବର୍ଷ ବଞ୍ଚିବାକୁ ଦିଅ।'

ଦୂତ ତାଙ୍କ କଥାରେ ରାଜି ହେଲେ ନାହିଁ। ତା' ପରେ ଦୁଲିଚନ୍ଦ୍ର ତାଙ୍କୁ ଅନୁରୋଧ କରି କହିଲେ, 'ମୁଁ ତୁମକୁ କୋଡିଏ କୋଟି ଦେଇଦେବି। ଦୟାକରି ମୋତେ ଗୋଟିଏ ମାସ ଆଉ ବଞ୍ଚିବାକୁ ଦିଅ।'

ତଥାପି ସେ ଦୂତ ରାଜି ହେଲେ ନାହିଁ।

ଶେଷରେ ଦୁଲିଚନ୍ଦ୍ର ଦୂତଙ୍କୁ ଅତିଶୟ ନେହୁରା ହୋଇ କହିଲେ, 'ମୁଁ ମୋର ପୁରା ପଚାଶ କୋଟିର ସମ୍ପତ୍ତି ତୁମକୁ ଦେଇଦେବି। ମୋତେ କେବଳ ଗୋଟିଏ ଘଣ୍ଟା ଆଉ ଅଧିକ ବଞ୍ଚିବାକୁ ଦିଅ।'

ତଥାପି ସେ ଦୂତ ରାଜି ହେଲେ ନାହିଁ। ତା ପରେ ଦୁଲିଚନ୍ଦ୍ର ତାଙ୍କୁ କହିଲେ, 'ଠିକ ଅଛି ! ମୁଁ କେବେଳ ଗୋଟିଏ ଚିଠି ଲେଖିବାକୁ ଚାହୁଁଛି। ମୋତେ କେବଳ ସେତିକିର ଅନୁମତି ଦିଅ।'

ଦୂତ ସେଥିରେ ରାଜି ହୋଇଗଲେ।

ଦୁଲିଚନ୍ଦ୍ର ତା' ପରେ ଶୀଘ୍ର ଯାଇ ଗୋଟିଏ କାଗଜ ଓ କଲମ ଆଣି ଗୋଟିଏ ଚିଠି ଲେଖିଲେ, 'ଏହି ଚିଠି ଯାହାକୁ ମଧ୍ୟ ମିଳୁ ସେ ମୋର ଏହି ବାର୍ତ୍ତା ଲୋକମାନଙ୍କୁ କହିଦିଅନ୍ତୁ ଯେ ମୁଁ ସାରା ଜୀବନ ପରିଶ୍ରମ କରି ପଚାଶ କୋଟି ଟଙ୍କା ଯୋଗାଡ଼ କରିଥିଲି। କିନ୍ତୁ ଏତେ ବଡ଼ ସମ୍ପତ୍ତି ମୋ ପାଖରେ ଥିବା ସତ୍ତ୍ୱେ ମୁଁ ମୋର ଜୀବନର ଗୋଟିଏ ଘଣ୍ଟା ମଧ୍ୟ କିଣିପାରିଲି ନାହିଁ। ସେଥିପାଇଁ ଏ ଜୀବନର ପ୍ରତିଟି ମୁହୂର୍ତ୍ତ ଅମୂଲ୍ୟ ଅଟେ। ଯେଉଁ ପର୍ଯ୍ୟନ୍ତ ଜୀବନ ଅଛି ସେପର୍ଯ୍ୟନ୍ତ ତାକୁ ମନଭରି ବଞ୍ଚ, ଅନ୍ୟମାନଙ୍କୁ ସାହାଯ୍ୟ କର ଓ ସବୁବେଳେ ଖୁସି ରୁହ। ବିତି ଯାଇଥିବା ସମୟ କେବେ ମଧ ଫେରି ଆସିବ ନାହିଁ। ତୁମେ ନିଜର ପୂରା ସମ୍ପତ୍ତି ଦେଇ ମଧ ନିଜର ଜୀବନର ବିତିଯାଇଥିବା ସମୟ କିଣିପାରିବ ନାହିଁ।'



**ସମ୍ପିତ ଭିଲା, ଘାଟିକିଆ, ଭୁବନେଶ୍ୱର**

## ଜୀବନଦୋହା



ତ୍ରିନାଥ ସିଂହ

ଜୀବନର ବୟସଠୁ କାହିଁ କେତେ ଦୀର୍ଘ
ଏଇ ଅଙ୍କାବଙ୍କା ଚଢ଼ାଉଠା ବାଟ...
ପାଦଶବ୍ଦ ଶୁଭୁଥାଏ ଅନନ୍ତ ପର୍ଯ୍ୟନ୍ତ।

ମଥା ନାଡ଼ି-ଦୋହଲେଇ
ସୁସୁରି ବଜେଇ ବଜେଇ ନିଜର ଧୂନରେ
ଜୀବନ
ପାରି ହେଉଥାଏ ରାସ୍ତା, ଛକ ପରେ
ଛକ...
ପାଦଶବ୍ଦ ଶୁଭୁଥାଏ ଅନନ୍ତ ପର୍ଯ୍ୟନ୍ତ।

ରାସ୍ତା କେବେ ସରେନାହିଁ ଲମ୍ବିଥାଏ
ଦିଗନ୍ତ ସେପାରେ...
ଜୀବନ ହିଁ ସରିଯାଏ
ଜନ୍ମହୁଏ, ବାଲିଖେଳେ, ଘରତୋଳେ,
ଅନ୍ଧାରକୁ ଜାଳେ
ବୁଢ଼ାହୁଏ, ସୂତା ଛିଡ଼େ, ଧୂଆଁ ଉଡ଼େ...
ଉଡ଼ିଯାଏ ଅନନ୍ତ ପର୍ଯ୍ୟନ୍ତ।

ଜମା ତା'ର ନିଘା ନାହିଁ
ଅଛି କି' ନା' ସହଯାତ୍ରୀ କେହି
ଏକାଏକା ଚାଲୁଥାଏ ରାସ୍ତା...
ଜମା ତା'ର ନାହିଁ ନିଘା
କୋଉଠି ଚଉରାମୂଳେ କେହିଜଣେ
ସଞ୍ଜବତୀ ଜାଳେ କିବା ନା'...
ସଞ୍ଜବେଳ ଆକାଶର ପାହାଡ଼ ଦାଢ଼ରେ
ଫୁଟିଛି ତ ଗୋଟେ କ୍ଷୀଣତାରା
ପବନ ବି ବଜଉଛି ଲାଉତୁମ୍ବା ଗୀତ...
ପାଦଶବ୍ଦ ଶୁଭୁଥାଏ ଅନନ୍ତ ପର୍ଯ୍ୟନ୍ତ।

ରାସ୍ତା ତ ଗୋଟିଏ... ଏକା ଆଉ ଏକୁଟିଆ
ଚଢ଼େଇଏ ଉଡୁଥାନ୍ତି ଡେଣାମେଲି
ଆକାଶରେ
ଜାଣନ୍ତିନି ସରହଦ-ରେଖା
ଜୀବନ ବି ଜାଣେନାହିଁ କୋଉ ଧର୍ମ କୋଉ
ରଙ୍ଗ
କୋଉ ଧ୍ୱଜା ଲାଲ ଅବା ଫିକା-

ଜୀବନ ପୁଚ୍ଛେନି କେବେ ପ୍ରଶ୍ନ ଅତୀତକୁ
କିବା ଛାଇକୁ ଉତ୍ତର
କାଦୁଅ ଫିଙ୍ଗେନି, ଭାଙ୍ଗେନି ରକ୍ତକୁ
ନଈର ଛାତିରେ ଟାଣେନାହିଁ ଗାର...

ଜୀବନକୁ ଅଲିଖିତ ଗୀତଟିଏ ପରି
ନଈକୂଳ ପବନରେ ଗୁଣୁଗୁଣୁ ଗାଇ
ଜୀବନର ସୌନ୍ଦର୍ଯ୍ୟକୁ ଦେଖାଏ ଦିଗନ୍ତ
ପାରି ହେଉଥାଏ ବାଟ ଛକ ପରେ ଛକ
ପାଦଶବ୍ଦ ଶୁଭୁଥାଏ ଅନନ୍ତ ପର୍ଯ୍ୟନ୍ତ।

**ଭବିଷ୍ୟନିଧି କାର୍ଯ୍ୟାଳୟ,**
**ପାନପୋଷ ମାର୍ଗ, ରାଉରକେଲା**
**ମୋ : ୮୮୯୫୦୯୯୪୬୪**



## ନବପ୍ରକାଶ



### ରେବତୀ

**ସମ୍ପାଦିକା-ସୁବାସିନୀ ଜେନା**
**ଓଟି ରୋଡ୍, ବାଲେଶ୍ୱର, ମୂଲ୍ୟ-୭୦/-**

ଚଳିତ ମାସ ଆମର ହସ୍ତଗତ ହୋଇଛି। ନିଜର ସୃଜନଶୀଳତାର ପରିଭାଷାକୁ ସେମିତି ବଜାୟ ରଖିଥିବା ଏହି ପତ୍ରିକାରେ ଅନେକ ଉପାଦେୟ ଲେଖା ସ୍ଥାନିତ ହୋଇଛି। 'ନାରୀର ସମାନତା ଓ ସ୍ୱାଧୀନତା' ଶୀର୍ଷକ ଆଲେଖ୍ୟ ଅନେକ ଗୁରୁତ୍ୱ ବହନ କରେ। ନାରୀକୁ ଯେମିତି ଆମ ସମାଜ ସର୍ବାଗ୍ରେ ସ୍ଥାନିତ କରିଛି ଓ ସମ୍ମାନ କରି ଆସିଛି, ତାହାର ବିଲକ୍ଷଣ ଅନେକାଂଶରେ ଆଜିକାଲି ଦେଖିବାକୁ ମିଳୁଛି। ହୀନ ମାନସିକତାରୁ ମୁକୁଳି ନ୍ୟାର୍ଯ୍ୟ ଅଧିକାର ଦେଲେ, ଜଣେ ନାରୀ ଆଗକୁ ଯିବାକୁ ମନୋବଳ ପାଇପାରିବ ବୋଲି ସମ୍ପାଦିକା ଯେଉଁ ଅଭିମତ ରଖିଛନ୍ତି, ତାହା ସ୍ୱାଗତଯୋଗ୍ୟ। ସେହିଭଳି ସହଯୋଗୀ ସମ୍ପାଦକ କୃଷ୍ଣ କୁମାର ମହାନ୍ତି ମଧ୍ୟ ପାଠକର ରୁଚି ଓ ସାହିତ୍ୟର ଭବିଷ୍ୟତ ଶୀର୍ଷକ ସୁନ୍ଦର ଆଲେଖ୍ୟ ଉପସ୍ଥାପନା କରିଛନ୍ତି। ସାହିତ୍ୟରେ ଲେଖକ ଓ ପାଠକ ପରସ୍ପର ପରିପୂରକ। ଲେଖକର ପ୍ରତିଶ୍ରୁତିବଦ୍ଧତା ଯେମିତି ରହିବା ଦରକାର, ପାଠକଙ୍କର ମଧ୍ୟ ସେମିତି ରହିବା ଦରକାର। ଉଭୟଙ୍କ ମିଳିତ ସହମତି ଓ ବୁଝାମଣା ହିଁ ସାହିତ୍ୟର ଉନ୍ନତି ଆଣିପାରିବ ବୋଲି ଯେଉଁ ଆଲେଖ୍ୟ ଲେଖିଛନ୍ତି, ତାହା ନିଶ୍ଚିତ ଭାବରେ ଏକ ଆହ୍ୱାନ। ଗୌତମ ଜେନା, ପ୍ରଦୀପ୍ତ କୁମାର ଶ୍ରୀଚନ୍ଦନ, ଭରତ ବେହେରା, ରାଧାରଞ୍ଜନ ପଟ୍ଟନାୟକ, ଦିଲ୍ଲୀପ କୁମାର ସ୍ୱାଇଁ, ଦେବପ୍ରିୟ ପ୍ରିୟଦର୍ଶୀ ଚକ୍ର, ପ୍ରଫୁଲ୍ଲ କୁମାର ପଣ୍ଡାଙ୍କ ଆଲେଖ୍ୟ ବେଶ ଉଚ୍ଚକୋଟୀର ହୋଇପାରିଛି। ପ୍ରଫୁଲ୍ଲ କୁମାର ମହାନ୍ତିଙ୍କ ଧାରାବାହିକ କାବ୍ୟ ସହିତ ସମକାଳ କବିତାରେ ଫନୀ ମହାନ୍ତି, ନୀଳମଣୀ ପରିଡ଼ା, ମମତା ଦାଶ, କମଳ କୁମାର ମହାନ୍ତି, ଅଶ୍ୱିନୀ ମିଶ୍ର, ସୁଚେତା ମିଶ୍ର, ସରୋଜ ବଳ, ପ୍ରଶାନ୍ତ ଦାସ, ସେନାପତି ପ୍ରଦ୍ୟୁମ୍ନ କେଶରୀ, ଅଜୟ ପ୍ରଧାନ, ପୀତାମ୍ବର ତରାଇ, ତ୍ରିନାଥ ସିଂ, ଶୁଭଶ୍ରୀ ଲେଙ୍କା, ବାଦଲ ମହାନ୍ତି, ସଂଜିତ ବଳଙ୍କ ଭଳି କବିଙ୍କର ଲେଖା ରହିଛି। କଥା କାହାଣୀରେ ଅରବିନ୍ଦ ଗିରି, ଉଦୟ ନାରାୟଣ ଦାସ, ସ୍ୱାଗତିକା ସେଠୀଙ୍କ କଥାଶିଳ୍ପ ପତ୍ରିକାର ଶୋଭାବର୍ଦ୍ଧନ କରିଛି। ରବିନ୍ଦ୍ର ବିଶ୍ୱାଳଙ୍କ ପ୍ରଚ୍ଛଦ ପରିକଳ୍ପନା ଓ ଶିବରାଜ କର୍ମଙ୍କ ଡିଜାଇନ୍ ବେଶ ରୁଚିପୂର୍ଣ୍ଣ।



### ଦେଶ ଦେଶାନ୍ତର

**ସମ୍ପାଦନା-ବିପିନ୍ ନାୟକ**
**କେ.ଶ୍ୟାମବାବୁ ଦୋରା**
**ବସନ୍ତ ବେହେରା**

ଅନୁବାଦ ସାହିତ୍ୟ ଦ୍ୱାରା ବିଶ୍ୱର କୋଣ ଅନୁକୋଣ ପରସ୍ପରକୁ ଭାଷାଗତ, ଭାବଗତ ଭାବରେ ଜାଣିବାର ଏକ ବିଶେଷ ସୁଯୋଗ ସୃଷ୍ଟି କରିଥାଏ। ବିଶ୍ୱ ସାହିତ୍ୟରେ ଜଣେ ଅନ୍ୟଜଣକୁ ଜାଣିବା ଦ୍ୱାରା କେବଳ ସାହିତ୍ୟ ସମୃଦ୍ଧ ହୁଏନାହିଁ ବରଂ ବିଭିନ୍ନ ଭାଷାର ପ୍ରଚାର ପ୍ରସାର ମଧ୍ୟ ସମ୍ଭବ ହୋଇଥାଏ। ଏହି ସଂକଳନରେ ଯେଉଁ ପ୍ରୟାସ ତିନିଜଣ ପ୍ରତିଷ୍ଠିତ ଓଡ଼ିଆ କବି କରିଛନ୍ତି, ପାଠକଙ୍କ ପାଇଁ ନିହାତି ମହାର୍ଘ୍ୟ ହୋଇ ରହିବ। ୪୫ଟି ବିଦେଶୀ କବିଙ୍କ କବିତାକୁ ଓଡ଼ିଆରେ ଅନୁବାଦ କରି ପାଠକଙ୍କ ତୃଷ୍ଣା ମେଣ୍ଟାଇବାର କାର୍ଯ୍ୟ ସହଜ ନହେଲେ ବି ଯେଉଁ କାର୍ଯ୍ୟ କରିଛନ୍ତି, ଭୂୟସୀ ପ୍ରଶଂସା କରିବା ଉଚିତ ହେବ। ବିଭିନ୍ନ ଦେଶର ପ୍ରତିଷ୍ଠିତ କବିଙ୍କ ଲୋକପ୍ରିୟ କବିତାଗୁଡ଼ିକ ଓଡ଼ିଆ ପାଠକଙ୍କ ପାଇଁ ପଢ଼ିବାର ଯେଉଁ ଅପୂର୍ବ ସୁଯୋଗ ସୃଷ୍ଟି କରିଛନ୍ତି, ଓଡ଼ିଆ ବାଣୀ ଭଣ୍ଡାର ପାଇଁ ମାଇଲଖୁଣ୍ଟ ହୋଇ ରହିବ। ନିର୍ବାଚିତ କବିତାଗୁଡ଼ିକର ଚୟନ ଓ ଉପଯୁକ୍ତ ଭାବଗତ ଅନୁବାଦ ପାଠକଙ୍କ ରୁଚିକୁ ସୁହାଇବ ବୋଲି ଆଶା କରାଯାଉଛି। ପାଷାଣ ସୁନ୍ଦରୀ, ଉତ୍ତେଜନା, ତମେ ଉଠିଲେ, ମୁହୂର୍ତ୍ତ, ପ୍ରଥମ ଇଚ୍ଛାର ଏକ ସରଳ ସଙ୍ଗୀତ, ପୁନଶ୍ଚ ପ୍ରେମ, ପାଗଳୀର ପ୍ରେମଗୀତ, ଧୂସର, ପ୍ରିୟତମ, ମୁଁ ଯେବେ ବୟସ୍କ ହେଲି, କହିଥିବା କଥା ସବୁ ଫେରାଇ ନେଉଛି, ଯେବେ ମତେ ପ୍ରେମ ହୁଏ, ବାସନଧୂଆ ପାଣି ଭଳି ସବୁ କବିତାଗୁଡ଼ିକ ବେଶ ଉଚ୍ଚକୋଟୀର। କବିତା ଗୁଡ଼ିକ ଏତେ ମାର୍ମିକ ଓ ସମ୍ବେଦନଶୀଳ ଯେ ପାଠକମାନେ ଦଣ୍ଡେ କି ଘଡ଼ିଏ ଅଟକି ନଯାଇ ରହିପାରିବେ ନାହିଁ। ପ୍ରାଣରେ ସ୍ପନ୍ଦିତ ହେଲା ଭଳି କବିତାକୁ ନେଇ ଅନୁବାଦ କରି ପାଠକଙ୍କ ପାଇଁ ସମର୍ପିତ କରିବା ଦିଗରେ ଯେଉଁ ପ୍ରଚେଷ୍ଟା ଏହି ସଂକଳନରେ କରାଯାଇଛି, ନିଶ୍ଚିତ ଫଳପ୍ରସୂ ହେବ।

**ଆଜିର ମ୍ୟାଚ୍**



କୋଲକାତା ନାଇଟ୍ ରାଇଡର୍ସ ବନାମ ରାଜସ୍ଥାନ ରୟାଲ୍ସ
ସମୟ: ଅପରାହ୍ଣ ୩.୩୦, ସ୍ଥାନ: ଇଡେନ୍ ଗାର୍ଡେନ୍

ପଞ୍ଜାବ କିଙ୍ଗସ ବନାମ ଲକ୍ଷ୍ମୌ ସୁପର ଜାଏଣ୍ଟସ
ସମୟ: ସନ୍ଧ୍ୟା ୭.୩୦, ସ୍ଥାନ: ନ୍ୟୁ ଚଣ୍ଡିଗଡ଼

### ନିଜ ହୋମ୍ ଗ୍ରାଉଣ୍ଡରେ ହାରିଲା ଆର୍‌ସିବି, ଦଳର ଦ୍ୱିତୀୟ ପରାଜୟ

# ୬ ୱିକେଟ୍‌ରେ ଜିତିଲା ଦିଲ୍ଲୀ କ୍ୟାପିଟାଲ୍ସ





**ବେଙ୍ଗାଲୁରୁ, ୧୮।୪/ଏଜେନ୍ସି:** ନିଜ ହୋମ୍ ଗ୍ରାଉଣ୍ଡରେ ପରାଜିତ ହୋଇଛି ରୟାଲ୍ ଚ୍ୟାଲେଞ୍ଜର୍ସ, ବେଙ୍ଗାଲୁରୁ (ଆର୍‌ସିବି)। ଫିଲ୍ ସଲ୍ଟଙ୍କୁ ବାଦ୍ ଦେଲେ ଦଳର ଅନ୍ୟ ସମସ୍ତ ବ୍ୟାଟ୍ସମ୍ୟାନ୍‌ମାନେ ଆଜି ଦିଲ୍ଲୀର ଘାତକ ବୋଲିଂ ବାହିନୀ ପାଖରେ ନତମସ୍ତକ ହୋଇଛନ୍ତି। ଆଜିର ଏହି ରୋମାଞ୍ଚକ ମ୍ୟାଚ୍‌ରେ ଆର୍‌ସିବି ଧାର୍ଯ୍ୟ ୨୦ ଓଭର ସୁଦ୍ଧା ୮ ୱିକେଟ୍ ବିନିମୟରେ ମାତ୍ର ୧୭୫ ରନ୍ କରିଥିବା ବେଳେ ଦିଲ୍ଲୀ ଗୋଟିଏ ବଲ୍ ବାକି ଥାଇ ଏହି ଲକ୍ଷ୍ୟକୁ ହାସଲ କରିନେଇଛି। ଆଜିର ଏହି ପରାଜୟ ଆରସିବି ପାଇଁ ଚଳିତ ସିଜିନ୍‌ର ୨ୟ ପରାଜୟ। ଏହାପୂର୍ବରୁ ଆର୍‌ସିବି, ଏପ୍ରିଲ୍ ୧୦ରେ ରାଜସ୍ଥାନ ରୟାଲ୍ସ ବିପକ୍ଷ ମ୍ୟାଚ୍‌ରେ ମଧ୍ୟ ପରାସ୍ତ ହୋଇଥିଲା। ରାଜସ୍ଥାନ ରୟାଲ୍ସ ମଧ୍ୟ ଆର୍‌ସିବିକୁ ଏହି ମ୍ୟାଚ୍‌ରେ ୬ ୱିକେଟ୍‌ରେ ହରାଇଥିଲା। ତେବେ ଆଜିର ମ୍ୟାଚ୍‌କୁ ମିଶାଇ ଆର୍‌ସିବି ମୋଟ୍ ୬ଟି ମ୍ୟାଚ୍ ଖେଳିଥିବା ବେଳେ ୪ଟିରେ ବିଜୟ ସହ ମୋଟ୍ ୮ ପଏଣ୍ଟ ପାଇଁ ଟେବୁଲ୍‌ର ୨ୟ ସ୍ଥାନରେ ରହିଛି। ଅନ୍ୟପକ୍ଷେ ଦିଲ୍ଲୀ କ୍ୟାପିଟାଲ୍ସ ମୋଟ୍ ୫ଟି ମ୍ୟାଚ୍ ଖେଳିଥିବା ବେଳେ ଏଥିରୁ ୩ଟିରେ ବିଜୟ ଲାଭ କରିଛି। ସୁତରାଂ ଦଳ ୬ ପଏଣ୍ଟ ସହ ୪ର୍ଥ ସ୍ଥାନରେ ରହିଛି।

ବେଙ୍ଗାଲୁରୁର ଚିନ୍ନାସ୍ୱାମୀ ଷ୍ଟାଡିୟମ୍‌ରେ ଶନିବାର ଖେଳାଯାଇଥିବା ଚଳିତ ଆଇପିଏଲ୍ ସିଜିନ୍‌ର ୨୬ତମ ମ୍ୟାଚ୍ ଆର୍‌ସିବି ଏବଂ ଦିଲ୍ଲୀ କ୍ୟାପିଟାଲ୍ସ ମଧ୍ୟରେ ଖେଳାଯାଇଥିଲା। ଟସ୍ ହାରି ପ୍ରଥମେ ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଆର୍‌ସିବି ପ୍ରଥମରୁ ହିଁ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ଓପନିଂ ଯୋଡିଭାବେ ପଡ଼ିଆକୁ ଓହ୍ଲାଇଥିବା ଫିଲ୍ ସଲ୍ଟ ଏବଂ ବିରାଟ୍ କୋହଲି ଦଳ ପାଇଁ ଯଦିଓ ଏକ ଭଲ ପ୍ଲାଟଫର୍ମ ପ୍ରସ୍ତୁତ କରିଥିଲେ, କିନ୍ତୁ ଏଥିରେ ସଲ୍ଟଙ୍କ ଯୋଗଦାନ ଅଧିକ ରହିଥିଲା। ଉଭୟ ଦଳ ପାଇଁ ୫୨ ରନ୍‌ର ପାର୍ଟନରସିପ୍ କରିଥିବା ବେଳେ ଦଳର ଷ୍ଟାର ପ୍ଲେୟାର କୋହଲି ୧୩ ବଲ୍‌ରୁ ମାତ୍ର ୧୯ ରନ୍ କରି ଆଉଟ୍ ହୋଇଯାଇଥିଲେ। ସେହିପରି ଦେବଦତ୍ତ ପଡ଼ିକଲ୍ ମଧ୍ୟ ୧୩ ବଲ୍‌ରେ ୧୮ ରନ୍ କରି ପାଭିଲିୟନ୍ ଫେରିଥିଲେ। ଦଳର ଅଧିନାୟକ ରଜତ୍ ପାଟିଦାର ୮ ରନ୍, ଟିମ୍ ଡେଭିଡ୍ ୨୬ ରନ୍, ଜିତେଶ ଶର୍ମା ୧୪ ରନ୍, ରୋମାରିଓ ଶେଫର୍ଡ ୧ ରନ୍ ଏବଂ କ୍ରୁଣାଲ ପାଣ୍ଡ୍ୟ ୧୨ ରନ୍ ହିଁ କରିପାରିଥିଲେ ଏବଂ ଜଣକ ପରେ ଜଣେ ଆଉଟ୍ ହୋଇଥିଲେ। କିନ୍ତୁ ଅନ୍ୟପଟେ ଦଳର ସ୍କୋରକୁ ଏକ ସମ୍ମାନଜନକ ସ୍ତରରେ ପହଞ୍ଚାଇବାର ଦାୟିତ୍ୱକୁ ଉଚିତ୍ ଭାବେ ତୁଲାଇଥିଲେ। ସଲ୍ଟ ୩୮ ବଲ୍‌ରୁ ୬୩ ରନ୍‌ର ଆକର୍ଷଣୀୟ ଇନିଂସ ଖେଳିଥିଲେ। ୧୭୬ ରନ୍‌ର ବିଜୟ ଲକ୍ଷ୍ୟ ନେଇ ପଡ଼ିଆକୁ ଓହ୍ଲାଇଥିବା ଦିଲ୍ଲୀ କ୍ୟାପିଟାଲ୍ସ ମଧ୍ୟ ପ୍ରାରମ୍ଭିକ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ପଥୁମ୍ ନିଶଙ୍କା ମାତ୍ର ୧ ରନ୍ କରି ଆଉଟ୍ ହୋଇଯାଇଥିବା ବେଳେ କରୁନ୍ ନାୟର (୫ ରନ୍), ସମୀର ରିଜ୍‌ଭି (୨ ରନ୍)କରି ପାଭିଲିୟନ୍ ଫେରିଥିଲେ। ତେବେ ନିଶଙ୍କାଙ୍କ ସହ ଓପନିଂ ଯୋଡିରେ ଆସିଥିବା କେଏଲ୍ ରାହୁଲ୍‌ଙ୍କ ଧୈର୍ଯ୍ୟପୂର୍ଣ୍ଣ ୫୭ ରନ୍‌ର ପାଳି (୩୪ ବଲ୍) ଏବଂ ଟ୍ରିଷ୍ଟାନ୍ ଷ୍ଟବ୍‌ସ୍‌ଙ୍କ ଅପରାଜିତ ୪୭ ବଲ୍‌ରୁ ୬୦ ରନ୍‌ର ପାଳି ଦଳକୁ ବିଜୟର ଦ୍ୱାର ଦେଶ ପର୍ଯ୍ୟନ୍ତ ଟାଣିନେଇଥିଲା। ଷ୍ଟବସ୍ ଶେଷ ପର୍ଯ୍ୟନ୍ତ ପଡ଼ିଆରେ ତିଷ୍ଠି ରହିଥିଲେ ଏବଂ ଦଳକୁ ବିଜୟୀ କରାଇବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥିଲେ। ଅଧିନାୟକ ଅକ୍ଷର ପଟେଲ୍ ୨୬ ରନ୍ କରି ଖେଳୁଥିବା ବେଳେ ରିଟାୟର୍ଡ ହର୍ଟ୍ ହୋଇ ଫେରିବାକୁ ବାଧ୍ୟ ହୋଇଥିଲେ। ସେହିପରି ଡେଭିଡ୍ ମିଲର ମଧ୍ୟ ଦଳ ପାଇଁ ମାତ୍ର ୧୦ ବଲ୍‌ରୁ ଅପରାଜିତ ୨୨ ରନ୍ କରିଛନ୍ତି। ଦିଲ୍ଲୀ ଗୋଟିଏ ବଲ୍ ବାକି ଥାଇ ୧୭୯ ରନ୍ ସଂଗ୍ରହ କରିନେଇଥିଲା। ଆଜି ମ୍ୟାଚ୍‌ରେ ଉଲ୍ଲେଖନୀୟ ପ୍ରଦର୍ଶନ ପାଇଁ ଷ୍ଟବ୍‌ସଙ୍କୁ ପ୍ଲେୟାର ଅଫ୍ ଦି ମ୍ୟାଚ୍ ଘୋଷଣା କରାଯାଇଛି। ଭୁବନେଶ୍ୱର କୁମାର ୪ ୱିକେଟ୍ ନେବାରେ ସଫଳ ହୋଇଛନ୍ତି।

### ୧୦ ରନ୍‌ରେ ହାରିଲା ଚେନ୍ନାଇ ସୁପରକିଙ୍ଗ୍‌ସ

# ହାଇଦ୍ରାବାଦ୍‌ର ୩ୟ ବିଜୟ



**ହାଇଦ୍ରାବାଦ୍, ୧୮।୪/ଏଜେନ୍ସି:** ହୋମ୍ ଗ୍ରାଉଣ୍ଡରେ ଖେଳିବାର ଫାଇଦା ଉଠାଇବାରେ ସଫଳ ହୋଇଛି ସନ୍‌ରାଇଜର୍ସ ହାଇଦ୍ରାବାଦ୍। ଚେନ୍ନାଇ ସୁପର୍‌କିଙ୍ଗ୍‌ସକୁ ୧୦ ରନ୍‌ରେ ପରାଜିତ କରିଛି ଦଳ। ହାଇଦ୍ରାବାଦ୍ ବୋଲରଙ୍କ ଘାତକ ବୋଲିଂ ସମ୍ମୁଖରେ ଚେନ୍ନାଇର ବ୍ୟାଟିଂକ୍ରମ ଆଜି ତାସ ଘର ଭଳି ଭୁଶୁଡି ପଡିଥିଲା। ଚେନ୍ନାଇର ମଧ୍ୟକ୍ରମ ବ୍ୟାଟ୍ସମ୍ୟାନ୍, ମାଥ୍ୟୁ ସର୍ଟ୍ ସର୍ବାଧିକ ୩୪ ରନ୍ କରିଥିବା ବେଳେ ଆୟୁଷ ମାହାତ୍ରେ ୩୦ ରନ୍, ସରଫରାଜ୍ ଖାନ୍ ୨୫ ରନ୍ ଏବଂ ଶୁଭମ୍ ଦୁବେ ୨୧ ରନ୍ କରି ଆଉଟ୍ ହୋଇଥିଲେ। ଏମାନଙ୍କୁ ବାଦ୍ ଦେଲେ ଦଳର କୌଣସି ବ୍ୟାଟ୍ସମ୍ୟାନ୍ ଦୁଇ ଅଙ୍କର ସ୍କୋର କରିପାରିନଥିଲେ। ଓପନର ସଞ୍ଜୁ ସାମସନ୍ ମାତ୍ର ୭ ରନ୍ କରି ଆଉଟ୍ ହେବା ପଡ଼ିଆରେ ଉପସ୍ଥିତ ଚେନ୍ନାଇ ପ୍ରଶଂସକଙ୍କୁ ନିରାଶ କରିଥିଲା। ସନ୍‌ରାଇଜର୍ସ ହାଇଦ୍ରାବାଦ୍ ପକ୍ଷରୁ ୧୯୫ ରନ୍‌ର ବିଜୟ ଲକ୍ଷ୍ୟ ଦିଆଯାଇଥିବା ବେଳେ ଚେନ୍ନାଇର ଇନିଂସ୍ ୧୮୪ ରନ୍‌ରେ ହିଁ ସୀମିତ ରହିଯାଇଥିଲା। ହାଇଦ୍ରାବାଦ୍ ପକ୍ଷରୁ ଇଶାନ୍ ମାଲିଙ୍ଗା ସର୍ବାଧିକ ୩ଟି ୱିକେଟ୍ ନେଇଥିବା ବେଳେ ନୀତିଶ ରେଡ୍ଡୀ ୨ଟି ଏବଂ ପ୍ରଫୁଲ ହିଙ୍ଗେ, ସାକିବ୍ ହୁସୈନ୍ ଏବଂ ଶିବାଙ୍ଗ କୁମାର ୧ଟି ଲେଖାଏ ୱିକେଟ୍ ନେଇଛନ୍ତି।

ଚେନ୍ନାଇ ଆଜିର ଏହି ମ୍ୟାଚ୍‌କୁ ମିଶାଇ ମୋଟ୍ ୬ ମ୍ୟାଚ୍ ଖେଳିଥିବା ବେଳେ ଏଥିମଧ୍ୟରୁ ୪ଟିରେ ପରାଜିତ ହୋଇଛି। ଦଳ ମାତ୍ର ପଏଣ୍ଟ ସହ ଟେବୁଲ୍‌ର ୭ମ ସ୍ଥାନରେ ରହିବାକୁ ବାଧ୍ୟ ହୋଇଛି। ଅନ୍ୟପକ୍ଷେ ହାଇଦ୍ରାବାଦ୍ ମଧ୍ୟ ୬ଟି ମ୍ୟାଚ୍ ଖେଳିସାରିଥିବା ବେଳେ ୩ଟିରେ ବିଜୟ ଲାଭ କରିଛି। ସୁତରାଂ ଦଳ ୬ ପଏଣ୍ଟ ସହ ୪ର୍ଥ ସ୍ଥାନକୁ ଉନ୍ନୀତ ହୋଇଛି।

ହାଇଦ୍ରାବାଦ୍‌ରେ ଶନିବାର ଖେଳାଯାଇଥିବା ଚଳିତ ଆଇପିଏଲ୍ ସିଜିନ୍‌ର ୨୭ତମ ମ୍ୟାଚ୍ ସନ୍ ରାଇଜର୍ସ ହାଇଦ୍ରାବାଦ୍ ଏବଂ ଚେନ୍ନାଇ ସୁପରକିଙ୍ଗ୍‌ସ ମଧ୍ୟରେ ଖେଳାଯାଇଥିଲା। ଟସ୍ ଜିତିବା ପରେ ପ୍ରଥମେ ବୋଲିଂ କରିବାକୁ ନିଷ୍ପତ୍ତି ନେବା ସିଏସ୍‌କେ ପାଇଁ ଆଜି ବୁମେରାଂ ସାବ୍ୟସ୍ତ ହୋଇଛି। ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ସନ୍‌ରାଇଜର୍ସ ହାଇଦ୍ରାବାଦ୍ କିନ୍ତୁ କୌଣସି ଭୁଲ୍ କରିନଥିଲା। ଦଳର ଦୁଇ ଓପନିଂ ଯୋଡି ଅଭିଷେକ୍ ଶର୍ମା ଏବଂ ଟ୍ରାଭିସ୍ ହେଡ୍ ଦଳ ପାଇଁ ଏକ ଭଲ ଆରମ୍ଭ ଦେଇଥିଲେ। ଉଭୟ ପ୍ରଥମ ୱିକେଟ୍ ପାଇଁ ୭୫ ରନ୍ ଯୋଡିଥିଲେ। ଏଥିରେ ଟ୍ରାଭିସ୍ ୨୦ ବଲ୍‌ରୁ ୨୩ ରନ୍ କରି ଆଉଟ୍ ହୋଇଥିଲେ ମଧ୍ୟ ଅଭିଷେକ୍ ନିଜ ଚିରାଚରିତ ଅନ୍ଦାଜରେ ଖେଳିବା ଜାରି ରଖିଥିଲେ। ଉଭୟ ଅଭିଷେକ ଶର୍ମା ଏବଂ ହେନରିକ୍ କ୍ଲାସେନ ୫୯-୫୯ ରନ୍‌ର ଦମଦାର ଅର୍ଦ୍ଧଶତକୀୟ ପାଳି ଖେଳିଥିଲେ। ଅଧିନାୟକ ଇଶାନ୍ କିଷନ୍ କିନ୍ତୁ ଆଜି ଶୂନ୍ୟରେ ଆଉଟ୍ ହେବା ଦଳକୁ ଶକ୍ତ ଧକ୍କା ଥିଲା। ତେବେ ଦଳ ଧାର୍ଯ୍ୟ ୨୦ ଓଭର ସୁଦ୍ଧା ୯ ୱିକେଟ୍ ହରାଇ ୧୯୪ ରନ୍ କରିନେଇଥିଲା। ଚେନ୍ନାଇ ପକ୍ଷରୁ ଜେମି ଓଭରଟନ୍ ଏବଂ ଅଂଶୁଲ କମ୍ବୋଜ ୩-୩ଟି ୱିକେଟ୍ ଅକ୍ତିଆର କରିଥିଲେ। ସେହିପରି ମୁକେଶ ଚୌଧୁରୀ ୨ଟି ୱିକେଟ୍ ନେଇଥିବା ବେଳେ ଗୁରଜାପନୀତ୍ ସିଂହଙ୍କୁ ଗୋଟିଏ ୱିକେଟ୍ ମିଳିଥିଲା।

## ଦେଶ ବିଦେଶ

# ସ୍ୱତନ୍ତ୍ର ଅଧିବେଶନ ଶେଷ, ଅନିର୍ଦ୍ଦିଷ୍ଟ କାଳ ପାଇଁ ସଂସଦ ମୁଲତବୀ

**ନୂଆଦିଲ୍ଲୀ, ୧୮।୪/ଏଜେନ୍ସି:** ଗତ ଜାନୁଆରୀ ମାସରୁ ଆରମ୍ଭ ହୋଇଥିବା ସଂସଦର ବଜେଟ୍ ଅଧିବେଶନ ଶନିବାର (୧୮ ଏପ୍ରିଲ, ୨୦୨୬) ଶେଷ ହୋଇଛି ଏବଂ ଲୋକସଭାକୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ମୁଲତବୀ ଘୋଷଣା କରାଯାଇଛି। ଗୃହର କାର୍ଯ୍ୟ ଆରମ୍ଭ ହେବା ମାତ୍ରେ ବାଚସ୍ପତି ଓମ୍ ବିର୍ଲା ନିଜର ସମାପ୍ତି ଅଭିଭାଷଣ ରଖିଥିଲେ ଏବଂ ଏହାପରେ ଗୃହକୁ ମୁଲତବୀ ଘୋଷଣା କରିଥିଲେ। ତେବେ ଏହାରି ମଧ୍ୟରେ ବିରୋଧୀ ଦଳ କଂଗ୍ରେସ, ପୁରୁଣା ମହିଳା ବିଲ୍‌କୁ ଫେରାଇ ଆଣିବାକୁ ମୋଦୀ ସରକାରଙ୍କୁ ଚ୍ୟାଲେଞ୍ଜ କରିଛନ୍ତି। କଂଗ୍ରେସ ସାଂସଦ ପ୍ରିୟଙ୍କା ଗାନ୍ଧୀ କହିଛନ୍ତି, କେନ୍ଦ୍ରର ଫେଡେରାଲ୍ ଷ୍ଟ୍ରକ୍‌ଚର ପ୍ଲାନ୍ ବିଫଳ ହୋଇଯାଇଛି। ସେମାନେ ମଧ୍ୟ ଭଲଭାବେ ଜାଣିଥିଲେ ଯେ, ଏହି ବିଲ୍‌କୁ ପାରିତ କରାଇବା ପାଇଁ ସେମାନଙ୍କ ପାଖରେ ଆବଶ୍ୟକ ସମର୍ଥନ ନାହିଁ, ତଥାପି ସେମାନେ ଏହି ବିଲ୍‌କୁ ଆଣିଲେ। କଂଗ୍ରେସ ସ୍ପଷ୍ଟତାର ସହ କହିଆସୁଛି ଯେ, ଏହା କଦାପି ମହିଳା ସଂରକ୍ଷଣ ବିଲ୍‌କୁ ବିରୋଧ କରିନାହିଁ, ବରଂ ଦଳ ଏହାକୁ ଶତପ୍ରତିଶତ ସମର୍ଥନ କରୁଛି। କିନ୍ତୁ ସୀମା ନିର୍ଦ୍ଧାରଣ ତଥା ଆସନ ସଂଖ୍ୟା ବୃଦ୍ଧି କରାଯିବା ପଛରେ ବିଜେପି ନେତୃତ୍ୱାଧୀନ ଏନ୍‌ଡିଏର ରାଜନୈତିକ ହୀନ ଷଡଯନ୍ତ୍ର ରହିଥିଲା, ଯାହାକୁ ବିରୋଧୀ ଦଳ ମିଳିତ ଭାବେ ବିଫଳ କରିଦେଇଛନ୍ତି। ଏହା ଏନ୍‌ଡିଏ ପାଇଁ କଳାଦିନ ସାବ୍ୟସ୍ତ ହୋଇଛି।

ସେହିପରି ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ଅଭିଯୋଗ କରିଛନ୍ତି ଯେ, ସରକାର ଦେଶର ନିର୍ବାଚନ ମାନଚିତ୍ର ବଦଳାଇବା ପାଇଁ 'ମହିଳାମାନଙ୍କ ପଛରେ ଲୁଚୁଛନ୍ତି'। କଂଗ୍ରେସ ସଭାପତି ମଲ୍ଲିକାର୍ଜୁନ ଖର୍ଗେ ମଧ୍ୟ କହିଛନ୍ତି ଯେ, ମିଳିତ ବିରୋଧୀ ଦଳ ଦେଶର ଗଣତନ୍ତ୍ର, ସମ୍ବିଧାନ ଏବଂ ସଂଘୀୟ ବ୍ୟବସ୍ଥାକୁ କ୍ଷତି ପହଞ୍ଚାଇବାକୁ ହେଉଥିବା ଉଦ୍ୟମକୁ ରୋକିବାରେ ସଫଳ ହୋଇଛନ୍ତି। ସେହିପରି ବିରୋଧୀଙ୍କ ଆଗାମୀ ଯୋଜନା ହେଉଛି ପୁରୁଣା ମହିଳା ସଂରକ୍ଷଣ ବିଲ୍ ଲାଗୁ କରିବା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ପତ୍ର ଲେଖିବେ। ବିରୋଧୀ ଇଣ୍ଡି ମେଣ୍ଟର ସଦସ୍ୟମାନେ ସାରା ଦେଶରେ ସାମ୍ବାଦିକ ସମ୍ମିଳନୀ କରି ଜଣାଇବେ ଯେ ସେମାନେ ମହିଳା ସଂରକ୍ଷଣକୁ ସମର୍ଥନ କରନ୍ତି, କିନ୍ତୁ ଏହାର ଆଢୁଆଳରେ ଦେଶର ରାଜନୈତିକ ମାନଚିତ୍ର ବଦଳାଇବାକୁ ସରକାରଙ୍କ ପ୍ରୟାସକୁ ବିରୋଧ କରୁଛନ୍ତି।

### ମହିଳା ସଂରକ୍ଷଣ ବିଲ୍ କାଟ୍ ଖାଇବା ବିରୋଧରେ ତାତିଲେ ଏନ୍‌ଡିଏ ସାଂସଦ

# ରାହୁଲଙ୍କ ଘର ସମ୍ମୁଖରେ ବିକ୍ଷୋଭ, କୁଶପୁତ୍ତଳିକା ଦାହ

**ପୁଲିସ୍ ହେପାଜତ୍‌ରେ ଜଣେ କେନ୍ଦ୍ରମନ୍ତ୍ରୀ ଓ ୨ ବିଜେପି ମହିଳା ସାଂସଦ**

**ନୂଆଦିଲ୍ଲୀ, ୧୮।୪/ଏଜେନ୍ସି:** ମୋଦୀ ସରକାରଙ୍କ ସମସ୍ତ ଚେଷ୍ଟା ସତ୍ତ୍ୱେ ଲୋକସଭାରେ ସମ୍ବିଧାନ (୧୩୧ତମ ସଂଶୋଧନ) ବିଲ୍ ପାରିତ ହୋଇପାରିନାହିଁ। ଦିନକ ପୂର୍ବେ ଏହା ଉପରେ ଭୋଟିଂ କରାଯାଇଥିବା ବେଳେ ପ୍ରାୟ ୫୪ ଭୋଟ୍ କମ୍ ହେବାରୁ ଏହା ବିଫଳ ହୋଇଯାଇଛି। ତେବେ ଏଥିରେ ଥିବା ମହିଳା ସଂରକ୍ଷଣ ବିଲ୍ ମଧ୍ୟ ସ୍ୱତଃ ପ୍ରବୃତ୍ତ ଭାବେ କାଟ୍ ଖାଇଛି। ତେବେ ଏହାକୁ ନେଇ କେନ୍ଦ୍ରରେ କ୍ଷମତାସୀନ୍ ବିଜେପି ନେତୃତ୍ୱାଧୀନ ଏନ୍‌ଡିଏ ମେଣ୍ଟର ନେତାମାନେ ଏବେ ସାରା ଦେଶରେ ବିକ୍ଷୋଭ ପ୍ରଦର୍ଶନ କରିବା ଆରମ୍ଭ କରିଦେଇଛନ୍ତି। କଂଗ୍ରେସ ସମେତ ଅନ୍ୟ ବିରୋଧୀ ଦଳଗୁଡ଼ିକ ମହିଳାଙ୍କୁ ସେମାନଙ୍କ ରାଜନୈତିକ ଅଧିକାରରୁ ବଞ୍ଚିତ ରଖିବାକୁ ଚାହୁଁଥିବା ନେଇ ବିଜେପିର ବରିଷ୍ଠ ନେତାମାନେ ଦର୍ଶାଉଛନ୍ତି। ସୁତରାଂ କଂଗ୍ରେସ ଏବଂ ବିରୋଧୀ ଦଳଗୁଡ଼ିକ ଦେଶବ୍ୟାପୀ ଏବେ ଜନସାଧାରଣ ବିଶେଷକରି ମହିଳା ବର୍ଗର ହିତାଧିକାରୀଙ୍କର ବିରୋଧାଭାସର ଶିକାର ହୋଇଛନ୍ତି।

ଶୁକ୍ରବାର ଲୋକସଭାରେ ମହିଳା ସଂରକ୍ଷଣ ବିଲ୍ କାଟ୍ ଖାଇବା ପ୍ରତିବାଦରେ ଶନିବାର ଏନ୍‌ଡିଏ ମେଣ୍ଟର ନେତା ତଥା କର୍ମକର୍ତ୍ତାମାନେ ରାସ୍ତାକୁ ଓହ୍ଲାଇବା ସହ ବ୍ୟାପକ ପ୍ରଦର୍ଶନ କରିଛନ୍ତି। ଏଥିମଧ୍ୟରେ ରାହୁଲଙ୍କ ପୁତ୍ତଳିକା ମଧ୍ୟ ଦାହ କରାଯାଇଛି। ପ୍ରତିବାଦକାରୀଙ୍କ କହିବାନୁସାରେ କଂଗ୍ରେସ ପାଇଁ ହିଁ ମହିଳା ସଂରକ୍ଷଣ ବିଲ୍ ଭଳି ଏକ ଐତିହାସିକ ବିଲ୍ ପାରିତ ହୋଇପାରିନାହିଁ। ମହିଳାଙ୍କୁ ସଂରକ୍ଷଣ ଦେବାକୁ କଂଗ୍ରେସ ଏବଂ ବିରୋଧୀ ଦଳ ଚାହୁଁନାହାନ୍ତି। ଏହା ସବୁଠୁ ବଡ଼ ଦେଶଦ୍ରୋହ। ମହିଳା ପ୍ରତିବାଦକାରୀମାନେ ଆଜି ରାହୁଲ୍‌ଙ୍କ ବାସଭବନ ସମ୍ମୁଖରେ ବିରୋଧ ପ୍ରଦର୍ଶନ କରିଛନ୍ତି। ରାହୁଲ୍‌ଙ୍କ ଘର ଆଡକୁ ମୁହାଇଁଥିବା ଭିଡ଼କୁ ହଟାଇବା ପାଇଁ ପୋଲିସ୍ ୱାଟର କ୍ୟାନନ (ଜଳ କମାଣ) ପ୍ରୟୋଗ କରିଥିଲା। ଗଣମାଧ୍ୟମ ରିପୋର୍ଟ ଅନୁଯାୟୀ, ବିଜେପି ସାଂସଦ ହେମା ମାଳିନୀ, କମଲଜିତ ସେହରାୱତ, ବାଂଶୁରୀ ସ୍ୱରାଜ, ମଞ୍ଜୁ ଶର୍ମା ଏବଂ ବାତ୍ସଲ୍ୟ ଗୁପ୍ତା ମଧ୍ୟ ଏହି ବିକ୍ଷୋଭରେ ଭାଗ ନେଇଥିଲେ। ଦିଲ୍ଲୀ ମୁଖ୍ୟମନ୍ତ୍ରୀ ରେଖା ଗୁପ୍ତା, ବିଜେପି ରାଜ୍ୟ ମୁଖ୍ୟ ବୀରେନ୍ଦ୍ର ସଚଦେବା, ସାଂସଦ ମନୋଜ ତିୱାରୀ ଏବଂ ଦଳର ମହିଳା କର୍ମୀମାନେ ମଧ୍ୟ ପ୍ରତିବାଦରେ ଯୋଗ ଦେଇଥିଲେ। ତେବେ କେନ୍ଦ୍ର ଗୃହ ରାଷ୍ଟ୍ରମନ୍ତ୍ରୀ ରକ୍ଷା ଖାଡସେ, ବିଜେପି ସାଂସଦ ବାଂଶୁରୀ ସ୍ୱରାଜ ଏବଂ କମଲଜିତ୍ ସେହରାୱତଙ୍କୁ ପୋଲିସ୍ ହେପାଜତକୁ ନେଇଛି। ସେହିପରି ଦିଲ୍ଲୀ ମୁଖ୍ୟମନ୍ତ୍ରୀ ରେଖା ଗୁପ୍ତା ମହିଳା ସାଂସଦମାନଙ୍କ ସହ ରାହୁଲ ଗାନ୍ଧୀଙ୍କ ବାସଭବନ ଅଭିମୁଖେ ପଦଯାତ୍ରା କରିଥିଲେ। ପ୍ରତିବାଦକାରୀଙ୍କୁ ରୋକିବା ପାଇଁ ପୁଲିସ୍ ଲଗାଇଥିବା ବ୍ୟାରିକେଡ୍ ଉପରେ ଚଢ଼ି କିଛି ମହିଳା କର୍ମୀ କଂଗ୍ରେସ ଓ ଗାନ୍ଧୀ ପରିବାର ବିରୋଧରେ ନାରାବାଜି କରିବା ମଧ୍ୟ ଦେଖିବାକୁ ମିଳିଛି। ତେବେ ଆଜିର ଏହି ପ୍ରତିବାଦ ସମୟରେ ରାହୁଲ ଗାନ୍ଧୀ ତାଙ୍କ ବାସଭବନରେ ଉପସ୍ଥିତ ନଥିଲେ। ସେ କଂଗ୍ରେସ ପ୍ରାର୍ଥୀଙ୍କ ପାଇଁ ତାମିଲନାଡୁରେ ଏକ ନିର୍ବାଚନ ରାଲିରେ ଯୋଗ ଦେଇଥିବା ସୂଚନା ମିଳିଛି।



ଅନ୍ୟପକ୍ଷେ କଂଗ୍ରେସ ସାଂସଦ ପ୍ରିୟଙ୍କା ଗାନ୍ଧୀ ଶନିବାର କହିଛନ୍ତି, 'କାଲି ଲୋକସଭାରେ ଯାହା ହେଲା ତାହା ଗଣତନ୍ତ୍ରର ଏକ ବଡ଼ ବିଜୟ। ସରକାର ପରିସୀମା ନିର୍ଦ୍ଧାରଣ ଏବଂ ମହିଳା ସଂରକ୍ଷଣ ମାଧ୍ୟମରେ କ୍ଷମତାରେ ରହିବା ପାଇଁ ଚକ୍ରାନ୍ତ କରୁଥିଲେ। କଂଗ୍ରେସ କିମ୍ବା ଅନ୍ୟ କୌଣସି ବିରୋଧୀ ଦଳ କଦାପି ମହିଳା ସଂରକ୍ଷଣ ବିଲ୍‌କୁ ବିରୋଧ କରିନାହାନ୍ତି। କିନ୍ତୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ତାଙ୍କ ସରକାର ଯେଉଁ ଭାବରେ ଏହାକୁ ପାରିତ କରିବାକୁ ଷଡଯନ୍ତ୍ର କରିଥିଲେ କଂଗ୍ରେସ ଏହାକୁ ବିରୋଧ କରିଥିଲା। ସୂଚନାଯୋଗ୍ୟ, ସରକାର ଶୁକ୍ରବାର ଲୋକସଭାରେ ସମ୍ବିଧାନର ୧୩୧ତମ ସଂଶୋଧନ ବିଲ୍ ଆଣିଥିଲେ। ସରକାର ଏହାକୁ ପାରିତ କରିବାରେ ବିଫଳ ହୋଇଥିଲେ ଏବଂ ବିଲ୍‌ଟି ୫୪ଟି ଭୋଟ୍ ବ୍ୟବଧାନରେ କାଟି ଦିଆଯାଇଥିଲା। ଏହି ବିଲ୍ ମାଧ୍ୟମରେ ସଂସଦର ୫୪୩ଟି ସିଟ୍‌କୁ ବୃଦ୍ଧି କରି ୮୫୦ କରିବାର ବ୍ୟବସ୍ଥା ସହ ମହିଳାଙ୍କ ପାଇଁ ୩୩% ସଂରକ୍ଷଣର ପ୍ରସ୍ତାବ ରହିଥିଲା।

### ପ୍ରକାଶ ପାଇଛି ବିଏସ୍‌ବି ବୋର୍ଡ ପରୀକ୍ଷା ଫଳ: ଆଚାର୍ଯ୍ୟକୁଲମ୍ ଓ ପତଞ୍ଜଳି ଗୁରୁକୁଲମ୍ ଛାତ୍ରଛାତ୍ରୀଙ୍କ ଉଲ୍ଲେଖନୀୟ ସଫଳତା

# ୧୦ମରେ ଅଶ୍ମିତା, ୧୨ଶରେ ମଲ୍ଲିକା ସର୍ବଭାରତୀୟ ଟପ୍ପର

**ହରିଦ୍ୱାର, ୧୮।୪:** ଭାରତୀୟ ଶିକ୍ଷା ବୋର୍ଡ (ବିଏସ୍‌ବି) ଶୈକ୍ଷିକ ବର୍ଷ ୨୦୨୫-୨୬ ପାଇଁ ଜାତୀୟ ସ୍ତରରେ ଆୟୋଜିତ ୧୦ମ ଏବଂ ୧୨ଶ ବୋର୍ଡ ପରୀକ୍ଷାର ଫଳାଫଳ ଘୋଷଣା କରିଛି। ଚଳିତ ବର୍ଷ ଦେଶର ବିଭିନ୍ନ ପ୍ରାନ୍ତରୁ ବିଏସ୍‌ବି ବୋର୍ଡ ଅଧୀନରେ ଥିବା ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ଚମତ୍କାର ସଫଳତା ହାସଲ କରିଛନ୍ତି। ତେବେ ଏହି ଫଳାଫଳ ଛାତ୍ରଛାତ୍ରୀଙ୍କ ପରିଶ୍ରମ, ଅନୁଶାସନ ତଥା ଶିକ୍ଷକମାନଙ୍କ ମାର୍ଗଦର୍ଶନର ପ୍ରଭାବକୁ ସ୍ପଷ୍ଟ ଭାବରେ ପ୍ରତିଫଳିତ କରୁଛି। ବୋର୍ଡ ପକ୍ଷରୁ ସୂଚନା ଦିଆଯାଇଛି ଯେ, ଛାତ୍ରଛାତ୍ରୀମାନେ ଡିଜିଲକରକୁ ଯାଇ କିଛି ଜରୁରୀ ତଥ୍ୟ ପ୍ରଦାନ କରି ନିଜର ଫଳାଫଳ ଜାଣିପାରିବେ।





**ବିଏସ୍‌ବି ସହ ଅନୁବନ୍ଧିତ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ଶ୍ରେଷ୍ଠ ପ୍ରଦର୍ଶନ**

**ଡିଜିଲକର୍ ମାଧ୍ୟମରେ ଛାତ୍ରଛାତ୍ରୀ ପାଇପାରିବେ ନିଜ ରେଜଲ୍ଟ**





୧୦ମ ବୋର୍ଡ ପରୀକ୍ଷାରେ ଆଚାର୍ଯ୍ୟକୁଲମ୍, କୁମାରିକାତା, ଆସାମର ଛାତ୍ରୀ ଅଶ୍ମିତା ବସନେଟ୍ (୯୭.୦୦%, ୪୮୫/୫୦୦) ସର୍ବଭାରତୀୟସ୍ତରରେ ଟପ୍ପର ହେବାର ଗୌରବ ଲାଭ କରିଛନ୍ତି। ସେହିପରି ଦ୍ୱିତୀୟ ସ୍ଥାନ ଆଚାର୍ଯ୍ୟକୁଲମ୍, ଚିରାଙ୍ଗ, ଆସାମର ଛାତ୍ର ପ୍ରିୟମ୍ ଚକ୍ରବର୍ତ୍ତୀ (୯୨.୬୦%, ୪୬୩/୫୦୦) ଏବଂ ତୃତୀୟ ସ୍ଥାନ ପତଞ୍ଜଳି ଗୁରୁକୁଲମ୍, ଉତ୍ତରାଖଣ୍ଡର ଛାତ୍ରୀ ଏଞ୍ଜେଲ୍ (୯୨.୪୦%, ୪୬୨/୫୦୦) ଅକ୍ତିଆର୍ କରିଛନ୍ତି। ସେହିପରି ବିଷୟଭିତ୍ତିକ ପ୍ରଦର୍ଶନ ଅର୍ଥାତ୍ ଗଣିତ, ଇଂରାଜୀ ଓ ବିଜ୍ଞାନରେ ଅଶ୍ମିତା ବସନେଟ୍ ସର୍ବାଧିକ ନମ୍ବର ରଖିଛନ୍ତି। ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ (ଏଆଇ) ରେ କ୍ୱିଶାମତ ବସୁମତାରୀ (୯୯) ଏବଂ ସଂସ୍କୃତରେ ପତଞ୍ଜଳି ଗୁରୁକୁଲମ୍ ହରିଦ୍ୱାରର ପ୍ରଗତି ସିହ୍ନା, ରୁଚି କୁମାରୀ ଓ ବୈଷ୍ଣବୀ ପାଞ୍ଚୋଲି ୧୦୦ ରୁ ୧୦୦ ନମ୍ବର ରଖି ନିଜ ଶ୍ରେଷ୍ଠତା ପ୍ରତିପାଦନ କରିଛନ୍ତି। ସେହିପରି ୧୨ଶ ବୋର୍ଡ ପରୀକ୍ଷାରେ ସର୍ବଭାରତୀୟସ୍ତରରେ ପ୍ରଥମ ସ୍ଥାନ ଅକ୍ତିଆର କରିଛନ୍ତି ପତଞ୍ଜଳି, ଗୁରୁକୁଲମ୍, ଉତ୍ତରାଖଣ୍ଡର ଛାତ୍ର ମଲ୍ଲିକା ଦାସ୍। ସେ ମୋଟ୍ ୫୦୦ ନମ୍ବରରୁ ୪୮୧ ସ୍କୋର କରିଛନ୍ତି ଯାହାକି ମୋଟ୍ ନମ୍ବରର ୯୬.୨୦%। ଦ୍ୱିତୀୟ ସ୍ଥାନରେ ପତଞ୍ଜଳି ଗୁରୁକୁଲମ୍, ହରିଦ୍ୱାର, ଉତ୍ତରାଖଣ୍ଡର ଛାତ୍ରୀ ପ୍ରିୟା (୪୭୪/୫୦୦, ୯୪.୮୦%) ରହିଥିବା ବେଳେ ତୃତୀୟ ସ୍ଥାନରେ ସମାନ ସ୍କୁଲରୁ ଅଂଶିକା ଚୌହାନ୍ (୪୭୩/୫୦୦, ୯୪.୬୦%) ରହିଛନ୍ତି। କମ୍ପ୍ୟୁଟର ସାଇନ୍ସରେ ମଲ୍ଲିକା ଦାସ (୯୩), ଇଂରାଜୀରେ କାଶିଶ୍ ଯାଦବ (୯୫), ଇତିହାସରେ ଦୀକ୍ଷତା ମୌର୍ଯ୍ୟ (୯୬) ଏବଂ ପେଣ୍ଟିଂରେ ଆସ୍ଥା ସିଂ ପଟେଲ ୧୦୦ ରୁ ୧୦୦ ନମ୍ବର ହାସଲ କରିଛନ୍ତି। ଯୋଗ ବିଷୟରେ ଅଂଶିକା ଚୌହାନ୍ ଏବଂ ଶ୍ରଦ୍ଧା ଜୟସୱାଲ ୯୯ ନମ୍ବର ରଖି ଶୀର୍ଷରେ ରହିଛନ୍ତି। ଅନ୍ୟ ସମସ୍ତ ବିଷୟରେ ମଧ୍ୟ ଗୁରୁକୁଲମ୍, ହରିଦ୍ୱାର, ଉତ୍ତରାଖଣ୍ଡର ଛାତ୍ରୀଛାତ୍ରମାନେ ସର୍ବାଧିକ ୯୦ରୁ ୯୯% ପର୍ଯ୍ୟନ୍ତ ନମ୍ବର ରଖିଛନ୍ତି।

ଭାରତୀୟ ଶିକ୍ଷା ବୋର୍ଡ ସମସ୍ତ ସଫଳ ଛାତ୍ରଛାତ୍ରୀ, ଅଭିଭାବକ ଏବଂ ଶିକ୍ଷକମାନଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଜଣାଇବା ସହ ସେମାନଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛି। ବୋର୍ଡ ବିଶ୍ୱାସ ବ୍ୟକ୍ତ କରିଛି ଯେ, ଛାତ୍ରଛାତ୍ରୀମାନେ ଭବିଷ୍ୟତରେ ମଧ୍ୟ ଜାତୀୟ ସ୍ତରରେ ଶ୍ରେଷ୍ଠ ପ୍ରଦର୍ଶନ କରି ଦେଶର ଗୌରବ ବଢ଼ାଇବା ଜାରି ରଖିବେ। ସୂଚନାଯୋଗ୍ୟ,ଭାରତୀୟ ଶିକ୍ଷା ବୋର୍ଡ ପକ୍ଷରୁ ମାର୍ଚ୍ଚ ୫ ରୁ ୨୯ ତାରିଖ ପର୍ଯ୍ୟନ୍ତ ସାରା ଦେଶରେ ପରୀକ୍ଷା ଆୟୋଜିତ ହୋଇଥିଲା। ପରୀକ୍ଷା ପରେ ବୋର୍ଡ ତୁରନ୍ତ ମୂଲ୍ୟାୟନ କାର୍ଯ୍ୟ ଆରମ୍ଭ କରିଥିଲା, ଯାହାଫଳରେ ଆଜି ଅତି ଶୀଘ୍ର ୧୦ମ ଏବଂ ୧୨ଶ ଶ୍ରେଣୀର ଫଳାଫଳ ପ୍ରକାଶ ପାଇପାରିଛି।

### ୨୪ ଘଣ୍ଟା ମଧ୍ୟରେ ନିଜ ନିଷ୍ପତ୍ତି ବଦଳାଇଲା ଇରାନ୍

# ପୁଣି ବନ୍ଦ ହେଲା ହର୍ମୁଜ୍

**ତେହରାନ୍, ନୂଆଦିଲ୍ଲୀ, ୧୮।୪/ଏଜେନ୍ସି:** ହର୍ମୁଜ୍ ପ୍ରଣାଳୀ ଦେଇ କଞ୍ଚାତେଲ ଏବଂ ଗ୍ୟାସ୍ ନେଇ ଭାରତ ଆସୁଥିବା ଦୁଇଟି ଜାହାଜ ଉପରେ ଶନିବାର ଅପରାହ୍ନରେ ଇରାନ୍ ସେନା ପକ୍ଷରୁ ଗୁଳିମାଡ଼ କରାଯାଇଥିବା କୁହାଯାଉଛି। ନ୍ୟୁଜ୍ ଏଜେନ୍ସି ପିଟିଆଇ ଅନୁଯାୟୀ, ଭାରତ ଆସୁଥିବା ୧୪ଟି ଜାହାଜକୁ ହର୍ମୁଜ୍ ପ୍ରଣାଳୀ ଅତିକ୍ରମ କରିବାରୁ ଇରାନର ରିଭୋଲ୍ୟୁସନାରୀ ଗାର୍ଡ (ଆଇଆର୍‌ଜିସି) ଅଟକାଇ ଦେଇଛନ୍ତି। ତେବେ ଏହି ଗୁଳିକାଣ୍ଡ ଘଟଣା ପରେ ୧୩ଟି ଜାହାଜ ପାରସ୍ୟ ଉପସାଗରର ବିଭିନ୍ନ ସ୍ଥାନକୁ ଫେରିଯାଇଛନ୍ତି। ଗୋଟିଏ ଜାହାଜରେ ଗୁଳି ବାଜିଥିବା ବେଳେ ଅନ୍ୟ ଏକ ଜାହାଜ ପ୍ରଣାଳୀ ଅତିକ୍ରମ କରିବାରେ ସଫଳ ହୋଇଛି। ଏହି ଘଟଣା ପରେ ଭାରତର ବୈଦେଶିକ ମନ୍ତ୍ରଣାଳୟ ଭାରତରେ ଅବସ୍ଥାପିତ ଇରାନର ରାଷ୍ଟ୍ରଦୂତ ଡକ୍ଟର ମହମ୍ମଦ ଫଥଅଲିଙ୍କୁ ସମନ କରି ନିଜର ବିରୋଧ ପ୍ରକଟ କରିଛନ୍ତି। ବୈଦେଶିକ ମନ୍ତ୍ରଣାଳୟ ଏକ ବିବୃତ୍ତି ଜାରି କରି କହିଛି ଯେ, ଇରାନ୍ ପୂର୍ବରୁ ମଧ୍ୟ ଭାରତୀୟ ଜାହାଜଗୁଡ଼ିକୁ ସୁରକ୍ଷିତ ରାସ୍ତା ଦେଇଆସିଛି, ତେଣୁ ଶୀଘ୍ର ଜାହାଜ ଚଳାଚଳ ପୁଣି ଆରମ୍ଭ କରାଯାଉ। ସୂଚନାଯୋଗ୍ୟ, ଆମେରିକା ବର୍ତ୍ତମାନ ସୁଦ୍ଧା ନିଜ ଯୁଦ୍ଧ ଜାହାଜଗୁଡ଼ିକୁ ହର୍ମୁଜ୍ ସୀମାରେଖାରୁ ନହଟାଇବା ଏବଂ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ବାରମ୍ବାର ଉତ୍ତେଜନାପୂର୍ଣ୍ଣ ବୟାନ୍‌ବାଜି ଯୋଗୁ ଇରାନ୍ ଆଜି ହର୍ମୁଜ୍ ପ୍ରଣାଳୀକୁ ବନ୍ଦ କରିବା ପାଇଁ ଘୋଷଣା କରିଥିଲା। ଆମେରିକା ଅସ୍ତ୍ରବିରତି ଉଲ୍ଲଂଘନ କରୁଥିବା ଇରାନ୍ ଅଭିଯୋଗ କରିଥିଲା, ଯେଉଁଥିପାଇଁ ୨୪ ଘଣ୍ଟା ମଧ୍ୟରେ ଏହା ନିଜର ନିଷ୍ପତ୍ତି ବଦଳାଇଥିବା ଉଲ୍ଲେଖ କରିଛି। ଦିନକ ପୂର୍ବେ ହର୍ମୁଜ୍‌କୁ ବିଶ୍ୱ ବାଣିଜ୍ୟ ଉଦ୍ଦେଶ୍ୟରେ ସମ୍ପୂର୍ଣ୍ଣ ରୂପେ ଉନ୍ମୁକ୍ତ କରିବା ନେଇ ଇରାନ୍ ଘୋଷଣା କରିଥିଲା। ତେବେ ଇରାନ୍‌ର ଏହି ପରିବର୍ତ୍ତିତ ନିଷ୍ପତ୍ତି ମଧ୍ୟରେ ଯେତେବେଳେ ଭାରତୀୟ ଜାହାଜଗୁଡ଼ିକ ହର୍ମୁଜ୍ ମାର୍ଗରେ ଆଗକୁ ବଢ଼ିବାକୁ ଉଦ୍ୟମ କରିଛନ୍ତି ସେତେବେଳେ ଆଇଆର୍‌ଜିସି ପକ୍ଷରୁ ଗୁଳିମାଡ଼ କରାଯାଇଥିବା ଅନୁମାନ କରାଯାଉଛି।



**ଭାରତୀୟ ଜାହାଜ ଉପରେ ଆଇଆର୍‌ଜିସିର ଗୁଳିଚାଳନା**

**ରାଷ୍ଟ୍ରଦୂତଙ୍କୁ ସମନ ଜାରି ପୂର୍ବକ ତୀବ୍ର ପ୍ରତିକ୍ରିୟା ରଖିଲା ଭାରତ**

**ପୂର୍ବସ୍ଥିତିକୁ ଫେରିବାକୁ ବାଧ୍ୟହେଲେ ଅଶୋଧିତ ତୈଳ ଏବଂ ଗ୍ୟାସ୍ ନେଇ ଆସୁଥିବା ୧୪ଟି ଜାହାଜ**

Printed and published by Trilochan Mohapatra on behalf of New Age Media & Publications Pvt. Ltd. Published at Shed No- TS -2/210/A, Zone-B, Sector-A, Mancheswar Industrial Estate, Bhubaneswar-751010, Khordha,Odisha Ph: 0674-2953975,
Email: advtnitidin@gmail.com, nitidinbbsr@gmail.com, Printed at New Age Media & Publications Pvt. Ltd., Shed No- TS -2/210/A, Zone-B, Sector-A, Mancheswar Industrial Estate, Bhubaneswar-751010, Khordha, Odisha.

ସଂପାଦକ: ମନୋଜ କୁମାର ମହାପାତ୍ର
Editor: Manoj Kumar Mahapatra